ମାଟିଘରେ ବର୍ଷାଋତୁ

ସରସ୍ୱତୀ ବେହେରା

Source: Author; Digitized by PPRACHIN, SOA

ସଂକ୍ଷିପ୍ତରେ ସରସ୍ୱତୀ

ଜନ୍ମ- ୨୦ ନଭେମ୍ବର ୧୯୫୬,ଜଗତ୍‌ସିଂହପୁର ଜିଲ୍ଲାର ବିଶ୍ୱାଳୀ ଗ୍ରାମରେ ।

ପିତା -ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗୀୟ ଅନନ୍ତ ଚରଣ ବେହେରା ।
ମାତା-ଶ୍ରୀମତୀ ଗୁରୁବାରୀ ଦେବୀ ।

ବିଶ୍ୱାଳୀ ଗାଁର ପାଠୋଇ ଝିଅ ୧୯୭୭ ମସିହାରେ ବୋହୂହୋଇ ଆସନ୍ତି ପଙ୍ଖାମୁଣ୍ଡାଇକୁ ।ସେଇଠାରେ ହିଁ ଆରମ୍ଭ ହୁଏ ତାଙ୍କର କର୍ମମୟ ଜୀବନ ।ଏଥିରେ ସହାୟ ହୁଅନ୍ତି ସମାଜ ସଂସ୍କାରର ବିଶିଷ୍ଟ ବିପ୍ଳବୀ ସ୍ୱାମୀ ଶ୍ରୀ ରବିନ୍ଦ୍ର କୁମାର ବେହେରା ।

ସ୍ୱଚ୍ଛ ଅଭିବ୍ୟକ୍ତି,ଗଭୀର ଆନ୍ତରିକତା ଓ ମାନବିକ ମୂଲ୍ୟବୋଧରେ ପରିପୂର୍ଣ୍ଣ ତାଙ୍କ କଥାଶିଳ୍ପ ସ୍ୱତନ୍ତ୍ର । ବାସ୍ତବତା ସହିତ ଦାର୍ଶନିକତାର ସମନ୍ୱୟ ତାଙ୍କ ଗଳ୍ପ ଗୁଡିକର ଲକ୍ଷଣୀୟ ବୈଶିଷ୍ଟ୍ୟ ।

ତାଙ୍କର ପ୍ରକାଶିତ ଗ୍ରନ୍ଥମାନଙ୍କ ମଧ୍ୟରେ-
କଳା ପତାକା (ଗଳ୍ପ),କାଗଜ ଡଙ୍ଗାରେ କାରୁବାକୀ (ଗଳ୍ପ),ପ୍ରଥମ ପାପ (ଗଳ୍ପ),କୁଆଁରୀ ମାଟିରକାବ୍ୟ (କବିତା) , ସାରେ ଯାହାଁସେ ଆଚ୍ଛା (ନାଟକ), ଭଲଲାଗେ ଭେଟିବାକୁ ମଧ୍ୟାହ୍ନର ସୂର୍ଯ୍ୟ (ଲଳିତ ନିବନ୍ଧ) ପ୍ରକାଶିତ ହୋଇ ବେଶ୍ ପାଠକୀୟ ସ୍ୱିକୃତୀ ଲାଭ କରିଛି ।

ଏହିସବୁ ସାରସ୍ୱତ ସାଧନା ପାଇଁ ତାଙ୍କୁ ମିଳିଛି ଗଦାଧର ସାହିତ୍ୟ ସଂସଦ - କଳାହାଣ୍ଡି , ଚେତନା ସାହିତ୍ୟ ସଂସଦ-ପଙ୍ଖାମୁଣ୍ଡାଇ,ବିଭାବରୀ ସାହିତ୍ୟ ସଂସଦ-ଢେଙ୍କାନାଳ,ମନସ୍ୱିନୀ-ପାରାଦ୍ୱୀପ,ଦେବଗଡ ଜିଲ୍ଲା ମହୋତ୍ସବ-ଦେବଗଡ ପ୍ରଭୃତି ଅନୁଷ୍ଠାନ ଠାରୁ ସମ୍ମାନ ଏବଂ ଦିଲ୍ଲୀ ଠାରେ ସାହିତ୍ୟବାର୍ତ୍ତା ଅନୁଷ୍ଠାନ ତରଫରୁ ଶ୍ରେଷ୍ଠ ଗାଳ୍ପିକା ଭାବେ ସ୍ୱର୍ଣ୍ଣପଦକ ପ୍ରାପ୍ତ ।

ସମ୍ପ୍ରତି ଶ୍ରୀମତୀ ବେହେରା ଭୁବନେଶ୍ୱରର ସି.ଆର୍.ପି ସରକାରୀ ହାଇସ୍କୁଲ୍‌ର ପ୍ରଧାନ ଶିକ୍ଷିକା ଭାବେ ଅବସ୍ଥାପିତ ।

Source: Author, Digitized by PPRACHIN, SOA

ମାଟିଘରେ ବର୍ଷାରତୁ

ସରସ୍ୱତୀ ବେହେରା

ଲେଖାଲେଖି

Source: Author, Digitized by PPRACHIN, SOA

ମାଟିଘରେ ବର୍ଷାଋତୁ

(ଗଳ୍ପ ସଂକଳନ)

■ ଲେଖିକା : ସରସ୍ୱତୀ ବେହେରା ■ ପ୍ରକାଶକ : ଲେଖାଲେଖି, ବି.ଏଲ୍.-୭, ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର - ୭ ■ ପ୍ରଚ୍ଛଦ ପ୍ରକାଶ ମହାପାତ୍ର ■ ମୁଦ୍ରଣ ପିକୁ ପ୍ରିଣ୍ଟର୍ସ, ଭୁବନେଶ୍ୱର ■ ପ୍ରକାଶକାଳ ୨୦୦୭ ■ ମୂଲ୍ୟ ୭୦ ଟଙ୍କା

MATIGHARE BARSHARITU

(Story Collection)

■ Writer : Saraswati Behera ■ Publisher : LEKHALEKHI, BL-7, V.S.S. Nagar, Bhubaneswar - 7 ■ Cover Design Prakash Mohapatra ■ Printed at Piku Printers, Bhubaneswar ■ First Edition : 2007 ■ Price : Rs.70.00

Source: Author, Digitized by PPRACHIN, SOA

ମୋ କୋଇଲିର କୁନି ପାପୁଲିରେ...

- ଲେଖିକା

Source: Author, Digitized by PPRACHIN, SOA

ଅଳ୍ପକଥା

ମୁଁ ନମ୍ର ଏବଂ ସ୍ପଷ୍ଟଭାବରେ କହିଦେବାକୁ ଚାହେଁ ଯେ,
ସୀତାପରି ନାରୀମାନେ ବନବାସରେ ଯାଆନ୍ତି !
ରାମ ଭଳି ପୁରୁଷମାନେ ପୁରୁଷୋତ୍ତମ ବୋଲାନ୍ତି
ରାବଣମାନେ ସୁନାର ଲଙ୍କାଗଡ଼ି
ସ୍ୱର୍ଣ୍ଣ ସିଂହାସନରେ ବସିଥାନ୍ତି
ରାମ ରାଜ୍ୟର ସ୍ୱପ୍ନ ଦେଖୁଥିବା ମହାତ୍ମାମାନେ
ଗୁଳିବିଦ୍ଧ ହୁଅନ୍ତି !!

ନଥିଲା ଘରର ପୁଅକୁ ଜୀବନର ସ୍ୱପ୍ନ ଦେଖିବା ମନା,
ଅସହାୟା ନାରୀମାନେ ଆଷାଢ଼ର ବର୍ଷାବିନ୍ଦୁପରି...
ଝିଅର ମା' ଆଖିରେ ଲୁହର ବନ୍ୟା !
ଯାଜ୍ଞସେନୀମାନେ ଉଲଗ୍ନ ହୁଅନ୍ତି
ଅନ୍ଧ ଧୃତରାଷ୍ଟ୍ରଗଣ ସଦାବେଳେ ଚୁପ୍ ରୁହନ୍ତି !!

Source: Author, Digitized by PPRACHIN, SOA

ଝିଅଟିଏ ପାପୀମାନଙ୍କ ହାବୁଡ଼ରେ ପଡ଼ି
ବଞ୍ଚାଅ, ବଞ୍ଚାଅ ବୋଲି ଯେତେ ଚିତ୍କାର କଲେବି
କୃଷ୍ଣମାନେ ଏ ଯୁଗରେ ପୃଥିବୀକୁ ଓହ୍ଲେଇ ଆସନ୍ତିନାହିଁ !
ଆଜିକାଲି ଏଠି ସେଠି ସବୁଠି କେବଳ
କ୍ଷୁଧା ଆଉ କ୍ଷୁଧାର କରାଳଗ୍ରାସ... !

କାହିଁକି ଏମିତି ହୁଏ ???
ଏ ପ୍ରଶ୍ନ ମୋତେ ଅହରହ ଆଉଟୁ ପାଉଟୁ କରିଛି ସିନା ହେଲେ ଏହାର ଉତ୍ତର ଖୋଜିପାଇନି, ବରଂ ତା'ର ପ୍ରତିବଦଳରେ ପାଇଯାଇଛି କେତୋଟି ଅନୁଚ୍ଚାରିତ ଅନୁଭବ। ସେଇ ଅନୁଚ୍ଚାରିତ ଅନୁଭବରେ ସଂକଳିତ ମୋ'ର ଚତୁର୍ଥ ଗଳ୍ପ ସଂକଳନ –
"ମାଟିଘରେ ବର୍ଷାଋତୁ"।

ବର୍ଷାଋତୁ ମୋ ଗଳ୍ପର ନାୟକ ନାୟିକାଙ୍କ ମାଟିଘରକୁ ତା' ଆଁ ଭିତରେ ଗିଳି ନ ଦେଇ, ସେହି ମାଟିଘର ଅଗଣାରେ କୋଟିଏ କଦମ୍ବର ରଙ୍ଗଭରି ଦେଉ...। ମାଟିଘରର ଶୂନ୍ୟ କଳସୀରେ ଠୋପାଏ ଅମୃତ ହୋଇ ଝରିଯାଉ...।।

"ମାଟିଘରେ ବର୍ଷାଋତୁ" ମୋ'ର ପ୍ରିୟ ପାଠକବର୍ଗଙ୍କୁ ଭେଟି ଦେଇ ମୁଁ ବେଶ୍ ଆନନ୍ଦ ଅନୁଭବ କରୁଛି। ଯେହେତୁ ସେଇମାନେ ହିଁ ମୋ' ସାହିତ୍ୟ ସାଧନା ପାଇଁ ପ୍ରେରଣାର ଉତ୍ସ।

– **ସରସ୍ୱତୀ ବେହେରା**

■■

Source: Author, Digitized by PPRACHIN, SOA

ସୂଚୀପତ୍ର

ବୋଉ ଚାଲିଗଲା ପରେ // ୧ //
ଫଗୁଣ ଆସିନି, ଶ୍ରାବଣ ଆସିଛି... ବାହାରେ ବର୍ଷା // ୯ //
ଆହତ ବୀଣାର ସ୍ୱର // ୧୭ //
ଅସୂର୍ଯ୍ୟ ସକାଳ // ୨୫ //
ସଂପର୍କର ସୂତାଖିଅ // ୩୫ //
ପର ଦେଶୀଆର ଚୋରା ପୀରତି // ୪୨ //
ଦୂର ବନ୍‌ଶୀର ସ୍ୱର // ୫୩ //
ଲେଉଟାଣି ଟାଣ ଖରା // ୬୦ //
ନଖୀ ଆଖିର ନିଆଁ // ୬୮ //
ସେଦିନ ବର୍ଷାରାତିରେ // ୭୨ //
ତୁମ ବିନା // ୭୮ //
ପାଠୋଇ ବୋହୂ // ୮୪ //
ମାଟି କଣ୍ଢେଇ // ୯୯ //

Source: Author, Digitized by PPRACHIN, SOA

ବୋଉ ଚାଲିଗଲା ପରେ

ବୋଉ ମୋ ଆଡେ ଥରଟିଏ ଚାହିଁ ମୁହଁ ଫେରାଇ ନେଲା। ବୋଧହୁଏ ସେ କାନ୍ଦୁଥିଲା। ତାକୁ ଏମିତିଟାରେ ଫେରେଇ ଦେଇ ମୁଁ କ'ଣ ଠିକ୍ କରିଛି। ବୋଉକୁ କେମିତି ବୁଝେଇଥାନ୍ତି ଯେ ଟୋପାଏ ସିନ୍ଦୁର, ଦି ପଟ ଶଙ୍ଖା ମୋତେ ତା' ଠାରୁ ପର କରି ଦେଇଛି। ସାତ ପର। ବର୍ତ୍ତମାନ ମୁଁ ମୋ ପତିଦେବଙ୍କର ପତିପ୍ରାଣା ପତ୍ନୀଟିଏ। ମୋ କୁନି ଝିଅ ରିମ୍‌ାର ମମତାମୟୀ ମା' ଟିଏ।

ଝିଅର ମୁଣ୍ଡ ଉପରେ ପରୀକ୍ଷା। ସବୁକାମ ପଛକୁ ପକେଇ ତାର ପଢ଼ା ଦେଖିବାକୁ ହେବ। ନ ହେଲେ ସର୍ବଭାରତୀୟ ସ୍ତରରେ ସେ ନିଜକୁ ସାମିଲ କରି ପାରିବନି ଯେ। ତା' ବାପାଙ୍କର ବାରମ୍ବାର ସେଇ ଗୋଟିଏ କଥା, ଝିଅ ତାଙ୍କର ଆଇ.ଏ.ଏସ ଅଫିସର ହେବ। କୁଳର ନାଁ ରଖିବ। ଏବେଠୁଁ ତାକୁ ଗଢ଼ିବାକୁ ହେବ। ସେଇଥିପାଇଁ ତ ସେ ଡ୍ରଇଁରୁମ୍‌ର କାନ୍ଥରେ ଗୋଲ ଗୋଲ ଅକ୍ଷରରେ ଲେଖିଦେଇଛନ୍ତି, 'ଝିଅ ପଢୁଛି, ବଡ ପାଟିରେ କଥା ହେବା ମନା।' ବାଃ କି ଚମତ୍କାର ଚିନ୍ତାଧାରା।

ମୋ ବୋଉଟାତ ପୁରା ଗାଁଉଲୀ। ଥିରି କଣ୍ଠରେ କଥା କହିବା ଶିଖିନି। ବୁଝିପାରୁନି ଯେ ସେ ଏବେ ମୋ ସ୍ୱାମୀ ପ୍ରମେଶଙ୍କର ପ୍ରେମିକାର ମା' ନୁହେଁ ତାଙ୍କ ପତ୍ନୀର ମା। ମୁଁ ଏବେ ପ୍ରେମିକାରୁ ପତ୍ନୀ। ପତ୍ନୀରୁ ପାଦର ପାଣ୍ଡୋଇ। ସେଠି ମୋ ମା' ଅର୍ଥାତ ପ୍ରମେଶଙ୍କର ଶାଶୁ ନାମକ ଜୀବଟିର ସ୍ଥାନ କେଉଁଠି ?

ଦୀର୍ଘ ଛ' ମାସ ପରେ ପ୍ରମେଶ ଫେରୁଛନ୍ତି। ତାଙ୍କୁ ସ୍ୱାଗତ କରିବା ପାଇଁ ସମସ୍ତ ଉପାଚାର ସରିଛି। ଘରଟି ଯଥା ସମ୍ଭବ ସଜଡା ଯାଇଛି। ଫୁଲଦାନିରେ ସଜଫୁଲ। ବେଡ୍‌ରେ ନୂଆ ବେଡସିଟ, ଚଟାଣରେ ଦାମୀ କାର୍ପେଟ। ସୋଫାରେ ଚିକ୍ ମିକ୍ କଭର। ଆଖି ଝଲସା, ରୁଚିକର।

ପ୍ରମେଶ ମନୁଆ। ମତାଣିଆ। ତାଙ୍କ ପାଇଁ ଅଭିସାରିକା ବେଶରେ ସଜେଇ ହେବାକୁ ହବ। ଆଖିରେ ଆଇବ୍ରୋ, ଓଠରେ ଲିପ୍‌ଷ୍ଟିକ ବୋଳିବାକୁ ହେବ। କେତେଦିନ ଆଉ ଏମିତି ରଙ୍ଗ ବୋଳୁଥିବି ଯେ ! ଟିକି ଝିଅ ରୀମା ସବୁଦିନେ ତ ଆଉ ପିଲା ହୋଇ ନଥିବ।

ରିମା ! ଚୁଲ୍ ବୁଲି। ଦଶବର୍ଷର ମୁଗ୍ଧା କିଶୋରୀ ଟିଏ। ଖୁବ ସ୍ମାର୍ଟ। ପାଠ କଥା ପଚାରେ କିଏ ? ପାପା ଆସିବେ ବୋଲି ଖୁସିରେ ଖୁସିରେ ମସଗୁଲ୍। ମନଟା ତାର

Source: Author, Digitized by PPRACHIN, SOA

ପବନରେ ଉଡୁଛି। ପ୍ରମେଶଙ୍କର ଖାଇବାରେ ଯେମିତି କିଛି ଅସୁବିଧା ନହୁଏ, ସେଥିପାଇଁ ବେଶ ସଜାଗ ଆଉ ସତର୍କ ଅଛି ମୁଁ। ସକାଳର ଟିଫିନ ପାଇଁ ସିମେଇ, ଅଣ୍ଡା, ବ୍ରେଡ, ବଟର। ସନ୍ଧ୍ୟାରେ ସ୍ନାକ୍ସ ପାଇଁ ଚାଉମିନ, କାଜୁ ମିକ୍ସର୍। ଦିନର ଆଉ ଲଞ୍ଚ୍ ପାଇଁ ତ ସ୍ପେଶାଲ ବ୍ୟବସ୍ଥା ରହିଛି। କେଉଟକୁ ଗଙ୍ଗା ଇଲିଶୀ, ଗଜା ଚିଙ୍ଗୁଡ଼ି ପାଇଁ ଆଡଭାନସ ଦିଆ ସରିଛି। ଗଉଡକୁ ପନିର୍ ପାଇଁ କହିଛି। ପ୍ରସ୍ତୁତି ପ୍ରାୟ ଶେଷ। କେବଳ ପତିଦେବଙ୍କୁ ଅପେକ୍ଷା। ପହଞ୍ଚିଗଲେ ପାକ ତିଆରି ହେବ।

ସକାଳର ରୋଷେଇ ସାରି ବେସିନ୍‌ଟା ସଫା କରୁଥିଲି। କାହାର କଲିଂ ବେଲ୍‌ରେ ଧାଇଁ ଆସି ଦାଣ୍ଡ କବାଟଟା ଖୋଲି ଦେଖେତ ସାମ୍ନାରେ ବୋଉ। ବୋଉ ହସୁଥିଲା। ଅଥଚ ତା ଆଖି କୋଣରୁ ଝରି ପଡୁଥିଲା ଅସହାୟତା। ଆଈକୁ ଦେଖି ରିମା ଉଛୁଳି ପଡିଲା। ତାକୁ କୁଣ୍ଢେଇ ପକେଇ ବହେ ନାଚିଗଲା ଏବଂ କହିଲା, "ଆଈ ଆସିଛନ୍ତି। ଆଈ ଆସିଛନ୍ତି! ବାପା ବି ଆସିବେ। ବାଃ !ବାଃ କି ମଜା!"

ବୋଉ ଗଦ୍ ଗଦ୍ ହୋଇ କହିଲା, "ମୋ ଧନ ଆଜି ଆସିବ! ଆସୁ! ଠିକ୍ ବେଳରେ ତ ମୁଁ ଆଇଚି। କୋଉ କାଳୁ ବାଇଆଟାକୁ ମୋର ଦେଖିନି। କାହିଁ କେଉଁଠି ଯାଇଁ ଦିଲ୍ଲୀ। ଏତେ ଦୂର ପଥରେ ଯାଇଁ ରହିଲା। ଆଖି ଫୁଟି ଗଲାଣି। କେଉଁ ଦିନ ଛୁଟି ଆଣି ଜୋଇଁ ମୋର ଆସୁଛି କିରେ ମା?"

– "କେଜାଣି! ମୁଁ ଜାଣିନି!" ବୋଉକୁ ଫୋପାଡିଲା ଭଳି ଉତ୍ତରଟେ ଦେଇ ରୀମାକୁ ଧମକେଇଲି, "ସେତିକି ଫୁଲେଇ ହୁଅନା, ସ୍କୁଲ ବେଳ ହେଲାଣି।"

ମୋ କଥାରେ ବୋଉ ଟିକେ ଦବିଗଲା। ରୀମାକୁ ମୁକୁଳେଇ କହିଲା, "ଯା' ଯା' ଇସ୍‌କୁଲୁ ଯା। ମନଦେଇ ପାଠ ପଢ଼ିବୁ। ଫାଆଷ୍ଟ ହେବୁ।"

ରୀମା ଚାଲିଗଲା ପରେ ନିଅଣ୍ଟିଆ କଣ୍ଠରେ ସେ ମୋ ଆଡେ ଚାହିଁ କହିଲା, "ତତେ ମୁଁ ବେଶୀଦିନ ହଇରାଣ କରିବିନିରେ ମା! ଦିନେ ଦି'ଦିନ ରହି ଚାଲିଯିବି। ନାତୁଣୀଟା ମୋର ସଦାବେଳେ ଆଖିରେ ନାଚିଲା ବୋଲି ଚାଲି ଆସିଲି।"

ତା କଥା ମୋତେ ଭଲ ଲାଗୁ ନ ଥିଲା। ଦୂରେଇ ଆସୁ ଆସୁ କହିଲି, "ହାତ ଗୋଡ ଧୋଇପକା। ଗାଧେଇନୁ ଯଦି ଗାଧେଇ ପଡ। ଯାହାତ ଦେହ ମୁଣ୍ଡ ଦିଶୁଛି।"

ସେ କିନ୍ତୁ ମୋ କଥା ଶୁଣିଲାନି। ତା'ର ସେ ମଇଳା ଗୋଡକୁ ଟେକି ଦେଇ ସୋଫା ଉପରେ ବସି ପଡୁ ପଡୁ କହିଲା, "ତୁ ମୋତେ ଟିକେ ଚାହା ଦେଲୁ ଆଗ। ସକାଳୁ ପାଣି ଟୋପେ ପେଟକୁ ଯାଇନି। ସେ ଅଦେଖି ଘରର ଝୁଅଟା ମୋତେ କୋଉ ଦି ଆଖିରେ ଦେଖି ସହିପାରୁଛି ଯେ!" ମନେମନେ କହିଲି, "ତୋ ଜୋଇଁ ଗୁଣମଣି ତୋତେ

Source: Author, Digitized by PPRACHIN, SOA

ଦେଖି କୋଉ ଖୁସିଟାଏ ହୋଇ ପକେଇବେ ଯେ, ତୁ ଏଠିକୁ ଚାଲି ଆସିଲୁ। ତୋର କଣ ଏତିକି ବେଳେ ଆସିବାର ଥିଲା।"

ବୋଉ ଚା' ପିଉଥିବା ପରମ ତୃପ୍ତିରେ... ସଡ ସଡ କରି, ଚାକୁ ଚାକୁ କରି। ପରେ ପରେ ସେ ପଚାରିଲା, "ଆଜି କି ତର୍କାରୀ କରିଛୁ କିରେ ମା ? ନିରାମୀ ଖାଇ ଖାଇ ପାଟିଟା ଛତିଆ ମାରି ଗଲାଣି। ସେ ସବାଖାଇ ଘର ଝୁଅଟା ଗେରସ୍ତକୁ ମୂଷା କରି ରଖିଛି। ଭାଇଟାତ ତୋର ଡରକୁଳାଟାଏ। ମାଇପକୁ ମୁଣ୍ଡେଇଛି। ଉଠ୍ କହିଲେ ଉଠୁଛି, ବସ୍ କହିଲେ ବସୁଛି। ସେମାନେ ଖାଆନ୍ତେ ଯେ ମା, କେବଳ ମୋରି ପାଇଁ ମନା। ବାପଟା ତୋର ମରିଗଲାନି ଯେ ତରିଗଲା। ମୁଁ ହୀନିକପାଳି ବଞ୍ଚିଛି ଯାହା। ତୋ ବାପ ଯେଉଁ ଅଉଲ ଅଉଲ ପଦାରଥ ମୋତେ ଖୋଇଛି, ଆଉ କିଏ ସେମିତି ଆଣିଦେବ ? କୋଉ ପୁଅ ନା କୋଉ ଜୋଇଁ! ବାପର ତୋର ବଡ ଆଖି। ମାଛ କିଣିବ ତ ଖଙ୍ଗା, ରୋହି, ମିରିକାଳି। କାନ୍ଧି କାନ୍ଧି କଦଳୀ, କଞ୍ଚା ବନ୍ତଳ, ପାକଲା ପାଟକପୂରା। ହାଣ୍ଡି ହାଣ୍ଡି ବସାଦହି, ଖଣ୍ଡ ଖଣ୍ଡ ଛେନା, କେତେ ଖାଉଛୁ ଖା'। ଦାନ୍ତମୂଳ ଖୋଲିଦେଲେ ପରା ଗଦା ହୋଇ ପଡିବ। ତମେମାନେତ ସେତେବେଳେ ପେଟରେ ନଥିଲ କି କୋଠାରେ ନଥିଲ। ଜାଣନ୍ତ କେମିତି। ସତ୍ୟଯୁଗର ମଣିଷ ସିଏ, ଶତ୍ରୁ ଦେଖିଲେ ଶଙ୍କିଯିବ।"

ସେ ଆହୁରି କେତେ କଣ ଗପିଥାନ୍ତା। ଅନ୍ୟଦିନ ହୋଇଥିଲେ ତା' କଥାକୁ କାନ ଦେଇ ଶୁଣିଥାନ୍ତି। ଆଗକୁ କଥା ନ ବଢାଇ କହିଲି, "ଆଜି ମାଛ ନାହିଁ କେବଳ ସାଗ ଭଜା, ମୁଗ ଡାଲମା। କହିବୁ ଯଦି ଆଉ କଣ ଟିକେ ଭାଜି ଦେବି।"

"ନାଇଁ ନାଇଁ, ଥାଉ। ମୋ ପାଇଁ କାହିଁକି ଏତେ ହଟ ହଟା ହେବୁ।" କେମିତି ଗୋଟେ ଦିକିଦାର୍ ହୋଇ ସେ ଗାଧୁଆ ଘରକୁ ଉଠିଗଲା।

ସଫା ଚଟାଣର ନୂଆ ଗାଲିଚାରେ ବୋଉର ମଇଳା ପାଦ ବାରି ହୋଇ ପଡୁଛି। ମୋ ଘରର ଚାକ ଚକ୍ୟରେ ତା' ଧୂସର ରଂଗର ପିନ୍ଧାଶାଢି ଅଧିକରୁ ଅଧିକ ଧୂସର ଦିଶୁଛି।

ବୋଉ ବେଶୀ କିଛି ଖାଇଲାନି। ଅଧାରୁ ଉଠିପଡିଲା। ବାରଣ୍ଡାରେ ସଉପଟାଏ ପକେଇ ଦେଇ ଗଡି ପଡିଲା ସେ।

କାମରେ ମୋର ମନ ଲାଗୁନି। ମୁହଁ ଖୋଲି କହିଦେବାକୁ ଇଛା କରିବି କହି ପାରୁନି। ପ୍ରମେଶ କୁହନ୍ତି ହଁ ତ ହଁ। ନା ତ ନା।·ନୋ ସାଲିସ୍। ବଡ ଅଜବ ଜୀବ। ବୋଉକୁ ସେ ଯେତିକି ସମ୍ମାନ କରନ୍ତି, ସେତିକି ଅପମାନିତ କରନ୍ତି। ଟିକିଏ ଏପାଖ ସେପାଖ ହୋଇଗଲେ ହଠାତ ଚିତ୍କାର କରି ଉଠନ୍ତି। ଗରିବ ବୋଲି ଘୃଣା ଚକ୍ଷୁରେ

Source: Author, Digitized by PPRACHIN, SOA

ଦେଖନ୍ତି । ସ୍ତ୍ରୀ ଉପରେ ତାଙ୍କର ସଂପୂର୍ଣ୍ଣ ଅଧିକାର । ସେଠି ଆଉ କାହାର ସ୍ଥାନ ନାହିଁ । ଯାହା ମନକୁ ଆସିବ ଗପିଯିବେ । ଆଗପଛ, ଭଲମନ୍ଦ ବିଚାର ନାହିଁ । ଆଜ୍ଞା ମାତ୍ରେ ଓ କର । ଚାହିଁଲା ମାତ୍ରେ ପାଦରେ ପ୍ରଲେପ ଦିଅ । ପତି ହିଁ ପରମ ଦେବ... ଜନ୍ମ ଜନ୍ମାନ୍ତର ।

ସବୁ ପୁରୁଷ ସମାନ । ସମୁଦ୍ରର ପାଣି ପରି । ସେ ବଙ୍ଗୋପସାଗର ହେଉ କି ଆରବସାଗର ହେଉ । ଯେଉଁଠି ଚାଖିଲେ ସେଇଠି ଲୁଣିଆ । ସହଜରେ ତ ସେ ନଥିଲା ବାପର ଝିଅ । ପତିର ଇଚ୍ଛାରେ ପ୍ରତିବାଦ କରିବାକୁ ତା'ର ଚାରା କାହିଁ ? ସେଥର ବୋଉ ଆସିଥିଲା । ପ୍ରମେଶ ଘରେ ଥିଲେ । ଜାଣି ଜାଣି ରୀମାକୁ ପଢା ଟେବୁଲ ପାଖରେ ବସାଇ ରଖୁଥିଲେ । ବୋଉ ପାଖକୁ ଛାଡୁ ନଥିଲେ । ବରଂ ଚୁପି ଚୁପି ପଚାରୁଥିଲେ – 'ତୋ ଆଈ ମାସକୁ କେତେଥର ଆସୁଛିରେ ମା ।' ବୋଉ ଶୁଣିନି । ଶୁଣିଥିଲେ ସେ ହୁଏତ ଆସି ନ ଥାନ୍ତା ।

ବୋଉ ଚେଇଁ ଶୋଇଥିଲା । ମୁଁ ଯାଇ ତା' ପାଖରେ ବସିଲି । ସେ କହିଲା –

"ନାତୁଣୀଟା ମୋର ଏତେବେଳ ଯାଏଁ ଆସିଲାନି ଯେ ?"

ସହଜ ଗଳାରେ ହସିଦେଇ କହିଲି, "ନାତୁଣୀ ପାଇଁ କଣ ଏମିତି ଆଣିଛୁ ଯେ ତା' ବାଟ ଚାହିଁ ବସିଛୁ ?"

ତା ମୁହଁ ଶୁଖିଲା ଦିଶିଲା । ବାଧ ହସଟିଏ ହସିଦେଇ ସେ କହିଲା, "ରାଜାଝିଅ ପାଇଁ ଖୋଜା ପଡିଛି । ତା' ପାଇଁ କଣ ଯେ ଅପୂର୍ବ, ଆଣିଦେବି । ବିସ୍କୁଟୁ ପାକିଟିଏ ଆଣିଥିଲି । ସେଇଠି ସେ ବେଗ୍‌ରେ ଅଛି । ତାକୁ ସିଏ ଛୁଇଁବ କି ନାହିଁ କିଏ ଜାଣେ ?"

"ମୋ କଥା ମନରେ ଧରିଲୁକି ବୋଉ ! ଏମିତିଟାରେ କହୁ କହୁ କହିଦେଲି । ଛାଡ୍ ସେ କଥା ! ତୋତେ ଗୋଟେ କଥା କହନ୍ତି ବୋଉ ! କାଳେ ଯଦି ତୁ କଣ ଭାବିବୁ ।"

"ସିଆଣୀ ଝୁଅକୁ ଦେଖ । ସେ କହିବ ମୁଁ ପୁଣି ଭାବିବି । ଆରେ କଣ କହିବୁ କହୁନୁ ?"

କୁଣ୍ଠିତ କଣ୍ଠରେ ଆରମ୍ଭ କଲି । "ବୋଉ ! ତୋ ଜୋଇଁ ଆସି ଫେରିଯାଆନ୍ତୁ, ମୁଁ ନିଜେ ଯାଇଁ କଟକରୁ ତୋତେ ନେଇ ଆସିବି । ମୋ ପାଖରେ ମାସେ ରହିବୁ । ଭଲ ମନ୍ଦ ଯାହା ଚାହିଁବୁ ଖାଇବୁ । ତୁ ମୋ ଶାଶୁଙ୍କୁ ଚିହ୍ନିନୁ ବୋଉ ! ଶାଶୁ ନୁହନ୍ତିତ ଖଣ୍ଡେ ନିଆଁ । ଟିକିଏ ଏପାଖ ସେପାଖ ହେଲେ ଜଳିଯିବେ ନହେଲେ ଜାଳି ଦେବେ । ପୁଅ ତାଙ୍କର ଆସିଗଲା ମାତ୍ରେ ସେ ଗାଁରୁ ଧାଇଁ ଆସିବେ । ତୋତେ ଦେଖି ଉଲୁଗୁଣା ଦେବେ । ଯେମିତି ମା, ସେମିତି ପୁଅ । ପର ଖାଇଗଲେ ପାର । ମାତ୍ର ଆମଘର ଲୋକଙ୍କୁ ଦେଖିଲେ ତାଙ୍କର ନାହି ଡିଏଁ ।"

Source: Author, Digitized by PPRACHIN, SOA

ହଠାତ୍ ବୋଉ କିଛି କହିପାରିଲାନି। ବଣା ବାଟୋଇଟିଏ ଭଳି ନୀରିହ ଆଖିରେ ମୋତେ କେବଳ ଚାହିଁ ରହିଲା। ମୁଁ ତା' ଆଡେ ଚାହିଁ ପାରିଲିନି। ଶୋଇବା ଘରକୁ ଚାଲି ଆସି ତକିଆରେ ମୁହଁ ଗୋଞ୍ଜି ଦେଲି।

"ଶୋଇ ପଡିଲୁକି ମା'! କବାଟ ଦେ! ମୁଁ ଯାଉଛି।"

ବୋଧହୁଏ ମୋତେ ଛାଇ ନିଦଟା ଲାଗିଯାଇଥିଲା କି କ'ଣ, ବୋଉର ଡାକରେ ଉଠିପଡ଼ିଲି।

ବୋଉ ହାତରେ ତା' ବ୍ୟାଗ୍। ସେ ବାହାରି ପଡ଼ିଥିଲା ସେଇ ଖରା ଖରା।

ତା' ପାଖକୁ ଲାଗି ଆସି ଠିଆ ହେଲି। କହିଲି, "ନା, ତୁ ଆଜି ଯାଆନା। ରହିଯା। ରାତିକି ମାଛ ଆଣି କେଉଟ ଆସିବ। ଖାଇ ପିଇ କାଲି ଆଡକୁ ଯିବୁ। ଦେଖିବି ମୋର କିଏ କ'ଣ କରିବ। ତୋ' ଜୋଇଁ କ'ଣ ତାଙ୍କ ମା'ର ପୁଅ। ମୋର କ'ଣ କେହି ନୁହଁନ୍ତି।" ମୋ' କଣ୍ଠରେ ଥିଲା ଦୃଢ଼ତା।

"ନାଇଁରେ ମା! ତୋ' ମନ କଥା ମୁଁ ବୁଝିପାରୁଛି। ଜୋଇଁ ମୋ'ର ବିଦେଶରୁ ଫେରୁଛି। କାହିଁକି ମନଉଣା କରିବ। ତୋତେ ବାର କଥା କହିବ। ପିଲାଟାର ଦୋଷ କ'ଣ? ଖାଲି ଯାହା ତା' ବାପମା'ଙ୍କୁ ଡ଼ରୁଛି ସେ। ମୁଁ ଏଠି ରହିଲେ କ'ଣ ସୁନ୍ଦର ଦିଶିବରେ ମା! ବେଳକାଳ ଭଲ ନାହିଁ। ତୋ' ଶାଶୁ ଶ୍ୱଶୁର ଆସନ୍ତୁ। ମୁଁ ପଛେ ଆସିବି।"

ତା'କୁ ଆଉ ବାଧ କଲିନି। ସେ ଚାଲିଗଲା।

ବୋଉ ଚାଲିଗଲା ପରେ ଛାତି ତଳର ପୁଞ୍ଜିଭୂତ ବେଦନା ପାଣି ହୋଇ ଝରି ପଡ଼ିଲା ମୋ ଆଖିରୁ। ବୁଢ଼ୀଲୋକ। କେତେବା ଖାଇଯାଇଥାନ୍ତା ସେ। ଝିଅ ହୋଇ ମୁଁ କ'ଣ କଲି? ଆଉ କେଇଟା ଦିନ ବଞ୍ଚିବ ସେ। ବାପା ଥା'ନ୍ତେ କି! ଆଃ! ବିଚାରୀ!

ପ୍ରମେଶ ଆସିଯାଇଛନ୍ତି। ମେସିନ୍‌ଟିଏ ଭଳି ମୁଁ ଧାଇଁଛି। ତାଙ୍କର ପଦେହେଲେ କଥା ତଳେ ପଡୁନି। ସକାଳେ ଦହି ପଖାଳ, ମଧ୍ୟାହ୍ନରେ ଇଲିଶ୍ ମାଛର ଝୋଲ୍। ମୁଁ କିନ୍ତୁ ଖାଇପାରୁ ନଥିଲି ଖୁସି ମନରେ। କାନେ କାନେ କିଏ ଯେମିତି ଶୁଣେଇ ଦେଇଯାଉଥିଲା - ମା'ରେ। ଖଣ୍ଡେ ମାଛ। ଟୋପେ ଝୋଳ।

ପ୍ରମେଶ ପଚାରୁଥିଲେ, "କ'ଣ ହୋଇଛି ତୁମର? ଏତେଟା ଅନ୍ୟମନସ୍କ କାହିଁକି? କ'ଣ ଦେହ ଭଲ ନାହିଁ?"

ଇଚ୍ଛା ହେଉଥିଲା ଖୁବ୍ ଗୋଟେ ଚିତ୍କାରକରି କିଛି କହନ୍ତି। ଝଡ଼ ହୋଇ ବର୍ଷିଯା'ନ୍ତି...। ଅଥଚ ସେମିତି କିଛି କଲିନି। ବରଂ ଓଠରେ ହସ ଫୁଟେଇ କହିଲି, "ମୁଁ

Source: Author, Digitized by PPRACHIN, SOA

ଠିକ୍ ଅଛି । ଆଜି ରାତିରେ କ'ଣ ଖାଇବ କହିଲ ?"

ସେ ଦୁଷ୍ଟାମୀର ହସଟିଏ ହସିଦେଇ କହିଲେ, "ଉହୁଁ, ପାଖକୁ ନ ଆସିଲେ କହିବିନି ।"

ରୀମା ଆସିଯାଇଥିଲା । ବାପ ଝିଅ କୋଳାକୋଳି ହେଉଥିଲେ ।

"ସୁନା ଝିଅ ! ଆଉ ଗୋଟେ ଏ ଗାଲରେ ତୁମ ମମିଙ୍କ ପାଇଁ ଦିଅନା ! ମମି ତୁମର ରାଗିଛନ୍ତି ବୋଲି ମାନୁନାହାଁନ୍ତି ।" ପପିଟିଏ ପାଇଁ ଝିଅ ପାଖରେ ଅଳି କରୁଥିଲେ ସେ ।

ରୀମା ହଠାତ୍ କହି ପକାଇଲା, "ପାପା ! କାଲି ଆଈ ଆସିଥିଲେ । ମୁଁ ସ୍କୁଲରୁ ଫେରିଲାବେଳକୁ ଛୁ' । ମମି ବୋଧେ ଆଈ ଉପରେ ରାଗିଛି ।"

"ଓ ! କଥା ତେବେ ଯାଇ ଏଠି । ମମିଙ୍କ ମା' ବଡ଼ ଚଗଲି ଝିଅ । ନାଇଁରେ ମାମା ! ଠିକ୍ ତମଭଳି ।" ଏହି ସମୟରେ ଫୋନ୍‌ଟା ବାଜି ଉଠିଲା ।

"ହ୍ୟାଲୋ ! କିଏ ? ମନୁ !

"x x x x x x

"ହଁ ! ଆଜି ଆସିଲି । ଆରେ କାନ୍ଦୁଛୁ କାହିଁକି ? କ'ଣ ହୋଇଛି କୁହ !"

"x x x x x x "

"ହଁ ! ଆସିଥିଲେ ବୋଲି ତ ରୀମା ଏଇନେ କହୁଥିଲା ।"

"x x x x x x

"ଗାଁ ରୁ ! ବୋଉ କ'ଣ ଗାଁକୁ ଯାଇଥିଲେ ? ଓ ! ମାଇଁ ଗଡ଼ ! ତମେ ସବୁ ବାହାରିପଡ଼ । ଆମେ ଅଧଘଣ୍ଟା ଭିତରେ ଯାଇଁ ପହଁଞ୍ଚୁଛୁ । ବ୍ୟସ୍ତ ହେବାର କିଛି ନାହିଁ ।"

ବୋଉ ସିରିୟସ୍ । କାଲି ସେ କଟକ ଫେରିନି । ଫେରିଛି ଗାଁକୁ । ସମ୍ବାଦଟା ଶୁଣୁ ଶୁଣୁ ମୋର ତଣ୍ଡି ଶୁଖିଗଲା । ମୁଠାଏ ବୈଶାଖୀ ଖରା ମୋତେ ଜାଳିଦେଲା ଯେମିତି ।

ବୋଉ ମୋର ଜୀବନରେ ଅଛିତ ? ଗାଁରୁ କିଏ ଖବର ଦେଲା ମନୁକୁ ? କ'ଣ କହିଲା ମନୁ ? ପ୍ରମେଶ ମୋତେ କିଛି ଲୁଚାଉ ନାହାଁନ୍ତିତ ? ବୋଉ ! ବୋଉ ଲୋ ? ତୋ ଗେହ୍ଲୀ ଝିଅକୁ ତୁ କ'ଣ ଟିକେ କ୍ଷମା କରି ଦେବୁନି ବୋଉ ! ସତରେ କ'ଣ ମୁଁ ତୋତେ ଦି' ଆଖିରେ ଦେଖିବି ! ଥରୁଟିଏ, କେବଳ ମାତ୍ର ଥରୁଟିଏ ! !

ଗାଁ ଦାଣ୍ଡରେ ଗାଡ଼ି ଅଟକିଲା ।

Source: Author, Digitized by PPRACHIN, SOA

ଘର ବାହାର ବହଳ ଅନ୍ଧାର।

ସମୟଟା ଗୋଟିଏ ବିନ୍ଦୁରେ ସ୍ଥିର।

ମୁଁ ପ୍ରଥମେ କାଠ, କାଠରୁ ପଥର ପାଲଟି ଯାଉଛି। ସବୁ ସରିଯାଇଛି। ମୋ' ସାନଭାଇ ମନୁଆର ସ୍ତ୍ରୀ ରାହାଧରି କାନ୍ଦୁଛି -

"ବାରବର୍ଷର ତପ
  ଶୁଖୁଆ ଝୋଳରେ ଗଲା ଲୋ,
      ମୋ ମା' ମାନେ....
ମୋତେ ନିନ୍ଦା ଅପବାଦ
  ଦେବା ତାଙ୍କ ମନରେ ଥିଲା ଲୋ,
      ମା' ମାନେ....

ତା' କାନ୍ଦଣାରେ ତାଳ ଦେଇ ଅନ୍ୟମାନେ କାନ୍ଦୁଛନ୍ତି। ଅଥଚ ମୁଁ କାନ୍ଦୁନି। କାନ୍ଦିପାରୁନି ଜମା। ମୁଁ ମୋ ଭିତରେ ଅଛି ନା ନାହିଁ? ଏମିତି ଗୋଟେ ଅଲଗା ଅନୁଭବରେ ବୁଡ଼ି ଯାଉ ଯାଉ ଶୁଣିଲି କିଏ ଗୋଟେ କହୁଛି, "କାଲି ରାତି ଦି'ଘଡ଼ି ବେଳେ ଖୁଡ଼ି ଆସି ପହଞ୍ଚିଗଲେ! କିରେ କଥା କ'ଣ? କଟକରେ ପୁଅବୋହୂ। ଭୁବନେଶ୍ୱରରେ ଝିଅଜୋଇଁ! ତାଙ୍କୁ ଛାଡ଼ି ଖୁଡ଼ି କ'ଣ ଏକା ଏକା ପଳେଇ ଆଇଚି। ଆମେ ତ ତାଜ୍ଜୁକା। ହଉ ଆସିଲୁ ଆସିଲୁ ଭଲ କଲୁ! ରୁଟି ଖା, ସଜନାଛୁଇଁ ଡ଼ାଲମା ଖା। ନାଇଁ! ସେଇ ଏକା ଜିଦ୍। ମୋତେ ତତଲା ଭାତ, ମାଛ ଝୋଳ ଦିଅ ମୁଁ ଖାଇବି। ଆରେ ବାବୁ ଏତେ ରାତିରେ ମାଛ ଆସିବ କୋଉଠୁ। ପିତା ଶୁଖୁଆକୁ ପୋଇଖାଡ଼ି ବୁଢ଼ୀ ଖାଇଲା, ପିଇଲା ଆଉ ଶୋଇଲା। ତା' ପୁତୁରା ବୋହୂ ଧିଅରେ ମୁଣ୍ଡରେ ଘସିଦେଲା। ସବୁ ଭଲ। ରାତି ପାହିଲାକୁ ନାଇଁ।"

"ବୁଢ଼ୀକୁ ଯମ ଡ଼ାକିଲା। ମରିବ ବୋଲି ଭିଟାମାଟିକୁ ଧାଇଁ ଆସିଲା। କ'ଣ ନା, ତମକୁ ନିନ୍ଦା, ତା'କୁ ନିନ୍ଦା। ଆଉ ଡ଼େରି କାହିଁକି? ବାସି ମଡ଼ା ବାସି ହେଉଛି ପରା।" ଗହଳି ଭିତରୁ କେହି ଜଣେ ପାଟି କରି ଉଠିଲା।

ମାଇପି ମହଲରେ ମୋରି କଥା। ଝିଅଟା କାନ୍ଦୁନି। ମା'ଟା ତା'ର ସ୍ୱର୍ଗକୁ ଯିବ କେମିତି ଯେ! ଅନ୍ତ ଫାଡ଼ି ଜନ୍ମ ଦେଇଛି ପରା। ଲୁହ ଗଡ଼େଇ ନ କାନ୍ଦିଲେ ଛାତି ଫାଟିଯିବ ଯେ।

ମୋର କିଛି ହେଲାନି। ନା' ଛାତି ଫାଟିଗଲା, ନା' ଚେତା ବୁଡ଼ିଗଲା।

Source: Author, Digitized by PPRACHIN, SOA

ଚାବିଦିଆ କଣ୍ଢେଇଟେ ପରି ମୁଁ ଘୂରୁଥିଲି, ଚାଲୁଥିଲି, ହସୁଥିଲି, ବସୁଥିଲି।

ପ୍ରମେଶଙ୍କ ଉପରେ ସବୁ ଦାୟିତ୍ୱ। ହାତଖୋଲା ଖର୍ଚ୍ଚ କରୁଛନ୍ତି ସେ। ଶାଶୁ କ'ଣ ଆଉ ଥରେ ମରିବେ ଯେ ସେ ଖର୍ଚ୍ଚ କରିବେ। ପାଞ୍ଚଖଣ୍ଡ ଗାଁର ଲୋକଙ୍କୁ ନିମନ୍ତ୍ରଣ କରାଯାଇଛି। ଯାହା ଇଚ୍ଛା ତା' ଖାଇବେ। ଯେତେ ପାରିବେ, ସେତେ ବୋହିନେବେ। ଶାଶୁଙ୍କର ମାଛରେ ଶରଧା କି ନା; ପ୍ରମେଶ ପର୍ବତ ପ୍ରମାଣେ ମାଛ କିଣି ଆଣି ଗଦା କରି ଦେଇଛନ୍ତି। ମାଛ ମହୁର, ମାଛ ବେଶର, ମାଛ ଘାଣ୍ଟିଆ, ମାଛ ମସଲା। ମାଛରେ ମାଛରେ ଦଶ ପ୍ରକାର। ଲୋକେ ହାତଚାଟି ଖାଇଲେ। ଜ୍ୱାଇଁଙ୍କୁ ଧନ୍ୟ ଧନ୍ୟ କଲେ। ବୁଢ଼ୀ ବଡ଼ ଭାଗ୍ୟବତୀ। ତା' ଭାଗ୍ୟରେ ଏମିତି ଜ୍ୱାଇଁ ଥିଲା।

ଭୋଜୀ ପରେ ପରେ ହିଁ ଆମେ ଫେରି ଆସିଲୁ ଭୁବନେଶ୍ୱର ସେଇ ରାତିରେ। ରାତି ପାହିଲେ ପ୍ରମେଶ ପଳେଇ ଯିବେ ଚାକିରୀ ସ୍ଥଳକୁ। ସେ ଶୋଇଯାଇଛନ୍ତି ନିଘୋଡ଼ ନିଦରେ। ଶୋଇ ପଡ଼ିଛି ରୀମା। ମାତ୍ର ମୋ ଆଖିକୁ ନିଦ ନାହିଁ।

ଉଠି ଆସିଲି ଅଗଣାକୁ।

ରାତି ସରି ସରି ଆସୁଛି। ବାହାରେ ଚେନାଏ ଜହ୍ନ ଆଲୁଅ ଝରି ପଡ଼ି ଅଗଣା ଛୁଉଁଛି। ଆରେ ଏ କ'ଣ। ସେଇଦିନୁ ବୋଉର ଗାଧୁଆ ଶାଢ଼ୀଟା ଲୁଗାଶୁଖା ତାରରେ ଶୁଖୁଛି।

ତଡ଼ିତ୍ ବେଗରେ ଚମକ୍‌ଟାଏ ସର୍ବାଙ୍ଗରେ ଖେଳିଗଲା। ସେଇ ମଇଳା ଶାଢ଼ୀଟିକୁ ମୁଁ ଚାପି ଧରିଲି ମୋ ମୁହଁରେ, ବେକରେ, ଓଠରେ, ଛାତିରେ। ଶାଢ଼ୀ ଭିତରୁ ପହଁରି ଆସୁଛି ଗୋଟେ ଚିହ୍ନା ବାସ୍ନା। ସେ ବାସ୍ନା ମୋତେ କାବୁ କରି ପକାଉଛି। ମୋତେ ଚହଲେଇ ଦେଉଛି। ସତେ ଯେମିତି ଅଝଟିଆ ଅତୀତଟା ମୋ ସାମ୍ନାରେ ଠିଆ ହୋଇ ମୋ ଛାଡ଼ିଆସିଥିବା ପିଲାଦିନକୁ ମନେପକାଇ ଦେଉଛି। ନିଜକୁ ଆଉ ସମ୍ଭାଳି ପାରିଲିନି। କଇଁ କଇଁ ହୋଇ କାନ୍ଦିପକାଇଲି ମୋ କୁନି ଝିଅ ରୀମା ଭଳି।

■■

Source: Author, Digitized by PPRACHIN, SOA

ଫଗୁଣ ଆସିନି, ଶ୍ରାବଣ ଆସିଛି...ବାହାରେ ବର୍ଷା

ଠିକ୍ ସେତିକି ବେଳେ ବାଡ଼ିତଳ ବଗିଚାରୁ କେଉଁ ଏକ ଅନାମିକା ଫୁଲର ଭୁରୁ ଭୁରୁ ସୁଗନ୍ଧ ଭାସି ଆସି ଜାନକୀର ଚଉପାଶ ଚହଟେଇ ଦେଲା। ଦୂର ତାଳ ବଣରୁ କୁନି କୁନି ଚଢ଼େଇମାନେ ଉଡ଼ିଆସି ତା' ଅଗଣାର ଆକାଶରେ ଚକ୍କର କାଟିଲେ, ଯେତେବେଳେ ସେ ଜାଣିବାକୁ ପାଇଲା ତା' ଭିତରେ ଫୁଟିଥିବା ଫୁଲଟି କଷି ଧରିଛି। ଫଳ ଫଳିଛି।

ଜାନକୀ ଭିତରେ ଜୀବନ, ଜୀବନ ଭିତରେ ସେ।

ଆଃ! ଅନେକ ଦିନର ସାଇତା ମମତା ଅଚାନକ ଉଚ୍ଛୁଳି ଉଠୁଛି। ସାରା ସଂସାରର ଖୁସି ତା' ହାତମୁଠାକୁ ଖସି ପଡ଼ିଛି।

ଶାଶୁ କହିଲେ - "ସପନ ସତହେଲା। କୋଳକୁ କୁଳ ନନ୍ଦନ ବକଟେ ଆସନ୍ତା କି! ତାରିଣୀ ମା'ଙ୍କୁ ତାବିଜ ଦିଅନ୍ତି।"

ସ୍ୱାମୀ କହିଲେ - "ଯାହା ବି ହେଲେ ଚଳିବ। ନନ୍ଦନ କି ନନ୍ଦିନୀ, ଯିଏ ଆସୁଛି ଆସୁ!"

ଦିଅର କହିଲେ - "ଦାଦା ଡ଼ାକିବ।"

ଦେଢ଼ଶ୍ୱଶୁର କହିଲେ - "ମୋତେ ବଡ଼ ବାପା...। ପୁଅ ହେଲେ ପାଲା ହେବ, ଷୋଳପାଲା।"

ଯା'ମାନେ ହସା ହସି ହେଲେ। କହିଲେ - "ପୁଅ ହେଉକି ଝିଅ। ଯାହା ହେବ ସେଇ ଗୋଟିଏ। ଆମ ମାନଙ୍କ କୋଳରେ ପାଞ୍ଚ ପାଞ୍ଚଟା ଝିଅ। ପୁଅକୁ ଅନେଇ ଅନେଇ ପାନେ ପାଇଛୁ।"

ଜାନକୀର ବାପାବୋଉ କହିଲେ - "କୁନି କଣ୍ଢେଇ ଜଲ୍‌ଦି ଆସୁ। ଆମ ଝିଅର କୋଳ ହସୁ।"

ଜାନକୀ ଆନମନା ହେଲା। ପୁଅ ହେଉ କି ଝିଅ ହେଉ ପରବାଏ ନାହିଁ। ସେଇ ତ ତା' ଦୁଃଖ ପାଶୋରା। ନୟନ ତାରା। ସେଇ ତ ତା' ଜହ୍ନରାତିର ମିଠା ପସରା। ସଜ ସକାଳର ସୁନେଲି ଖରା।

ମା' ଚଢ଼େଇ ଛୁଆ ଚଢ଼େଇର କଣ୍ଠରେ ଆହାର ଦେଲାବେଳେ ସେ ଆତ୍ମହରା ହୋଇ ଚାହିଁରହିଲା। କଅଁଳା ପିଲା କୁଆଁ କୁଆଁ ରାବ ଦେଲାବେଳେ ସେ କାନ ଡ଼େରିଲା।

Source: Author, Digitized by PPRACHIN, SOA

ଏଇମିତି ବିତିଯାଉଥିଲା ଦିନପରେ ଦିନ। ମାସ ପରେ ମାସ।

ଛ’ ଗଡ଼ି ସାତ ଚାଲିଛି।

ଭରା ଉଦର ଭାରି ହେଉଛି।

ଦେହମୁଣ୍ଡ ଗୋଲ୍ ଗାଲ୍।

ଓଠ ଅମୃତ ଫଳ।

ଭୂଇଁତଳ ଚଟାଣରେ ଶୋଇବାକୁ ମନ।

ସ୍ୱାଦୁ ଆସିବ। ବାପଘରୁ। ମାଇଁ, ମାଉସୀ ଖୁଡ଼ି, ପିଉସୀ ହୋଇ ସାତ ମାଇପେ ଆସିବେ। ସାତଖଣ୍ଡି ପାଟ ପିନ୍ଧି, ସାତ ତୁଣ୍ଡରେ କଲ୍ୟାଣ କରି ଫେରିଯିବେ। ସମ୍ବାଦଟା ଶୁଣିଲା କ୍ଷଣି ଶାଶୁ ମୁହଁ ମୋଡ଼ି ଦେଲେ, ଯା’ମାନେ ଫୁସ୍ ଫାସ୍ ଟୁପ୍ ଟାପ୍ ହେଲେ। ଦେଢ଼ଶୁର କହିଲେ, ତାଙ୍କର ଆମର କି ସମ୍ବନ୍ଧ! ଦିଅର କହିଲେ, ଦେଇ ବନ୍ଧୁ ନା ନଦେଇ ବନ୍ଧୁ! ସ୍ୱାମୀଙ୍କ ମୁହଁ ଧାନ ଉଷୁଆଁ ହାଣ୍ଡି:ପରି ଭାରି ଦିଶିଲା। ଜାନକୀର ପ୍ରଜାପତିଆ ମନଟା ପବନରେ ଉଡୁ ଉଡୁ ପାହାଡ଼ରେ ଧକ୍କା ଖାଇଲା। ଜୀବନଟା ଖରାଦିନିଆ ଦ୍ୱିପହର ପରି ବଡ଼ ନିଛାଟିଆ ଲାଗିଲା।

ଏଥର ତା’ ନରମକଣ୍ଠ କଠୋର ଶୁଭିଲା। ଶାଶୁଘର ଲୋକଙ୍କୁ ସେ ବୁଝେଇ କହିଲା - ମନକୁ ଧନରେ ମାପନି। ସାତ ପୁରୁଷକୁ ବନ୍ଧୁ ବାନ୍ଧିଛ।

ତଥାପି ସେମାନଙ୍କ ହୃଦ ତଟିଲାନି। ସବୁରି କଣ୍ଠରେ ସେଇ ଗୋଟିଏ କଥା, ଯୌତୁକ ଜିନିଷ ପୂରାହୋଇନି। ସେମାନେ ଏଠିକି ଆସି ପାରିବେନି। ପାରୁଛୁ ଯଦି ତୁ ବାପ ଘର ଚାଲିଯା। ଏ କୂଳ ନହେଲେ ସେ କୂଳ।

ଶେଷକୁ ସେଇଆ ହେଲା।

ଜାନକୀ ଏକା ଏକା ବାପ ଘରକୁ ଚାଲି ଆସିଲା...।

ପ୍ରଥମ ପିଲା ବାପଘରେ ଜନ୍ମ ହେଲେ ଶୁଭ। ଏକଥା ସେ କାହାଠୁଁ ଶୁଣିଥିଲା କେଜାଣି। ହେଲେ ଏବେ ମନ ମାନୁନି। କେମିତି ଗୋଟେ ଶୂନ୍ୟତା ତାକୁ ଆବୋରି ବସୁଛି।

ମାଉସୀଙ୍କ ପୋଡ଼ପିଠା, ପିଉସୀଙ୍କ ମଣ୍ଡା ଆରିସା ତାକୁ ପିତା ଲାଗୁଛି। ବସନ୍ତର ବାସନ୍ତୀ ସନ୍ଧ୍ୟା ବର୍ଷା ବତୁରା ରାତିଟେ ଭଳି ଏବେ ଅସାଡ଼, ଅସାର...।

ସାତ ସଞ୍ଜ, ସତର ସକାଳ, ସାତ ରାତି, ସତେଇଶ ବେଳା ମନର ଦ୍ୱାର ମୁକୁଳା ରଖିଛି, ତା’ ମନର ମଣିଷ ପାଇଁ...; ହେଲେ କାହାଁନ୍ତି ସେ।

Source: Author, Digitized by PPRACHIN, SOA

ଚିଠିର ଉତ୍ତର ନାହିଁ। ଫୋନ୍‌ର ଜବାବ୍ ନାହିଁ।

ନ' ଯାଇଁ ଦଶ ପୂରିଲା। ଜାନକୀର ମନ ଛଟପଟ ହେଲା।

"ମଣିଷ ଧର୍ମ ସଂକଟରେ ପଡ଼ିଗଲା। ପର ବୋଝକୁ ବୁଜୁଳା କରି ଧରି ରଖି ହେଉଛି ନା ଉତାରୀ ହେଉଛି।" ବାପା ବିରକ୍ତ ହେଉଥିଲେ।

ବୋଉ ଗୁଣୁ ଗୁଣୁ ହୋଇ କହୁଥିଲା - "ନାରୀକୁ ଗର୍ଭବତୀ କରିଦେଲେ କେହି ବାପା ହୋଇ ଯାଆନ୍ତିନି। ଜାନକୀ ଆମ ଝିଅ, ଗଲେ ଆମରି ଯିବ। ସେମାନଙ୍କୁ କ'ଣ ବୋହୁ ବଦଳି ବୋହୁଟେ ମିଳିବନି ?"

ଜାନକୀ ଦୀର୍ଘଶ୍ୱାସ ଛାଡ଼ିଲା...।

ସତେଇଶ, ଅଠେଇଶ, ଅଣତିରିଶ୍...... କିନ୍ତୁ ନା। ତିରିଶ ଯାଇ ଏକତିରିଶ ତାରିଖ ବି ଟପିଗଲା। ଡ଼ାକ୍ତର ବାବୁ ଦେଇଥିବା ତାରିଖ ଟପିଯାଇ ଆଗକୁ ଆଠଦିନ ଗଡ଼ିଗଲା, ହେଲେ ପ୍ରସବ ବେଦନା ଆସିଲାନି।

ଜାନକୀ ଆକୁଳରେ ଅଧିରା ହେଲା। ସ୍ୱାମୀ ରାଜେନ୍ଦ୍ରର ଉପସ୍ଥିତି ସେ ଏକାନ୍ତ ଭାବେ କାମନା କଲା। ପେଟର ପିଲାକୁ ବ୍ୟାକୁଳ ଚିତ୍ତରେ ଡ଼ାକ ଦେଲା "ଆ ! ଚାଲିଆ ଧନ। ନୀଳ ନୀଳ ଅନ୍ଧାର କାଟି ଆଲୁଅକୁ ତୁ ଚାଲିଆ !" ହେଲେ କେହି ତା' ଡ଼ାକ ଶୁଣିଲେନି। ନା ସ୍ୱାମୀ, ନା ସନ୍ତାନ।

ଅକସ୍ମାତ ଦିନେ ରାଜେନ୍ଦ୍ର ଆସି ପହଞ୍ଚିଗଲେ। ଦାଣ୍ଡ ଅଗଣାରେ...। ଜାନକୀର ଦେହ ମୁହଁରେ ଅବିର ମେଞ୍ଚେ ବୋଳି ଦେଲା କିଏ ଯେମିତି ଅଦିନିଆ ଫଗୁଣରେ...। ଏବେ ତା' ହୃଦୟରେ ମହା ପାର୍ବଣର ମହୋତ୍ସବ। ଜ୍ୱାଇଁପୁଅକୁ ପାଛୋଟି ନେବା ପାଇଁ ଶାଶୁ ଶ୍ୱଶୁର ଧାଇଁ ଆସିଲେ।

କିନ୍ତୁ ନା ! ରାଜେନ୍ଦ୍ରଙ୍କୁ ଶ୍ୱଶୁର ଘର ମନା। ସେମାନଙ୍କ ମୁହଁ ଚାହିଁବା ମନା। ଦାଣ୍ଡରେ ଥାଇଁ ସେ ଜାନକୀଙ୍କୁ ଡ଼ାକଦେଲେ - ଆସ, ଚାଲି ଆସ।

ଜାନକୀ ଚାଲି ଆସିଲା ପଦାକୁ।

ଜ୍ୱାଇଁ ସାଥୀରେ ଝିଅ ଯିବ, ଯାଉ ! ତାକୁ ସେମାନେ ମନା କରିବାକୁ କିଏ ? କିନ୍ତୁ ମନ ମାନିଲାନି, ବେଳ କାଳ ଠିକ୍ ନାହିଁ। କିଏ ଜାଣେ ରାଜେନ୍ଦ୍ର ମନରେ କ'ଣ ଅଛି ?

ଜାନକୀର ବାପା, ବୋଉ ସେମାନଙ୍କୁ ଅନୁସରଣ କଲେ।

ମିଶ୍ର ନର୍ସିଂ ହୋମ୍। ସହରର ନାଁ କରା ନର୍ସିଂ ହୋମ୍। ଯାହା ହେଉ ଠିକଣା ସ୍ଥାନରେ ପହଞ୍ଚି ଯାଇଛନ୍ତି ସେମାନେ।

Source: Author, Digitized by PPRACHIN, SOA

ଝିଅର ଶାଶୁ ସେଠି ଅପେକ୍ଷା କରିଥିଲେ। ଦେହରେ ତାଙ୍କର ସମ୍ବଲପୁରୀ ଶାଢ଼ୀ। ମାଙ୍ଗ ଭଙ୍ଗା ମୁଣ୍ଡ କୁଣ୍ଡା। ଗମ୍ଭୀର ଏବଂ ଦାୟିତ୍ୱ ସଂପନ୍ନା ମହିଳାଟି ପରି ସେ ଦିଶୁଥିଲେ। ବେଳେ ବେଳେ ଖଳନାୟିକାଟେ ପରି।

ଦୁଇ ପଟେ ଦୁଇଟି ସମାନ୍ତରାଳ ସରଳରେଖା। ମଝିରେ ଜାନକୀ। କେତେବେଳେ କ୍ରିକେଟ୍ ଖେଳର ପେଣ୍ଡୁ ଭଳି ସେ ଏ ପାଖ ତ ପୁଣି ସେ ପାଖ।

ତିନି ଦିନ, ତିନି ରାତି, ରାତିଦିନ ସବୁ ସମାନ। ଆଖିରେ ନିଦ ନାହିଁ, ପାଟିରେ ଭାଷା ନାହିଁ। ପ୍ରସବ ବେଦନା ଛାଇ ଆଲୁଅର ଖେଳ ଖେଳୁଛି। ଡ଼ାକ୍ତର କୁହନ୍ତି ଫଲସ୍ ପେନ୍। ଅପରେସନ୍‌ର ଆବଶ୍ୟକତା ପଡ଼ିପାରେ।

ରିପୋର୍ଟରୁ ଜଣା ପଡ଼ିଛି ଗର୍ଭସ୍ଥ ସନ୍ତାନ ଝିଅ।

ରାଜେନ୍ଦ୍ର ମନରେ ସରାଗ ନାହିଁ।

ବାପା, ବୋଉ ନୀରବ।

ଶାଶୁ ଉଲୁଗୁଣା ଦେବା ଆରମ୍ଭ କରି ଦେଲେଣି – "ସାତ ପଛରେ ପୋଖତିଏ ଆସିଲେ; କୋଳରେ ପିଲା ଧରି ଘରକୁ ଫେରିଲେ। ଝିନ୍ ଝିଟିକା ନାହିଁ। ଆମରି କପାଳକୁ କବାଟ ପଡ଼ିଛି। ଦଶଦ୍ୱାର ବନ୍ଦ। ଦି' ଦି'ଟା ବୋହୂ ମୋର। ପାଞ୍ଚ ପାଞ୍ଚଟା ଜନ୍ମ କରି ପକେଇଲେ। ଏ କାନରୁ ସେ କାନ ଜାଣିଲାନି। ସେମାନେ କୋଉ ଡ଼ାକ୍ତର ଦୁଆର ମାଡ଼ିଥିଲେ? ନଅଁନ୍ତି ନାଇଁ କି ସଅଁନ୍ତି ନାଇଁ। ଶାଶୁ ସେବା ତ କଲନି। ଗେରସ୍ତ ବୋଲ ମାନିଲନି। କାହୁଁ ପାଇବ। ସବୁ କର୍ମଫଳ।"

ପାଞ୍ଚବର୍ଷର ପରିଚିତ ଗଞ୍ଜଣା ଜାନକୀର ଦେହସୁହା ହୋଇଯାଇଥିଲା। ଶାଶୁଙ୍କ କଥା ସେ ଶୁଣି ନ ଶୁଣିଲା ପରି ଚୁପ୍ ହୋଇ ଯାଉଥିଲା। ତଥାପି ଜୀବନଟା ବଡ଼ ବେସୁରା ଲାଗୁଥିଲା। ତା'ର ଅପହଞ୍ଚ ଇଚ୍ଛାସବୁ ଏବେ ପଦ୍ମପତ୍ରର ପାଣି ପରି ଢ଼ଳଢ଼ଳ। ସେ କ'ଣ ଆଉ ତା' ପିଲାର କୁଆଁ ସ୍ୱର ଶୁଣି ପାରିବନି?

ଅପେକ୍ଷାର ଶେଷ ଦିବସଟି ମଧ୍ୟ ବିତିଗଲା।

ଅଗତ୍ୟା ବାଧ୍ୟ ହୋଇ ଜାନକୀକୁ ପ୍ରସୂତି ଗୃହକୁ ନିଆଗଲା। ଶାଶୁଙ୍କର ଏକା ଜିଦ୍ ବୋହୂ ଦେହରେ ଛୁରୀ ବାଜିବନି। ଦେଇଛି ଯିଏ, ଉଦ୍ଧାର କରିବ ସିଏ। ତା' ବେଳ ହେଲେ ସେ ଆପଣା ଛାଏଁ ଜନ୍ମ ନେବ।

ମା' କଥାରେ ପୁଅ ରାଜେନ୍ଦ୍ର ଏକମତ।

ଡ଼ାକ୍ତର ତାଙ୍କର ଶେଷ କଥା ଶୁଣେଇ ଦେଲେ। ଅପରେସନ୍ ବିନା ଅନ୍ୟ ପନ୍ଥା

Source: Author, Digitized by PPRACHIN, SOA

ନାହିଁ। ମା' ଛୁଆ ଉଭୟଙ୍କ ପ୍ରତି ବିପଦ ଘନେଇ ଆସୁଛି। ସାଲାଇନ୍ ପରେ ସାଲାଇନ୍ ଚାଲିଛି।

ସବୁ ହଁ ଭିତରେ ନା। ସବୁ ନା ଭିତରେ ହଁ। ଜାନକୀ ମଝି ଦରିଆରେ ଭାସୁଛି। କାଳର କରାଳ ଢେଉକୁ ସେ ଠେଲି ହୋଇ ଯାଉଛି ଦ୍ରୁତରୁ ଦ୍ରୁତତର ହୋଇ।

ପାଖରେ ନର୍ସ। ଆଉ କେହି ନାହାଁନ୍ତି। ଏହି ସୁଯୋଗରେ ସେ ଆକୁଳ ହୋଇ କହିଲା - "ମୁଁ ବଞ୍ଚିବାକୁ ଚାହେଁ ସିଷ୍ଟର। ମୋ ପିଲାକୁ ବଞ୍ଚେଇବାକୁ ମଧ୍ୟ ଚାହେଁ। ଡ଼କ୍ଟରଙ୍କୁ କହି ମୋ ଅପରେସନ୍‌ଟା କରେଇ ଦିଅନ୍ତୁ ନାଁ। ଯେତେ ପଇସା ଲାଗିବ ମୁଁ ଦେବି।"

"ପଇସା କଥା ପଡ଼ିନି। ଅସଲରେ ତୁମ ଶାଶୁ କି ସ୍ୱାମୀ ରାଜି ନୁହଁନ୍ତି। ତୁମ ଲୋକଙ୍କ ଦସ୍ତଖତ ଦରକାର କି ନା? ସାର୍ ଏଥିରେ କ'ଣ କରିବେ?" ଏତକ କହି ଦେଇ ନର୍ସଟି ଚାଲିଯାଇଥିଲା।

ସ୍ୱାମୀ ସାଥିରେ ମାତ୍ର ପାଞ୍ଚୋଟି ବର୍ଷର ସଂପର୍କ। ଏଇ ସୀମିତି ସମୟ ମଧ୍ୟରେ ତା' ଜନ୍ମଦାତା, ଜନ୍ମଦାତ୍ରୀଙ୍କର ତା' ସହିତ ସଂପର୍କ କେଡ଼େ ନିଉନ ସତେ! କେଡ଼େ ବିଚିତ୍ର ଏଇ ସମାଜର ନୀତି ନିୟମ?

ଗୋଟେ ପଟେ ନିରୁତା ଶ୍ରଦ୍ଧାନ୍ୱିତ ଆତ୍ମୀୟତା! ଅନ୍ୟପଟେ ପ୍ରବଞ୍ଚନା ପୂର୍ଣ୍ଣ ପାର୍ଥିବ ପୃଥ୍ୱୀ। ଆତ୍ମାରୁ ଜାତ ବୋଲି ତ ଝିଅର ଅନ୍ୟ ନାମ ଆତ୍ମଜା! ଛାଡ! ଏବେଳେ ଯେତେସବୁ ବାଜେ ଚିନ୍ତା। ତା'ଉପରେ କାହାର ଅଧିକାର ଅଛି ନ ଅଛି ଏ ସବୁ ଉଠେଇବା କ'ଣ ଦରକାର? ସେ କୋଉ ନାବାଳିକା ଝିଅଟିଏ ହୋଇଅଛି! ନା ସ୍ତ୍ରୀ ବୋଲି କାହାକୁ ଜୀବନ ବିକିଛି। ତା'ପାଇଁ ସେ। ତା'ର ଅନାଗତ ଶିଶୁଟି ପାଇଁ ସେ। ନାରୀ ହେଲେ ବି ତ' ସେ ଗୋଟେ ମଣିଷ। ଜଣେ ମଣିଷର ମରିବା ବଞ୍ଚିବା ଯଦି ଅନ୍ୟର ଦସ୍ତଖତ ଉପରେ ନିର୍ଭର କରେ, ସେଇଟା ଗୋଟେ କି ମଣିଷ! ତା'ର ବଞ୍ଚିବା ପାଇଁ ଯାହା ଉଚିତ୍ ତାହାହିଁ ହେବା ଦରକାର। ସେ ତା' ଆପଣା ଇଚ୍ଛାର ଈଶ୍ୱରୀ। କାହାର ଝିଅ ନୁହେଁ କି କାହାର ସ୍ତ୍ରୀ ନୁହେଁ...।

ଡ଼କ୍ଟର ମିଶ୍ର ଆସିଯାଇଥିଲେ।

ଜାନକୀ ଏକ ପ୍ରକାର ଉଠି ପଡ଼ି ତାଙ୍କର ହାତ ଧରିନେଇ କହିଲା - "ଆପଣ ମୋର ବାପା ପରି। ଆପଣଙ୍କର ଏ ଦୁଃଖିନୀ ଝିଅଟା ବଞ୍ଚିବାକୁ ଚାହେଁ। ତା' ପାଇଁ, ତା' ପିଲା ପାଇଁ। ଆପଣ ଆଉ କାହାକୁ ଅପେକ୍ଷା କରନ୍ତୁନି। ମୋ ପାଇଁ ମୁଁ ଦସ୍ତଖତ ଦେବି,

Source: Author, Digitized by PPRACHIN, SOA

ସମସ୍ତ ଖର୍ଚ୍ଚ ମୁଁ ବହନ କରିବି - ମୋର ସମସ୍ତ ଅଳଙ୍କାର ବିନିମୟରେ। କ'ଣ ହେବ ସେ ଗୁଡ଼ା ? ମୁଁ ମରିଗଲେ ତ ସେ ଗୁଡ଼ା ଆଉ ମୋ କାମରେ ଆସିବନି।"

ଡ଼କ୍ଟର ମିଶ୍ର ଗମ୍ଭୀର ଦିଶିଲେ। କିଛି ସମୟ ଚୁପ୍ ରହି ସେ କହିଲେ - "ଠିକ୍ ଅଛି ! ବ୍ୟସ୍ତ ହୁଅନି ! ଜଣେ ଡ଼କ୍ଟର ତା' ରୋଗୀ ପାଇଁ ଯାହା କରିବା କଥା କରିବ। ପଇସା ପାଇଁ ଚିନ୍ତା କରନି। ମୋ ଉପରେ ଭରସା ରଖ !"

ଅପରେସନ ଚାଲିଛି। ଓ.ଟି ବାହାରେ ଅନ୍ୟମାନେ।

ଗୋଟେ ଅବରୁଦ୍ଧ ଉତ୍କଣ୍ଠା ସାରା ପରିବେଶକୁ କାବୁ କରିଛି। ଆଉ କେତେ ସମୟ ଲାଗିବ ? ? କେତେ ସମୟ ? ? ?

ଜାନକୀର ବୋଉ ବଡ଼ ବିବ୍ରତ ଦିଶୁଥିଲେ। ତାଙ୍କୁ ଯେମିତି ଲାଗୁଥିଲା ଓ.ଟି.ର ଦରଜା ହଠାତ୍ ଖୋଲିଯିବ। କେହି ଜଣେ ବାହାରିଆସି ଚିରାଚରିତ ଢ଼ଙ୍ଗରେ ଅଶୁଭ ଖବରଟା ଶୁଣେଇ ଦେଇଯିବ। ତା'ପରେ   ତା'ପରେ...! ହେ ଭଗବାନ ! ସେମିତି କିଛି ନ ଘଟୁ। ମୋ ପିଲା ଭଲରେ ଭଲରେ ଉଦ୍ଧାର ହେଉ।" ଆପଣା ଛାଏଁ ହାତର ପାପୁଲି ଦ୍ୱୟ ଯୋଡ଼ି ହୋଇ ଯାଉଥିଲା କେଉଁ ଏକ ଅଦୃଶ୍ୟ ଶକ୍ତି ଉଦ୍ଦେଶ୍ୟରେ...।

ଆଖି ଖୋଲିଲା ମାତ୍ରେ ଅନ୍ଧାର।

ସେ ଅନୁଭବ କଲେ ପାଖରେ କେହି ନାହାଁନ୍ତି। ଏକାକୀ ଠିଆ ହୋଇଛନ୍ତି ସେ। ଜାନକୀର ବାପା କୁଆଡ଼େ ଗଲେ ? କେମିତିକା ଲୋକ ଯେ ! ତାଲୁ ଝାଳ ତଳିପା ଛୁଉଁଥିଲା। ପାଦ ତଳର ଚଟାଣ ଓଦା ଓଦା। ତଣ୍ଟି ଓଠ ଶୁଖିଲା ଶୁଖିଲା। ଠିକ୍ ଏତିକି ବେଳେ ନିଦାଘର ତପ୍ତ ମରୁରେ ଅସରାଏ ମଧୁବର୍ଷା ବର୍ଷିଗଲା ଭଳି, ଓ.ଟି ମଧ୍ୟରୁ ଭାସି ଆସିଲା କୁନି କଣ୍ଠର କଅଁଳିଆ କଣ୍ଠସ୍ୱର, ପାଖ ମନ୍ଦିର ବେଢ଼ାରୁ ଛୁଟି ଆସୁଥିବା ସନ୍ଧ୍ୟା ଆରତୀର ଘଣ୍ଟି ସ୍ୱର ସହିତ ତାଳ ଦେଇ। ଏହି ବିରଳ ଲଗ୍ନରେ ଏକ ଅନିର୍ବଚନୀୟ ଅନୁଭବ ତାଙ୍କୁ ବିମୋହିତ କରିଦେଲା। ସେଇ ଅନୁଭବରେ ଏତେ ଚମକ ଏତେ ପୁଲକ ଭରି ରହିଥିଲା ଯେ, ତାହା ଏକ ସଙ୍ଗେ ଆଖିରୁ ଲୁହ ଝରେଇ ଦେଲା ଓ ଓଠରେ ହସ ଫୁଟେଇ ଦେଲା। କିଛି କ୍ଷଣ କେମିତି ଏକ ମଧୁର ଆବେଶରେ ମଜ୍ଜିଗଲେ ସେ।

ଜାନକୀର ଚେତା ଫେରିଛି।

କାହାକୁ ଖୋଜିଲା ଖୋଜିଲା ଆଖିରେ ଚାହୁଁଛି ସେ। ପାଖରେ ବୋଉ, ପାଦତଳେ ବାପା। ସ୍ୱାମୀ ନାହାଁନ୍ତି। ଶାଶୁ ମଧ ଦିଶୁ ନାହାଁନ୍ତି କେଉଁଠି। ବୋଉ ହସି ହସିକା କହିଲା - "ଝିଅ ହୋଇଛି। ସୁନ୍ଦରୀ ଟା। ମୁଣ୍ଡରେ ଗୋଛେ ଚୁଟି। ତା'କଣ୍ଠର କୁଆଁ ରାବ ପ୍ରଥମେ

Source: Author, Digitized by PPRACHIN, SOA

ମୁଁ ଶୁଣିଲି। ସତେକି କୋଇଲି ରାବୁଛି।"

ବାପା କହିଲେ - "ଏଠି ତ ଆମ୍ବ ଗଛର ଅସ୍ତିତ୍ୱ ନାହିଁ। ସବୁଠି କନ୍‌କ୍ରିଟ ଜଙ୍ଗଲ। ପଥର ପାଚେରୀ।"

ଜାନକୀ ବୋଉ, ବାପା କଥାରେ ମୁରୁକି ହସିଲେ।

ଜାନକୀ, ବୋଉ ହସରେ ହସିଦେଇ କହିଲା "ଫଗୁଣ ଆସିନି, ଶ୍ରାବଣ ଆସିଛି... ବାହାରେ ବର୍ଷା।"

ଏତିକିବେଳେ କୁନି ଝିଅକୁ କୋଳରେ ଧରି ନର୍ସ ରୁମ୍ ଭିତରକୁ ପଶି ଆସିଲା ଏବଂ ଦୋଳିରେ ଶୁଆଇଦେଇ ଚାଲିଗଲା। ବୋଉ ଖୁସିଟାଏ ହୋଇ କହିଲା - "ଏଣିକି ତା' ସେବା ମୁଁ କରିବି। ତୋ'ଶାଶୂର ତ' ପଲେ ନାତୁଣୀ। ସେ ଏଥିରେ ପଶିବେ କାହିଁକି ?"

ବାପା କହିଲେ - "ମାୟା ! ସବୁ ମାୟା ! ଏମିତି ମାୟା ଲାଗିଯିବ ଯେ, ଶେଷକୁ ବସି କାନ୍ଦୁଥିବ।"

"କାନ୍ଦିବି କାହିଁକି ?" ବୋଉ ଆଖି ନୁଆଁଇ ପଚାରିଲା।

"ନାଇଁ ମୁଁ କ'ଣ କହୁଥିଲି କି, ଏଇ ତୁମର ନାତୁଣୀ ରାଣୀ ତମ ସାଥୀରେ ଯଦି ସଉତୁଣୀର ବାଦ ଲଗେଇଲା ନା, ତେବେ କଥା ସଇଲା।"

ବାପାଙ୍କ କଥାରେ ମା' ଝିଅ ଦିହେଁ ଫେଁ କିନା ହସି ଦେଲେ।

"ସେଇ ତ ମୋ ପବିତ୍ର ଈର୍ଷା। ସେଥିରେ ପୂର୍ଣ୍ଣତା ଅଛି।"

ବୋଉ ପାଟିରୁ କଥା ସରିଛି କି ନାହିଁ, ପଶି ଆସିଲେ ରାଜେନ୍ଦ୍ର। ପଛେ ପଛେ ତାଙ୍କ ମା' !

"ଯାଅ ! ବାହାରକୁ ବାହାରିଯାଅ ସମସ୍ତେ। ସେଇଠି ହସା ହସି ହେବ, ଗପ ମେଲିବ ସେଠି। ଗୋଟେ ନାଟକ ଚାଲିଛି।" ଉଚ୍ଚା କଣ୍ଠରେ ଚିତ୍କାର କରି କହୁଥିଲେ ରାଜେନ୍ଦ୍ର। ତୁନି ପଡ଼ିଗଲା ହସ ଖୁସିଆ ପରିବେଶଟା କିଛି ସମୟ ପାଇଁ।

ଏଥର ପୁଣି ରାଜେନ୍ଦ୍ର ପାଟି କଲେ - "ଯାହାହେବ ଗୋଟାଏ। କଥା ଗୋଟାଏ, କାମ ଗୋଟାଏ। ବାପା, ମା'ଙ୍କୁ ଛାଡ଼; ନଚେତ୍ ଆମକୁ। ଶେଷଥର ପାଇଁ, ସାରା ଜୀବନ। ଏଠି ସେମାନେ ରହିଲେ, ଆମେ ଚାଲିଯିବୁ।"

ଜାନକୀ କିଛି କହିବାକୁ ଓଠ ମେଲିଲା ବେଳେ, ବୋଉ ମନା କଲେ - "ନା'ରେ ମା' ! ଥାଉ ! ଅପରେସନ ଦେହ। ଅଯଥା ଟେନ୍‌ସନ୍ ନେବା ଠିକ୍ ନୁହେଁ। କଥା ହେବାକୁ

Source: Author, Digitized by PPRACHIN, SOA

ଡ଼ାକ୍ତର ମନା କରିଛନ୍ତି।" ସେ ଏଥର ବଡ଼ ଅସହାୟ ଦିଶୁଥିଲା।

"ଯାହା କରୁଛ ଜଲ୍‌ଦି କର। ପାଞ୍ଚ ମିନିଟ୍ ସମୟ ଦେଲି, ଭାବି ଦେଖ।" ଜାନକୀକୁ ଚାହିଁ ସଜାଗ କରିଦେଲେ ରାଜେନ୍ଦ୍ର। ପରେ ପରେ ମା' ପୁଅ ଦୁହେଁ ବାହାରିଗଲେ ବାହାରକୁ।

"ମା' ରେ! ଶାଶୁଘର ତୋ ପାଇଁ ସ୍ୱର୍ଗ! ସେଠି ତୁ ସେମାନଙ୍କୁ ନେଇ ସଂସାର କରିବୁ। ତାଙ୍କ କଥାରେ ଚଳିବା ତୋ ପାଇଁ ମଙ୍ଗଳ। ଆଗକୁ ସାରା ଜୀବନ ପଡ଼ିଛି। ବ୍ୟସ୍ତ ହେବାର କିଛି ନାହିଁ। ସମୟ ଆସିଲେ ସବୁ ବଦଳିଯିବ। ଅନ୍ଧାର କଟି ଗଲାଣି, ଆକାଶ ଫର୍ଚ୍ଚା ଦିଶୁଛି। ତୁ' ତୋ ଝିଅକୁ ନେଇ ସୁଖରେ ଥା'! ଆମେ ଆସୁଛୁ।" ବୁଝାଇଥିଲା ବୋଉ।

ବାପାଙ୍କ ପାଟିରେ ଭାଷା ନାହିଁ।

ସେମାନେ ଫେରି ଯାଉଥିଲେ। କୁନି ଝିଅ ତୁହାକୁ ତୁହା କୁଆଁ କୁଆଁ ହୋଇ କାନ୍ଦୁଥିଲା। ତା' କଣ୍ଠର କୁଆଁ ସ୍ୱରଟା ଏତେ ତୀବ୍ର ଥିଲା ଯେ, ଡ଼ାକ୍ତରଖାନାର ସମଗ୍ର ପରିବେଶଟା ଏକ ଅଦ୍ଭୁତ କମ୍ପନରେ କମ୍ପି ଉଠୁଥିଲା।

ବୋଉର ମନ ଚହଲି ଉଠୁଥିଲା। ଛାତି ଫାଟି ପଡୁଥିଲା। ଗେଟ୍ ଆଡ଼କୁ ଯାଉ ଯାଉ, ସେ ବାପାଙ୍କୁ ଚାହିଁ କହିଲା - "ହେୟେଃ! ଶୁଣୁଛ! କୋଇଲି କାନ୍ଦୁଛି।"

ବାପା କିନ୍ତୁ ନିରୁଦ୍‌ବିଗ୍ନ। ନିରୁତ୍ତର...।

ଅଟୋରିକ୍ସାଟାଏ ସେମାନଙ୍କୁ ଉଠେଇ ନେବାକୁ ପାଖରେ ଆସି ଅଟକି ଯାଇଥିଲା।

■■

Source: Author, Digitized by PPRACHIN, SOA

ଆହତ ବୀଣାର ସ୍ୱର

ପୌଷର ଏକ ଶୀତଳ ଅପରାହ୍ନରେ ଉଡନ୍ତା ଝଡର ବେଗଭଳି ଅଗଣା ମଧ୍ୟକୁ ପଶି ଆସୁ ଆସୁ ସେ ପଚାରିଲା - "କାମବାଲୀ ରଖିବେ କି ମା ?"

ବୟସ ବେଶୀ ନୁହେଁ। କଳା ମଚ୍ ମଚ୍ ଚିକ୍କଣ ଚେହେରା। ଦେହର ଗଢ଼ଣ ମେଘମୟ ଆକାଶର ନକ୍ସା ପରି ଉଚ୍ଚା, ନିଚା।

"ମୋ ନାଁ ମେଙ୍କି। ଗୁଡ଼ିଆ ଘରର ଝିଅ ହୋଇ ଗଉଡ଼ ଟୋକା ସାଙ୍ଗରେ ପଳେଇ ଆସିଲି। ଗେରସ୍ତ ଥାଇ ନ ଥେଲା ପରି, ଖଟିଲେ ଖାଇବି, ନହେଲେ ନାଇଁ। ପାଟି ଫିଟେଇଲେ ମାଡ଼। ରାତି ନାହିଁ ଦିନ ନାହିଁ କଳି।

ପର୍ବତ ଶିଖରୁ ଗଡ଼ିଲା ହାତୀ କିଆ କନ୍ଦା ଖାଇବାକୁ,
ଯୋଗନୀଖିଆର ହାତ ଧରିଥିଲି ବିଧାମାଡ଼ ଖାଇବାକୁ।
ମାଡ଼ ତ ମାଇଲୁ ବେଶ୍ କଲୁରେ ହାତେ ରାନ୍ଧିବାଡ଼ି ଖା,
ଚୁଲି ଫୁଙ୍କୁ ଫୁଙ୍କୁ ନିଶ ପୋଡିଗଲା ମାଡ଼ର ଅସୁଲ ପା'।

ଭାରି ଭୋକ ମା ! ଦି' ଦିନ ହେଲା ପେଟକୁ ଦାନା ଯାଇନି। କ'ଣ ଗଣ୍ଡେ ଅଛି ଦିଅନ୍ତନି ମା !"

ଚାରୁଲତା ଚାହିଁଥିଲେ। ମାଇକିନିଆଟା ଗୋଟେ କୂଳ ଉଚ୍ଛୁରା ନଈ। ପେଟରେ ଭୋକ। ଦେହରେ ଭୋକ। କେତେବେଳେ କୋଉ କୂଳ ଖାଇ କୋଉ କୂଳ ଉର୍ବରା କରିବ କିଏଁ ଜାଣେ ? ଆସୁ ଆସୁ ଢ଼ଗ ଢ଼ମାଳି ଯୋଡ଼ି ଦେଉଛି। କଥା ଚାନ୍ଦି, କଥାରେ କଥାରେ ଦେଉଛି ବାନ୍ଧି।

ମନ କଥା ମନରେ ରଖି ସେ ପଚାରିଲେ, "କି କି କାମ କରିପାରିବୁ ତୁ ?"

"ଜୋତା ସିଲେଇଠୁଁ ଚଣ୍ଡୀପାଠ ଯାଏ ସବୁ। ଘର ବାହାର, ଗାଈ ଗୁହାଳ, ରୋଷେଇ ଶାଳ ସବୁ... । ଦେଖିବନି କି ମା ! କାମ ଦେଖି ପଇସା ଦେବ। ମନକୁ ପାଇଲେ ରଖିବ, ନ ପାଇଲେ ତଡ଼ିଦେବ।"

"ବାପାରେ ଆଲୁଅ ! କଥାରେ ଏଇଟାକୁ ପାରି ହେବନି ! [illegible] ପଚାରିଲେ ଦଶପଦ ଗପୁଛି। ଦେଖାଯାଉ କ'ଣ କରୁଛି। ମାଗିଲାଣି ଯେତେବେଳେ ଖାଇଥାଉ। ପିଣ୍ଡାରେ ଥାଇ ସେ ଘର ଭିତରକୁ ଡାକରା ଦେଲେ, "ବେହେରା ଝିଅ ହାଣ୍ଡିରେ ପଖାଳ

Source: Author, Digitized by PPRACHIN, SOA

ଅଛି କି ? ମୁଠେ ଆଣି ଦିଅତ !" ସରୁ ଓଢ଼ଣା ଟାଣି କୁନି ବୋହୂଟେ ରସକଂସାରେ କଂସାଏ ପଖାଳ, ଲୁଣ ଲଙ୍କା ଟମାଟେଟିଏ କଦଳୀପତ୍ରରେ ଥୋଇ ଭିତରକୁ ଚାଲିଗଲା।

ଖାଇଲା ବାଲା। ଚାରି ଗେଫାରେ ଭାତତକ ଟେକି ଦେଇ ଅଧ କଂସାଏ ତୋରାଣି ଢ଼କଢ଼କ କରି ପିଇଦେଇ ସ୍ୱସ୍ତିରେ କହିଲା "ଆଃ। ଅମୃତ। ପିଣ୍ଡରେ ପ୍ରାଣ ପଶିଲା।"

ଯାହାର ଖାଇବା ଭଲ, ତା'ର କାମ ଭଲ।

ଚଗୁଲତା ଭାବୁଥିଲେ, ସହଜେ ତ ମାଇପି ଘର। ଝିଅମାନେ ଅଲିଅଳି ଜେମା। ବୋହୂଙ୍କ ଗୁଣ କହିଲେ ନସରେ। ପୁଅ ଗେରସ୍ତ ଦୂର ପ୍ରବାସୀ, ତଳ ଉପର ଦୁଇଟା ଖଞ୍ଜା। ମାଟି କାନ୍ଥ, ପକ୍‌କା ପିଣ୍ଡା। ଲିପାପୋଛା ଧୂଆ ମଜା କରିବାକୁ କେହି ନାହିଁ। ତା'ଛଡା ଗାଈଗୋଠ, ଗୁହାଳ, ଗୋବର ଅଛି। ବଳେ ବଳେ ଆସିଛି ଯେତେବେଳେ ରହିଯାଉ, ପେଟକୁ ଖାଇବ। ପିଠିରେ ପକେଇ ଉଠେଇ ନେବ।...

ଅଗଣାରେ ଫୁଲ ଫୁଟି ମହକୁଛି। ଶାଗ ପଟାଳି ନେଳିଆ ଦିଶୁଛି। ଗାଈ ବାଛୁରୀ ଦେହରୁ ତେଲ ଖସି ପଡୁଛି। ଏବେ ଏବେ ମେଙ୍କି ପାଇଁ ଚାରୁଲତାଙ୍କ ସଂସାରଟା ପୂରିଲା ପୂରିଲା ଲାଗୁଛି। ସତରେ କାମ କରିବାର କଳା ତା'କୁ ଜଣା। ପରିବାରର ପ୍ରତିଟି ସଦସ୍ୟର ଇଚ୍ଛାଅନିଚ୍ଛାର ଜଞ୍ଜାଳ ତା'ରି ଉପରେ। ସବୁରି ମୁହଁରେ ମେଙ୍କିର ନାଁ ଟା ଯେମିତି ଜପାମାଳି। ଖାଲି ଘର ଭିତରେ ନୁହେଁ। ଗାଁ ବାଲାଙ୍କର ତ ସେ ଅତି ଆପଣାର। ବୁଢାଠୁଁ ପିଲା ସବୁରି ପାଖରେ ସେ ଅଲିଅଳି। ହାଉଳି, ବାଉଳି। କଥାରେ ଯେମିତି କାମରେ ସେମିତି। ଧର କହିଲେ ବାନ୍ଧି ପକେଇବ। ସର୍ବୋପରି ଚାରୁଲତାଙ୍କର ସେ ଗେହ୍ଲାଝିଅ। ତାକୁ ଛାଡ଼ି ସେ ଦଣ୍ଡେ ଚଳିବା କାଠିକର ପାଠ। ମେଙ୍କି କ'ଣ ଖାଇଲା, କୋଉଠି ଶୋଇଲା, ହସିଲା, ବସିଲା, ସବୁରେ ତାଙ୍କର ନଜର....।

ବେଳେବେଳେ ଚାରୁଲତା ମେଙ୍କି ହାତକୁ କିଛି ଟଙ୍କା ପଇସା ବଢ଼େଇ ଦିଅନ୍ତି। କହନ୍ତି ରଖିଥା। ଦର୍କାର ବେଳେ କର୍ମରେ ଆସିବ। ମେଙ୍କି ଫେରେଇ ଦେଇ କହେ "ତମରି ପାଖରେ ଥାଉ ମା। ପରେ ମୁଁ ମାଗି ନେବି। ସକାଳୁ ସଞ୍ଜଯାଏ ସେ ଘୂରୁଥାଏ। ହାତଗୋଡ଼ ତା'ର କଥା କହେ। ଚାରୁଲତାଙ୍କ ଘର ପାଇଟି ସହଳ ସହଳ ସାରି ଦେଇ ସେ ପହଞ୍ଚିଯାଏ ପଡ଼ିଶା ଘରେ। କେହି କହୁ ନ କହୁ ପଇସା ଦେଉ ନଦେଉ ସେ ଉପରେ ପଡ଼ି କାମ ଉଠାଏ। ହାତ ପତେଇ କାମର ପାଉଣାତକ ମାଗିନେବା ଆଗରୁ ଆପେ ଆପେ ତା' ହାତପାଖରେ ଝାଳବୁହା ଧନ ଗଣ୍ଡାକ ପହଞ୍ଚିଯାଏ। ସେଇଥିରେ ତା'ର ଖୁସି, ସେଇଥିରେ ତା'ର ତୃପ୍ତି। ଆଜି ସିନା ବୟସ ଅଛି, ହାତ ଗୋଡ଼ ଚଳୁଛି। ହେଲେ ଆସନ୍ତା କାଲି ?

Source: Author, Digitized by PPRACHIN, SOA

ଛାତି ଥରାଇ ନିଃଶ୍ୱାସଟେ ବାହାରି ଆସେ। ନା...। କାହାପାଖରେ ହାତ ପାତିବାର ନାରୀଟେ ସେ ନୁହେଁ। ଆହୁରି ଖଟିବ। ଅଧିକରୁ ଅଧିକ ପରିଶ୍ରମ କରିବ। କିଛି ନହେଲେ ସ୍ୱାଧୀନତାର ଜୀବନଟେତ ସେ ବଞ୍ଚିବ। ଯାହା ଯାଇଛି, ଯାଇଛି, ଆଉ ହାରିବାର ନୁହେଁ କି ହରେଇବାର ନୁହେଁ।

ମେଙ୍କି ଗାଁ ବାଲାଙ୍କ ପାଇଗି କରୁ, ଚାରୁଲତା ଏହା ଚାହୁଁନଥିଲେ କି ମନା କରି ପାରୁ ନଥିଲେ। ତା'ଇଚ୍ଛାର ଈଶ୍ୱରୀ ସେ। କାମ ଭିତରେ ବୁଡ଼ି ରହୁଛି ତ ରହୁ। ନହେଲେ ଜୀବନ ଯନ୍ତ୍ରଣାର ଦୁଃଖକୁ ସେ ଭୁଲିବ କିପରି, କେତେବା ବୟସ ତା'ର?

ମେଙ୍କିଙ୍କୁ ନେଇ ନାନା କଥା ତାଙ୍କ କାନରେ ପଡ଼େ। ସାଇ ମାଇପେ କୁହାକୁହି ହୁଅନ୍ତି ମେଙ୍କି କାଳେ ତା'ର ମହେଶ୍ୱରକୁ ବେଳେବେଳେ ଝୁରେ। କହେ- ରାଜାପୁଅ ପରି ଚେହେରା। ଗୋରା ଗୋରା ଗାଲକୁ ପ୍ରଜାପତିଆ ନିଶ। ଡ୍ରେସ୍ ପଟା ପିନ୍ଧି ବାହାରି ପଡ଼ିଲେ ଶତ୍ରୁ ଶଙ୍କିଯିବେ। ନହୁଲୀ ବୟସୀର ଛାତି ଫାଟିଯିବ। ସେଥିପାଇଁ ସିନା ସେ ତା ପ୍ରେମରେ ପାଗଳୀ ହୋଇଗଲା। ସମସ୍ତଙ୍କୁ ପର କରି ଚାଲିଆସିଲା। ଆଉ ବେଳେ ସେ ତା କଲା କର୍ମକୁ ନିନ୍ଦା କରି କାନ୍ଦେ। କାନ୍ଦୁ କାନ୍ଦୁ ଢ଼ଗ ପକାଏ।

"ସୁନିସୁନିଆ ଶାଗ କେରାକ ମାରି ଦେଲି କାନ୍ଥକୁ
ବାପା ଭାଇ ବିଦା କଲେ କଦମ୍ବ ବନକୁ
କଦମ୍ବ ବନ ଢ଼ଳି କାହା ଘରକୁ ଯିବି,
ମୁଁ ଦଉଡ଼ି ଲଗେଇ ଦେବି।"

ମେଙ୍କିଟା ତାଙ୍କର ସେମିତି କିଛି କରିଦେବନିତ ଆଉ!

ସେଦିନ ସଞ୍ଜରେ ଚାରୁଲତାଙ୍କର ଗୋଡ ହାତ ଚିପି ଦେଉ ଦେଉ ମେଙ୍କି ହିସାବ କରୁଥିଲା "ଗଉଡ ଘର ଗୋବର ଖତରୁ କୋଡିଏ ଟଙ୍କା। ମାଟା ଘର କାନ୍ଥ ଲିପାରୁ ଦଶଟଙ୍କା, ଗୁରୁବାରୀ ବୁଢ଼ୀ ଚୁନା କୁଟାରୁ ପାଞ୍ଚଟଙ୍କା, ବାହାଘର ସାଇ ଚିତା ଲେଖାରୁ ପନ୍ଦର ଟଙ୍କା। ଗାଏ ମୋଟ କେତେ ହେଲା ମା?"

ଚାରୁଲତା ନିଦୁଆ ଆଖିରେ ଢୁଳେଇ ପଡୁପଡୁ କହିଲେ "କେତେ ଆଉ ହୋଇଥିବ! ହେଇ ହେଇ ପାଞ୍ଚ କୋଡ଼ି କି ଛଅ କୋଡ଼ି...। କାହିଁକି ପଚାରୁଛୁ? କୁଆଡେ ଯିବୁକି?"

ମେଙ୍କି ବହଲେଇ ଦେଇ କହିଲା "ନାଇଁମ ମା! ମୁଁ ଏଠି କୋଉ ଦୁଃଖରେ ଅଛିକି? ଏ ଘରର ସୁଖ, ଆଉ କୋଉଠି ପାଇବି। ମା' ବଦଳି ମା' ପାଇଛି। ଭାଉଜ ଭଉଣୀ ସବୁ। ବାପା, ଭାଇ ରଜକୁ ଆସିବେ। ମୋ ପାଇଁ କେତେ କ'ଣ ଆଣିଥିବେ।

Source: Author, Digitized by PPRACHIN, SOA

ବର ବୋଲି ଯା'ର ହାତ ଧରିଥିଲି ସେତ ମୋ କାନରୁ ନିମ୍ଭ କାଠିଟିଏ ବାହାର କଲାନି। ବଡ଼ଘରର ପୁଅ ବୋଲି ମିଛ କହିଲା। ଭଣ୍ଡେଇ ଦେଲା। କହୁଥିଲା କ'ଣ ନା ମୋତେ କାଳେ ସେ ରାଣୀ କରିବ ରାଣୀ... କଥାରେ କହନ୍ତିନି -

"ସେଇ ପରା ତା'ର ଡେଙ୍ଗା ଉଆସ ଚିଲ ପଶି ଚିଲ ଯାଉଛି,
ଏଇ ପରା ତା'ର ସୁଆଗୀ ମାଇପ ଲୁଣ ନାହିଁ ଭାତ ଖାଉଛି।"

କହୁ କହୁ କଣ୍ଠ ତା'ର କାନ୍ଦୁରା ଶୁଭିଲା। ଚାରୁଲତା ନରମ ସ୍ୱରରେ କହିଲେ ଆଉ ତୁ କ'ଣ ଏଠି ଏମିତି ଜୀବନ ସାରା ଖଟୁଥିବୁ। ମୁଁ ତ ଆସି ବୁଢ଼ୀ ହେଲିଣି। ପାଚିଲା ତାଳ। କେତେବେଳେ ଝଡ଼ିଯିବି। କିଏ କହିବ। ବେଳ ଥାଉଁ ଥାଉଁ ତୋତେ ହାତକୁ ଦି'ହାତ କରିଦେଲେ ମୋର ଧର୍ମ ହେବ।

"ଥୁଃ!ଥୁଃ! କେତେ କଥା କହୁଛ ମା! ଝିଅ ବାହାଘର କରିନା। ନାତି, ନାତୁଣୀଙ୍କ ମୁହଁ ଦେଖିନା। ଏତେ ଶିଘ୍ର ଆଉ ପାରିକୁ ବାଟ କାଟିବ। ଏ କେମିତିକା କଥା ଯେ, ଆଉ ମୋ ବାହାଘର କଥା କହୁଛ ଯେ, ଛିଃ! ଗୋଟିଏ କଂସାରେ ହାତ ପୂରେଇଲି, ପେଟ ପୂରିଲାନି, ଆଉ କାହିଁକି ଆଶା କରିବି। କେତେ କରିଥିଲି ତା'ର। ମୂଳ ଲାଗି ଫୁଲ ଗୁନ୍ଥୁଥିଲି। ଭାତ ତିଅଣ ରାନ୍ଧିଥିଲି। ହେଲେ କ'ଣ କଲା ସିଏ! ପର ପୀରତିରେ ପଡ଼ି ମୋ'ଭଳିଆ ଭାରିଯାକୁ ହତାଦର କଲା!"

ଚାରୁଲତା ଚମକି ପଡ଼ି କହିଲେ "କ'ଣ କହିଲୁ ତା'ର ପୁଣି ଏତେ ଗୁଣ?" "ହଁ ଲୋ ମା! ନହେଲେ ମୁଁ କାହିଁକି ଘରୁ ଗୋଡ଼ କାଢ଼ିଥାନ୍ତି। ତା' ଭାଉଜଟା ମୋ ସଂସାର ଭାଙ୍ଗିଦେଲା। ଟୋକା ବୟସରେ ତା'ର ଭାଉଜ ସାଙ୍ଗରେ ଭାବ ଥିଲା ବୋଲି ମୁଁ ଜାଣିଥିଲେ କ'ଣ ତା କଥାରେ ପଟିଥାନ୍ତି। ଯେତେବେଳେ ଜାଣିଲି, ସେତେବେଳେ ଆଉ ଚାରା ନଥିଲା। ତେବେ ଚଉଠି ରାତିରେ କୁଳଦୀପ ଛୁଇଁ ସତ୍ୟପାଠ କଲା ପରି ସେ କହିଥିଲା "ଯାହା କହୁଛି ସତ କହୁଛି। ସତ ଛଡା ମିଛ କହିବି ନାହିଁ। ଭୁଲଟାଏ କରି ପକେଇଥିଲି। ଏଣିକି ତ ତୁ ଆସିଲୁ। ଆଉ ତା'ଠିଁ ମୋର ମନ ନାଇଁ। ତୋ' ଗୋଡ଼ର ଘଷା ପଥରକୁ ସେ କ'ଣ ସରି!..."

"କିଛି ଦିନ ଭଲରେ କଟିଗଲା। ପୁଣି ଯୋଉ କଥାକୁ ସେଇ କଥା। ବାର ଆଡ଼େ ମୁହଁ ବୁଡାଇ ଖାଇଲାଣି ଯେ, ସେ କ'ଣ ଗୋଟିଏ ଠା'ରେ ସମଳା ପଡ଼ିବ। ତମକୁ ସେ ଅଜରା କଥା ଗୁଡ଼ା କ'ଣ କହିବି ମା! ଆରେ ମର୍ଦ୍ଦଟା ତୁ ମୂଳମଜୁରୀ ଖଟିବୁନି। କୋଢ଼ିଆଙ୍କ ପରି ଘରେ ଶୋଇବୁ। ମୋ ନାକରୁ ନିଃଶ୍ୱାସ ବାରି ବିଛଣାରୁ ଉଠିଯାଇ ଭାଉଜର ଶୋଇଲାଘର ଜଳକବାଟି ଉଣ୍ଡିବୁ। କେତେ ଆଉ ସହିଥାନ୍ତି। କଥାଟା

Source: Author, Digitized by PPRACHIN, SOA

ପଦାରେ ପକେଇ ଦେଲି। ଦେଢ଼ଶୁର କହିଲେ କ୍ଷେତ୍ର ଉପରେ ଦେଖେଇ ଦେ। ଛିଃ !ଛିଃ ! ସିଏ ଦେଢ଼ଶୁର। ମୁଁ ଭାଇ ବୋହୂ। ପୁଅ ପୁତୁରାର ଘର। କେମିତି ତାଙ୍କୁ ଦେଖେଇ ଦେଇ ଥାନ୍ତି। ଦି'ଟା ଯାକ ଭାଇତ ଘୋଡ଼ା ମଦୁଆ।"

"ଧର ତୋ' ମଦୁଆ ଗେରସ୍ତ ତୋତେ ନବାକୁ ଆସିଲା ତୁ'କ'ଣ ତା' ସାଥୀରେ ଫେରିଯିବୁନି ? ପୁରୁଷ ପୁଅ। କଳା ଭଅଁର। ଆଜି ଏ ଫୁଲରେ ତ କାଲି ସେ ଫୁଲରେ। ଫୁଲ ଯଦି ସିଆଣି ହେଲା, ତା'ମହକରେ ପୁରୁଷର ମନ ବାନ୍ଧି ରଖିଲା। ନହେଲେ ନାଇଁ ଘର ଉଜୁଡ଼ିଗଲା। ଆଉ ତେଣିକି ଉଜୁଡ଼ା ସଂସାର ସଜାଡ଼ିବା କାଠିକର ପାଠ ଲୋ ଝିଅ।"

"ହଁ ଗୋ ମା ! ତା' କଥା କହିହେବନି। ଆସିପାରେ। ମନୁଆ ମଣିଷଟାତ।"

ସେଦିନ ଚାରୁଲତା ଅଗଣାରେ ଚଲାବୁଲା କରୁ କରୁ ଦେଖିଲେ ମଧ ବୟସ୍କା ଲୋକଟାଏ ରିକ୍ସାରୁ ଓହ୍ଲାଇ ତାଙ୍କ ଆଡ଼କୁ ଆସୁଛି।

"କାହାକୁ ଦରକାର୍ ?" ଚାରୁଲତା ପଚାରିଲେ।

ଲୋକଟି କିଛି ନକହି ଆଗକୁ ମାଡ଼ିଯାଉଥିଲା।

"ଠିଆ ହ' ସେଇଠି ! ସ୍ୟାଡେ କୁଆଡ଼େ ମାଡ଼ିଯାଉଛ ? ତମର ଭାରି ସାହସ ମୁଁ ଦେଖୁଛି।"

"ମୁଁ ତା ପାଖକୁ ଆସିଛି।"

"ତା ପାଖକୁ ? ମାନେ ?"

"ପଚାରୁନ ତାକୁ...। ସେ କହିବ ମୁଁ କିଏ ?"

ଲୋକଟା ମେଙ୍କି ଆଡ଼କୁ ହାତ ଦେଖେଇ କହିଲା। ଚାରୁଲତା ସାମ୍ନାକୁ ଚାହିଁ ଦେଖିଲେ ମେଙ୍କି ଖୁଣ୍ଟ ଉହାଡ଼ରେ ଖୁଣ୍ଟଟା ଭଳିଆ ଠିଆ ହୋଇଛି।

"...ମୋ ସ୍ତ୍ରୀକୁ ଶିଖେଇ ମଣେଇ ଘରେ ରଖିଛ। ଦିନେ ନୁହେଁ, ମାସେ ନୁହେଁ। ଛ'ଛ' ମାସ। ପଚାରୁଛ କ'ଣ ନା କାହା ପାଖକୁ ଆସିଛ। ବେଶ୍ କାମ ନେଇ ଶିଖିଛ, ହେଲେ ଏ ଖାଇବା ପିନ୍ଧିବାରେ ଏତେ କୁଣ୍ଠିତ କାହିଁକି ? ପଚାରିଲ ତାକୁ, ମୋ ଘରେ ସେ ବାସି, ଗନ୍ଧିଆ ଖାଏ ? ପଖାଳ ମୁଠେ କୋଉଦିନ ସେ ଖାଇଛିନା - ଚିରା ମଇଳା ପିନ୍ଧିଛି ? ମୋ ମୁହଁରେ ସେ କହୁ, ନିଆଁ ପାଣି ପାଇଁ ପର ଦୁଆରେ କେବେ ସେ ଠିଆ ହୋଇଛି ? ମୁଁ ସବୁ ଖବର ନେଇଛି। ସେ କେମିତି ରହେ। କ'ଣ ଖାଏ...।"

ଲୋକଟା ଅନର୍ଗଳ ଗପୁଥିଲା ବେଳେ ମେଙ୍କି ତାକୁ ଇସାରାରେ ବନ୍ଦ ହେବାକୁ ନେହୁରା ହେଉଥିଲା। "ଟିକିଏ ବନ୍ଦ କର ଭଲା। ବାଜେ କଥା ଗୁଡ଼ା କାହିଁକି ଏତେ

Source: Author, Digitized by PPRACHIN, SOA

ଗପୁଛ ? କାହାକୁ କ'ଣ ସବୁ କହୁଛ, ଜାଣ ସେ କିଏ ?"

ଚାରୁଲତା ବି ଛାଡ଼ିବା ଲୋକ ନୁହନ୍ତି । ମେଙ୍କିକୁ ସେ କହିଲେ, "ଏଇ ଲୋକଟା କିଏ କି ମେଙ୍କି ? ଭାରି ତ ତୋ ପାଇଁ ଭଲେଇ ହେଉଛି । ତାକୁ କହିଦେ, ସେ ଚୁପ୍ ହେଉ । ଏଇଟା ଭଦ୍ରଲୋକ ଘର । ମୁଁ ତ ତୋତେ ଡାକି ଯାଇନଥିଲି । ତୁ ବଳେ ବଳେ ମୋ ଘରକୁ ଆସିଥିଲୁ । ତୋ ପାଇଁ ମୋତେ କାହିଁକି କିଏ କିଛି କହିବ ।"

ଏତକ ଶୁଣେଇ ଦେଇ ସେ ଭିତର ଖଞ୍ଜାକୁ ଚାଲିଗଲେ । ମେଙ୍କି ତା ବରକୁ ବାହାରେ ବସାଇ ଦେଇ ଧୀର ପାଦରେ ଚାରୁଲତାଙ୍କୁ ଅନୁସରଣ କଲା ।

ଝିଅ ବୋହୂମାନେ ମେଙ୍କିକୁ ଘେରି ଯାଇ ପଚାରିଲେ "ସିଏ ତମର କିଏ କି ? କ'ଣ ତମର ବର ବାବୁ ଆସିଗଲେ କି ? ଆହା ଲୋ କି ଲାଜ... ।"

ବଡ଼ବୋହୂ ପଚାରିଲା, "ସତରେ କ'ଣ ତମେ ତାଙ୍କ ସାଥୀରେ ଆଜି ଚାଲିଯିବ ?"

ସାନଟି କହିଲା, "ସେକଥା ଆଉ ପଚାରୁଛ ନାନୀ, ଦେଖୁନା କେମିତି ମେଙ୍କି ଅପାଟା ଆମର ଭିତରେ ଭିତରେ କୁରୁଳୁଛି ।"

ସେମାନଙ୍କଠୁଁ ମୁକୁଳି ଆସି ସେ ଚାରୁଲତାଙ୍କ କୋଠରୀରେ ପାଦ ଦେଲା ।

ସେ ଠିଆ ହୋଇଥିଲା ଚୁପ୍‌ଚାପ୍ ।

ଚାରୁଲତା ଏଥର ତା'ଆଡେ ଚାହିଁ ପଚାରିଲେ, "କ'ଣ କହିବୁ ?"

ମେଙ୍କି ପାପଟାଏ କରି ପକେଇ ଥିବା ଭଳି ଡରି ଡରି କହିଲା "ନାଇଁ ଗୋ – ମା ! ତା'କଥା ସେଇ ଭଳିଆ... । ମନ ଊଣା କଲକି ? ତା' ପାଇଁ ମୁଁ ଭୁଲ ମାଗୁଛି ।"

ସେ ତାକୁ କୁଣ୍ଢେଇ ପକେଇ କହିଲେ "କାହାପାଇଁ ତୁ ଏତେ ନିଉନ ହେଉଛୁ ଲୋ ହୁଣ୍ଡୀ । ସେଇ ବଦମାସ୍‌ଟା ପାଇଁ । ଯିଏ ତୋତେ ଏତେ ହୀନସ୍ତା କରିଛି । ପରଘରେ ପୋଇଲୀ ପଣରେ ଖଟେଇଛି । ମୋର ହୋଇ ତୁ ତା ପାଇଁ ଗୁହାରୀ କରୁଛୁ । ହଉ ଛାଡ ସେ ସବୁ । ଏବେ ତୁ କ'ଣ ତା'ସାଥିରେ ଫେରିଯିବୁ.... ?"

ମେଙ୍କି କିଛି କହିଲାନି । କେବଳ ତଳକୁ ମୁହଁ ପୋତି ଠିଆ ହେଲା । ଚାରୁ କହିଲେ, "ଆଲୋ ! ଆଲୋ ! ତୋତେ ସେ ଠିକ୍ ଚିହ୍ନିଛି । ମନ ଜାଣି ପାଣି ଦେଉଛି । ହଉ ତୁ ଯା ! କିନ୍ତୁ ତୋ ଯିବା ଆଗରୁ ଗୋଟେ ଫଇସଲା ହେବାର ଥିଲା, ମୋ ପୁଅ ଗେରସ୍ତ ଆସିଥିଲେ ତୁ ଯାଇଥାନ୍ତୁ । ନହେଲେ ସେ ପୁଣି ତୋତେ ହଇରାଣ କରିବ । ତୋ ସହିତ ଆମର ସଂପର୍କ ନଥିଲା ନାହିଁ । ଏଇ ମାସ କେଇଟାରେ ତୁ ମାୟା ଲଗେଇ ଦେଲୁଲୋ ।" କହୁ କହୁ ଚାରୁଲତା କାନ୍ଦି ପକେଇଲେ, ତାଙ୍କ ସାଙ୍ଗରେ ମେଙ୍କି ମଧ ।

Source: Author, Digitized by PPRACHIN, SOA

ପରେ ପରେ କୋହ ଚାପି ମେଙ୍କି କହିଲା "ନାଇଁ ମ ମା ! ବାପା, ଭାଇ ଆସିଲେ ଆମେ ଦି'ଜଣ ଆସି ବୁଲିଯିବୁ। ବିତଣ୍ଡିଆ ଲୋକଟା, ନହେଲେ ଛାଡ଼ିଯିବନି। ତା'ଛଡ଼ା ତେଣେ ମୋ ଘର, ଦୁଆର ଅଣୁଖା ହୋଇ ପଡ଼ିଛି।... ମୁଁ ନଗଲେ ସେ ବିଷ ଖାଇଦେବ...।

"ଖାଉ ! କାହିଁ ଗଲେକି ଭାଉଜରାଣୀ ! ଯାଉନି ତା ପାଖକୁ।"

"ମା ଗୋ ! ଗଲେ ମୋରି ଯିବ। ସେ ଦାରୀଟାର କ'ଣ ଭାସିଯିବ ଯେ।"

ଚାରୁଲତାଙ୍କର ଆଉ ଚାରା ନଥିଲା। ନଈ ପରି ନିଜ ଇଚ୍ଛାରେ ଆଗକୁ ଧାଇଁ ଚାଲିଥିବା ଝିଅଟି ଆଜି ସଂସାର ବନ୍ଧନରେ ବାନ୍ଧି ହୋଇ ପଡ଼ିଛି। ତଥାପି ସେଥିରେ ସେ ଖୁସି, କେବଳ ସେ କାହିଁକି, ସବୁନାରୀର ମନ ତଳେ ଏମିତି ଗୋଟେ କାମନା ପ୍ରାୟତଃ ବସା ବାନ୍ଧିଥାଏ। କେହି ଜଣେ ତାକୁ ଖୋଜୁ ଲୋଡୁ, ତା' ଦୁଃଖରେ ଦୁଃଖୀ ହେଉ...।

"ଆରେ କୁଆଡ଼େ ସବୁ ଗଲକି ? ମେଙ୍କିର ମୁଣ୍ଡ କୁଣ୍ଡେଇ ଦିଅ। ତା'କୁ ଅଳତା ସିନ୍ଦୂର ନାଇ ଦିଅ। ନୂଆଶାଢ଼ୀ ପିନ୍ଧେଇ ଦିଅ। ସେ ପରା ଆଜି ଶାଶୁଘର ଯିବ। ତମପାଇଁ କେତେ କରିଛି ସେ, ତା'ପାଇଁ ଥରୁଟିଏ ହେଲେ କରିଥାଅ।

ମେଙ୍କି ସଜ ହୋଇଥିଲା, ନୂଆଶାଢ଼ୀ ପିନ୍ଧିଥିଲା, ଚାରୁଲାତା ଉଖୁଡ଼ା, ଚୁଡ଼ା, ମୁଢ଼ି, ମିଠେଇର ପୁଟୁଳା ବାନ୍ଧି ଦେଇଥିଲେ, ପାଞ୍ଚକୋଡ଼ି କି ଦଶକୋଡ଼ି ନୁହେଁ ଶହେ ଟଙ୍କିଆ ଦଶଖଣ୍ଡ ମେଙ୍କି ହାତରେ ଗେଞ୍ଜିଦେଇ ସେ କହିଥିଲେ, "ଅସୁବିଧା ହେଲେ ଆସିବୁ। ପର ବୋଲି ଭାବିବୁ ନାହିଁ।"

ମେଙ୍କି କାନ୍ଦୁଥିଲା। କାନ୍ଦୁଥିଲା ସାରା ଗାଁ। ଏଇ ଯେମିତି ଝିଅ ପ୍ରଥମଥର ତା' ଶାଶୁଘର ଯାଉଛି, ତା'ଠିଁ ଏତେ କାନ୍ଦ, ଏତେ ଲୁହ ଥିଲା କୋଉଠି। ଗହଳି ଭିତରୁ ଲବଣୀ ବୁଢ଼ୀ ପାଟିକଲା "ଏତେ ମାଇପେ ଠିଆ ହୋଇଛ ! ଝିଅଟାକୁ ଟିକେ ତୁନି କରୁନା। କ'ଣ କାନ୍ଦଣା ଶିଖୁଛ ? କାନ୍ଦି କାନ୍ଦି ତା'ଜୀବ ଛାଡ଼ିଯିବ ଯେ।" ଚାରୁଲତା ପଛରୁ ଅଶ୍ରୁସଜଳ କଣ୍ଠରେ ଆଦେଶ ଦେଲାଭଳି କହିଲେ, "ନା ସେ କାନ୍ଦୁ। ମନବୋଧ କରି କାନ୍ଦୁ। ଶାଶୁଘର ଗଲାବେଳେ ଝିଅ କାନ୍ଦିଲେ ଶୁଭ।"

ଲବଣୀ ବୁଢ଼ୀ କଥା ବଦଳେଇ କହିଲା "ନାରୀ ଆଖିର ଲୁହ ନିଆଁ ଭଳି, ସୀତା ଠାକୁରାଣୀ ଲୁହଝାରିଲା ବୋଲିତ ସୁନା ଲଙ୍କା ଚୁନା ହେଲା। ଦ୍ରଉପଦୀ ଆଖିର ଲୁହ, କୁରୁକ୍ଷେତରକୁ ରକତ ନଈରେ ଭସେଇ ଦେଲା। ଖାଲି କ'ଣ ସେତିକି, ଭାରିଯା ଆଖିର ଲୁହ ଯା' ଉପରେ ପଡ଼ିଛି ତାକୁ ତ ଦାଣ୍ଡର ଭିକାରୀ କରି ଛାଡ଼ିଛି। ଜଗନ୍ନାଥ ଭଳିଆ ଠାକୁର ପୁଣି ହତଲକ୍ଷ୍ମୀ ହୋଇଗଲେ। ଏ ମଣିଷଟା ତା' ପାଖରେ କିବା ଛାର୍।

Source: Author, Digitized by PPRACHIN, SOA

ରିକ୍ସା ଗଡୁଛି, କାହାରି ପାଟିରେ ଭାଷା ନାହିଁ।

ଶାଶୁଘର ଗାଁ ପାଖେଇ ଆସୁଛି। ମେଙ୍କି କେମିତି ଟିକିଏ ସଂକୋଚ ବୋଧ କଲା। ତା' ବରଟା ପ୍ରଥମେ ପାଟି ଖୋଲନ୍ତାନି; କ'ଣ ବସି ଭାବୁଛି ଯେ? ଲାଜ ଲାଜ ହୋଇ ସେ ତା'ବର ମହେଶ୍ୱରର ମୁହଁକୁ ଟିକିଏ କଣେଇ କରି ଚାହିଁ ଦେଲା, ବାବାରେ ଲୋକଟା ଖାଲି ଜଳୁଛି ଯାହା...। ଆଖି ଦି'ଟା ରଡ଼ ନିଆଁ ପରି ଲାଲ୍। ମୁହଁଟା ଆଷାଢ଼ ଆକାଶ ପରି ଓଜନିଆ। ମେଙ୍କିକୁ ଭାରି ଶୋଷ...। ପରିବେଶଟାକୁ ଟିକେ ହାଲୁକା କରିବାକୁ ସେ ମନେକଲା। ଏଥର ମହେଶ୍ୱର ଉପରକୁ ସେ ଢ଼ଳି ପଡ଼ି କହିଲା ତଣ୍ଟିଟା ଅଠା ଅଠା ଲାଗୁଛି। ବ୍ୟାଗ୍‌ରେ ପାଣି ବୋତଲ ଅଛି। ଟିକେ ବାହାର କରିଦିଅତ। ମେଙ୍କିକୁ ଠେଲି ଦେଇ ସେ କହିଲା "ଠିକ୍ ସେ ବସ, ଲୋକ ଯା'ଆସ କରୁଛନ୍ତି। ଶୋଷ ହେଉଛି ତ ନିଜେ କାଢ଼ି ନେଇ ପିଅ। ମୋତେ ତମେ କ'ଣ ବୋଲି ପାଇଲକି? ଚାକର ନା କୁକୁର।"

ମେଙ୍କି ଏବେ କାନ୍ଦିଲା। ଲୁହର ବନ୍ୟାରେ ଭିଜିଗଲା ତାର ସାରା ଦେହ। ହଜିଗଲା ସବୁ ସ୍ୱପ୍ନ...

■■

Source: Author, Digitized by PPRACHIN, SOA

ଅସୂର୍ଯ୍ୟ ସକାଳ

ଅନୁଭବ ଯେତେବେଳେ ତୀବ୍ର ହୁଏ, ସେତେବେଳେ ଭାଷା ହାରମାନେ। ପାଟି ଫିଟେଇ ପ୍ରତିବାଦ କରି ହୁଏ ନାହିଁ କି ଛାତିକୁ ପଥର କରି ସହି ହୁଏ ନାହିଁ। ଓଠ ଫିଟେଇ କିଛି କହିପାରୁ ନଥିବା ପାଟିର ଭାଷା ଆଖି କୋଣରୁ ପଢ଼ି ହୋଇଯାଏ। ଅନ୍ୟ କେହି ବୁଝନ୍ତୁ ନ ବୁଝନ୍ତୁ ତା' ବୋଉ ସୁନେଇ ଚାଷୁଣୀ କିନ୍ତୁ ବେଶ୍ ବୁଝିନେବ। ତା'ପୁଅକୁ ସେ ଚିହ୍ନିଛି, ଜାଣିଛି। ବେତ୍ରାଘାତରେ ପିଠିଟା ସାରିହୋଇ ଯାଉଥିଲା। ହାତଗୋଡ଼ରୁ ନୋଳା ଫାଟି ପଡୁଥିଲା। ନିର୍ଘାତ ପାହାରରେ ସେ କେବଳ 'ବୋଉ ଲୋ ମରିଗଲି ! ମରିଗଲି !'ବୋଲି ଚିର ଚିରେଇ ଉଠିଲା ! ସାର୍ ତା'ପିଠିରେ ଆଉ ଦି'ପାହାରେ ପିଟିଦେଇ ଛିଗୁଲେଇଲେ 'ହାଁ ଏତିକି ବେଳକୁ ବୋଉ ! ବୋଉ !ବୋଉ ତ ଖାଇବାକୁ ଗୁଣ୍ଡେ ଦେଇ ପାରୁନି, ଅନ୍ୟର ଅଇଁଠା ଚାଟୁଛି। ତୁ ଆଉ ବୋଉ !ବୋଉ !ବୋବଉଛୁ କାହିଁକି ?"

ସୁଦର୍ଶନର ଛାତିଟା ଚିରି ହୋଇଗଲା ଯେମିତି। ତାକୁ ପଛେ ମାରି ମାରି ମାରିଦିଆଯାଉ, ମାତ୍ର ତା'ବୋଉକୁ ଏମିତି ଆକ୍ଷେପ କରି କେହି କିଛି ମନ୍ତବ୍ୟ ଦେଉ ଏ କଥା ସେ ଆଦୌ ସହି ପାରୁ ନଥିଲା। ବୋଧହୁଏ ସେଇଥିପାଇଁ ସେ ଚୁପ୍ ପଡ଼ିଗଲା।

ଆଜି ସ୍କୁଲ ଆସିବାବେଳେ ସେ ବୋଉକୁ କହିଥିଲା "ମୋତେ ଖାଇବାକୁ ଦେ ! ମୁଁ ସ୍କୁଲ ଯିବି।" ବୋଉ ତା'ର ତରତର ହୋଇ ଦି'ଖଣ୍ଡ ରୁଟି ଆଉ ଟିପେ ଗୁଡ଼ ବାଢ଼ି ଥୋଇଦେଲା। ଥାଳିଟାକୁ ବିରକ୍ତିରେ ଠେଲିଦେଇ ସେ କହିଥିଲା, "କାଲି ରାତିରେ ରୁଟି। ଆଜି ପୁଣି ସେଇ ଶୁଖିଲା ରୁଟି। ମୁଁ ଖାଇବିନି।"

ପାଖକୁ ଲାଗି ଆସି ଆଦରଭରା କଣ୍ଠରେ ବୋଉ କହିଥିଲେ, "ଏତକ ଖାଇଦେଇ ଯାଇ ଥା'ରେ ଧନ। ଗାଧୁଆ ବେଳକୁ ତତଲା ଭାତ, ଶାଗ ତିଅଣ ରାନ୍ଧିଥିବି। ଫେରିଲେ ଖାଇବୁ। ଖେଳ ଛୁଟିରେ ମାଷ୍ଟ୍ରଙ୍କୁ କହି ସହଳ ଚାଲି ଆସିବୁ।"

ସେ ଚାହିଁଥିଲା ତା'ବୋଉ ମୁହଁକୁ-ଅବିଶ୍ୱାସର ଚାହାଁଣୀରେ। ମା'ର ଆଖିରେ ଭରି ରହିଥିଲା ଅସହାୟତା। ସୁଦର୍ଶନ ଆଉ ଅଳି ନ କରି ଚାଲି ଆସିଥିଲା।

ସେ ଠିକ୍ ଜାଣିଥିଲା ବୋଉ ତା'ର ବିଲରୁ କାମ ସାରି ଘରକୁ ଫେରୁ ଫେରୁ ଗାଧୁଆବେଳ ଗଡ଼ିଯାଇଥିବ। କ୍ଳାନ୍ତି ନ ମେଣ୍ଟେଇ ଚୁଲି ଜାଳି ରୋଷେଇ କରିବା ଯେ କେତେ କଷ୍ଟ ! ସେ କଷ୍ଟ ତାକୁଇ ଜଣା। ବୋଉ ତା'ପାଇଁ ସବୁକିଛି। ସାକ୍ଷାତ ଦେବୀ ପ୍ରତିମା। ସେ କ'ଣ ଆଉ କାହା ବୋଉ ହୋଇଛି କି ? ଏଇ ଯେମିତି ସୁମନାର ବୋଉ !

Source: Author, Digitized by PPRACHIN, SOA

ନିହାତି କଳିହୁଡ଼ୀ ବଦମାସ୍ ସ୍ତ୍ରୀ ଲୋକଟା। କହୁଛି କ'ଣ ନାଁ ଆଳୁ ପରଟା, ଅଣ୍ଡାସିଝା। ତା'ବୋଉର ପଖାଳ କଂସା, ଶାଗ ଖରଡ଼ାକୁ ଏ ସବୁ ସରି ? ଛାଡ଼ ଛାଡ଼ ! ସୁମନା ଭଳି ଝିଅର ପୁଣି ଏମିତି ଗୋଟେ ମା।

ହଁ, ସୁମନା ! ଖାସ୍ ସହପାଠିନୀ ସୁମନା ପାଇଁ ତା'ର ଏ ଦଶା !

ସ୍ୱଚ୍ଛ ହ୍ରଦର ବୁକୁଭଳି କୋହଭରା ହୃଦୟରେ ପ୍ରତିଫଳିତ ହୋଇଯାଉଛି କେତେ ଘଟଣା। ପୁଣି କଥାର ଛବି ସବୁ। ଅତ୍ୟନ୍ତ ସ୍ପଷ୍ଟ, ଆବେଗପୂର୍ଣ୍ଣ ଛବି। ଷଷ୍ଠ ଶ୍ରେଣୀରୁ ସୁମନା ସହିତ ସୁଦର୍ଶନର ସମ୍ପର୍କ।

ଦୀର୍ଘ ଅଢ଼େଇ ବର୍ଷ। କେଡ଼େ ମଧୁର ସେଇଦିନ ସବୁ। ମନଶ୍ଚକ୍ଷୁରେ ଭାସିଗଲା ତା'ର ହସ, ଖେଳ, ରାଗରୁଷା, ମୁହଁଫୁଲା। କେଡ଼େ ବୋକୀ ଝିଅଟା ସତେ ସେ। ସେଇଥି ପାଇଁ ସୁମନା ବୋଧହୁଏ ତାକୁ ଭାରି ଭଲ ଲାଗିଥିଲା। ଅଥଚ ସବୁ ତୁଟେଇ ସବୁଦିନ ପାଇଁ ସେ ସ୍କୁଲ ଛାଡ଼ି ଚାଲିଗଲା ତା'ମା'ସାଥିରେ। ସବୁରି ଆଖିରେ ତାକୁ ଚୋର ସଜେଇ ଦେଇ। କିଏ ଖାଇଲା ତା' ଜଳଖିଆ ? ଅଚାନକ ଏମିତି ସବୁ ଗୋଳମାଳ ହୋଇଗଲା କେମିତି ଯେ ! ଛାତି ଭିତରଟା ତା'ର ମନ୍ଥି ହୋଇଯାଉଥିଲା। ଅସ୍ପଷ୍ଟ ଏକ ଆବେଗ ତାକୁ କାବୁ କରି ପକାଉଥିଲା ବେଳୁ ବେଳ।

ସେଦିନ ହେଡ୍ ଦି'ଙ୍କ କୋଠରୀକୁ ଛୁଟି ମଞ୍ଜୁରୀ ପାଇଁ ଦରଖାସ୍ତଟି ନେଇ ଯାଇଥିବା ବେଳେ ଅଫିସିର ଫୋନ୍‌ଟା ବାଜି ଉଠିଥିଲା। ବଡ ଦି' ଫୋନ୍ ଉଠାଇଥିଲେ।

"ହ୍ୟାଲୋ ! ହ୍ୟାଲୋ !

"ହଁ ମୁଁ ବଡ଼ଦି'କହୁଛି। କ'ଣ କୁହନ୍ତୁ !"

"ସୁମନାର ମା' ! ଆଚ୍ଛା କୁହନ୍ତୁ ! କ'ଣ ହୋଇଛି ?"

"ହଉ ! ସେ କଥା ବୁଝିବା ! ପିଲାଙ୍କ କଥା। କିଏ କେମିତି ଖାଇ ଦେଇଥିବ। ଝିଅକୁ କ'ଣ ଟିକେ ଖାଇବାକୁ ଦେଇ ଦିଅନ୍ତୁ। ସେ ସ୍କୁଲ ଆସୁ। କ୍ଲାସ ଆରମ୍ଭ ହୋଇଗଲାଣି। ଫେରିଲେ, ତା'କଥା ବୁଝିବା।

ହ୍ୟାଲୋ ! ହ୍ୟା...ଲୋ ! ଫୋନ୍‌ଟା ରଖିଦେଲେ ନାଁ କ'ଣ ?

ବଡ଼ ଅଜବ ସ୍ତ୍ରୀ ଲୋକ ଏ ଦେଖୁଛି.... ।"

Source: Author, Digitized by PPRACHIN, SOA

ହେଡ୍ ଦି'ଙ୍କ ଟେବୁଲ ପାଖକୁ ଲାଗି ଆସିଥିଲେ ପଣ୍ଡା ସାର୍ ଏବଂ ପ୍ରତିମା ଦିଦି।

ସୁମନାର ଟିଫିନ୍ କିଏ ଖାଇ ଦେଇଛି। ତା'ମା' ଫୋନ୍ କରିଥିଲେ।" କହିଲେ ବଡ଼ ଦିଦି। ପ୍ରତିମା ଦି'କହିଲେ- "ଆମେ ସେଥିରେ କ'ଣ କରନ୍ତୁ!" ପଣ୍ଡା ସାର୍ 'ହଁ'ମାରିଲେ। ପୁଣି ବଡ଼ ଦି'ଆରମ୍ଭ କଲେ। "ଭଦ୍ର ମହିଳା କହୁଛନ୍ତି କି - ଆପଣମାନେ ସ୍କୁଲରେ କ'ଣ କରୁଛନ୍ତି? ମୋ ପିଲାର ଅଣ୍ଡା, କଦଳୀ, ପରଟା କିଏ ଖାଇଲା? ଏମିତି ଦୁଇ ତିନିଥର ଖାଇଲାଣି। ପିଲାମାନଙ୍କୁ କ'ଣ ଏଇ ଶିକ୍ଷା ଦେଉଛନ୍ତି? ପର ପଦାର୍ଥକୁ ଚୋରି କରି ଖାଇବା ପାଇଁ। ଝିଅଟା ମୋର ଭୋକରେ ଆଉଟୁ ପାଉଟୁ ହୋଇ ଏଠି ଆସି କାନ୍ଦୁଛି। ଘରେ କ'ଣଟା ଅଛି ଯେ, ମୁଁ ତାକୁ ଏଇନେ ଖାଇବାକୁ ଦେବି?"

ପ୍ରତିମା ଦି'କହିଲେ "ଭାରି ତ ସାହସ ସ୍ତ୍ରୀଲୋକଟାର। ଆମେ କ'ଣ ଟିଫିନ୍ ବାକ୍ସ ଜଗିବାକୁ ଏଠି ଅଛୁ। କି ଆଳୁ ପରଟା ଦେଖଉଛି? ତା'ଘରେ କ'ଣ ଚୁଡ଼ା କି ମୁଢ଼ି କିଛି ନାହିଁ? ଝିଅଟାକୁ ବୁଝାଇ ଗଣ୍ଡେ କ'ଣ ଖୋଇ ଦେବାକୁ!"

ପଣ୍ଡାସାର୍ କହିଲେ, "ନାହିଁ କାହିଁକି? ଅଛି! ପେଖନା କାଢୁଛି। ସହଜରେ ତ ସେ ଯେଉଁ ସ୍ତ୍ରୀ ଲୋକ - ତା'ପାଇଁ ବସିବା ଉଠିବା କଷ୍ଟ। ଆଡ଼ରେ ଯେତିକି, ଲମ୍ବରେ ସେତିକି। କବାଟ ଫେରିବନି। ସରପଞ୍ଚିଆ ପଇସା ତ!"

ପଣ୍ଡା'ସାରଙ୍କ ମନ୍ତବ୍ୟରେ କେହି ନ ହସି ରହିପାରିଲେନି। ତାଙ୍କ ସାଥୀରେ ବି ହସିଦେଲା ସୁଦର୍ଶନ। ସମସ୍ତଙ୍କ ଆଖି ପଡ଼ିଗଲା ତା' ଉପରେ। ପଣ୍ଡାସାର୍ ଚିହିଁଙ୍କି ପଡ଼ି ପାଟି କଲେ, "ଏଇଟା କାହିଁକି ଏଠି ଠିଆ ହୋଇଛି? ଯାଉଛୁ ନାଁ ଦେଖିବୁ ଏଇଲେ!"ସେ ଫେରି ଯାଇଥିଲା କ୍ଲାସକୁ।

ପରେ ପରେ ପଣ୍ଡା ସାର୍ କ୍ଲାସ୍‌କୁ ପଶି ଆସି ଚିତ୍କାର କଲେ। "ସୁମନା ଟିଫିନ୍ କିଏ ଖାଇଛ?" ସାର୍‌ଙ୍କ କର୍କଶ ସ୍ୱରରେ କ୍ଲାସ୍‌ଟା ନୀରବ ହୋଇଗଲା। ପିଲାମାନେ ପରସ୍ପରର ମୁହଁ ଚାହାଁ ଚାହିଁ ହୋଇ ଚୁପ୍ ରହିଲେ।

"କେହି ଖାଇନ? କେହି ଦେଖିନ? ଆଉ କ'ଣ କୁଆଡେ ଉଭାନ୍ ହୋଇଗଲା? ପାଚିଲା ପାଟକପୁରା! କୁକୁଡ଼ା ଅଣ୍ଡା, ଆଳୁପରଟା...ଆ! କି ଖାନ୍ନା! ରାଜାଘର ଖାନ୍ନା ଏକା! ନାଁ କ'ଣରେ ସୁମନା! ଆଣିଥିଲୁ ତୁ। ଖାଇଲା ଆଉ କିଏ! ଚୋରୀ କରି ଖାଇବା ତଂ ପାପ। ପୁଣି ମିଛ କହିବା ତା'ଠୁଁ ବଳି ପାପ! ଘୋର ପାପ! କୁଆଡ଼େ ଗଲା ସେ ମନିଟର୍! ଧୂମକେତୁ ଭଳିଆ ଅକାଳେ ସକାଳେ ଦେଖା। ଓଳିଏ ଆସିଲେ ଓଳିଏ ନାହିଁ। ସୁଦର୍ଶନ! ସୁଦର୍ଶନ! ଦରଖାସ୍ତ ଖଣ୍ଡେ ଧରି ଖାଲି ଏପଟ ସେପଟ୍। ଏପଟ ସେପଟ୍। ତେଣେ ମା'ଭାତହାଣ୍ଡି ଉଛନ୍ନ କରୁଛି। ଦଉଛି ରହିଥା ତୋ'ପିଠିରୁ ଚୋପା ଛଡେଇ...।"

Source: Author, Digitized by PPRACHIN, SOA

ସୁଦର୍ଶନ ହଡ଼ବଡ଼େଇଗଲା। ସାର୍‌ଙ୍କ ପାଟିରେ ବାଡ଼ବତା ନାହିଁ। ଟିକିଏ ଡେରି ହେଲେ ସେ କ'ଣ ନାହିଁ କ'ଣ ବକିଯିବେ। ଏଥର ସେ ଠିଆହୋଇ ପଡ଼ି ଉଦ୍‌ବିଗ୍ନ ଭରା ସ୍ୱରରେ କହିଦେଲା, "ସେ ପାଗଳଟା ଖାଇ ଦେଇଥିବ ସାର୍।"

"ପାଗଳା ଖାଇଥିବ ?"ପଣ୍ଡାସାର୍ ବିସ୍ମୟରେ ଚାହିଁଲେ ତା'ଆଡ଼େ। କ୍ଷଣକ ପାଇଁ ସୁଦର୍ଶନ ନିଜକୁ ଅପ୍ରସ୍ତୁତ ମନେ କଲା।

"ହଁ ସାର୍ ! ପାଗଳଟା ଖାଇ ଦେଇଥିବ।" ପିଲାମାନେ ସମସ୍ୱରରେ କହିଉଠିଲେ। ସାର୍ ଘଡ଼ିଏ ଗୁମ୍ ଖାଇଗଲେ।

ଅବଶ୍ୟ ପାଗଳା ଟୋକାଟା ଅନେକ ସମୟରେ ଶ୍ରେଣୀ କକ୍ଷର ଝରକା ପାଖରେ ଆସିଠିଆ ହୋଇଥିବାର ବହୁବାର ସେ ଦେଖିଛନ୍ତି। ଡରୁଆଟାଏ। ଗୋଟାଏ ଭୁରୁଡ଼ି ପକାଇଲେ ଦୂରକୁ ଦୂରକୁ ସେ ଡେଇଁ ଡେଇଁ ପଳେଇଯାଏ। ସେ ପୁଣି କ୍ଲାସରେ ପଶିଲା ଏବଂ ଟିଫିନ୍ ଖାଇଲା !ନାଁ ତାଙ୍କର ବିଶ୍ୱାସ ହେଉନି। ମନର କଥା ମନରେ ରଖି ସେ କହିଲେ – "କ'ଣ ବାବା ସୁଦର୍ଶନ ତମେ କ'ଣ ଆଉ ମିଛ କହିବ ? ସେଇଆ ହୋଇଥିବ। ତମ ଗାଁର କୋଉ ଗୋଟିଏ ପିଲା ଏ ପର୍ଯ୍ୟନ୍ତ ମାଟ୍ରିକ୍‌ର ଲକ୍ଷ୍ମଣ ରେଖା ଡେଇଁଲେନି। ଯାହା ଜଣା ପଡୁଛି ତମେ ଏକା ଡେଇଁ ଯିବ। ହଉ ଠିକ୍ ଅଛି। ତମ ଉପରେ ଆଜିଠୁଁ ଦାୟିତ୍ୱ ରହିଲା। ଚୋରକୁ ଦିନେ କ୍ଷେତ୍ର ଉପରେ ଧରେଇ ଦିଅ। ତମକୁ ସୁମନା ତରଫରୁ ସୁନ୍ଦର ପୁରସ୍କାରଟା ମିଳିଯିବ।"

ପଣ୍ଡା ସାର୍‌ଙ୍କ କଥାଗୁଡ଼ା ଠୋ ଠୋ ହୋଇ ସୁଦର୍ଶନ ଗାଲରେ ବାଜିଗଲା। ତାଙ୍କ ଗାଁର ପିଲାମାନେ ଅପାଠୁଆ। ମୂର୍ଖ ! ମାଟ୍ରିକ୍ ପାସ୍ କରିବାର ଯୋଗ୍ୟତା ନାହିଁ। ଆଜି ନୁହେଁ। ଅନେକବାର ସାର୍ ଏକଥା କହିଛନ୍ତି। ତା'ର କିନ୍ତୁ ସେଇ ଏକା ଜିଦ୍। ଯେମିତି ହେଲେ ସେ ମାଟ୍ରିକ୍ ଡେଇଁବ। ନଈ ଆରପାରି ନୂଆ ଗାଁର ନାଁ ରଖିବ।

ରୂପେଇ ନଈ ପାରି ହୋଇଗଲେ ନୂଆ ଗାଁ। କିଆ ଗୋହିରୀ। କଚ୍ଚା ସଡ଼କ। ଆବୁଡ଼ା ଖାବୁଡ଼ା। କେବେ ପୁଣି କାଦୁଅ ପଚ୍‌ପଚ୍। ବର୍ଷାଦିନେ ନଈରେ ବଢ଼ି ଆସିଲେ ଗାଁ ଦାଣ୍ଡରେ ପାଣିର ସୁଅ ଛୁଟେ। ରୂପେଇର ବଢ଼ିଲା ରୂପ ବେଳେବେଳେ ଭୟାନକ ହୋଇଉଠେ। ଘରଦ୍ୱାର, ବିଲବାଡ଼ି ଭସେଇ ନିଏ। ଦୁଇ ତିନିବର୍ଷ ଅନ୍ତରରେ ଭଙ୍ଗାଘର ସ୍ଥାନରେ ପୁଣି ଘର ତିଆରି ହୁଏ। ମାଟିଆ ମାଟିଆ ଚାଳଘର। ଗାଁର ପିଲାଏ ଅପାଠୁଆ। ଅଧା ପାଠୁଆ। ରାତି ନ ପାହୁଣୁ ଜାଙ୍ଗୁଲ୍ ଜାଙ୍ଗୁଲ୍ ଅନ୍ଧାରରୁ ଅସରପା ପଲ ପରି ବାହାରି ଆସନ୍ତି ସେମାନେ ସେଇ ଛୋଟିଆ ଛୋଟିଆ ଚାଳ ଘରୁ। କେହି ଚାଲିଯାଏ ଗାଈ ଗୋଠକୁ। କେହି ଚାଲିଯାଏ ଧାନ କ୍ଷେତକୁ। ଆଉ ଥୋକେ ବାହାରି ପଡ଼ନ୍ତି ନଈ ଆରପାରି।

Source: Author, Digitized by PPRACHIN, SOA

ସାଉଁଟି ଆଣନ୍ତି ଭଙ୍ଗା ଟିଣ, ଭଙ୍ଗା ବୋତଲ, ଛିଣ୍ଡା ଚପଲ ଓ ଫୋପଡ଼ା ଫିଙ୍ଗା ପଲିଥିନ୍। ଗତି ସେମାନଙ୍କର ଅନ୍ଧାରରୁ ଅନ୍ଧାରକୁ। ଘରକୁ ଫେରନ୍ତି ମୁହଁ ସଞ୍ଜରେ। ଗାଁ ମାଟିରେ ସୂର୍ଯ୍ୟାଲୋକର ସ୍ପର୍ଶ ସେମାନଙ୍କ ପାଇଁ ସାତ ସପନ। କ୍ୱଚିତ୍ ପିଲା ପାଠ ପଢ଼ିବାକୁ ଚାଲି ଆସନ୍ତି ସପନା ପାରିର ସ୍ୱପ୍ନେଶ୍ୱର ହାଇସ୍କୁଲକୁ। ମାତ୍ର ସ୍ୱପ୍ନ ଅଧୁରା ରହିଯାଏ। ସ୍କୁଲର ପଥର ପାଚେରୀ ଆରପଟେ ଅଧାରୁ ଅଧିକ ଅଟକିଯାଆନ୍ତି। କେହି କେହି କର୍ମ ଆଦରି କୌଳିକ ବୃତ୍ତିକୁ ଆବୋରି ବସନ୍ତି ତ ଆଉ କାହାରି ସମୟ ବିତେ ଆମ୍ବ ତୋଟାରେ। ଡାଳ ବାଙ୍କୁଡ଼ିରେ ତ ବାଗୁଡ଼ି ଖେଳରେ। ସାର୍ ମିଛ କହି ନାହାନ୍ତି। ସୁଦର୍ଶନ ପଣ୍ଡା ସାର୍‌ଙ୍କୁ ମନେ ମନେ ଧନ୍ୟବାଦ ଦେଉଥିଲା। ଯାହାହେଉ କ୍ଲାସ୍‌ରେ ଏତେ ପିଲା ଥାଉ ଥାଉ ସୁମନାର ଜଳଖିଆ ଜଗିବା ଦାୟିତ୍ୱଟା ତା'ଉପରେ। ମନଟା ତା'ର କୁଣ୍ଢେ ମୋଟ କେଉଁ ଏକ ଅଜଣା ଖୁସିରେ। ପିଲାଟିଏ ରାସ୍ତାରେ ଚାଲୁ ଚାଲୁ ଦୁର୍ଲଭ ବସ୍ତୁଟିଏ ଅଚାନକ ପାଇଗଲାକ୍ଷଣି ଯେମିତି ତରବରରେ ଆପଣାର ପକେଟ୍‌ରେ ଲୁଚାଇ ଦିଏ ସେମିତି ସେ ତା'ର ସବୁ ଖୁସିକୁ ମନ ତଳେ ଢାଙ୍କିଦେଇ ଚାହିଁଥିଲା ସୁମନା ଆଡ଼େ।

ସୁମନା ମୁହଁ ଶୁଖେଇ ବସିଥିଲା। ତଥାପି ସେ ସୁନ୍ଦର ଦିଶୁଥିଲା। ତା'ର ବଡ଼ ବଡ଼ ଆଖି, କଳାଗହଳ ଚୁଳ, ପୂରିଲା ମୁହଁ, ସବୁ ସୁନ୍ଦର।

ସୁଦର୍ଶନ ଗୀତ ଗାଏ। ଚାଲୁ ଗୀତ, ସିନେମା ଗୀତ। ବେଳେବେଳେ ସୁମନା ତା'ଠୁ ଗୀତ ଖାତା ମାଗିନିଏ। ଗୀତ ଶୁଣିବା ପାଇଁ ଅଳି କରେ। ଦିନେ 'ପୁଚୁକି ଗାଲି' ଗୀତ ବୋଲୁ ବୋଲୁ ସୁମନା ଗାଲକୁ ସେ ଚିପି ଦେଇଥିଲା। ସେ ରାଗିଯାଇ ସୁଦର୍ଶନ ପିଠିରେ ନାଦି ଦେଇଗଲା ବିଧା। ଧମକେଇକି କହିଥିଲା ସାର୍‌ଙ୍କୁ କହିଦେବ। କିନ୍ତୁ କହିଲାନି। ତା'ପରଦିନ ଯେଉଁ କଥାକୁ ସେଇ କଥା। ପ୍ରଥମେ ମୁହଁ ଖୋଲି ସୁମନା ହିଁ ତା'ସହିତ କଥା ହେଲା। ଖଟା ବରକୋଳି ମାଗି ଖାଇଲା।

କିନ୍ତୁ ସୁମନାର ଜଳଖିଆ କିଏ ଖାଇଛି। ସାର୍‌ଙ୍କୁ ଡରି ମରି ସିନା ପାଗଳା ନାଁଟା ସେ କହି ଦେଇଥିଲା। କିନ୍ତୁ ନିଜ ଆଖିରେ ତ ଦେଖି ନାହିଁ। ତେବେ କ'ଣ ଝିଅ ପିଲାଙ୍କ ମଧ୍ୟରୁ କିଏ ଖାଉଛି ? ନାଁ ସେମାନେ ଖାଉ ନଥିବେ। ସୁମନାକୁ ସେମାନଙ୍କର ପ୍ରାଣେ ଭୟ। ଖାଇଲେ ଖାଉଥିବ ସେଇ ପୋଟଳ ଟୋକା ସୁନିଲ୍। ନୂଆହୋଇ ଏବେ ନାଁ ଲେଖେଇଛି ତାଙ୍କ କ୍ଲାସରେ। କଥା କଥାକେ ଇଂରାଜୀ କହୁଛି। ଝିଅପିଲାଙ୍କୁ ଚକୋଲେଟ୍ ଯାଚୁଛି। ସୁମନା ପଛରେ ଛାଇ ପରି ଲାଗିଛି। ସୁଦର୍ଶନକୁ ଏସବୁ ଭଲ ଲାଗୁନି। ବେଳେବେଳେ ତା'ର ଇଚ୍ଛା ହୁଏ ସୁମନାକୁ କହିଦେବ ସୁନିଲ୍ ସାଥୀରେ ନ ମିଶିବା ପାଇଁ। କିନ୍ତୁ ମୁହଁ ଖୋଲି କିଛି ସେ କହିପାରେନା। ସୁମନା ବଡ଼ଘରର ଝିଅ। ସୁନିଲ୍ ବଡ଼ ଅଫିସରର ପୁଅ।

Source: Author, Digitized by PPRACHIN, SOA

ସୁନିଲ୍ ନାଁ ଟା ପଣ୍ଡା ସାର୍‌ଙ୍କୁ କହିଦେଲେ କେମିତି ହୁଅନ୍ତା ? କିନ୍ତୁ ଖାଉଛି ବୋଲି ପ୍ରମାଣ କ'ଣ ? ତା'ଛଡ଼ା ପଣ୍ଡା ସାର୍ ତା' କଥାକୁ ବିଶ୍ୱାସ କଲେ ତ ? ଏମିତିରେ ତାକୁ ସେ ତ ସହିପାରନ୍ତିନି। କିନ୍ତୁ ବଡ଼ ଦି'ତାକୁ ଖୁବ ସ୍ନେହ କରନ୍ତି। ସବୁ କାମରେ ତା'ନାଁ ଡାକ୍। ପୋଲ୍‌ରେ ଚଢ଼ି ପତାକା ବାନ୍ଧିବା। ଟେଲିଫୋନ୍ ତା'ର ସଜାଡ଼ିବା। ଫିଷ୍ଟ ବେଳେ ପତ୍ର ଉଠେଇବା, ସବୁ। ଉଚା ଉଚା ଖୁଣ୍ଟକୁ ସେ ଖପା ଖପ୍ ଚଢ଼ିଯାଏ। ନଡ଼ିଆ ଗଛ ଚଢ଼ିଲା ଭଳି। ବିସ୍ତୀର୍ଣ୍ଣ ଖେଳ ପଡ଼ିଆଟିଏ ଦେଖିଦେଲେ ତା'ଭିତରୁ ବାହାରି ଆସନ୍ତି ଅସଂଖ୍ୟ ହରିଣ ଛୁଆ ଚିରାମାରି ଧାଇଁବାକୁ। ଉଚ୍ଛୁଳା ନଈଟିଏ ଦେଖିଦେଲେ ସୁଦର୍ଶନ ଉଚ୍ଛୁଳି ପଡ଼େ। ମନ ତା'ର ପହଁରିଯାଏ କାହିଁରେ କେତେ ଦୂର ପାଣି ସୁଅରେ ଭାସି ଭାସି ସମୁଦ୍ରର ଉତ୍ତାଳ ଲହରୀ ଛୁଇଁ ଦେବାକୁ। ଲହଡ଼ି ଭାଙ୍ଗିବାକୁ। ଦାଉ ଦାଉ ଆଖି। ଶାଳଗଜା ଭଳି ଚେହେରା। ଥମ୍ ଥମ୍ ଭାବ। ତେର ଚଉଦ ବର୍ଷର ବାଳକଟିଏ ସେ। ଅଥଚ ବଢ଼ିଲା ଯୁବକଟିଏ ପରି ଦିଶେ। କିଛି ଗୋଟେ ଆଖିଦୃଶିଆ ଭଲ କାମ କରି ସମସ୍ତଙ୍କୁ ଆଚମ୍ବିତ କରିଦେବାକୁ ସେ ସବୁବେଳେ ଚାହେଁ।

ଇତିମଧ୍ୟରେ ସୁମନାର ଜଳଖିଆ ଆଉ ଚୋରୀ ହୋଇନି। ସୁଦର୍ଶନ ଥାଉ ଥାଉ ଏତେ ସାହସ କାହାର ହେବ। ଆଜି କିନ୍ତୁ ସୁଦର୍ଶନକୁ ଭାରି ଭୋକ ହେଉଥିଲା। ଆଖି ଆଗରେ ଦିଶିଗଲା ବୋଉର ଆତୁରା ମୁହଁ। ଖଟି ଖଟି ବୋଉଟା ତା'ର ରୋଗିଣା ଦିଶିଲାଣି। ଆଉ କେତେଦିନ ସେ ଏମିତି ଖଟିବ ?

ଖେଳଛୁଟି ଘଣ୍ଟା ବାଜି ଯାଇଥିଲା। ସୁଦର୍ଶନ ଏଣିକି ଖେଳ ଛୁଟିରେ ମନଇଚ୍ଛା ଖେଳି ପାରୁନି କି ଅଧା ଛୁଟି ନେଇ ଘରକୁ ଯାଇପାରୁନି। ସୁମନା କିନ୍ତୁ ଖେଳ ଘଣ୍ଟା ବାଜିଲା ମାତ୍ରେ ଧାଇଁ ଯାଉଛି ଖେଳ ପଡ଼ିଆକୁ ହାତରେ ମାତ୍ର ଅଳ୍ପ କିଛି ସମୟ ରଖି ସେ ଫେରୁଛି – ତା' ଟିଫିନ୍ କରିବାକୁ।

ଅନ୍ୟ ଦିନ କଥା ଅଲଗା। ଆଜି କିନ୍ତୁ ତା'ବୋଉ ନିଶ୍ଚେ କିଛି ରାନ୍ଧି ତା' ଫେରିଲା ପଥକୁ ଚାହିଁ ବସିଥିବ। ଭୋକର ଭାବନା ଭିତରେ ବୁଡ଼ି ଯାଉ ଯାଉ ସେ ଶୁଣିଲା ଗୁପ୍‌ଚୁପ୍ ବାଲାର ଘଣ୍ଟି ଡାକରା। ଆଲୁକୁଚିଆ ମାଲୁକୁଚିଆ ଚିଜ ଭର୍ତ୍ତି ପକେଟ୍ ଉଣ୍ଡାଳି ସେ ପାଇଗଲା ଗୋଟେ ଟଙ୍କା। ପାଟିଟା ତା'ର ଲାଳେଇଗଲା। ଏଥର ସେ ଧାଇଁଗଲା ଗୁପ୍‌ଚୁପ୍‌ବାଲା ପାଖକୁ...।

ଖେଳ ଛୁଟି ସରିଛି। ପଞ୍ଚମ ପିରିୟଡ୍। ପଣ୍ଡା ସାର୍ ଆସିଗଲେଣି। ଏଇ ପିରିୟଡ୍‌ରେ ହିଁ ତାଙ୍କର କ୍ଲାସ୍ ଥାଏ। ଅଷ୍ଟମ ଶ୍ରେଣୀରେ। ସବୁ ପିଲା କ୍ଲାସରେ। ଅଥଚ ସୁମନା ନାହିଁ। ସୁଦର୍ଶନ ଛାତିରୁ ଅତଡ଼ା ଖସିପଡ଼ିଲା। ରୂପେଇ ନଈରୁ ଅତଡ଼ା ଖସିଲାପରି।

Source: Author, Digitized by PPRACHIN, SOA

ଠିକ୍ ଏଇ ସମୟରେ ବାରଣ୍ଡାରେ କେହି ଜଣେ ସ୍ତ୍ରୀଲୋକ ଉଚ୍ଚସ୍ୱରରେ ପାଟି କରୁଥିବାର ଶୁଣାଗଲା। "ଏଡ଼େ କିଏ ଖାଇଲାବାଲା ସିଏ। କୋଉ ଦାନ୍ତ କାଠିରେ ଦାନ୍ତ ଘଷେଇ ସେ ଆସୁଛି ? କୋଉ ପୋଖରୀରେ ମୁହଁ ଧୋଉଛି ? ତୋ'ଖାଇବା ଖାଇଦେଲା। ଆଉ ତୁ ନ ଖାଇପାରି ମୋ ପାଖରେ ସକଉଛୁ। କୋଉ ଭିକାରୀ ପିଲା ସେ ? କୋଉ ହାତ ଗୋଡ଼ ଖାଇ ଛୁଆ ସେ ?" କହି କହି ସ୍ତ୍ରୀ ଲୋକଟା ସାର୍‌ଙ୍କ ସାମ୍ନାସାମ୍ନି ହୋଇଗଲା।

ସାର୍ ପଚାରିଲେ, "କ'ଣ ହୋଇଛି ? ଆଜି ବି ତା'ଟିଫିନ୍ କିଏ ଖାଇଦେଇଛି ନା' କ'ଣ ?" ସ୍ତ୍ରୀଲୋକଟା ଆହତ ନାଗୁଣୀ ଭଳି ଗର୍ଜିଉଠି କହିଲା - "ଛାଡ ! ଛାଡ ! ଆପଣଙ୍କର ଆଉ ଭଲେଇ ହେବା ଦରକାର ନାହିଁ। ଏଠି ଆଉ ନୁହେଁ। ମୋ ଝିଅ ପଢ଼ିବନି, ପଢ଼ିବ ଯାଇ ବାଳିକା ସ୍କୁଲରେ...। ସ୍କୁଲର କୋଉ ଅଭାବ ଅଛି କୋଉଁଠି ?"

"ଆଲୋ ! ଏଠି ଖୁଣ୍ଟଟା ଭଳିଆ ଠିଆ ହୋଇ ରହିଲୁ କାହିଁକି ? ବହି ବ୍ୟାଗ୍ ଆଣୁଛୁ ନାଁ ନାହିଁ।" ସୁମନା ମା'ପଛରେ ଠିଆ ହୋଇଥିଲା। କାନ୍ଦକାନ୍ଦ ହୋଇ ସେ କ୍ଲାସ ଭିତରକୁ ପଶିଲା ଏବଂ ଆଉ କାହାକୁ କୁଆଡ଼େ ନ ଚାହିଁ ବହିପତ୍ର ଧରି ବାହାରିଗଲା।

ସୁଦର୍ଶନର ଅନୁମାନ ସତ୍ୟ। ସେ ଗୁପ୍‌ଚୁପ୍ ଖାଇଲାବେଳେ ସୁମନାର ଟିଫିନ୍ କିଏ ଖାଇଦେଇଛି। ନିଜକୁ ବଡ଼ ଦୋଷୀ ଦୋଷୀ ମନେ କରୁଥିଲା ସେ।

ସେମାନେ ଚାଲିଗଲେ। ପଣ୍ଡା ସାର୍ ବିରକ୍ତିଭରା ସ୍ୱରରେ କହୁଥିଲେ - "ହୁଁ ! ଏମିତି ବାଜେ ସ୍ତ୍ରୀ ଲୋକ ମୁଁ କେଉଁଠି ଦେଖିନି ! ଭାବିଛି ଯା'ରି ପିଲା ପାଇଁ ସ୍କୁଲଟା ଭାଙ୍ଗିଯିବ।" ଏତିକି କହି ସେ ଆରମ୍ଭ କରିଦେଲେ ଜେରା - ତାଙ୍କର ସେଇ ଗତାନୁଗତିକ ଠାଣିରେ।

"ଆରେ ବେତ କାହିଁ ? ବେତ ? କୁଆଡ଼େ ଗଲା ?" ସାର୍‌ଙ୍କ ପାଟିରୁ କଥା ସରିଛି କି ନାହିଁ, ସୁନିଲ୍ ଧାଇଁଗଲା ବଗିଚାଆଡ଼େ, ବେତ ପାଇଁ।

ସୁଦର୍ଶନର ଆଖି ସାମ୍ନାରେ ଯାଉଁଳି ବେତ ନାଚୁଥିଲା।

"ପାଗଳ ଖାଇ ଦେଇଥିଲା ନୁହେଁ ? ପାଗଳ ! କାହିଁ ! ପାଗଳକୁ ଧରେଇ ଦେଲୁନି ତ ଥରେ ? ଆଜି କ'ଣ ଖାଇଛୁ ଧନମଣି ? କୁକୁଡ଼ା ଅଣ୍ଡା ? ପରଟା ? ଆଉ, କଦଳୀ ? କଦଳୀ ଖାଇଛୁ ? ପାଟକପୁରା ?" କହି, ପିଟିଦେଲେ ପାହାରେ ତା'ପିଠିରେ। କ୍ଲାସର ପିଲାମାନେ ମୁରୁକି ମୁରୁକି ହସୁଥିଲେ।

ବୁକୁତଳେ ଏକ ଅଜଣା କ୍ରୋଧର ନିଆଁ ନିମିଷକ ପାଇଁ ଜଳି ପୁଣି ଲିଭିଗଲା। ସେ ସାର୍‌ଙ୍କ ମୁହଁକୁ ସିଧା ଚାହିଁ ଧୀର ଅଥଚ ଗମ୍ଭୀର ସ୍ୱରରେ କହିଲା - "ମୁଁ ଖାଇନି କି ଦେଖିନି।" "ତୁଁ ଖାଇନୁ ? ତୁ ଦେଖିନୁ ? ଏମିତି କ'ଣ ତାଳେଇ କି ଚାହୁଁଛୁବେ ?"

Source: Author, Digitized by PPRACHIN, SOA

ବାରମ୍ବାର ସେ ପିଟୁଥିଲେ ଏବଂ ପଚାରି ଚାଲିଥିଲେ। ଶେଷକୁ ଏମିତି ଏକ ଶକ୍ତ ପାହାର ଦେଲେ ଯେ, ପ୍ରହାରର ଆଘାତରେ ସୁଦର୍ଶନର ଦରଫଟା ପ୍ୟାଣ୍ଟ ପକେଟ୍‌ରୁ ଗଳଗଳ ହୋଇ ପୋଷେ ହେବ ଉଷୁନା ଚାଉଳ ଗଳି ପଡ଼ି ତଳେ ବିଞ୍ଚି ହୋଇଗଲା।

"ଆରେ !ଆରେ ! ଏ କ'ଣ ଚାଉଳ ବର୍ଷା ? ଆରେ ! ଏଇଟା ଗୋଟେ ସର୍ବଗିଳା ଡାହୁକଟାଏରେ ! ଚାଉଳ ଚୋବାଉଛି। ଆରେ ହେ ବୁଢ଼ାବଳଦ ! ତୋ'ବୁଦ୍ଧି ପାକଳିଆ ଧରିଗଲାଣି। ଆଉ ପାଠ ଶାଠ ନାହିଁ। ତମ ନୂଆ ଗାଁରେ କିଏ ପାଠ ପଢ଼ିଲାଣି ଯେ ତୁ ପଢ଼ିବୁ। ଦେଖି ଦେଖି ତୋ ମୁଣାରେ ଆଉ ସବୁ କ'ଣ ରଖିଛୁ ?"

ପକେଟରୁ କଷି ପିଜୁଳି, କଇଁଆ, କୋଳି ଗୋଟାକ ପରେ ଗୋଟେ କାଢ଼ି ଆଣୁ ଆଣୁ ସେ କହୁଥିଲେ, "ଏ ପକେଟ୍‌ରେ ଚାଉଳ, ଆହୁରି ଚାଉଳ ଅଛି ! ଥାଉ ବାବା ଥାଉ। ଚାଉଳ ଚୋବେଇଲେ ଜ୍ଞାନ ବଢ଼ିବ।"

ଏହି ସମୟରେ ପିଅନ ଆସି ଖବର ଦେଲା – ପଣ୍ଡା ସାର୍‌ଙ୍କୁ ବଡ଼ ଦି'ଡକାଇଛନ୍ତି। "ଚାଲ !ଚାଲ ! ହେଡ୍ ଦି'ଙ୍କ ପାଖକୁ ଚାଲ। ସେଇଠି ତୋ'ପେଖନା ଦେଖେଇବୁ। ଅଇଁଠା ଖିଆ- କୋଉଠି କାର !" କହି ତା'କାନକୁ ଟାଣି ଓଟାରି ନେଇ ଗଲେ କ୍ଲାସରୁ ବାହାରକୁ।

ବୈଶାଖର ଝାଞ୍ଜି ପରି ସୁଦର୍ଶନର କାନମୁଣ୍ଡା ଭାଁ-ଭାଁ କରି ଉଠୁଥିଲା। ସେ ନିଜକୁ ସମ୍ଭାଳି ନ ପାରି ତା' ବାଁ ହାତର କହୁଣୀଟାକୁ ଏମିତି ଛିଞ୍ଚାଡ଼ି ଦେଲା ଯେ, ସାରଙ୍କ ଥୋମଣିରେ ଢାଏ କିନା ପିଚି ହୋଇଗଲା।

"ତୁ ମୋତେ ମାଇଲୁ ! ମୋ ଓଠ ଫଟେଇ ଦେଲୁ ! ବଦମାସ୍ କାହାଁକା !"

ଅଗଣାରୁ ପଣ୍ଡା ସାର୍‌ଙ୍କ ଗର୍ଜନ ଶୁଭୁଛି। ଶୁଭୁଛି ବେତ୍ରାଘାତର ସାଇଁ ସାଇଁ ଟାଇଁ ଟାଇଁ ଶବ୍ଦ। ପିଲାଏ ବାହାରି ଆସିଲେ କ୍ଲାସ୍‌ରୁ। ଶିକ୍ଷକ, ଶିକ୍ଷିକା, ବଡ଼ ଦି' ସମସ୍ତେ ବାରଣ୍ଡାରେ...।

"ହାଁ - ହାଁ ପଣ୍ଡା ବାବୁ ! କଥା କ'ଣ ? ଥାଉ !ଥାଉ ! ସେତିକି ଥାଉ ! ଘଟଣା କ'ଣ ବୁଝିବା।

ପଣ୍ଡା ବାବୁ ପିଟି ପିଟି ନୟାନ୍ତ ହୋଇପଡ଼ିଥିଲେ। କ୍ଷଣେ ରହି ଧଇଁ ସଇଁ ହୋଇ ସେ କହିଲେ – "ଏଇଟା ସୁମନାର ଅଇଁଠା ଖିଆ ଟିଫିନ୍ ଚୋର। ତା'ର ବହପ ଦେଖ ହୋ। ମୋତେ ନାକେଦମ୍ କରିସାରିଲାଣି।"

"କିରେ ସୁଦର୍ଶନ ! କେତେ ବଦମାସ୍ ତୁ ! କାହିଁକି ଖାଇଲୁ ? ଖାଇଛୁ ଯଦି ମାନି

Source: Author, Digitized by PPRACHIN, SOA

ଯାଉନୁ କାହିଁକି ?" ପଚାରିଲେ ବଡ଼ ଦି'।

ସୁଦର୍ଶନ ଠିଆ ହୋଇଥିଲା ନିଦା ବିଷ୍ଣୁ ପରି। ତା'ପାଟିରେ ଉତ୍ତର ନାହିଁ।

"ଦେଖୁନ କେମିତି ଠିଆ ହୋଇଛି ଦାଣ୍ଡ ଉପରେ - ସଣ୍ଢ ଟେକି। ଜାଣି ସିଆଣା - ଖାଉଛି ତ, ଆଉ କହିବ କ'ଣ ?" କହିଲେ ପ୍ରତିମା ଦିଦି।

ଟିଙ୍ଗ୍ ଟିଙ୍ଗ୍ ହୋଇ ଛୁଟି ଘଣ୍ଟା ବାଜିଲା। ବଡ଼ ଦି'କହିଲେ - "ହଉ ! ତାକୁ ଛାଡ଼ି ଦିଅନ୍ତୁ ଆଜି। କାଲି ସେ ତା'ମା'କୁ ସାଙ୍ଗରେ ଆଣି ଆସୁ, ତା'ମଜା ବୁଝିବା।"

ସେ ଶ୍ରେଣୀ ଗୃହକୁ ପଶିଲାବେଳେ ସାଥୀ ପିଲାଏ ବହିପତ୍ର ଧରି ବାହାରି ଆସୁଥିଲେ। ତାକୁ ଦେଖି ହଠାତ୍ ସେମାନେ ପାଳି ଧରିଲେ - "ହେଇରେ ସୁଦୁରିଆ, ଅଇଁଠା ଖିଆ ! ଅଇଁଠା ଖିଆ ସୁଦୁରିଆ...!" ଅନ୍ୟ ଦିନ ହୋଇଥିଲେ, ସେ, ସେମାନଙ୍କୁ ମାରି ଗୋଡ଼େଇଥାନ୍ତା, ଅଥଚ ଆଜି ସେ ସେମିତି କିଛି କଲାନି।

କିଏ କୁଆଡ଼େ ଚାଲିଗଲେଣି। ସ୍କୁଲ ପରିସରଟା ବଡ଼ ଖାଁ,ଖାଁ ଖାଇ ଗୋଡ଼େଇଲା ପରି ଲାଗୁଛି। ହାତଗୋଡ଼ ଚଳୁନି। ଓଠ ଶୁଖିଯାଉଛି। ମରମ ତଳେ ମନଟା ମରି ମରି ଯାଉଛି। ବୋଉ କଥା ମନେ ପଡ଼ି ମୁହଁଟା ତା'ର କୁଞ୍ଚି କୁଞ୍ଚି ହୋଇ ଉଠିଲା। କାନ୍ଦୁଣୁ ମାନ୍ଦୁଣୁ ହୋଇ ସେ ତା'ଗାଁ ରାସ୍ତାରେ ପାଦଦେଲା।

ଆଗରେ ରୂପେଇ ନଈ। ପୋଲ ପାରିହୋଇ ଗଲେ ଗାଁ।

ନିର୍ଜନ ନଈକୂଳ। ସେଇ ନିର୍ଜନତାର କି ସମ୍ମୋହନ ଥିଲା କେଜାଣି ଆଗକୁ ନ ବଢ଼ି ନଈ କୂଳରେ ଦଣ୍ଡେ ଠିଆ ହୋଇ ପଡ଼ିଲା ସେ...।

ତତଲା ଭାତ ଶୁଖି ଚଣା ଚାଉଳ। ଖଡ଼ା, ବଡ଼ିର ବେଶର ବଟା ତିଅଣ ବାସି ହେଉଛି। ପୁଅ ଫେରୁନି, ଅନେଇ ଅନେଇ ଆଖିରୁ ପାଣି ମଲା। ସାରା ରାତି ଏ ସାଇ ସେ ସାଇ ସୁଦର୍ଶନକୁ ଖୋଜି ଖୋଜି ମା'ଟା ତା'ର ବାୟାଣୀ ପ୍ରାୟ ବୁଲୁଥିଲା। ଗାଁ ଲୋକେ ଆଶ୍ୱାସନା ଦେଲେ ସପନା ପାରିର କୋଉ ସାଙ୍ଗ ଘରେ ସେ ରହିଯାଇଥିବ ଯାତ୍ରା କି ପାଲା ଦେଖିବା ପାଇଁ ରାତି ପାହୁ ହଜିଲା ପୁଅକୁ ଖୋଜି ଆଣିବା।

ରାତି ପାହିଲା। ସକାଳ ହେଲା। ହଜିଲା ପୁଅକୁ ଆଉ ଖୋଜିବାକୁ ପଡ଼ିଲାନି। ଗାଁ ଲୋକେ ଦେଖିଲେ ରୂପେଇ ନଈ ସୁଦର୍ଶନକୁ କୋଳରୁ ଠେଲି ଦେଇ କୂଳରେ ଲଗେଇ ଦେଇଛି।

ମା' କୋଳରେ ପୁଅ। ରାତିସାରା ପାଣି ପିଇ ପିଇ ଶରୀରଟା ସମ୍ପୂର୍ଣ୍ଣ ଫୁଲି ଯାଇଛି। ଫୁଲି ଯାଇଛି ପେଟା - "କ'ଣ ଖାଇଲୁରେ ଧନ ! ମୋ ହାତ ରନ୍ଧା ଭାତ ତିଅଣକୁ ପିତା

Source: Author, Digitized by PPRACHIN, SOA

କରିଦେଇ କୁଆଡ଼େ ଗଲୁରେ... ମୋ ଧନ !" ବାହୁନି ବାହୁନି ପୁଅର ସର୍ବାଙ୍ଗକୁ ଦରାଣ୍ଡି ପକାଇଲା ବେଳେ, ଦେଖଣାହାରୀଏ ଦେଖିଲେ ସୁଦର୍ଶନର ଡାହାଣ ପଟ ପେଣ୍ଟ ପକେଟରୁ ମା'ଟା'ର କାଢ଼ି ଆଣୁଛି ମୁଠାଏ ଭିଜା ଚାଉଳ।"

ସମବେତ ଜନତା ଆଃ ! ଚୁ ଚୁ କରୁଥିଲେ। ମା'ର ଛାତି ଫାଟି ଯାଉଥିଲା ଯେମିତି। ପୁଅର ମୁହଁ ଉପରେ ଝୁଙ୍କି ପଡ଼ି ବୋବ ଦେଉଦେଉ ମା'ଟା ପାଗଳୀ ପରି ହୋଇ ପଡୁଥିଲା...ବେଲୁ ବେଲ...।

ସମବେତ ଜନତାଙ୍କ ମଧ୍ୟରୁ କେହି ଜଣେ ପାଟି କରି ଉଠିଲା- "ଆରେ ! ମା'ଟା ତା'ର ବେହୋସ ହୋଇଗଲାରେ... ଚେତା ବୁଡ଼ିଗଲା ! ପାଣି ! ପାଣି ଦିଅ ପାଣି।"

ଥୋକେ ଲୋକ ଧାଇଁ ଗଲେ ନଈକୁ... ପାଣି ଆଣିବା ପାଇଁ।

ଆଖିର ଲୁହ ବୋଲ ମାନୁନି। ଝରିପଡ଼ି ମିଶିଯାଉଛି ପାଣି ଧାରରେ....। ରୂପେଇ ନଈର କଳକଳ ଜଳଧାର ବହିଯାଉଛି ଆଗକୁ ଆଗକୁ ଏକ କରୁଣ ରାଗିଣୀର ସ୍ୱର ତୋଳି...।

■■

Source: Author, Digitized by PPRACHIN, SOA

ସମ୍ପର୍କର ସୂତାଖିଅ

ଖାତା ଦେଖାର ଆଳ ଦେଖାଇ ଅଳକା କଥାଟାକୁ ଟାଳିଦେଲା। ସେ ଏବେ ଆଦୌ ଯାଇପାରିବନି। ପ୍ରାୟ ପ୍ରତ୍ୟେକ ବର୍ଷ, ବର୍ଷର ଶେଷ ବେଳକୁ ଶାଶୁଘର ଗାଁ ଆଡ଼େ ବୁଲିଯିବାକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଥା କଟାକଟି ହୁଏ। ଜଣେ କର୍ମଜୀବୀ ମହିଳା ହିସାବରେ କେତେ ବା ଛୁଟି ତା'ହାତରେ। ଦଶହରା ଏବଂ ଖରା ଛୁଟିରେ ଅଶୋକଙ୍କର କିଛି ନା କିଛି ଅଫିସ୍ ପ୍ରୋଗ୍ରାମ୍ ଥାଏ। ଏକା ଏକା କେମିତି ଫାଙ୍କା ଫାଙ୍କା ଲାଗେ। ବୁଲିବାରେ ମଜା ନଥାଏ। ସ୍ୱାମୀର ସାନ୍ନିଧ୍ୟ ବିନା ଶାଶୁଘର, ଲାଗେ ସେ ଯେମିତି ଗୋଟେ ଡେଣାହୀନ ପକ୍ଷୀ ପରି। ନିହାତି ପାଣିଚିଆ ନିତିଦିନିଆଁ ଜୀବନ। ବରଂ ସେଇ ସମୟରେ ବାକିଆ କାମ ସବୁକୁ ସେ ସାରି ଦେବାକୁ ଉଚିତ୍ ମନେକରେ।

ବର୍ଷକୁ ମାତ୍ର ପନ୍ଦରଟା ଦିନ କାଜୁଆଲ ଲିଭ୍। କୁନି ଝିଅ ମାମୁନିର ପାଠପଢ଼ା ଏବଂ ପରୀକ୍ଷା ପାଇଁ ବିତିଯାଏ କିଛି। ଆଉ କିଛି ଅଶୋକଙ୍କ ପାଇଁ।

ଫେରିବା ମାତ୍ରେ ପାଖରୁ ପାଞ୍ଚ ମିନିଟ୍ ବି ଛାଡ଼ନ୍ତି ନାହିଁ। ତା'ଛଡ଼ା ବାପା, ବୋଉଙ୍କ ଦେହ ପା ଅଛି। ତାଙ୍କ ପାଖରେ ରହୁଛି ଯେତେବେଳେ ସେମାନଙ୍କୁ ତ ଦେଖିବାକୁ ହେବ। ମାତ୍ର ତା' ନିଜପାଇଁ ଛୁଟି କାହିଁ? ସବୁଦିନ, ସେଇ ରୁଟିନ୍ ବନ୍ଧା ଜୀବନ। ବଡ଼ ବିରକ୍ତିକର। ଟିକିଏ ଅଳସ ପାଇଁ ମନ ଚାହିଁଲେ ମଧ୍ୟ ବେଳ ନାହିଁ।

ଏମିତିରେ ଯେ ସେ ଶାଶୁଘର ଯାଏ ନାହିଁ ସେ କଥା ନୁହେଁ। ପାରିବାରିକ ଉତ୍ସବାନୁଷ୍ଠାନମାନଙ୍କରେ ତ ତାକୁ ଯିବାକୁ ପଡ଼ିଥାଏ। ସେଠି ବା ତା'କୁ ଫୁର୍ସତ୍ କାହିଁ? ଶାଶୁ ବୁଢ଼ୀ ଲୋକ, ଗୋଟିଏ ବୋଲି ଗେହ୍ଲୀ ନଣନ୍ଦ। ଯାଇଛନ୍ତି ଯେତେବେଳେ ତାଙ୍କ ହାତରୁ ପାଇଟି ଛଡ଼େଇ ନେବାକୁ ତ ହେବ। ବନ୍ଧୁବାନ୍ଧବ, ସାଇପଡ଼ିଶାଙ୍କ ଘର ଆଡ଼େ ଟିକେ ବୁଲି ନଗଲେ ନ ଚଳେ। ନହେଲେ ବାର ଉଲୁଗୁଣା ଶୁଣିବାକୁ ହେବ। ପାଠୋଇ ବୋହୂ। କାହାକୁ ଖାତିର୍ ନାହିଁ...ଇତ୍ୟାଦି। କିନ୍ତୁ ମାମୁନିକୁ ସେ କେବେବି ସାଥୀରେ ନେଇନି। ଗାଁ ପାଣି, କାଳେ ତା'ଦେହରେ ଯିବନି, ସେଇ ଆଶଙ୍କାରେ...।

ମାମୁନିର କଥା ମନକୁ ଆସିଲାରୁ ଛାତି ଭିତରଟା କୁହୁଳି ଉଠିଲା। ତା'ଦେହ କ'ଣ ଭଲ ନାହିଁକି? କେମିତି ଅଛି ସେ? ତା'ପାଇଁ ଆଜି ମନଟା ଏତେ ବ୍ୟାକୁଳ ହେଉଛି କାହିଁକି ଯେ? ସେ କ'ଣ ତା ମମିକୁ ମନେ ପକାଉଛି। ମାମୁନି! ତା'ର ଜୀବର ଜୀବନ, ଆତ୍ମାର ଆତ୍ମା! ତା'ବିନା ଗୋଟିଏ ମୁହୂର୍ତ୍ତ ସେ ବଞ୍ଚିରହିବ ଏ କଥା ସ୍ୱପ୍ନରେ

Source: Author, Digitized by PPRACHIN, SOA

ସୁଦ୍ଧା ସେ ଭାବିନି । ତା'ର ହସକାନ୍ଦରେ, ତା'ର ଚପଳତାରେ ସେ ନିଜକୁ ଭୁଲିଛି, ଭୁଲିଛି ପୁଣି ଅଶୋକଙ୍କର ବିରହ ଜନିତ ଦୁଃଖକୁ । ନାଁ ଆଉ ତା'ର ଧୈର୍ଯ୍ୟ ନାହିଁ । ବାପାଙ୍କୁ ନିଦରୁ ଉଠାଇ ମାମୁନି ପାଖକୁ ଫୋନ୍ କରିବାକୁ କହିବ !...କିନ୍ତୁ ବାପା ଉଠିଲେ ବୋଉ ଉଠିବ । ହଠାତ୍ କ'ଣ ହେଲା ବୋଲି ସମସ୍ତେ ବ୍ୟସ୍ତ ହୋଇପଡ଼ିବେ । ମାମୁନି ସବୁରି ପ୍ରିୟ । କୁନି କଣ୍ଢେଇ । ସେ ଗଲାଦିନୁ ଏ ଘରୁ କଳରୋଳ ହଜିଯାଇଛି । ଅନ୍ୟମନସ୍କ ଭାବେ ମାମୁନି ଡାକଟା ସବୁରି ପାଟିରେ ପଶିଯାଉଛି । ମାମୁନି ବିନା ଏଠି ସଞ୍ଜ ସକାଳ ଅଚଞ୍ଚଳ, ଆବେଗହୀନ । ବାପା ଚା'ବିସ୍କୁଟ ଖାଇବାବେଳେ ତାଙ୍କ ତଣ୍ଟିରେ ଲାଗୁଛି । ବୋଉର ସକାଳ ଜଳଖିଆ ବଳି ପଡୁଛି । ସନ୍ଦିପ୍ ପ୍ରାୟତଃ ଘରେ ପଶୁନି । ମାମୁନି ବିହୀନ ଘରଟା ତା'କୁ କାଳେ ଖାଇ ଗୋଡ଼ାଉଛି । କାହିଁକି ଏତେ ରାତିରେ ସେମାନଙ୍କୁ ସେ ହଇରାଣ କରିବ । ଏ ଘରର ବଡ଼ପୁଅ ବୋହୂଙ୍କ ଖାପଛଡ଼ା ଭାବ ତ ବାପା, ବୋଉଙ୍କୁ ଚିନ୍ତାରେ ପକେଇ ଦେଇଛି । ସେମାନେ ପ୍ରାୟ କିଛିଦିନ ହେବ ଘରକୁ ଆଉ ଆସୁନାହାଁନ୍ତି । ତା'ର କାରଣ ହୁଏତ ଅଳକା ନିଜେ ।

ଶ୍ରୀକାନ୍ତ, ସନ୍ଦିପ୍ ଆଉ ଅଳକା ଗୋଟିଏ ଡାଳର ତିନୋଟି ଫୁଲ । ହସି ଖେଳି ପାଠପଢ଼ି ଏଇ ଘରେ ସେମାନେ ମଣିଷ ହୋଇଛନ୍ତି । ବାପାଙ୍କର କିରାଣୀ ଚାକିରୀର ଦରମାରେ ବେଶ୍ ଖୁସିରେ ଚଳିଯାଇଛନ୍ତି ସେମାନେ । କଟକ ସହରର ଗୋଟେ ଛୋଟ ଗଳିରେ ତିନି ବଖୁରିଆ ଘରଖଣ୍ଡେ । ସେଇ ଘରର ବଡ଼ଝିଅ ଅଳକା । ଚାକିରୀ କଲାପରେ ବି ତା'ହାତରୁ ଗୋଟେ ହେଲେ ପଇସା ଧରି ନାହାଁନ୍ତି ବାପା । ଏମିତି କି ପୁଅମାନଙ୍କଠୁଁ । ଏଇଟା ତାଙ୍କର ସ୍ୱାଭିମାନ । ଶ୍ରୀକାନ୍ତ ରାଉରକେଲାର ଗୋଟେ ଖବରକାଗଜର ସାମ୍ବାଦିକ । ସନ୍ଦିପ୍‌ର ଔଷଧ ଦୋକାନ । ବାପା ନ ଚାହିଁଲେ ମଧ୍ୟ ଏମାନେ ଯାଚି ଦିଅନ୍ତିନି । କିନ୍ତୁ ଅଳକା ଦରମା ପାଇଲା ମାତ୍ରେ ଇଲେକ୍‌ଟ୍ରିକ୍ ବିଲ୍, ଫୋନ ବିଲ୍, ପଇଠ କରି ଦେଇ ଆସେ । ପରିବା ପତ୍ର, ବଜାର ସଉଦା, ଆପେ ଯାଇଁ କିଣି ଆଣେ । ବାହାହେଲା ଝିଅ ପରଘରୀ । ତା'ଛଡ଼ା ପାଖରେ ଝିଅ ଅଛି । ଅଶୋକ ବି ଛୁଟିରେ ଆସୁଛନ୍ତି । ତା'ର ତ ଏ ପରିବାର ପ୍ରତି କିଛିଟା କର୍ତ୍ତବ୍ୟ ଅଛି ।

ଶ୍ରୀକାନ୍ତର ବାହାଘର ପରେ ପରେ ଅଳକା ଅନେକଥର ବାହାରେ ଘରଭଡ଼ା ନେଇ ରହିବାକୁ ସ୍ଥିର କରିଛି । ଅଥଚ ବାପା, ବୋଉଙ୍କର ଆକୁଳତାକୁ ସେ ଏଡ଼ାଇ ଦେଇ ଯାଇପାରିନି । ଶ୍ରୀକାନ୍ତ ବାହାଘର ପରେ ପରେ ବଦଳି ଯାଇଛି । ଏବେ ଗମ୍ଭୀର ରହୁଛି ସେ । ତା' ସହିତ ହଁ ନାହିଁରେ କଥା କହୁଛି । ସେ ଆସିଲେ ସନ୍ଦିପ୍ ବାପାଙ୍କ ପାଖରେ ଶୁଏ । ବୋଉ ଶୁଏ ତଳେ । ସନ୍ଦିପ୍ ଘରେ ହିଁ ଶ୍ରୀକାନ୍ତ ଶୁଏ । ଶ୍ରୀକାନ୍ତର ସ୍ତ୍ରୀ ସୋନି । ବାଇଶବର୍ଷର ସୁନ୍ଦରୀ ଝିଅଟିଏ । ଅଳକା ତାକୁ ଖୁବ୍ ସ୍ନେହ କରେ । କାମ କରିବାକୁ

Source: Author, Digitized by PPRACHIN, SOA

ଦିଏନି। କାଲି ହୁଏତ ସେ କହିପାରେ ବାହାହେଲା ନଣନ୍ଦ ବାପଘରେ ରହି ଭାଉଜ ସାଙ୍ଗରେ ବାଦ। ସେଥିପାଇଁ ସେ ଖୁବ୍ ସତର୍କ।

ଅଶୋକ ପୂର୍ବ ପରି ଏଠି ବେଶୀଦିନ ରହନ୍ତିନି। ଖୁବ୍ ବେଶୀରେ ଦିନେ ଦୁଇଦିନ ରହି ତା'ଙ୍କ ଗାଁକୁ ଚାଲିଯାନ୍ତି। ତାଙ୍କ ଭାଷାରେ "ପରଝିଅର ଘର ହେଲା, ଆଉ ଶ୍ୱଶୁର ଘରେ ରହିବା ଠିକ୍ ନୁହେଁ।"

ବାପା ସେଦିନ କହୁଥିଲେ ସନ୍ଦିପ୍‌ର ବାହାଘରଟା ସାରିଦେବାକୁ। ଅଳକା କହିଲା ତା'ପୂର୍ବରୁ ମୋତେ ମୋ ରାସ୍ତା ଦେଖିବାକୁ ହେବ। ଭଲ ଭଡ଼ାଘର ଖଣ୍ଡେ ଯୋଗାଡ଼ କରିବାକୁ ହେବ। ସନ୍ଦିପ୍ ସାଙ୍ଗେ ସାଙ୍ଗେ କହି ପକେଇଲା "ତୁ ବ୍ୟସ୍ତ ହୁଅନା ଅପା! ଘର ଜୋଇଁଆଟେ ଯେଉଁ ଶ୍ୱଶୁର ଚାହୁଁଥିବ ମୁଁ ତା' ଝିଅକୁ ବାହାହେବି। ତା'କଥା ଶୁଣି ସେ ହସିଦେଲା ସିନା, ହେଲେ ଛାତି ତଳର କେଉଁ ଅନ୍ଧାରୀ କୋଣରେ ବିଦ୍ୟୁତ୍ ଛଟାଟିଏ ଚାଉଁକିନା ଲାଗିଗଲା।

ଆଉଦିନେ, ସୋନି ଓ ଶ୍ରୀକାନ୍ତ ମଝିଘରେ ବସିଥିଲେ। ନିହାତି ଅନ୍ୟମନସ୍କ ଭାବେ ପରଦା ଆଡ଼େଇ ଘର ଭିତରକୁ ପଶିଯାଇଥିଲା ଅଳକା। ସେମାନଙ୍କୁ ଅପ୍ରସ୍ତୁତ ଅବସ୍ଥାରେ ଦେଖି ସେ ଫେରି ପଡ଼ିଲା ବେଳକୁ ସୋନି ଶ୍ରୀକାନ୍ତ ପାଖରୁ ଉଠି ଚାଲି ଆସିଥିଲା। ପ୍ଲସ୍ ଟୁ ପାଶ୍ କରି ନଥିବା ସେଇ ଛୋଟ ଭାଉଜଟି ପାଖରେ ସେ ସେଦିନ ଛୋଟ ହୋଇଯାଇଥିଲା। ଶ୍ରୀକାନ୍ତର ଛୁଟି ସରିନଥିଲେ ବି ସେ ସେଦିନ ରାତିରେ ରାଉରକେଲା ଫେରି ଯାଇଥିଲା।

ଏବେ ସୋନି ବାପଘରେ। ଶ୍ରୀକାନ୍ତର ଛୋଟ ଚାକିରି, ସ୍ତ୍ରୀକୁ ନେଇ ପାଖରେ ରଖିବାର ଦମ୍ ନାହିଁ। ସେ ମଧ ଅଶୋକ ସାଥୀରେ ଦିଲ୍ଲୀ ପଳେଇ ଯାଇପାରନ୍ତା। ସେଠି ମାମୁନି ପାଇଁ ସ୍କୁଲ ଅଛି। ମାତ୍ର ତା'ପାଇଁ ଚାକିରୀନାହିଁ। ଯେତେସବୁ ବାଜେ ଚିନ୍ତାରେ ବୁଡ଼ି ଯାଉ ଯାଉ କେତେବେଳେ ସେ ଶୋଇପଡ଼ିଛି ତାକୁ ଜଣା ନାହିଁ। ନିଦ ଭାଙ୍ଗୁ ଭାଙ୍ଗୁ ସକାଳ ସାତଟା।

ଆଃ! ମନଟା ଟିକିଏ ହାଲ୍‌କା ଲାଗୁଛି।

ଗତ ରାତିରେ ଯେତେସବୁ ଅନ୍ଧାରୀ ଭାବନା ସକାଳର ଆଲୁଅରେ ସଫା ହୋଇଯାଇଛି। ଅଳକା ବୋଉକୁ ଡାକି କହିଲା, "ବୋଉ! ମୋ ମାମୁନିକୁ ଟିକେ ଫୋନ୍ କଲୁ।"

ବୋଉ ବୋଧେ ଚାହିଁ ବସିଥିଲା। ସାଙ୍ଗେ ସାଙ୍ଗେ ସେ ଫୋନ୍ ଉଠାଇଲା।

– "ହ୍ୟାଲୋ!"

Source: Author, Digitized by PPRACHIN, SOA

"ମାମୁନି ! ମାମୁନି ତୁ କେବେ ଆସିବୁ ? ଶୀଘ୍ର ପଳେଇଆ ତୋ'ବିନା ଏଠି ଜମାରୁ ଭଲ ଲାଗୁନି । ତୁ ଏବେ କ'ଣ କରୁଛୁ ?"

– "ମୁଁ ବ୍ରସ କରୁଛି ଆଈ ! ତମକୁ ଭୁଲିନି" ତମ ପାଖରେ ତ ଅଜା, ମମି, ମାମୁଁ ସମସ୍ତେ ଅଛନ୍ତି । ମୁଁ ଅବିକା ଯିବିନି... । ଗଲେ ଜେଜୀମା'କାନ୍ଦିବେ ।"

– "ତୋତେ କ'ଣ ସେଠି ରହିବାକୁ ଭଲ ଲାଗୁଛି ?"

– "ହଁ ! ବହୁତ ଭଲ । ଏଠି ନଈଅଛି । ନଈରେ ଡଙ୍ଗା ଭାସୁଛି । କୁନି ପିଉସୀଙ୍କ ସାଙ୍ଗରେ ମୁଁ ନଈରେ ଗାଧୋଉଛି । ଏଠାକାର ଦୋକାନରେ ଚକୋଲେଟ୍ ଅଛି । ବହୁତ ସାଙ୍ଗ ବି ଅଛନ୍ତି । ବାପା ଏକୁଟିଆ ଯିବେ । ମୁଁ ଯିବିନି... ।"

"ବୋଉ ମୋତେ ଟିକେ ରିସିଭରଟା ଦେଲୁ । କ'ଣ କହୁଛି ସେ ମୁଁ ଟିକେ ଶୁଣେ ! ତାକୁ ଯଦି ମୁଁ ଠିକ୍ କରି ନ ଦେଇଛି, ସେ ମୋତେ ଚିହ୍ନିବ । ସେ ମୋ ଝିଅ, ନାଁ ମୁଁ ତା'ଝିଅ ।"

"ନେ ଲୋ ମା ! ତୋ'ଝିଅ କଥା ତୁ ଶୁଣ୍ । ଏଡ଼ିକି ଫୁଲେଇ ସେ । ଆସିବନି କହୁଛି । ଶାସ୍ତ୍ର କହିଛି ପରା –

ବାରବର୍ଷଯାଏ ମଉଳା ପୋଷେ,
ଖୁଡ୍ଡୁତା ଦେଖିଲେ ଜଂଘରେ ବସେ ।
ଆଲୋ ଦେଖିଲୋ, ଏ ଟୋକୀକୁ ! ଏଡ଼ିକି ଖଣ୍ଡେ ସେ !"

ବୋଉର ପାଟି ଶୁଣି ବାପା ଏବଂ ସନ୍ଦିପ୍ ଫୋନ୍ ପାଖରେ ହାଜର... ।

ଅଳକା ଫୋନ୍‌ରେ ଡାକିଲା– "ମାମୁନି ! କ'ଣ ସବୁ ଆଈକୁ କହିଲୁ ? ଆସିବୁନି କାହିଁକି ? ମାଡ଼ ଖାଇବୁ ଯେ !"

– ତମେ ତ ବହୁତ ଦୂରରେ ମମି । ଫୋନ୍‌ରେ ଗାଳିଦେବ ସିନା, ହେଲେ ମାଡ଼ ଦେଇ ପାରିବନି । ତମ ଉପରେ ବାପା ରାଗିଛନ୍ତି । ତମେ କାହିଁକି କାଲି ଫୋନ୍ କଟାଡ଼ି ଦେଲ ?

– ଭଲ କଲି । କେତେ ବାପାଙ୍କୁ ସପୋଟ୍ କରୁଛୁ । ତୋ' ବାପାଙ୍କୁ କହିଦେବୁ ସେ ତୋତେ ଏଠୁ ନେଇଛନ୍ତି, ସାଙ୍ଗରେ ଆଣିକରି ଆସିବେ । ନହେଲେ ସେ ସେଠୁ ଆସିବେନି ।

– ମୁଁ ଯିବିନି ମମି ! ଜେଜୀମା'କହୁଛନ୍ତି ମୁଁ ଏଇଠି ପଢ଼ିବି । ଏଠି ବଡ଼ ସ୍କୁଲଟାଏ ଅଛି, ଓଡ଼ିଶା ସ୍କୁଲ । ବାପା ପଢ଼ିଥିଲେ ମୁଁ ପଢ଼ିବି ।

Source: Author, Digitized by PPRACHIN, SOA

- ଛିଃ !ଛିଃ ! ଗାଁ ସ୍କୁଲରେ ପାଠପଢ଼ା ! ତୁ ଡି.ଏ.ଭି. ସ୍କୁଲ ପିଲା ହୋଇ ପୁଣି ଓଡ଼ିଆ ସ୍କୁଲରେ ପାଠ ପଢ଼ିବୁ। ତୋ ମୁଣ୍ଡ ସେମାନେ ବିଗାଡ଼ି ଦେଲେଣି। ତା'ସାଙ୍ଗରେ ତୋ'ବାପାଙ୍କର ମୁଣ୍ଡ ବି...।

- ବାପା ତ ଏଇ ଗାଁ ସ୍କୁଲରେ ପାଠ ପଢ଼ି ଏତେବଡ଼ ଅଫିସର ହୋଇଛନ୍ତି। ଆଉ ତମେ କଟକ ସ୍କୁଲରେ ପାଠପଢ଼ି ଗୋଟିଏ ଛୋଟିଆ ସ୍କୁଲରେ ଦିଦି ହୋଇଛ। ଏଥର କୁହନା ମମି, କେଉଁଠି ଭଲ ପଢ଼ା ହେଉଛି ? ଗାଁରେ ? ନା କଟକରେ ?

- ତୋତେ ଆଉ ପାରିହେବନି ଦେଖୁଛି। ବଡ଼ ଚାଲାକ୍ ହୋଇଗଲୁଣି। ଆଚ୍ଛା ! ତୁ ଶୋଉଛୁ କାହା ପାଖରେ ? ଏବେ ଗାଁରେ ପ୍ରବଳ ଶୀତ ପଡ଼ିଥିବ। ସେଠି ପୁଣି ଗଦି ନାହିଁ...।

- କୁନି ପିଉସାଙ୍କ ପାଖରେ...। ସେ ମୋତେ ମଜା ମଜା ଗପ କହୁଛନ୍ତି। ତାଙ୍କ ପାଖରେ ଶୋଇଲେ ଶୀତ ନାହିଁ...।

- ତାହେଲେ ତୁ କୁନି ପିଉସୀଙ୍କ ପାଖରେ ଶୋଉଛୁ ?

ସନ୍ଦିପ୍ କହିଲା "ହଁ, ହଁ, ଗଦିର ଆଉ ଆବଶ୍ୟକତା କ'ଣ ଅଛି ? ମାମୁନିର ପିଉସା ତ ଆପେ ଗୋଟେ ଡନ୍‌ଲପ୍ ଗଦି। ଧୋଇଆ ପାରିଆ ଝିଅ ତ ? କୋଳଥ ଡାଲି ଖାଇ ଏହୁଁ ଗଣ୍ଡି..। ହସିଲେ ସମସ୍ତେ...।

ଅଳକା ପଚାରିଲେ, "ତୋ'ପାଖରେ ଆଉ କିଏ ଅଛନ୍ତି କି ?"

"ହଁ ଜେଜୀମା' ଏଠି ଠିଆହୋଇଛନ୍ତି। ଦେବି ତାଙ୍କୁ ?"

ଅଳକା ଟିକିଏ ହଡ଼ବଡ଼େଇ ଯାଇଁ କହିଲା, "ଦେଉନୁ ! ଦେ।"

ଅଳକା ଶାଶୁଙ୍କୁ ଜୁହାରଟେ ହୋଇ କହିଲା, "ଆପଣଙ୍କ ପୁଅଙ୍କ ସାଥୀରେ ମାମୁନିକୁ ପଠେଇ ଦେବେ ବୋଉ ! ତା'ର ପାଠପଢ଼ା ପଛେଇ ଯାଉଛି। ଟିଉସନ୍ ମାଷ୍ଟ୍ରେ ଡେଲି ଆସି ଫେରି ଯାଉଛନ୍ତି।"

ଶାଶୁ ସେପଟୁ ଚଢ଼ା ଗଳାରେ ଆରମ୍ଭ କରିଦେଲେ, "ତମେ କାହିଁକି ଆସିଲନି ବୋହୂ ? ଆଗରେ ସୁଦଶାବ୍ରତ, ଶାମ୍ବଦଶମୀ, ଏ ଗାଁରେ ଯିଏ ଯୁଆଡ଼େ ପିଲା କବିଲା ନେଇ ବାହାରେ ଥିଲେ, ସମସ୍ତେ ଘରମୁହାଁ ହୋଇ ଫେରୁଛନ୍ତି। ମୋ ପୁଅ ନାତୁଣୀ ଅଇଲେ। ତମେ ଆସିବାକୁ ମନ କଲନି କାହିଁକି ? ତମ ପାଠରେ କ'ଣ ଏଇଆ ଲେଖା ହୋଇଛି ? ସବୁଦିନେ ବାପଭାଇ ଘରେ ରହିବାଟା କ'ଣ ଶୋଭା ପାଉଛି ? ପୂର୍ବ ପୁରୁଷ କହିଛି ପରା -

Source: Author, Digitized by PPRACHIN, SOA

ବାପଘରେ ଝିଅ ଭିକାରୁଣୀ
ଶାଶୁ ଘରେ ଝିଅ ରାଜରାଣୀ।

ମୁଁ ଆସି ବୁଢ଼ୀ ହେଲି। ଆଉ ପାରୁନି। ତମ ଘର ତମେ ସମ୍ଭାଳ। ଆଜି ତମେ ବୋହୂ ଅଛ, କାଲି ଶାଶୁ ହେବ। ମୋତେ ଯେମିତି ହଟ ହଟା କରୁଛ ତମେ ସେମିତି ହେବ। ଚାଉଳ ସେରକ କ'ଣ ତିନିପା' ହେବ।"

ଅଳକା ଥମ୍ ହୋଇ ବସିପଡ଼ିଲା କିଛିକ୍ଷଣ। ସେ କେବେ ବି ଶାଶୁଙ୍କ ଠାରୁ ଏମିତି ବାକ୍ୟ ଶୁଣିନଥିଲା। ଏଇ ପ୍ରଥମ।

"କ'ଣ ହେଲା? ସମୁଦୁଣୀ କ'ଣ କହିଲେ?" ଏକା ସଙ୍ଗେ ପଚାରିଦେଲେ ବାପା, ବୋଉ!

"ମୁଁ ଗାଁକୁ ଯିବି। ଆଗରେ ଶାମ୍ବ ଦଶମୀ, ସୁଦଶାବ୍ରତ...।"

"ସନ୍ଦିପ୍ ଟାହୁଲି ଭରା କଣ୍ଠରେ କହିଲା, "ମୁଁ ଭାବିଲି ତୋ' ଶାଶୁଘର ଗାଁରେ ଭୂମିକମ୍ପଟାଏ ଘଟିଗଲାକି ଆଉ। ସହଜେ ତ ନଈକୂଳିଆ ଚାଳିଘର।"

ଅଳକା ତା'କଥାରେ ହସିଲାନି। ବରଂ ଗମ୍ଭୀର ହୋଇ କହିଲା, "ମୋତେ ଗୋଟେ ରିକ୍ସା ଡାକିଦେ' ଜଲ୍‌ଦି, ନହେଲେ ଡେରି ହୋଇଯିବ, ବସ ମିଳିବନି।"

ବାପା କହିଲେ, "ଆରେ, ଏଥିରେ ବ୍ୟସ୍ତ ହେବାର କ'ଣ ଅଛି? ଆଜି ନହେଲେ କାଲି ଯିବୁ। ସେମାନଙ୍କୁ ଡରିଲେ, ସେମାନେ ଡରାଉଥିବେ ଏଇମିତି।"

"ନାଇଁ ଆଜିହିଁ ଯିବି। ବର୍ତ୍ତମାନ। ଛୁଟି ସରି ଆସୁଛି। ମୋତେ ବୁଝିବାକୁ ହେବ ସେଠିକାର ସ୍କୁଲରେ କେଉଁଠି ଭ୍ୟାକାନ୍‌ସି ଅଛି କି ନାହିଁ। ଚାହିଁଲା ମାତ୍ରେ କୋଉ ସାଙ୍ଗେ ସାଙ୍ଗେ ବଦଳି ହୋଇଯାଉଛି ଯେ।"

"ମାମୁନିଟା ଏଡ଼ିକି ବକଟେ ପିଲା। ତା'ର ଏତେ ବୁଦ୍ଧି ଆସିଲା କେଉଁଠୁ? ସେମାନେ ତାକୁ ରୀତିମତ୍ ରିହାଲ୍‌ସାଲ୍ କରିଛନ୍ତି।" ସନ୍ଦିପ୍ ବିରକ୍ତ ହୋଇ କହିଲା।

ଅଳକା ତା'ର ଉତ୍ତର ଦେଲା, "ହଁ ସେ ଆଜି ଝିଅ ଅଛି। କାଲି ବୋହୂ ହେବ। ପୁଣି ବୋହୂରୁ ଶାଶୁ...।"

"ତୋ ମୁଣ୍ଡଟା ବିଗିଡ଼ି ଗଲାଣି ଅଳି। କ'ଣ ସବୁ ବାଜେ କଥା କହୁଛୁ? ଇଏ ଏଠୁ ପୁଣି ଯାଇଁ ଗାଁ ସ୍କୁଲରେ ଚାକିରୀ କରିବ। ଯାହାର କାଳକ କଟିଛି ସହରରେ। ଏନ୍ତୁଡ଼ିରୁ ଆଜିଯାଏଁ...।" ବାପା କହିଲେ।

ଏଥର ବୋଉ ପାଟିକରି ଉଠିଲା। "ତା' ଘରକୁ ସେ ଯିବ। ଯାଉ! ଶାଶୁଟା

Source: Author, Digitized by PPRACHIN, SOA

ପାଚିଲା ତାଳ। କେତେବେଳେ ଖସିପଡ଼ିବ କିଏ ଜାଣେ ? ନଣନ୍ଦଟା ଏଯାଏଁ ହାତକୁ ବି' ହାତ ହେଲାନି, ସହଜେ ତ ଜ୍ୱାଇଁ ଆମର ଦୂର ବିଦେଶୀ। ତୁଠ ଜଗିଥିଲେ ତ ଖଦି ପିନ୍ଧିବ।

ତମରି ଘର କଥା ହୋଇଛି କି, କୁହା ନାହିଁ, ବୋଲା ନାହିଁ, ବୋହୂ ଯାଇଁ ବାପଘରେ। ଯେତେହେଲେ ମା'ମନ। ଝିଅଟା ପାଇଁ ସେ ଝୁରୁଛି ଯାହା...।"

ବାପା ଚୁପ୍ ପଡ଼ିଗଲେ।

ସନ୍ଦିପ୍ ସାର୍ଟଟା ପିନ୍ଧୁ ପିନ୍ଧୁ କହିଲା, "ବୋଉ ଶୁଣିବୁ ଗୋଟେ କଥା- କୋଇଲି କୁଆ ବସାରେ ଅଣ୍ଡା ଦେଇ ଚାଲିଗଲା। କୁଆ ତାକୁ ଯତ୍ନରେ ଉଷୁମାଇଲା... କିଛିଦିନ ପରେ ଅଣ୍ଡା ଫୁଟେଇ ବାହାରି ଆସିଲା ସୁନ୍ଦର କୁନି ଛୁଆଟେ। ଡେଣା ତା'ର ଟାଣ ହେଲା। ସେ ଖଣ୍ଡିଉଡ଼ା ଦେଲା। ଯେତେବେଳେ ସେଇ ଛୁଆଟି ରାବିଲା କୁହୁ... କୁହୁ... ଉ... ସେତେବେଳେ କାଉ କହିଲା ଯା...ଯା...ଯାଆ...। କହିଲୁ ବୋଉ! ଏଠି କୁଆ କିଏ ? କୋଇଲି କିଏ ?"

ବୋଉ ସନ୍ଦିପ୍‌ର କାନ ଧରି କୃତ୍ରିମ କ୍ରୋଧରେ କହିଲେ, "ଅପା ଯାଇଁ ଦାଣ୍ଡରେ ହେଲାଣି, ଇଏ ରିକ୍ସାଟାଏ ଡାକିଦେବ ବୋଲି ଏଠି ପେଖନା କାଢୁଛି।"

ସନ୍ଦିପ୍ ଅବଲୀଳାକ୍ରମେ ଅପସରି ଯାଉ ଯାଉ ଡାକ ଦେଲା, "ଅପାଲୋ! ରହ ମୁଁ ଯାଇଁ ଡାକି ଦେଉଛି ରିକ୍ସା...।"

■■

Source: Author, Digitized by PPRACHIN, SOA

ପର ଦେଶୀଆର ଚୋରା ପୀରତି

ପୁରୁଷ ! ଭଅଁର ପରି !ନିଷ୍ଠୁର ! ସ୍ୱାର୍ଥପର !

ଗୁଣୁ ଗୁଣୁ ଗୀତ ଗାଇ ରକ୍ତଶୋଷେ। ଉଡ଼ିଯାଏ। ଝାଉଁଳା ମୁହଁରେ ଖୋଜିଲା ବେଳକୁ ସେ ଯାଇଁ ନୂଆଫୁଲ ପାଖରେ ହାଜର। ତମେ ଜଳୁ ଥାଅ। ଜଳି ଜଳି ମରୁଥାଅ। ଚନିମାଉସୀ ଚା ପିଇ ଚାଲିଗଲେ। ପିଲାଏ ଟ୍ୟୁସନ୍‌ରୁ ଫେରିଥିଲେ। ହେଲେ ସବିତା ସେଇଠି ବସିଥିଲା ସେମିତି।

କେମିତି ଲାଗେ ଆପଣାର ମଣିଷଟି ପର କରିଦେଲେ ?

କେମିତି ଲାଗେ ପ୍ରବାସରେ ପତିଦେବ ପରକୀୟା ପ୍ରୀତିରେ ମାତି ଉଠିଲେ ? ମାଉସୀକୁ ସେ ମିଛ କହିଲା। ଗତ ସପ୍ତାହରେ ଗଦାଧର ଆସି ପୁଣିଫେରିଯିବା କଥାଟା ମିଛ। ଆଠ ଦିନରେ ଆସିବା ଲୋକ, ଅଥଚ ଅଠର ସପ୍ତାହ ବିତି ଗଲାଣି ଦେଖାନାହିଁ।

ଦରମା ମିଳିଲେ ଯିବି। ଆସନ୍ତା ସପ୍ତାହରେ ଯିବି। ସେଠାକାର ଖବର କ'ଣ ? ପିଲାମାନେ କେମିତି ଅଛନ୍ତି ? କେବଳ ଏତିକି। ମାସେ ପନ୍ଦର ଦିନରେ ପଡ଼ିଶା ଘର ଫୋନ୍‌ରେ ପଚାରି ଦିଅନ୍ତି ଯାହା।

ଚନିମାଉସୀ କାହାଠୁଁ କଣ ଶୁଣିଛନ୍ତି ନିଶ୍ଚେ ! ଏମିତିରେ ତ ସେ ପରକଥାରେ ମୁଣ୍ଡ ପୂରେଇବା ଲୋକ ନୁହଁନ୍ତି। ତାଙ୍କୁ ଜୋର୍ କରି ପଚାରିଥିଲେ ହୁଏତ ସେ ସବୁ ଖୋଲି କହିଥାନ୍ତେ। କିନ୍ତୁ ତା'ର ସେ ସାହସ ନଥିଲା।

ଗଦା ବାଟ ହୁଡ଼ିଛି। ପର ମଈକିନା ପ୍ରେମରେ ଉବୁଟୁବୁ ହେଉଛି। ମାସକ ଯାକର ଦରମା ତା'ରି ଅଣ୍ଟିରେ ଅଜାଡ଼ି ଦେଉଛି। ଫୁଲ ଶୁଙ୍ଘେଇ ଦିନରେ ମେଣ୍ଢା ରାତିରେ ଭେଣ୍ଡା ବନେଇ ଧୂଆ ସୁଖ ସାରୁଛି, ତୁ'ତା ବାଟ ଚାହିଁ ବସି ଥାଲୋ; ବସି ଥା। ଏମିତି କିଛି ସେ କହି ନଥାନ୍ତେ ତ ଆଉ।

ବେଳେବେଳେ ସାନ ଯା' ସୁକୁମାରୀ କାନ୍ଥବାଡକୁ ଦେଖେଇ କହେ "ମୁଁ ହୋଇଥିଲେ ଏମିତିକା ମରଦକୁ ଜମାରୁ ପାଖରେ ପୂରେଇ ଦେଇ ନଥାନ୍ତି। କିହୋ !. କି ଯେ ଶୋଷ ତୁମର। ଜମାରୁ ମେଣ୍ଟୁନି। ଯେଉଁ ପୁରୁଷ ଆପଣାର ନାରୀକୁ ଯେତେ ବେଶୀ ଭଲପାଏ। ସେ ପୁରୁଷ ଟିକିଏ ମଉକା ପାଇଲେ ସେତେ ଶୀଘ୍ର ଅନ୍ୟ ନାରୀର ଫାଶରେ ପଡ଼ିଯାଏ। ଆଉ ଏମିତି ଖଞ୍ଜରେ ପଡ଼ିଯାଏ ଯେ ସାରା ଜୀବନ ତାଙ୍କୁ ଝୁରୁଥାଏ। ପ୍ରେମିକା

Source: Author, Digitized by PPRACHIN, SOA

ମରିଯାଏ, କିନ୍ତୁ ପ୍ରେମ ମରେନା। ଆରେ ବାବୁ ତମେ ରହିଲ ଏଠି। ସେ ସେଠି। ଏମିତି ପୁରୁଷକୁ ଗୋଡ଼େଗୋଡ଼େ ଜଗିବା କଥା। ପର ଦେଶରେ ରହୁଥିବା ପୁରୁଷକୁ ଭରସା କରିବା ଯାହା, ବାରୁଦଗଦା ଉପରେ ଘରକରି ରହିବା ତାହା। କେତେବେଳେ ନିଆଁ ଲାଗି ଜଳିଯିବ କିଏ ଜାଣେ ?

ସୁକୁମାରୀ ଭଗାରୁଣୀ। କଥାରେ କଥାରେ କେବଳ ଜାଳିବା ଜାଣିଛି। କିନ୍ତୁ ଗଦାଧର କହନ୍ତି ଅନ୍ୟକଥା...

ଦେଲେ ଧରା କଥାସରେ। ଥାଏ ମଜା ଦୂରେ ଦୂରେ। ଦୂରତାହିଁ ଦାମ୍ପତ୍ୟ ପ୍ରେମରେ ମଧୁ ମାଦକତା ଭରିଦିଏ। ସାତ ଦିନର ଦୂରତା ତାକୁ ସାତବର୍ଷ ଭଳି ଲାଗେ। ଅଫିସ୍‌ରଙ୍କ ମନା ମାନନ୍ତି ନାହିଁ। ଛୁଟି ନେଇ ଛୁଟି ଆସନ୍ତି।

ଓଃ ! ମୁଣ୍ଡଟା ପ୍ରବଳ ବିନ୍ଧୁଛି। ଦେହଟା କେମିତି କେମିତି କସ୍ ମସ୍ ଲାଗୁଛି। ରାତିଟା ଖୁବ୍ ଲମ୍ବା ମନେ ହେଉଛି। ଏମିତି ଉଦ୍‌ବେଗ୍ ମଧ୍ୟରେ ସେ ମରି ଯିବ ସିନା। ଜୀବନ ସରିଯିବା ଆଗରୁ ତାକୁ କିଛି ସାଉଁଟି ନେବାକୁ ତ ହେବା ନା, ଆଉ ନୁହେଁ ଯେମିତି ହେଉ ତା'କୁ ବରହମପୁର ଯିବାକୁ ହିଁ ହେବ।

ତା'ମନରେ ଉଠୁଥିଲା ଅସୁମାରୀ ଅଜଣା ଆଶଙ୍କାକୁ ଛାତି ତଳେ ଚାପିଧରି ସେ ତହିଁ ଆର ଦିନ ବସ୍‌ରେ ଉଠିଲା।

ଠିକ୍ ଦିନ ଏଗାରଟା ସମୟରେ ସେ ପହଞ୍ଚିଲା ଠିକଣା ସ୍ଥାନରେ। ଭାଗ୍ୟଭଲ ଗଦାଧର ଥାନାରେ ଥିଲା। ସେ ତ ସେଠାକାର ଥାନାର ଗାଡ଼ି ଡ୍ରାଇଭର।

– ରୁହ ସିଆଡ଼େ କୁଆଡ଼େ ମାଡ଼ି ଯାଉଛ ! କ'ଣ ଥାନା ଭିତରକୁ ଯିବନା କଣ ? ଖବର ନ ଦେଇ ଏମିତି ଚାଲି ଆସିଲ ଯେ। କ'ଣ ହୋଇଛି ?

– କ'ଣ ଆଉ ହୋଇଥାନ୍ତା ! ଆସିଲା ବେଳେ କେତେ ପଇସା ଦେଇ ଆସିଥିଲ ? ଘରେ ମୁଠେ ହେଲେ ଚାଉଳ ନାହିଁ। ପିଲାଏ ଗଡ଼ି ସଡ଼ି ଯାଉଛନ୍ତି। ପଚାରୁଛ କୁଆଡ଼େ ଆସିଲ। ମୁଁ ଆଉ ପାରିବିନି। ତୁମେ ଏଠି ସଉକ୍ କରୁଥିବ। ମୁଁ ସେଠି ମରୁଥିବି।

– ସଉକ ! ହୁଁ ! ଚାଲ ଚାଲ ! ବସାକୁ ଚାଲ। ମୁଁ ଟିକେ ଛାଡ଼ି ଯାଉଛି।

– ନା ! ମୋର ବସାକୁ ଯିବା କି ଦରକାର ! ତୁମେ ତୁମର ଥାଅ। ମୋତେ କିଛି ଟଙ୍କା ଦେଇ ଦିଅ। ମୁଁ ଏଇଠୁ ଘରକୁ ଫେରିଯିବି, ଫେରନ୍ତା ଗାଡ଼ିରେ।

– ଏତେ ଯିଦ୍ କ'ଣ ପାଇଁ ଯେ, କହିଲି ପରା ବସାକୁ ଯାଅ। ପଇସା କ'ଣ ମୁଁ ପକେଟରେ ଧରି ବୁଲୁଛି।

Source: Author, Digitized by PPRACHIN, SOA

ଆଉ କଥା ନ ବଢେଇ ସବିତା ଚାଲି ଆସିଲା ଗଦାଧର ରହିବା ସ୍ଥଳକୁ, ହାଣ୍ଡିରେ ବଳକା କିଛି ଭାତ, କଡେଇରେ ମାଛ ତର୍କାରୀ। ଗଦାଧର ଭାତଖାଇ ଅଫିସ୍ ଯାଇଛି, ସବିତାକୁ ଭାରି ଭୋକ। ମାତ୍ର ସେ ଖାଇଲାନି। ଦୁଃଖରେ, ଅଭିମାନରେ।

ଗଦାଧର କିଛି ସମୟପରେ ଫେରି ଆସିଥିଲା।

ସବିତାର ସେଇ ଏକାଜିଦ୍ ସେ କିଏ ? କେତେ ବୟସ ? କାହାଭଳି ଦେଖିବାକୁ ? ତା'ସହିତ ତମର କି ସମ୍ପର୍କ ? ତା'ପିଛା କେତେ ଉଡ଼େଇଲଣି ? ଏସବୁ ନ ଶୁଣିଲା ଯାଏଁ ଏଠି ଟୋପେ ହେଲେ ପାଣି ଛୁଇଁବିନି।

- କାହାକଥା ପଚାରୁଛ ?

- ତୁମର ସେଇ ରକ୍ଷିତା କଥା ! ଯାହା ପାଇଁ ମୋତେ ଭୁଲିଛ। ଭୁଲିଛ ଆମର ପିଲାମାନଙ୍କୁ !

ଗଦାଧର ଟିକିଏ ପାଖକୁ ଲାଗି ଆସି କହିଲା ଓଃ ! ଏବେ କଥା ପରିଷ୍କାର ହୋଇଗଲା, ଏଇଥିପାଇଁ ରାଣୀ ଆସି ଏଠି ହାଜର। ହଇଓ ! ରକ୍ଷିତା ଗୁଡ଼ା କ'ଣ ଏତେ ଶସ୍ତା ହୋଇଛନ୍ତି ଯେ, ଚାହିଁଲା ମାତ୍ରେ ମିଳିଯିବେ। ତା'ଛଡ଼ା ପଇସା ଦେଇ ଯଦି ପ୍ରେମିକା ମିଳି ଯାଉଥାନ୍ତେ, ତାହେଲେ ଲୋକେ ଆଉ ବେଦୀରେ ବସି ବାହା ହୁଅନ୍ତେ ନାହିଁ। ପାଠଶାଠ ପଢ଼ି ଏମିତି ମୂର୍ଖଙ୍କ ଭଳି କ'ଣ ହେଉଛ ଯେ !

- ସତ କହୁଛ ! ମୋ ମୁଣ୍ଡ ଛୁଇଁଲ !

ଗଦାଧର ସବିତା ପାଖକୁ ଆହୁରିଟିକେ ଲାଗିଆସି କହିଲା - ଉଁହୁଁ ! ତମେ ମୋର ଏକମାତ୍ର ପ୍ରଥମ ସ୍ତ୍ରୀ ! ତୁମର ମୁଁ ମୁଣ୍ଡ ଛୁଇଁବି !

- ଜଗନ୍ନାଥଙ୍କ ରାଣ ଖାଇଲ !

- ହେ ! ତମେ ତ ଜାଣ ମୁଁ ଜଣେ ଚରମ ନାସ୍ତିକ। ସେ ଠାକୁର ଫାକୁର ଉପରେ ମୋର ବିଶ୍ୱାସ ନାହିଁ।

- ତଥାପି !

ଟିକିଏ ନୀରବି ଯାଇଁ ଗଦାଧର ଗଳାଝାଡ଼ିଲା ହଁ ପଚାରୁଛ ଯେତେବେଳେ ତେବେ ଶୁଣ। କଥାଟା ସତ, କିନ୍ତୁ ତମକୁ ଏ ସବୁ କହିଲା କିଏ ?

- ପ୍ରଥମେ ତୁମେ କହୁନା, ସେ ମାଇକିନା ଟା କିଏ ?

ମାଇକିନା ନୁହେଁ, ଝିଅଟିଏ। ଅବଶ୍ୟ ବୟସ ତିରିଶରୁ ଊର୍ଦ୍ଧ୍ୱ। ସୁନ୍ଦରୀ କିନ୍ତୁ ବେସାହାରା ଅର୍ଥର ଅଭାବ ନାହିଁ। ମାଛ ବେପାର କରୁଛିତ।

Source: Author, Digitized by PPRACHIN, SOA

- ତମକୁ ସେ ନିଶ୍ଚେ ଅବିବାହିତ ବୋଲି ମନେ କରିଥିବ।

- ହେଇଥିବ ! ବେପରୱା ଢ଼ଙ୍ଗରେ କହିଲା ଗଦାଧର।

ପ୍ରଥମେ କାହାଆଡୁ ଆରମ୍ଭ ହେଲା ?

ଆରେ ବାବୁ ପ୍ରେମ ତ ପ୍ରେମ। କେହି କାହାକୁ ମାପିଚୁପି ପ୍ରେମ କରେନି। ଆମେ ତ ହେଲୁ ଡ୍ରାଇଭରିଆ ଲୋକ। ଚାଲେ ଗାଡ଼ି, ବାଦାମ ବାଡ଼ି। ଗାଡ଼ି ଗଡ଼ିଲା, ପ୍ରେମ ନଈରେ ଜୁଆର ବଢିଲା। ଜୀବନ ତ ଗୋଟେ ପାଣି ଫୋଟକା। ଏଇ ଅଛି ଏଇ ନାହିଁ। ସୁଯୋଗ ମିଳୁଛି ଯେତେବେଳେ ହାତଛଡ଼ା କରିଦେବା କାହିଁକି, ପ୍ରେମ କଲୁ ଭୁଲି ଗଲୁ। ଏତେ ହିସାବ ରଖୁଛି କିଏ ? କେବଳ ଏତିକି ମନେ ଅଛି। ସେ ଦିନ ଥିଲା ରବିବାର। ଛୁଟିଦିନ, ଦିନଟାସାରା ଖାଲି ବର୍ଷା ଆଉ ବର୍ଷା। ଏମିତି ପାଖରେ ଗରମା ଗରମ ଭାତ ଆଉ ମାଛଝୋଳ ଖାଇବାକୁ ଭାରି ମନ ହେଲା। ବର୍ଷାତିଟା ଦେହରେ ଗଳେଇ ପକେଇ ଗଲି ବଜାର। ମାତ୍ର ମନଟା ମରିଗଲା। ବଜାରରେ ମାଛ କଥା ଦୂରେ ଥାଉ ମାଛ କାତିଟାଏ ବି ନାହିଁ। ହତାଶ୍ ହୋଇ ଫେରୁଥିଲି। ମନେ ପଡ଼ିଗଲା ନିଛାଟିଆ ଗଳି ମୁଣ୍ଡରେ ମାଟି ଚାଳିଆ। ଯାହାର ବାଉଁଶ ଖୁଣ୍ଟିରେ ଟିଣପଟାରେ ଲେଖାହୋଇ ଝୁଲୁଥିଲା। ଏଠି ମଧୁର ମାଛ ମିଳେ। କିଛି କଉ କି ମାଗୁର ମିଳିଯାଇ ପାରେ ଭାବି ତୁରନ୍ତ ଆଗେଇ ଗଲି।

- ମାଛ ଅଛି ! ମା....ଛ..... !

- ଅଛି। ବନ୍ଦ କବାଟ ଉହାଡ଼ରୁ ଭାସି ଆସିଲା ମିଠା ସ୍ୱରଟିଏ।

କିଛି ସମୟ ପରେ ଟିଣ କବାଟଟା କେଁ କିନା ଶବ୍ଦକରି ଖୋଲିଗଲା। ମୁଁ ଆଗପଛ କିଛି ନଭାବି ଉଚାଟ ମନରେ ଭିତରକୁ ପଶିଗଲି। ଆଃ ! କି ରୂପ ! ମୋ ସାମ୍ନାରେ ଗୁଣ୍ଠୁଣୀ ହାତୀ, ଯୌବନା ବତୀ...। ଏକାକିନୀ କୈବର୍ତ୍ତ କାମିନୀ...।

- ଥାଉ !ଥାଉ ! ତା'ରୂପର ପ୍ରଂଶସା ସେତିକି ଥାଉ ! ତା'ପରେ କ'ଣ ହେଲା କୁହ !

- କ'ଣ ଈର୍ଷା ହେଉଛି। ମୁଁ ଜାଣେ ତୁମକୁ ଏସବୁ ଶୁଣିବାକୁ ଭଲ ଲାଗିବନି। ତା' ରୂପର ବଡ଼େଇ ତୁମେ ସହିପାରିବନି। ସତରେ କେଡ଼େ ବୋକାଟାଏ ମୁଁ। ପ୍ରେମିକାର ପ୍ରଂଶସା କରୁଛି ପୁଣି ସ୍ତ୍ରୀ ସାମ୍ନାରେ...। ଛାଡ଼ ସେ ସବୁ। ହଁ ଶୁଣ ତା'ପରେ ସେ ଆଖି ନଚେଇ ପଚାରିଲା କି ମାଛ ନେବେ ? କଉ ନା ମାଗୁର ? ସବୁ ଜୀଅନ୍ତା। ଛଟଛଟିଆ। ଆଜି ସକାଳୁ ସକାଳୁ ଧରା ହୋଇ ଆସିଛି।

Source: Author, Digitized by PPRACHIN, SOA

କେମିତି ଗୋଟେ ଉଦ୍‌ବେଳନ୍‌ରେ କହି ପକେଇଲି, "ମାଗୁର ମାଛର ଝୋଲ୍, ବେଟା ହରିଆ ହରିଆ ବୋଲ୍।" ସେଇଥିରୁ ଗୋଟେ ଦେଇଦିଅ। ସେ ମାଛ ଓଜନ କରୁ କରୁ ଛଳଛଳ କଣ୍ଠରେ ପଚାରିଲା "କ'ଣ କାଟିଦେବି ?"

ହଁ! ସେ କଥା ଆଉ ପଚାରିବାର ଅଛି ! ମୋ ଘରେ କଟା ବଟା କରିବାକୁ କେହି ନାହିଁ...।

- ଅଧିକ ପାଞ୍ଚଟଙ୍କା ପଡ଼ିବ।"

- ଭାଜି ଦେଲେ ?"

- ଆହୁରି ପାଞ୍ଚଟଙ୍କା।"

- ରାନ୍ଧିଦେଲେ ?

ସେ ଆଉ କିଛି ନ କହି କେବଳ ହସିଦେଲା। ମାଛ କାଟିଲା ବେଳେ ସେ ହସୁଥିଲା। ରାନ୍ଧିଲା ବେଳେ ବି। କେବଳ ହସ ଆଉ ହସ। ଭାସିଗଲା ଭଳି ହସ। ଭସେଇ ଦେଲା ଭଳି ହସ। ସେଇ ହସର ଯାଦୁରେ ମୁଁ ଭାସିଗଲି। ନିଜ ଭିତରେ ତରଳି ଗଲି। ଗଦାଧର ଆଖି ଦୁଇଟା ଏକ ଗଭୀର ଭାବାବେଶରେ ଉଜ୍ଜ୍ୱଳି ଉଠୁଥିଲା।

- ତା'ପରେ...। ତା'ପରେ କ'ଣ ହେଲା ?

ଯାହା ହେବାର ଥିଲା। ନିରୋଳା ପରିବେଶ। ଛମ୍ ଛମ୍ ବର୍ଷା। ମେଘୁଆ ଅନ୍ଧାର। ପାଖରେ ଫେନିଳ ଯୌବନ। ଦିଗଚହଟା କଞ୍ଚା ମାଂସର ବାସ୍ନା। ଏମିତି ସୁଯୋଗ କିଏ କ'ଣ କେବେ ହାତ ଛଡ଼ା କରିପାରେ ?

- ଗଦାଇ ! ଗଦାଇ ! ଗଦାଇ ଘରେ ଅଛି କି ? ଏତିକି ବେଳେ କିଏ ଜଣେ ଦାଣ୍ଡରୁ ଡାକଟାଏ ଦେଲା। ଗଦାଧର ତରତର ହୋଇ ବାହାରକୁ ଚାଲି ଗଲା ଏବଂ କିଛି ସମୟ ପରେ ଫେରି ଆସି କହିଲା ଥାନାରୁ ବଡ଼ବାବୁ ଡ଼କେଇ ପଠେଇଛନ୍ତି, ମୋତେ ବାହାରକୁ ଗୋଟେ ଜରୁରୀ କାମରେ ଯିବାକୁ ହେବ। ଅପେକ୍ଷା କରିବନି। ଖାଇନେବ, ହଁ! ଯାହାସବୁ କହିଛି ମିଛ କହିଛି। ମାଛବାଲୀ, ମାଛ ତରକାରୀ ସବୁମିଛ।

ଆରମ୍ଭରୁ ହିଁ ସବିତାକୁ ଏସବୁ ମିଛ ବୋଲି ମନେ ହୋଇଥିଲା। ସତ ଅପେକ୍ଷା ମିଛର ମାତ୍ରା ମାତ୍ରାଧିକ। ହୁଏତ କୌଣସି ଗୋଟେ ଧନ୍ଦାରେ ଫଶିଯାଇଛନ୍ତି ସେ, ଆପଣାର ଅନିଚ୍ଛା ସତ୍ତ୍ୱେ।

ଦୁଇଦିନ ଦୁଇରାତି। କେବଳ ଅପେକ୍ଷା ଆଉ ଅପେକ୍ଷା। ଅଥଚ ସ୍ୱାମୀ ଗଦାଧରର ଦେଖା ନାହିଁ। ସବିତାର ଚିନ୍ତା ବଢ଼ି ବଢ଼ି ଚାଲିଥିଲା। ବେଳକୁ ବେଳ ଗଦାଧର

Source: Author, Digitized by PPRACHIN, SOA

ତା'ନିକଟରେ ଏକ ଅପଢ଼ା ବହିର ଅନନ୍ତ ପୃଷ୍ଠା ଭଳି ରହସ୍ୟମୟ ହୋଇ ଉଠୁଥିଲା।

କୁଆଡ଼େ ଗଲେ ସେ ? ସେ ଯୌବନାବତୀ ସୁନ୍ଦରୀ ମାଛବାଲୀଟା ପାଖକୁ ଯାଇ ନାହାଁନ୍ତି ତ ଆଉ। କେମିତି ଗୋଟେ ଅସହଣୀ ଉଦ୍‌ବେଗ ତା'ର ସମଗ୍ର ସତ୍ତାକୁ ଗ୍ରାସ କରି ବସୁଥିଲା। ଶେଷକୁ ସେ ସ୍ଥିର କରିନେଲା ଯେ, ଯେମିତି ହେଉ ତା'କୁ ମାଛବାଲୀ ନିକଟକୁ ଯିବାକୁ ହେବ। ପ୍ରକୃତ ଘଟଣା କ'ଣ ସମଝିବାକୁ ହେବ।

ବିମୁଗ୍ଧ ଅତୀତଟା ମନକୁ ବାରମ୍ବାର ଆସିଯାଉଥିଲା। ତା'କୁ କିଏ ଯେମିତି କାନେକାନେ କହିଯାଉଥିଲା "ଗଦାଧର କେବଳ ତୋ'ର। ତା'ଉପରେ ଆଉ କାହାର ଅଧିକାର ନାହିଁ, ତୋତେ ଛାଡ଼ି ସେ ଆଉ କାହାର ହୋଇ ନ ପାରେ...। କେଉଁ ସୁନ୍ଦରୀ, ସ୍ୱଳ୍ପ ବୟସୀ ତୋଠୁଁ ତାକୁ ଛଡ଼େଇ ନେଇପାରିବନି। ହୃଦୟର କେଉଁ ନିଭୃତ କୋଣରେ ତୀକ୍ଷ୍ଣ ଛୁରୀକାଟାଏ କିଏ ମାରିଦେଲା ଯେମିତି...।

ଜାଙ୍ଗୁଲ୍ ଜାଙ୍ଗୁଲ୍ ଅନ୍ଧାରରୁ ସେ ଗୋଡ଼ କାଢ଼ିଲା। ଗଳିରୁ ଗଳି ଉପଗଳି। ବଜାର ତଳି ମାଟି ଚାଳିଆ। ଚାଳିଆର ବାଉଁଶ ଖମ୍ବ। ଖମ୍ବରେ ଟଙ୍ଗାଯାଇଥିବା ରଙ୍ଗଛଡ଼ା ଟିଣ। ଯେଉଁଠି ଲେଖାଥିଲା "ଏଠି ମଧୁର ମାଛ ମିଳେ" ଖୋଜୁ ଖୋଜୁ ସକାଳ ହେବାର ବହୁପୂର୍ବରୁ ଠିକଣା ସ୍ଥାନରେ ପହଁଞ୍ଚିଯାଇଥିଲା ସେ। ଭିତରପଟୁ କବାଟ ବନ୍ଦ।

ସବିତାର ଛାତିତଳେ ଅଜଣା କମ୍ପନ। କାନମୂଳେ, ବେକ ତଳେ ଝାଳ କଣ୍ଟି ଆସୁଛି। ଯଥା ସମ୍ଭବ ଆପଣାକୁ ସମ୍ଭାଳି ନେଇ କବାଟରେ କରାଘାତ କଲା ସେ।

- କିଏ ? କିଏ ଡ଼ାକୁଛି ?

ଭିତରୁ ଶୁଭିଲା ନାରୀ କଣ୍ଠର ତୀବ୍ର ସ୍ୱର...।

କିଛି ଉତ୍ତର ନ ଦେଇ ପୁଣି ଥରେ କବାଟରେ ଠକ୍ ଠକ୍ କଲା ସେ।

- ପାଟି ଖୋଲି କହୁନ କାହିଁକି ? ପଚାରୁଛି ପରା !

- ମୁଁ ଡାକୁଛି। କବାଟ ଖୋଲ ! ସବିତାର କଣ୍ଠରେ ଦୃଢ଼ତା।

ଏଥର ହଠାତ୍ କବାଟ ଖୋଲିଗଲା। ସବିତାକୁ ଦେଖି ସେ ଯୁବତୀଟା ଦି'ପାଦ ଘୁଞ୍ଚି ଯାଇ ପ୍ରଶ୍ନିଳ ଆଖିରେ ଚାହିଁ ରହିଲା...।

ଗଦାଧର ସତ କହୁଥିଲେ। ମାଛବାଲୀଟା ରୂପବତୀ। ଯୌବନାବତୀ ବି। ରୂପର ଝଲକ୍‌ରେ ସେ ଖାଲି ମଧୁର ମାଛ କାହିଁକି ପଚା ଚିଙ୍ଗୁଡ଼ି ମଧ ବିକି ଦେଇପାରେ।

ସାରା ଘରଟା ଶାନ୍ତଶୀତଳ। ଛାଇ ଆଲୁଅର ଖେଳ। ଦୁଇଟା ମାଛକୁଣ୍ଡ। ଅଳ୍ପ କେତୋଟି ଆସବାବପତ୍ର।

Source: Author, Digitized by PPRACHIN, SOA

ସେ ଏଥର ଗମ୍ଭୀର ଅଥଚ ଦମ୍ଭିଲା କଣ୍ଠରେ ଆରମ୍ଭ କଲା ମୁଁ ଥାନା ଡ୍ରାଇଭର ଗଦାଧର ପରିଡ଼ାଙ୍କ ସ୍ତ୍ରୀ।"

- ହଁ! କ'ଣ ହେଲା ସେଇଠୁ?

- ସେ ଦୁଇଦିନ ହେବ ଥାନାକୁ ଆସି ଫେରିନାହାଁନ୍ତି।

- ଥାନା ଲୋକଙ୍କୁ ଥାନାରେ ଖୋଜ। ଏଠିକୁ ଏ ଅସମୟରେ ଆସିବା କ'ଣ ଦରକାର ଯେ! ବିରକ୍ତ ହେଲା ମାଛବାଲୀ।

- ତମେ ତାଙ୍କୁ ଜାଣିଛ ବୋଲିତ ଏଠିକୁ ଆସିଲି।

- ଜାଣିଛି! ତୁମ ମୁଣ୍ଡ ଫୁଣ୍ଡ ଠିକ୍ ଅଛିତ! ସେ କିଏ? ମୁଁ କିଏ? ତାଙ୍କ ସହିତ ମୋ'ର କ'ଣ ବା ସଂପର୍କ....।

- ତମ ସହିତ ତାଙ୍କର ସଂପର୍କ ଅଛି ଏବଂ ଖୁବ ଭଲଭାବରେ ଅଛି। ଏକଥା ମୁଁ ଛାତିରେ ହାତ ଦେଇ କହିପାରିବି। କୁହ ସେ କେଉଁଠି ଅଛନ୍ତି?

- ତମକୁ ଥାନାକୁ ଯିବାର ଥିଲା। ନଚେତ୍ ପାଗଳ ଗାରଦକୁ। ଭୁଲରେ ଏଠିକି ପଶି ଆସିଛ। ପାଗଳୀ କୋଉଠିକାର!

- ଏଇ ମୁହଁ ସମ୍ଭାଳି କଥା କହ କହୁଛି। ନ ହେଲେ ଅବସ୍ଥା ସାଂଘାତିକ କରିଦେବି...। ମୁଁ ପାଗଳୀ! ଆଉ ତୁ? ତୁ କ'ଣ? ମାଛ ବେପାର ନାଁରେ ମର୍ଦ୍ଦଙ୍କୁ - କିମିଆଁ କରୁଛୁ। ରସ ରସିଆ କଥା କହି ଦେହ ସୁଖ ସାରୁଛୁ...!

- କ'ଣ କହିଲ! କ'ଣ କହିଲ! ଆଉଥରେ କହିଲ!

- ଥରେ କ'ଣ! ହଜାର ଥର କହିବି! ହଜାର ଥ...ର...!

- ଏଇ ବାହାରି ଯାଅ ଏଠୁ! ବାହାରି ଯାଅ...!

ଉଭୟ ପ୍ରଚଣ୍ଡ କ୍ରୋଧରେ ଥରୁଥିଲାବେଳେ ବାହାର ପଟ ରାସ୍ତାରେ ପିଁ...ଇଁ ପିଁ ଶବ୍ଦ କରି ଅଟୋରିକ୍ସାଟାଏ ଅଟକି ଗଲା।

ଏଥର ମାଛବାଲୀଟା ଟିକିଏ ବିବ୍ରତ ଦିଶିଲା ଏବଂ ପରେ ପରେ ତା'ର ଭୂମିକା ବଦଳେଇ ଦେଇ କହିଲା - ସରିଗଲା! ସରିଗଲା। ତମେ ଏ ରନ୍ଧାଘର ଭିତରକୁ ପଶିଯାଅ। ବାହାର ପଟୁ ମୁଁ କିଳିଦେଉଛି, ନହେଲେ ସର୍ବନାଶ।

ସବିତା କିନ୍ତୁ ତା' କଥା ଶୁଣିଲାନି, ବରଂ ଘଟଣା କ'ଣ ଜାଣିବାକୁ ଇଚ୍ଛାକରି ଯୁବତୀଟିର ମୁହଁକୁ ସିଧା ଚାହିଁଲା।

Source: Author, Digitized by PPRACHIN, SOA

ମାଛବାଲୀ ସବିତାକୁ ଏକପ୍ରକାର ଆଲିଙ୍ଗନ ମୁଦ୍ରାରେ ରନ୍ଧାଘର ଆଡ଼କୁ ନେଇ ଯାଉ ଯାଉ କହିଲା "ବିପଦ ଅଛି ! ସେମାନେ ଫେରିଗଲେ ଆମେ କଥା ହେବା।"

ଏସବୁକୁ ସେ ସହଜରେ ଗ୍ରହଣ କରିପାରୁ ନଥିଲେ ବି ବାଧ ହୋଇ ରନ୍ଧାଘରର ଅନ୍ଧାରରେ ଆତ୍ମଗୋପନ କଲା।

- ଏତେ ଡ଼େରି ହେଲା ଯେ ?

ଜାଣିନ ଗତରାତିରେ ପରା ଦେବୀଭସାଣୀ ଥିଲା। ମଦ ନିଶାରେ ଟୁଲୁଟୁଲୁ ହୋଇ ମଦନ ଭୁଷୁଣ୍ଡାମାନେ ଉଦ୍ଦଣ୍ଡ ନାଚୁଥିଲେ, ସେମାନେ ରାସ୍ତା ଛାଡୁଛନ୍ତି ନାଁ ଆମେ ଆସି ପାରୁଛୁ !

"ପୃଥ୍ୱୀ ହୋଇବ ଗୋଲକୁଣ୍ଡା
ନାଚିବେ ମଦନ ଭୂଷୁଣ୍ଡା।"

- ଏଠି ଦେବୀଙ୍କ ଅପେକ୍ଷା ଦାନବ ଖୁବ୍ ଶକ୍ତିଶାଳୀ।

ହେ ! ଦେବୀ ତ ଗୋଟେ ମାଟି କଣ୍ଢେଇ। ସେ ଆଉ କାହାର କ'ଣ କରି ପକାନ୍ତେ ଯେ !" ସେମାନଙ୍କ କଥାବାର୍ତ୍ତାରୁ ସବିତା ବୁଝିନେଲା ଯେ, ମାଛବାଲୀକୁ ଛାଡ଼ି ସେମାନେ ତିନିଜଣ। ଦୁଇ ଯୁବକ ଏବଂ ଜଣେ ଅଳ୍ପ ବୟସ୍କା କିଶୋରୀ। ମାଛବାଲୀର ଶୁଭ ନାମ ଶୁଭଲକ୍ଷ୍ମୀ ଓରଫ୍ ଶୋଭା !

- ପୋଲିସ୍ ଆମକୁ ଖୋଜୁଛି। ଗଦାଇଙ୍କୁ ବି।

- ଖୋଜୁ ! ଭୟ କାହିଁକି ! ନିର୍ବିକାର ଠାଣିରେ କହିଲା ଶୋଭା।

- ଗଦାଇଙ୍କ ସ୍ତ୍ରୀ ଏ ସହରକୁ ଆସିଛନ୍ତି। ଯେମିତି ହେଉ ତାଙ୍କୁ କଟକ ପଠେଇ ଦେବାକୁ ହେବ। ନଚେତ୍ ପୋଲିସ୍ ସହିତ ତାଙ୍କର ଭେଟ ହୋଇଗଲେ ନାଁ କଥାଟା ସମ୍ଭାଳିବା ବଡ଼ ମୁସ୍କିଲ୍।

ବରଂ ବାହାରେ ପ୍ରଘଟ କରାଇ ଦେବାକୁ ହେବ ଯେ ମାଛବାଲୀ ଶୋଭାକୁ ସାଥୀରେ ନେଇ ଥାନା ଡ୍ରାଇଭର ଗଦାଧର କୁଆଡ଼େ ଫେରାର୍ ହୋଇଯାଇଛି।" ମୋଟା କଣ୍ଠରେ କହୁଥିଲା ଆଗନ୍ତୁକ ଜଣକ।

- ନାରୁଭାଇ ମୋ କଥା କ'ଣ ହେଲା ? ଗାଁରେ ଗଜଲକ୍ଷ୍ମୀପୂଜା। ଚାନ୍ଦା ଭେଦା ତିନିଶ ପନ୍ଦର। ନ ଦେଲେ ନିଆଁପାଣି ଅଟକ।" ଛେପଢ଼ୋକି ଓଦା କଣ୍ଠରେ କହିଲା ସେହି ଅଳ୍ପବୟସୀ ଝିଅଟା।

- ହେଇ ରଖ ତୋ' ଗାଁ ଗଜଲକ୍ଷ୍ମୀ ! ମୁଁ ଜାଣେ, ତମମାନଙ୍କ ଆକାଶରେ କେବେ

Source: Author, Digitized by PPRACHIN, SOA

ବି ସୂର୍ଯ୍ୟ ଉଇଁବନି। ସେଦିନ ରାତିର ବିଭିଷିକାକୁ ତମ ଗାଁର ଲୋକେ ଭୁଲିଗଲେଣି ପରା ! ସେ ଠିକାଦାରଟା ସେମାନଙ୍କୁ ଠାକୁର ନାଁରେ ଯଦି ଠେକିଏ ପାଣି ନ ପିଆଇଛି, ତାହେଲେ ତୁ ମୋତେ କହିବୁ। ଶୁଭଲକ୍ଷ୍ମୀଙ୍କୁ ଦେଖିଲୁତ। ଲଢ଼େଇ ପାଇଁ କେମିତି ବାହାବେଦୀରୁ ଉଠି ଆସିଲା ! ଅନ୍ୟମାନଙ୍କ କଥାଟିକେ ଚିନ୍ତା କର। ଗୋଟିଏ ଜୀବନ ଛାଡ଼ି କୋଟିଏ ଜୀବନର ଚିନ୍ତା ଯେଉଁଦିନ ନ କରିଛ ସେ ଦିନ ଯାଏଁ ତୁମର ମୁକ୍ତିନାହିଁ...।"

ବାହାରଟା ଭୀଷଣ ଭାବେ କୁହୁଡ଼ିଆ ଦିଶୁଛି। ଘଣ୍ଟାରେ ଛ'ଟା ବାଜିଲାଣି, ତଥାପି ଅନ୍ଧାର... ! ଗଳାଝାଡ଼ି କହିଲା ଶୁଭଲକ୍ଷ୍ମୀ।

– କମ୍ରେଡ଼ ଗଦାଧର ତା' ପ୍ରତିଜ୍ଞା ଭୁଲିନି। ସେମାନଙ୍କୁ ସେ ଶେଷ କରିଦେବ ନିଶ୍ଚେ ! ବଞ୍ଚିଲାଭଳିଆ ଏ ମଣିଷ ଯେଉଁ ଦିନ ବଞ୍ଚିବ ସେଦିନ ଯାଇ ସଂଗ୍ରାମର ଶେଷ ହେବ କହିଲା ବେଳେ ଯୁବକଟିର କଣ୍ଠ ଏକ ପ୍ରକାର କମ୍ପିଉଠୁଥିଲା।

କିଛି ସମୟ ନୀରବରେ କଟିଗଲା ପରେ ସବିତା ପୁଣି ଶୁଣିବାକୁ ପାଇଲା ଯେ, ଗଦାଇ ଦଶଜଣ ସାଥୀଙ୍କୁ ନେଇ ମାଲ୍‌କାନାଗିରିର ଘନଘୋର ଜଙ୍ଗଲରେ ଡ଼େରା ପକେଇଥିଲେ। ଗତ କାଲି ସୁଦ୍ଧା ସବୁ ଠିକ୍ ଥିଲା। କିନ୍ତୁ ଏବେ ସେମାନଙ୍କ ସହିତ ଯୋଗାଯୋଗ ସଂପୂର୍ଣ୍ଣ ବିଚ୍ଛିନ୍ନ ପରିସ୍ଥିତିଟା ବଡ଼ ଗମ୍ଭୀର ଜଣାପଡୁଛି।

ସବିତା ସେଇ ଅନ୍ଧାରୁଆ କୋଠରୀଟା ମଧ୍ୟରେ ଅଣନିଃଶ୍ୱାସୀ ହୋଇ ଉଠୁଥିଲା ଅଥଚ ସେ ବାହାରକୁ ବାହାରି ଆସିପାରୁ ନଥିଲା।

– ଆଉ କିଛି କଥାବାର୍ତ୍ତା ପରେ ଆଗନ୍ତୁକ ତିନିଜଣ ପୁଣି ସେଠୁ ନିଷ୍କ୍ରାନ୍ତ ହୋଇଯାଇଥିଲେ। ଏବେ ସବିତା ରନ୍ଧାଘରର ଅନ୍ଧାରରୁ ମୁକ୍ତ...।

ଶୁଭଲକ୍ଷ୍ମୀ ତା' ଆଖିକୁ ଅଲଗା ଦିଶୁଛି...।

– ମୁଁ ଆସୁଛି।

– ଭଲହେଲା... ! ସେମାନେ ଆସିଗଲେ। ଅନ୍ତତଃ ଆପଣ ଆଉ ମୋତେ ଅବିଶ୍ୱାସ କରିବେ ନାହିଁ ଯେ, ମୁଁ ଆପଣଙ୍କ ପତିଦେବଙ୍କୁ ଚୋରେଇ ଆଣିଛି ବୋଲି...।

ସବିତା ଏଥର ଅଭିମାନ ଭରା କଣ୍ଠରେ କହିଲା – ହଁ ! ତମ ଭାଷାରେ ମୁଁ ତ ଗୋଟେ ପାଗଳୀ !

– ଭୁଲ ହୋଇଛି ଭାଉଜ ! ବସନ୍ତୁ ନାଁ ଟିକେ। ଚା' ପିଇ ଯିବେ।

– ନା' ମୋତେ ସମୟ ନାହିଁ। ତା' ଛଡ଼ା ମୁଁ ତ ତମ କମ୍ରେଡ୍ ଗଦାଧରଙ୍କ ସ୍ତ୍ରୀ ନୁହେଁ, ସାମାନ୍ୟ ଜଣେ ଥାନା ଡ୍ରାଇଭରର...।

Source: Author, Digitized by PPRACHIN, SOA

- କହିଲି ପରା ଭୁଲ୍ ହୋଇଛି...! ଯାହା କହିଛି, ଯାହା କରିଛି... ସବୁ ତ ସଂଗଠନ ପାଇଁ ଭାଉଜ!

- ହଁ! ମୋର ସେଥିରେ କି'ଯାଏ! କିନ୍ତୁ ମୁଁ ଆଶ୍ଚର୍ଯ୍ୟ ହେଉଛି ଯେ ବାହାବେଦୀରୁ ଉଠି କେଉଁଥିପାଇଁ ଏ ସଂଗଠନରେ ସାମିଲ୍ ହୋଇଛ। କ'ଣ କେବଳ ସେବାପାଇଁ,... ଆଉ ତମ ମନରେ କିଛି ନାହିଁ?

- ହଁ ଅଛି! କିନ୍ତୁ ବସିଲେ ସିନା କହିବି।"

କହିଲି ପରା ବେଳନାହିଁ। ଏଠିକୁ ନ ଆସି ବରଂ ଥାନାକୁ ଯାଇଥିଲେ ଭଲ ହୋଇଥାନ୍ତା!

- ଥାନାକୁ ଯାଇଥାନ୍ତେ! ହେଲେ କାହିଁକି? କ'ଣ ପାଇଁ?

କଥାଟା ପୋଲିସ୍ କାନରେ ପକେଇ ଦେବାକୁ।

ଟିକିଏ ନୀରବି ଯାଇ ଶୋଭା ପୁଣି ପଚାରିଲା "ଗଦାଧରଙ୍କ ପାଖକୁ କିଛି ଖବର ଦେବେ?

- ନା! ମୋ'ର ସେ ନକ୍‌ସଲ୍‌ବାଡ଼ି ଗୁଣ୍ଡା ସହିତ ଆଉ କି ସଂପର୍କ! ଦୀର୍ଘଶ୍ୱାସଟେ ପକେଇ କହିଲା ସବିତା।

- ଆମଭାଇଙ୍କୁ ଏମିତି କ'ଣ କହୁଛ ଯେ, ଭାଉଜ!

- ଠିକ୍ କହିଛି। ପରିବାର ଭସେଇ ଦେଇ ଯେ ପରକୁ ପ୍ରେମ କରେ ତା'କୁ ଆଉ କ'ଣ କହିଥାନ୍ତି! କ'ଣନା ଦେଶସେବା! ଜନସେବା!"

- ଗାନ୍ଧୀ ଗୋପବନ୍ଧୁ ତ ପୁଣି ସେଇ ବାଟ ବାଛି ନେଇଥିଲେ।

- ହଁ! କେଉଁଠି ଗାନ୍ଧୀ ତ କେଉଁଠି ଯାଇ ଗୋପବନ୍ଧୁ! ତାଙ୍କୁ ସେଠି ପହଞ୍ଚିବାକୁ ହେଲେ ହଜାର ଜନ୍ମ ନେବାକୁ ହେବ।"

ମିଛକଥା! କେତେ ଜଣଙ୍କୁ ସେ ତାଙ୍କ ବାଟରେ ଘେନିଗଲେ। କୋଟିଏ, ଲକ୍ଷେ, ହଜାରେ!, ଦୁର୍ନୀତି, ଅନୀତି, ଚୋରୀ ଡକାୟତି, ଧର୍ଷଣ କଷଣରେ ତ ଦେଶଟା ପଡୁଛି ଉଠୁଛି। କଥାରେ ବାଧାଦେଇ ସବିତା କହିଲା "ଆଉ! ଆଉ! ମୋତେ ସେ ସବୁ ଶୁଣାଅନି। କହିପାରିବ ତମେ ରୂପର ପସରା ଧରି ଏ ବୟସରେ କାହିଁକି ସେମାନଙ୍କ ସହିତ ସାମିଲ ହୋଇଛ। ସୁଯୋଗ ମିଳିଲେ ସେମାନେ କ'ଣ ତମକୁ ଅକ୍ଷତ ଅବସ୍ଥାରେ ଛାଡ଼ିଦେବେ?

- ଏ ପ୍ରଶ୍ନ ମୋତେ ନ ପଚାରି ବରଂ ଗଦାଭାଇଙ୍କୁ ପଚାରିଥିଲେ ସେ ଏହାର

Source: Author, Digitized by PPRACHIN, SOA

ଠିକ୍ ଉତ୍ତର ଦେବେ ! ତା’ ଛଡ଼ା ଆପଣ ଅଛନ୍ତି ତ ଭାଉଜ ! ଆମଭଳି ଝିଅଙ୍କୁ ସୁରକ୍ଷା ଦେବାପାଇଁ ଆଗେଇ ଆସନ୍ତୁ ନା.... !”

– କ’ଣ ପିଲାମାନଙ୍କୁ ମଝି ଦରିଆରେ ଭସେଇ ଦେଇ... ।

– ଖାସ୍ ସେଇମାନଙ୍କ ଭବିଷ୍ୟତ ପାଇଁ ତ ଆମର ଏ ସଂଗ୍ରାମ... ! ଆରେ ! ଆରେ ! ଆଞ୍ଚଳିକ ନିଉଜ୍‌ଟା ସରିଗଲାନା କ’ଣ !” କହି ସବିତା ପାଖରେ ଥୁଆ ହୋଇଥିବା ରେଡ଼ିଓଟା ଖୋଲିଦେଲା... ।

“ଏଇମାତ୍ର ଖବରରୁ ଜଣାପଡ଼ିଛି ମାଲକାନାଗିରିର ଘନଘୋର ଜଙ୍ଗଲରେ ସୁରକ୍ଷାବାହିନୀ ଏବଂ ଆତଙ୍କବାଦୀମାନଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ଦୁଇଜଣ ଆତଙ୍କବାଦୀ ନିହତ ହୋଇଥିବାବେଳେ ଜଣେ ଯବାନ୍ ସହିଦ୍ ହୋଇଯାଇଛନ୍ତି । କୌଣସି ସୂତ୍ରରୁ ଖବର ପାଇ ଜଙ୍ଗଲରେ ଆତଙ୍କବାଦୀଙ୍କ ଏକ ଗୋଷ୍ଠୀକୁ ସୁରକ୍ଷାକର୍ମୀମାନେ ଚାରିପଟୁ ଘେରିଯାଇଥିଲେ । ସେମାନଙ୍କୁ ଆତ୍ମସମର୍ପଣ କରିବାକୁ କୁହାଗଲେ ମଧ୍ୟ ସେମାନେ ଶୁଣି ନ ଥିଲେ, ଓଲଟା ଆତଙ୍କବାଦୀମାନେ ସୁରକ୍ଷାକର୍ମୀଙ୍କ ଉପରକୁ ଗୁଳି ଚଳେଇବା ଆରମ୍ଭ କରିଦେଇଥିଲେ । ଫଳରେ ଉଭୟଙ୍କ ମଧ୍ୟରେ ଗୁଳି ଚଳେଇବା ଆରମ୍ଭ ହୋଇଯାଇଥିଲା । ଏବେବି ସେଠାରେ ଲଢ଼େଇ ଜାରି ରହିଛି... ।

– କାହାରି ମୁହଁରେ ଭାଷା ନାହିଁ । କିଛି ସମୟ ନୀରବତାରେ କଟିଗଲା ପରେ ଶୁଭଲକ୍ଷ୍ମୀ ଧୀର ସ୍ୱରରେ କହିଲା “ଭାଉଜ ବ୍ୟସ୍ତ ହୁଅନ୍ତୁନି । ଜଙ୍ଗଲ ଇଲାକାରେ ଆମର ସାତ ଆଠୋଟି ଦଳ କାମ ଭିତରେ ଅଛନ୍ତି । ଏ କେଉଁ ଦଳ କହିହେବନି । ଏ ସମୟରେ..., ତା’ ପାଟିରୁ କଥା ନ ସରୁଣୁ ସବିତା କହିଲା “ତମହାତରୁ କପେ ଚା’ ପିଇବାକୁ ଭାରି ଇଚ୍ଛା ହେଉଥିଲା । କିନ୍ତୁ ଆଜି ନୁହେଁ, ଆଉଦିନେ । ସେ ଜୀବନରେ ଥିଲେ ତ ଭଲ କଥା କିନ୍ତୁ ତାଙ୍କର ଯଦି କିଛି ହୋଇଯାଏ କି ହୋଇଥାଏ, ତା’ହେଲେ ମୁଁ କାହାରିକୁ ଛାଡ଼ିବିନି । ନା ସରକାରଙ୍କୁ ନା’ ତମଦଳକୁ... । ମୋ’ କଥା ମନରେ ଧରିବନି । ଫଳନ୍ତି ଗଛ ଫୋପଡ ସହେ । ଏବେ ମୁଁ ଆସୁଛି... ।

■ ■

Source: Author, Digitized by PPRACHIN, SOA

ଦୂର ବନ୍‌ଶୀର ସ୍ୱର

ଟହ ଟହ ଟଗରରୁ ପେନ୍ଥାଏ ତୋଳି ଆଣୁ ଆଣୁ ବିନି ଡାକିଲା "ବଉଳ ଲୋ ! ଶୁଣିଲୁଣି, ମେଘି ଅପାର ବର ଆସିଛି ! ଡ଼ାହାଣ ହାତରେ ଘଡ଼ି ବାନ୍ଧିଛି, ଫିସ୍ ଫିସ୍ ଇଂଲିଶ୍ କହୁଛି । ଆଉ ମେଘି ଅପା ! ନାଲି ହଳଦୀ ପାଟ ପିନ୍ଧି, ମାନେ ସୁନା ଗହଣା ପିନ୍ଧି ଯାହା ଦିଶୁଛି ନା, କ'ଣ ଆଉ କହିବି ସତେକି ଫିଲ୍ମ - ହିରୋଇନ୍ ! ଐଶ୍ୱର୍ଯ୍ୟା ନ ହେଲେ ଅନୁ ଚୌଧୁରୀ !"

"ସତରେ !"

"ହଁ ପରା ! କାଲି ଛାଡ଼ି ପଅରଦିନ ସେମାନେ କଟକ ଚାଲିଯିବେ । ସେଠୁ ଦକ୍ଷିଣ ଭାରତ । ହନିମୁନ୍ ପାଇଁ ଗୋଟେ ମାସ... । ବାସ୍... ।"

- କ'ଣ କହିଲୁ ? କ'ଣ କହିଲୁ ? ହନିମୁନ୍ ? ହଇଲୋ ସେଇଟା ପୁଣି କ'ଣ ? ରହସ୍ୟମୟ ହସଟାଏ ହସିଦେଇ ବିନି କହିଲା "ଏତିକି ଜାଣିନୁ ! ହନିମାନେ ମହୁ । ମୁନ୍‌ମାନେ ଚନ୍ଦ୍ର । ଯୋଡ଼ି ଦେଲେ ମଧୁଚନ୍ଦ୍ରିକା । ଯେଉଁଠି ଥାଏ ମହୁଆ ଜହ୍ନରାତିର ନିଶା । ନୂଆ ନୂଆ ବାହା ହୋଇଥିବା ବରକନ୍ୟା ଚାରିକାନ୍ଥ ଭିତରୁ ବାହାରି ଯାଇଁ ମତୁଆଲା ହୋଇ ଝରଣା କୂଳେ । ପାହାଡ଼ ତଳେ, ପୋଲ ଉପରେ, ଗଛ ଛାଇରେ... ।

- ଥାଉ ! ଥାଉ ! ବୁଝିଗଲି ! ବୁଝିଗଲି ! ଆଃ ! ମେଘି ଅପାର କି ଭାଗ୍ୟ ମ ! ଚାନ୍ଦରାତି ! ହାୟ; ହାୟ ଚାନ୍ଦରାତି, ଯାଏ ବିତି...", ଓନିଟାକୁ ମୁଣ୍ଡରେ ଓଢ଼ଣା ଦେଇ ବଉଳ ନାଚି ନାଚି ଗୀତ ଗାଇଲା । ତା'ର ଏଭଳି ଢ଼ଙ୍ଗ ଦେଖି ବିନି କହିଲା "ହେୟ ! ବଉଳ ! ଚୁପ୍ ଚୁପ୍ ! ଏଇଟା ନଈକୂଳ । ରାତିନୁହେଁ ସକାଳ । ଆକାଶରେ ଜହ୍ନ ନାହିଁ । ସୂର୍ଯ୍ୟ ଉଠିଛି । ହେଇ ଦେଖ୍ ! ସେପଟେ ସେ ଟୋକା ଦି'ଟା କେମିତି ଆମଆଡ଼େ ଚାହିଁ ହସୁଛନ୍ତି ।"

- ଚାହିଁଥାନ୍ତୁ ! ମୋ ଇଚ୍ଛା ହେଲା ମୁଁ ନାଚିଲି ।

- ହଉ ଛାଡ୍ ସେ ସବୁ । କଥା ହେଲା ମେଘି ଅପା ଡ଼ାକି ପଠେଇଛି, ଆଜି ଉପରବେଳାକୁ ସୁଲି, ମାଳି, ଚନ୍ଦନା ଆଉ ହରିପ୍ରିୟାକୁ ସାଙ୍ଗରେ ଧରି ତୁ ତା' ଘର ଆଡେ ଆସ୍ । ମୁଁ ମଧ ଯିବି । ଭିଣୋଇ ବାବୁଟା ରସିକ ଶେଖର । ମାଲ୍‌ଦାର ପାର୍ଟି । କାଲି ଶାରଳାଙ୍କ ପାଖକୁ ବୁଲିଯିବାର ଅଛି... ।"

Source: Author, Digitized by PPRACHIN, SOA

– ହଁ! ଭିଣୋଇବାବୁ...ଭିଣୋଇବାବୁ!

ଯାତରା ଦେଖେଇ ସାଙ୍ଗରେ ନେବୁ... ସାଙ୍ଗରେ ନେବୁ....!" ତୁ'ଟା ଆଉ ହେବୁନି ଲୋ ବଉଳ। ତୋ'ର ସେଇ ପିଲାଳିଆମି ଆଜିଯାଏଁ ଗଲାନି। କଣ କହୁଛୁ? ଆସିବୁଟି ?"

"ହଁ, ନ ଆସି ଆଉ କଥା ଅଛି! ଏ ମଉକା ଛାଡ଼ିବାର ନୁହେଁ ଲୋ ବଉଳ!"

ଆସିଲା ଲୋକେ ଆସିଲେ। ନକହିଲା ଲୋକେ ଉପରେ ପଡ଼ି କଥା କହିଲେ। ଥାଳି ଥାଳି ରସାବଳି। ଭଳିକି ଭଳି ମିଠା। ଛେନା ନଡ଼ିଆର ପିଠା। ଅଣ୍ଡା ଭୁଜିଆକୁ କୋବି କଷା। ବାର୍‌ମଜାକୁ ଦହିବରା। ଲଲିପପ୍। ଆଳୁଚପ୍। ମନ ଭରି ଖିଆଚାଲିଛି। ତୁନି ତୁନି କଥା, ଖିଲି ଖିଲି ହସରେ ଘରଟା ଉଠୁଛି ପଡୁଛି। ମେଘି ଅପା ସରାଗରେ ବାଣ୍ଟିଦେଉଛି ଟିକିଲି। ନେଲ୍‌ପଲିସ୍, ଲିପ୍‌ଷ୍ଟିକ୍।

ଯୁବକ ସଂଘର ଡ୍ରାମାହେବ, ଚାନ୍ଦାଦିଅ। କ୍ରିକେଟ୍ କ୍ଲବ୍‌ର ମ୍ୟାଚ ହେବ ଚାନ୍ଦାଦିଅ। ଭାଲୁକୁଣୀ ମେଢ଼ ବାହାରିବ, ଚାନ୍ଦାଦିଅ। ଜ୍ୱାଇଁବାବୁ ବିନା ବାଧାରେ ବଢ଼େଇ ଦେଉଛନ୍ତି ଚାନ୍ଦା।

ମିଠା ମିଠା ବାସ୍ନା ଅତରରେ ଫାଟି ପଡୁଛି ଅଗଣା। ପୂରିଯାଉଛି ପରିବେଶ। ଝିଅମାନେ ଅମାନିଆ ଝରଣା ପରି ଧାଇଁ ବୁଲୁଛନ୍ତି ଏ ଘରୁ ସେ ଘର। ଦାଣ୍ଡଦୁଆର। ଛଳ ଛଳ ହସ। କଳ କଳ କଥା। ସେ ଦିନର ଏକ ଘରକିଆ, ନିଛାଟିଆ ଗୋବର ଲିପା ପାହାଚରେ ଆଜି କୋଟିଏ କୃଷ୍ଣଚୂଡ଼ାର ମହକ। ଛାତି ତଳେ ତଳେ ଶତ କଦମ୍ବର ରୋମାଞ୍ଚ... "ଆଃ! ମେଘିର ବାପା ଆଜି ଥାଆନ୍ତେ କି ?" ଦେଖିଥାଆନ୍ତେ ତାଙ୍କ ଗେହ୍ଲୀ ଝିଅର ହସିଲା ଲୋଭିଲା ଘର ସଂସାର...। ମେଘି ମା' ଆନମନା ହେଲେ।

ଏତିକିବେଳେ ସେ ଦାଣ୍ଡରୁ ଶୁଣିଲେ ବାସୁଆ ମା'ର ଡାକ –

"ଗୁଣ୍ଡିଦି'ଟା ଦେବୁ କିଲୋ ମେଘି ମା! ପାଟିଟା କାହିଁକି ଖାଲି ଖାଲି ଲାଗୁଛି...।"

ବୁଢ଼ୀର ଡାକ ଶୁଣି ପାନଡାଲାଟା ଧରି ସେ ଚାଲି ଆସିଲେ ଦାଣ୍ଡଘର ମେଲାକୁ।

– ଭଗବାନ ବଡ଼ଲୋକ। ଶାଶୁ ନାହିଁ କି ଶଶୁର ନାହିଁ। ନେଁ ନାହିଁ କି ନେଞ୍ଜରା ନାହିଁ ଜ୍ୱାଇଁ ତ ନୁହେଁ ଜଖ ଖଣ୍ଡେ। କେତେ କେତେ କଷଣ କରିଥିଲୁ। ଖୋଜିଯାଇନୁ କି ଲୋଡ଼ିଯାଇନୁ। ଚନ୍ଦ୍ରଉଦିଆ ଆପେ ଆପେ ଆସି ତୋ' ଦୁଆରେ ଉଇଁଲା। ତା'ପରେ ସେ ମେଘି ମା' ପାଖକୁ ଲାଗି ଆସି ଗିଣିଗିଣିଆ କଣ୍ଠରେ କହିଲା – "ଏ ଟୋକା ଟୋକୀ ଗୁରା କାହିଁକି ଆସି ଏଠି ନୁଙ୍ଗୁରୁ ପୁଙ୍ଗୁରୁ ହଉଛନ୍ତି ବା! ଝଡ଼େଇ ଖାଇବାବାଲା। ମୁଁ ଶୁଣୁଛି

Source: Author, Digitized by PPRACHIN, SOA

କୋଇଁ ତୋ'ର କାଳେ ଏମାନଙ୍କୁ ଶାରଳା ଠାକୁରାଣୀ, ପାରାଦ୍ୱୀପ ବନ୍ଦର ବୁଲେଇ ନେଉଛି । ଛିଆ ଲୋ ମା ! ଅଦେଖି ଘରର ଛୁଆ । ଦେଖି ନାହାଁନ୍ତି କି ଚାହିଁ ନାହାଁନ୍ତି । ପର ଧନରେ ହାଇଁ ପାଇଁ । ଭଲ ହେଲେ ଭଲ ନ ହେଲେ ଭେଲ । ଓଲଟି ବଦ୍‌ନାମ୍ । ମେଘିଟା ସିନା ପିଲାଲୋକ । ଜାଣିପାରୁନି କିଛି । ଆଲୋ ତୁ ପରା ଜାଣିଲା ଶୁଣିଲା ମାଇପିଟା । ହଉ ତମ ଇଚ୍ଛା । ଧିଅରେ ଗଲାନି ବୋଲି କହିଦେଲି । ମୋ' ନାତୁଣୀ ସୁଲିଟା ବାହାରିଛି ଯେ ତା' ବାପ ନାହିଁ କରୁଛି । ଷୋଳ ବରଷର ବଢ଼ିଲା ଝିଅ କୁଆଡ଼େ ଯିବ । ତା'ରି ସାଙ୍ଗରେ ମେଘିଟା ବାହାଚୁରା ହୋଇ ସଂସାର ବସେଇଲା । ହେଇଟି ମୋ ସୁଲି ତୋ' ଜ୍ୱାଇଁକି ଲାଗିଲା । ତାକୁ ଟିକେ କହିଦେବୁ ତାରି ଭଳିଆ ଟୋକା ଖଣ୍ଡେ ଖୋଜି ଦେବ । ମୁଁ କହନ୍ତି ଯେ ତୋ' ଜ୍ୱାଇଁଟାତ ଅଷ୍ଟସଖୀ ମେଳରେ ନାଗର ସାଜିଛି, ହଁ ! ମୋ' ବୋହୂଟା କହି ପଠେଇଛି ଆଜି ନ ହେଲା ନାଇଁ, ବୁଲାବୁଲି କରି ଫେରନ୍ତୁ । ଆଲୋ ! ତୁ' ତାଙ୍କ ସାଙ୍ଗରେ ଯାଉନୁ କି ?"

"ନାଇଁ ମ ! ଏ ପିଲାଙ୍କ ସାଥୀରେ ମୁଁ କ'ଣ ପିଲା ! ସେମାନଙ୍କର ଏଇଲେ ବୁଲିଲା ଖେଳିଲାବେଳ । ଜ୍ୱାଇଁ କହୁଥିଲେ ଯେ ମୁଁ ମନା କଲି । କେବଳ ଠାକୁରଙ୍କୁ ଡାକୁଛି, ମେଘି କୋଳରେ କ'ଣ ବକଟେ ଦେଖିଲେ ମୁଁ ଆଖି ବୁଜିବି ।"

"ମଲା ! ମଲା ! କାହିଁକି ଏତେ ଉଚ୍ଛନ୍ନ ଯୋ । ବେଳ କ'ଣ ପଳେଇଲା । ରଙ୍ଗରସ ସରିନି । ସେମାନଙ୍କର ସଉକ ବାଉକ ସରୁ ! ତା' ପରେ ଯାଇଁ ଯୋଉ କଥା ! ହଉ ତୁ ଥା' ଲୋ ମା ! ମୁଁ ଦେଖେ ତେଣେ ସୁଲିଟା ଖାଇଲା କି ନାହିଁ ।"

"ଗାଡ଼ି ଆସିଗଲା । ଗାଡ଼ି ଆସିଗଲା । ମେଘି ଅପାଲୋ । ଚକଚକିଆ ଗାଡ଼ି... । ନୂଆଗାଡ଼ି । ଚଞ୍ଚଳ ଚଞ୍ଚଳ ବାହାରି ପଡ଼ ।"

ପାଉଡର ପରେ ପାଉଡର । ଲିପ୍‌ଷ୍ଟିକ୍ ପରେ ଲିପ୍‌ଷ୍ଟିକ୍‌ର ବୋଳ ଦେଇ ଝିଅମାନେ ବାହାରି ପଡ଼ିଲେ । ଲାଲ୍ ବନାରସୀ ପାଟରେ ମେଘିଟା ଦୁର୍ଗାଭଳି ଦାଉ ଦାଉ ଦିଶୁଥିଲା । ମା' ଭିତରେ ଝଲ୍‌ମଲ୍ ଖରା । ଚିକ୍‌ମିକ୍ ଆଲୁଅ । ମେଘିକୁ ଏକପ୍ରକାର କୋଳେଇ ଆଣି ସେ ଚୁମାଟିଏ ଦେଲେ ଏବଂ କହିଲେ "ବେଳ ଥାଉଁ ଥାଉଁ ଫେରି ଆସିବ, ରାତି ଅନ୍ଧାରକୁ ରହିବ ନାଇଁ, କେତେବେଳେ କୋଉ କଥା ।"

ଗାଁ ଦାଣ୍ଡରେ ଧୂଳି ଉଡେଇ ଗାଡ଼ି ଚାଲିଗଲା... ।

- ଟୋକାଟା ବଡ଼ ସ୍ମାର୍ଟ ଦିଶୁଛି । କିଏ ଜାଣେ ଚାକିରୀ କରୁଛି କି ଆଉ କ'ଣ କରୁଛି ! ଝିଅପିଲାଙ୍କୁ ତ ଭାରି ଭଲ ପାଉଛି । ନାଇଁବେ ଲାଗୁଛି ଗୋଟେ ମସ୍ତ ବେପାରୀ । ଆଜିକାଲି ତ ମାଇକିନା ବେପାର ବେଶ୍ ଚାଲିଛି । କଥା କହି ଶିଖିଛି ନାଁ... ଏ ଗାଁ

Source: Author, Digitized by PPRACHIN, SOA

ବାଲାଏ ପାନେ ପାଇଲେ ଯାଇଁ ବୁଝିବେ।

ପଛରୁ ଶୁଭୁଥିଲା ପୋଡ଼ାମାଧିଆ ଆଉ କୁଜା କପିଳାର କଣ୍ଠସ୍ୱର...।

ଏ ଦିଇଟା କାଳକଯାକ ବାସୁଆ ଗୁଣିଆର ଅଇଁଠା ଖିଆ ପାଦଚଟା କୁକୁର। ଯିଦ୍ କରିଥିଲେ ମେଘିଟାକୁ କୋଉଠି ହେଲେ ବାହା କରେଇ ଦେବେନି। ନିଜେ ନିଜେ ବାହା ହେଇ ପଡ଼ିବେ। ସହିପାରୁ ନାହାଁନ୍ତି ମଇଁଷିଆ, ବାଡ଼ିଖିଆ। ଆରେ ! ତୁମେମାନେ ମୋ ଲ୍ୱାଇଁଙ୍କର କାଣି ଆଙ୍ଗୁଠିକୁ ସରିକିରେ ଡାଙ୍କୁଣିଆ।" ମେଘି ମା'ଟା ମନ ମଧ୍ୟରେ କୋରିକଚାଡ଼ି ହେଲା ସିନା ହେଲେ ପାଟି ଖଣ୍ଡକ ଦି'ଖଣ୍ଡ କଲାନି। କାହିଁକି - କାହାକୁ କ'ଣ କହିବ। ତା' ଜୀବନ ବିଦ୍ୟାଳୟରେ ତ ପରୀକ୍ଷାର ଶେଷ ନାହିଁ। କଞ୍ଚା ବୟସରେ ମନର ମଣିଷକୁ ହରେଇଛି। ଗାଁରୁ ବାଛନ୍ଦ ହୋଇ ମଶାଣି ପାଖରେ ଘର କରିଛି। କଞ୍ଚା ଡାଆଣୀର ଅପବାଦ ପାଇଛି,... ଆଉ ତେବେ ବାକି ରହିଲା କ'ଣ ଯେ ?

ସତକୁ ମିଛ କହିବା ଯେତେ ସହଜ ସେତେ ସହଜ ନୁହେଁ ମିଛକୁ ମିଛ କହିବା। ସେ ସାହସ ନାହିଁ ଏ ଗାଁ ବାଲାଙ୍କର। ବାସୁଆ ଗୁଣିଆ ସତ କହିନି, ମିଛ କହିଛି। ସେଇ ମିଛକୁ ସତ ବୋଲି ମାନିନେଲେ ସମସ୍ତେ। କେବଳ ଭୟରେ... ବାସୁଆ ଗୁଣିଆ ଭୟରେ...। ସେ ବାଣ ପେଷିବ। ବାଉତି ଲଗେଇବ। ରକ୍ତ ବାନ୍ତି କରେଇ ଜୀବନ ନେଇଯିବ। କିଛି କରି ନ ପାରିଲେ ବି ସଜ ମାଛରେ ପୋକ ପକେଇ ଦେବ।

ସେଇଟାକୁ ସେଇ ଯୋଗେ ଶାସ୍ତି। ବଢ଼ିଲା ଝିଅ ବୁଢ଼ୀ ହେଉଛି। ବାପର କଲା କର୍ମ ପରା ଝିଅକୁ ଫଳେ। ଫଳିବନି। କୁଳର ନାରୀକୁ ଅକୂଳରେ ବସେଇ ଦେଲୁ। ତାଟୁ କଥାରେ ଭଳିଲିନି ବୋଲି କଞ୍ଚା ଡାହାଣୀ କହି ହୁପା ଉଠେଇ ଦେଲୁ। ଡାକି ହାକି ଦୁନିଆଁ ସାରା ରାଷ୍ଟ୍ର କଲୁ ମେଘି ମା'ଟା ରାତିରେ ବିଷ୍ଠା ଚରୁଛି ଉଧୁ ନଙ୍ଗଳା ହୋଇ। ଗୋଡ଼ ଦି'ଟା ଉପରକୁ ଟେକି ଦେଇ। ନାକ ପୁଡାରୁ ଲଙ୍ଗଳ ଲୁହା ପରି ଶୁଣ୍ଢ ବାହାର କରି ଅରଣା ଅରମା ଘାଣ୍ଟି ପକଉଛି। ପ୍ରତି ରାତିରେ ସେ ଶୋଇଲା ବିଛଣାରୁ ଉଠି ଆସେ। ସେତେବେଳେ ତା' ଦେହରେ ଶହେ ମର୍ଦ୍ଦର ବଳ। ବାସୁ ଗୁଣିଆ କାଳେ ନିଇତି ରାତିରେ ତା' ପଛେ ପଛେ ଧାଇଁଥାଏ। ବେଳେ ବେଳେ ସେ କଥା ସେ ଜାଣିପାରି ରଣଚଣ୍ଡୀ ରୂପଧରି ବାସୁଆ ଉପରକୁ ମାଡ଼ିଆସେ। ଏତିକିବେଳେ ବାସୁଆଟା ମନ୍ତ୍ର ପଢ଼ି ଅରୁଆ ଚାଉଳ ଦି'ଟା ମେଘି ମା'ର ପାଲଟା ବସନ ଉପରେ ବିଞ୍ଚିଦେଲା ମାତ୍ରେ ସେ 'ଥ' ହୋଇ ଠିଆ ହୋଇଯାଏ। ତା' ପରେ ବାସୁଆର ଗୋଡ଼ତଳେ ପଡ଼ି କାନ ଧରେ। ନାକ ଘଷେ। କଅଁଳେଇ କଥା କହି ମନ ମୋହେ। କଥା ପ୍ରଘଟ ନ କରିବା ପାଇଁ ନେହୁରା ହୁଏ। ତା'ର ଏଇ ଖୋଇଟା ତା' ଗେରସ୍ତ ଶିବରାଉତ ଜୀଅଁନ୍ତରେ ଥିବାବେଳଠୁଁ କାଳେ।

Source: Author, Digitized by PPRACHIN, SOA

ଶିବଟା ବିଚରା ମେହନତି ମଣିଷ। ତା'ର କାମ ଭଲ ତ ସିଏ ଭଲ। ସକାଳୁ ସଞ୍ଜ ବିଲବାଡ଼ିରେ ବୁଲୁଥାଏ, ଏଣେ ଘରେ ତା'ର ଯୁବାନାରୀ। ରୂପ ଯୌବନରେ ଫାଟି ପଡୁଛି। ସେଥିକି ଶିବର ନିଘା ନାହିଁ। ବିଲବାଡ଼ିରୁ ଫେରିବ ତ ଖାଇ ପିଇ ବିଛଣାରେ ପଡ଼ି ଘୁଙ୍ଗୁଡ଼ି ମାରିବ। ନିଘୋଡ଼ ନିଦ। ହାତୀ ଚଢ଼େଇଲେ ବି ଉଠିବନି। ମାଇକିନାଟା ପରା ସେଦିନ ରାତିରେ ଶିବ ଛାତିରେ ବସି ତା' ଗଳା କଣା କରି କଞ୍ଚା ରକ୍ତ ପିଇଗଲା ଯେ ଶିବର ପ୍ରାଣ ଛାଡ଼ିଗଲା।

ପୁରୁଣା କଥା। ପୁରୁଣା ଦିନ। ପୁରୁଣା ସଂସାରଟାକୁ ସେ ଅନେକ ଦିନରୁ ଫିଙ୍ଗି ଦେଇ ଆସିଛି। ମେଘି ଯଦି ଆଜି ବାହାହୋଇ ନଥାନ୍ତା, କ'ଣ ହୋଇଥା'ନ୍ତା ତା ଅବସ୍ଥା। ଯେତେଥର ସେ ତା' କୁଡ଼ିଆ ଦୁଆରେ ଠିଆ ହୋଇ ସୁଖକୁ ସ୍ୱାଗତ କରିଛି, ସେତେଥର ସେ କେବଳ ଦୁଃଖ ପାଇଛି, ଦୁଃଖ। ମେଘି ଜ୍ୱାଇଁ ସାଥୀରେ ବିଦେଶ ଯିବ ଯାଉ। ସେ କିନ୍ତୁ ଏଇଠି ପଡ଼ି ରହିବ। ମାଟି ମୁଠାଏ ପାଇଁ। ମଲାବେଳେ ଗେରସ୍ତର ଗାଁ ମାଟି ପରା ଭାରିଯା ପାଇଁ ପବିତ୍ର... 'ଆଃ ! ମେଘି ବାପା ଗୋ ତମେ ସତରେ କୋଉଠି ଯାଇଁ ରହିଲ... ?"

ବେଳ ଗଡ଼ି ସଞ୍ଜ ହେଲା। ତଥାପି ଦେଖାଦର୍ଶନ ନାହିଁ। ମେଘି ପାଇଁ ସଜପଖାଳ ସାଇତା ହୋଇଛି। ଆଳୁପୋଡା ଥୁଆ ହୋଇଛି, ଜ୍ୱାଇଁ ବାବୁଙ୍କ ବରାଦ ମୁତାବକ ସଜନାଛୁଇଁ ଭଜା, ବଡ଼ିଚୂରା, ହେଲେ କାହାଁନ୍ତି ସେମାନେ ?

ଚନ୍ଦନା ମା' ଦୁଇ ଦୁଇ ଥର ମୁହଁମାରି ଫେରିଗଲାଣି। ହରିପ୍ରିୟାର ଭାଇଟା ଘଡ଼ିଏ ହେଲା ଏପଟ ସେପଟ ହେଉଛି। ଆରେ ବାବୁ ଗଲ ତ ଗଲ, ପର ଝିଅଙ୍କୁ କାହିଁକି ସାଙ୍ଗରେ ନେଲ। ବାସୁଆ ଗୁଣିଆ। ପୋଡ଼ାମାଧିଆ ଏ ଦି'ଟା ତ କମ୍ ନୁହନ୍ତି।

ରାତି ଯେତେ ବଢୁଥିଲା, ମେଘି ମା'ର ଉଦ୍‌ବେଗ୍ ସେତେ ବେଶୀ ବେଶୀ ବଢୁଥିଲା। କିଛି ଗୋଟେ ଅଘଟଣ ଘଟିଲାକି ? ଅଲକ୍ଷଣା ଆଖିଟା କାହିଁକି କେଜାଣି ବାରମ୍ବାର ଡ଼େଉଁଛି, ତଣ୍ଟିରେ ଛେପ ଲାଗୁଛି...। ମାଧିଆ ମକରା ଯାହା କହୁଥିଲେ ସେ କଥା କ'ଣ ସତ ?

କେଜାଣି, ହୋଇଥିବ। ପରଦେଶୀଆଙ୍କୁ ପରତେ ନାହିଁ ପରା..., ତା'ହେଲେ କ'ଣ ମେଘି ପାଇଁ ସେ ଭୁଲ୍ ବାଛିଚି। ଝାଳବୁହା ଧନ ଏମିତି କ'ଣ କିଏ ଉଡ଼ାଏ। ମେଘିର ଅଳଙ୍କାର ଗୁଡ଼ା କ'ଣ ସୁନା ! ନା ସୁନା ପାଣିଦିଆ ପିତଳ ! ପଇସା ନ ଥେଲା ବୋଲି ବାହା ହେଲା ଭାରିଯାକୁ ବାପଘରେ ଛାଡ଼ିଗଲୁ। ଏବେ କହୁଛୁ ଦକ୍ଷିଣ କି ଉତ୍ତର ବୁଲେଇ ନେବୁ। କଥାଗୁଡା କେମିତି କେମିତି ଲାଗୁଛି। ପରଝିଅମାନଙ୍କ ସାଙ୍ଗରେ ଏତେ

Source: Author, Digitized by PPRACHIN, SOA

ରଙ୍ଗରସ କାହିଁକିବା। ମେଘିଟା ମୋ'ର କୁଳରୁ ଗଲା ଲୋ ମା! ମୁଁ ଚାଣ୍ଡାଳି କି ବୁଦ୍ଧି କଲି। ନ ଜାଣି ନ ଶୁଣି କୁଳଗୋତ୍ର ନ ବୁଝି ରାତିଅଧିଆ କାହିଁକି ମୋ ସୁକୁମାରୀକି ଡ଼କେଇତ ହାତରେ ଟେକି ଦେଲି। ମୁଁ ଏବେ କୁଆଡ଼େ ଯିବି, କ'ଣ କରିବି।

ହେ! କ'ଣ ଏସବୁ ସେ ଭାବୁଛି? ଯୋଉଠି ଥାନ୍ତୁ। ଯେମିତି ଥାନ୍ତୁ। ସେମାନେ ଭଲରେ ଥାଆନ୍ତୁ ଠାକୁରେ!

ଏତିକିବେଳେ ଦାଣ୍ଡ କବାଟକୁ କିଏ ଗୋଟେ ଧକ୍କାଏ ମାଇଲା। ଟିକେ ରହି ପୁଣି ଧକ୍କାଏ। ମେଘି ମା' ଗୋଟାପଣେ ଥରିଗଲା। ଦେହ ମୁହଁରେ ତା'ର ଝାଳକଣ୍ଟି ଆସିଲା...। ଏଥର ସେ ଶୁଣିଲା "ହେଇବେ ବୁଢ଼ୀ କବାଟ ଖୋଲ୍! ଆମର ଏଣେ ଭେଳା ବୁଡ଼ିଲାଣି, ଇଏ କବାଟ କିଳି ଘରେ ପଶିଛି, ଆହାଲୋ! କଞ୍ଚା ଡାହାଣୀକି ଏ ଭାତଖିଆ ପ୍ରହରେ ଏତେ ଡ଼ର!"

ମେଘି ମା'ର ଓଠ ଦି'ଟା କମ୍ପିଉଠିଲା। ସେ ଆଗପଛ ନ ବିଚାରି କବାଟ ଖୋଲି ଦେଲା।

ସ୍ତ୍ରୀ ପୁରୁଷ ହୋଇ କୋଡ଼ିଏ କି ପଚିଶ ତା' ଦୁଆରେ ଠୁଳ ହୋଇଛନ୍ତି। ଅମେଇସା ଅନ୍ଧାରରେ ଠିକ୍ ସେ, ସେମାନଙ୍କୁ ଜାଣି ହେଉନି। ଜବର ରାତି। ନିଶା ସାଇଁ ସାଇଁ ଗର୍ଜୁଛି। ବିନିର ମା' ତା' ପାଖକୁ ଲାଗିଆସି ସକେଇ କହିଲା "ସତ କହ! ତୋତେ ତୋ ମେଘିରାଣ! ସେମାନେ କୁଆଡେ ଗଲେ? ତୋ ଜ୍ୱାଇଁଟା ଆମ ଝିଅଙ୍କୁ ନେଇ କୋଉଠି ବିକି ଦେଲା ନା କ'ଣ ବା? ତା' ବାପ ବଉଳାଙ୍ଗରୁ ଫେରିଲେ ଝିଅକୁ ନ ପାଇ ମୋତେ ତ ଆଉ ଜୀବନରେ ରଖିବେ ନାଇଁ ଲୋ...! ମୁଁ କ'ଣ କରିବି? ତୁ' କୁଆଡେ ଗଲୁ ଲୋ ମୋ ବିନି ବାୟାଣୀ...! ମୁଁ ଜୀବନ ହାରି ଦେବି ଲୋ...!"

ମେଘି ମା' ଚୁପ୍ ହୋଇ ଠିଆ ହୋଇଥିଲା। ଏକା ସଙ୍ଗେ ଖୁବ୍ ଗୋଟାଏ ଗର୍ଜନ କରି ସେମାନେ କହି ଉଠିଲେ - "ତୋ' ପାଟିରେ କ'ଣ ମଣ୍ଡା ପଇଛିକି? ବଡଲୋକିଆ ଜ୍ୱାଇଁ କରିଛୁ ବୋଲିତ ବଡ଼ ଗର୍ବରେ ଛାତି ଫୁଲେଇ ବାଟ ଚାଲୁଥିଲୁ...! ଇନ୍ଦ୍ରଚନ୍ଦ୍ର ମାନୁ ନ ଥିଲୁ...!"

ପୁଣି ଗୋଟେ କିଏ କହୁଥିବାର ସେ ଶୁଣିଲା "ଆବେ! ଶାରଳାଙ୍କ ପାଖକୁ ମୋ ସତୁ ଆଜି ଯାଇଥିଲା। ଏ ଗାଁରୁ ସେଠିକି ଆଜି ଜଣେ ହେଲେ କିଏ ଯାଇ ନାହାଁନ୍ତି ବୋଲି କହୁଥିଲା। କହ! କୁଆଡେ ଗଲେ ସେମାନେ? ଗାଁରେ ଥାଇ ତ ବେଶ୍ ହାଟନାଟ ଲଗେଇଲୁ। ଏବେ ରାଣୀ ମହୁମାଛି ସାଜିଛୁ। ଜ୍ୱାଇଁ ସାଙ୍ଗରେ ମାତି ମାଇକିନା ବେପାର ଚଳେଇଛୁ। ତୋ'ର ସେ ଜ୍ୱାଇଁ ନା ଆଉ କ'ଣ ହେବ ବେ?"

Source: Author, Digitized by PPRACHIN, SOA

ବାସୁଆ ଗୁଣିଆ ପାଟି ଶୁଣି ମେଘି ମା'ର ଦେହ ଜଳିଗଲା... ସେ ରାଗିଯାଇ ପାଟି କରି ଉଠିଲା - "ତୋ ଝିଅକୁ ମୋ କ୍ୱାଇଁ ନେଉନିରେ କୁଳବୁଡା; ଅଳପେଇସା ! ତୁ'ଟା କାହିଁକି ମୋ' ଦୁଆରେ ଠିଆ ହୋଇଛୁ ?"

ତା' ପାଟିରୁ କଥା ସରିଛି କି ନାହିଁ ଦି'ତିନିଟା ଠେଙ୍ଗା ଶୂନ୍ୟରେ ଉଠି ଆସି ମେଘ ମା' ଉପରେ ପିଟି ହୋଇଗଲା। "ମାର୍ ଶାଳୀକି ମାର୍ ! କଞ୍ଚା ଖାଇ ଡାହାଣୀକୁ ଲଗା ଦି' ପାହାର ! ହାରାମ୍‌ଜାଦୀ ! ଖାନିକୀ...।" ମେଘ ମା' କଚାଡ଼ି ହୋଇ ତଳେ ପଡ଼ିଯାଇଥିଲା। ତା' ମୁଣ୍ଡରୁ ରକ୍ତର ଧାର ଛୁଟି ଚାଲିଥିଲା। ସେତିକିବେଳେ ନିଶୂନ ରାତିର ଦୂର ବଇଁଶୀର ସ୍ୱର ଭଳି ଗୋଟେ ଚଳନ୍ତା ଗାଡ଼ିର ହର୍ଣ୍ଣ ସମସ୍ତଙ୍କୁ ଶୁଭିଗଲା। ପରେ ପରେ ଉଜ୍ଜ୍ୱଳ ଆଲୁଅର ଦୁଇଟି ସରଳ ରେଖା ନିକଟରୁ ନିକଟତର ହେଉଥିଲା।

ସେଠି ଆଉ କେହି ନ ଥିଲେ। କେବଳ ଭୂଇଁ ଉପରେ ପଡ଼ିଥିଲା ମେଘି ମା ! ମୁଠେ ମାଟି କାମୁଡ଼ି...।

■■

Source: Author, Digitized by PPRACHIN, SOA

ଲେଉଟାଣି ଟାଣଖରା

ନିର୍ଯ୍ୟାତିତା ନାରୀର ଜୀବନରେ ଉତ୍ସବ ବୋଲି କିଛିନାହିଁ। ନା- ଓଷାବ୍ରତ, ନା- ବାହାପୁଆଣି। ତା'ପ୍ରତି ଘଟୁଥିବା ଅନ୍ୟାୟ,ଅନୀତି, ଅବିଚାରର ପ୍ରତିବାଦହିଁ ହେଉଛି ତା'ଜୀବନର ଏକମାତ୍ର ମହୋତ୍ସବ। ଏହି ମହାସତ୍ୟକୁ ସେଇ ଦିନହିଁ ସୁଧୀର ଉପଲବ୍ଧି କଲା। ଯେଉଁଦିନ ସେ ପ୍ରଥମ କରି ତା'ମୀନା ଅପାର ଶାଶୁ ଘରକୁ ଯାଇଥିଲା। ସାବିତ୍ରୀ ବ୍ରତର ପୂଜା ସମ୍ଭାର ନେଇ...।

ମୀନା ଅପାର ଶାଶୁଘର...। କାହିଁରେ କେତେ ଦୂର....।

ଗୋଟିଏ ଲମ୍ବାରାତିର ଅନେକ ଅଙ୍କା ବଙ୍କା ସର୍ପିଳ ଲମ୍ବା ରାସ୍ତା। ପାର ହୋଇଗଲା ପରେ ହିଂସ୍ର ପଶୁର ଗର୍ଜନଟେ କରି ବସ୍ ଅଟକି ଗଲା। ସମୟ ସକାଳ ସାଢ଼େ ପାଞ୍ଚଟା, ଚାରିଆଡକୁ ନଜର ପକେଇ ସେ ଦେଖିନେଲା। ନା, ତାକୁ ପାଛୋଟି ନେବାକୁ କେହିଁନାହିଁ। ରିକ୍ସାଟିଏ ବି ଆଖିରେ ପଡୁନି। ସହ ଯାତ୍ରୀମାନେ କିଏ କୁଆଡ଼େ ଚାଲିଗଲେଣି। ଏବେ ସେ ଏକାକୀ ଠିଆ ହୋଇଛି ଜଣେ ଅଲୋଡ଼ା କୁଣିଆ ଭଳି। ପାଖରେ ପାନ ଦୋକାନଟିଏ। ଭାଗ୍ୟଭଲ ଖୋଲା ଅଛି, ସେଠିକି ଯାଇଁ ସେ ତା'ମୀନା ଅପାର ଘରଟା କେଉଁ ଗଳିରେ ବୁଝିନେଲା। ପରେ ପରେ ବ୍ୟାଗଟାକୁ କାନ୍ଧରେ ଗଳେଇ, ଆଟାଚିଟାକୁ ହାତରେ ଝୁଲେଇ ସେ ଆଗକୁ ବଢ଼ିଲା।

ହେଲେ ସୁଧୀରର ମନତଳର ସବୁଜିମା ମରି ମରି ଆସୁଥିଲା। ସହରୀ ଚଳନି ମଧ୍ୟରେ ସେ ଅଭ୍ୟସ୍ତ ଥିବାରୁ ପାହାଡ଼ ଜଙ୍ଗଲ ଭିତରେ ଗଢ଼ିଉଠିଥିବା କଲୋନିର ନିର୍ଜନତା ତାକୁ ମାଡ଼ି ମାଡ଼ି ପଡୁଥିଲା।

ଅତିକମ୍‌ରେ ସାତ ଆଠଦିନ ଭଉଣୀଘରେ କଟାଇବା ପାଇଁ ସେ ସୁଦୂର ସାତଶହ କିଲୋମିଟର ରାସ୍ତା ଅତିକ୍ରମ କରି ଆସିଛି। ସାଥୀରେ ଘର ପିନ୍ଧା ଡ୍ରେସ୍ ଠାରୁ ଆରମ୍ଭ କରି ବାହାର ପିନ୍ଧା ଡ୍ରେସ ବାନ୍ଧି। ଭଣଜାକୁ କୋଳରେ ବସେଇ ଗେଲ କରିବ। ଭଉଣୀ ସାଥୀରେ କ୍ରିକେଟ୍ ଖେଳଠୁଁ ଆରମ୍ଭ କରି ପରମାଣୁ ପରୀକ୍ଷଣ ଯାଏଁ କରିବ। ଭିଣୋଇ ବାବୁଙ୍କ ସହ ବାଇକ୍ ଧରି ବୁଲିବ।

ସେଇ କୋମଳ ଇଚ୍ଛାର ଆବେଗରେ ଆଗକୁ ଆଗେଇ ଯାଉ ଯାଉ ହଠାତ୍ ଅଦ୍ଭୁତ ଦୃଶ୍ୟଟାଏ ଦେଖିଲା ଭଳି ସେ ଦେଖି ଅଟକି ଗଲା। ଏ କ'ଣ ? ଅପାର

Source: Author, Digitized by PPRACHIN, SOA

ସାମ୍ନାଗେଟ୍‌ରେ ଏତେ ବଡ଼ ଗୋଟାଏ ତାଲା। ଏଇ ରାତାରାତି କୁଆଡ଼େ ସବୁ ଗାଏବ୍ ହୋଇ ଗଲେନାଁ କ'ଣବା ! ଏମିତି କିଛି ଭାବୁଭାବୁ ଅନ୍ୟମନସ୍କ ଭାବେ ଉପରକୁ ମୁହଁ ଉଠାଇ ଦେଖେତ ବାଲ୍‌କୋନିରେ ଲୁହ ଡ଼ବଡ଼ବ ଆଖିରେ ତାକୁ ଚାହିଁ ଠିଆ ହୋଇଛି ଅପା ! ତା'ମୀନା ଅପା !

"ତୁ ପଛ ସିଡ଼ିଦେଇ ଛାତ ଉପରକୁ ଉଠିଆ ! ସେ ମର୍ଣ୍ଣିଂୱାକ୍‌ରେ ଯାଇଛନ୍ତି। ଫେରିଲେ ତାଲା ଖୋଲିବେ।"

ସାରା ରାତି ଅନିଦ୍ରା। ପୁଣି ନିତ୍ୟକର୍ମ ସାରିନି। କାନ୍ଧରେ ଫଳ, ଫୁଲ, ଶାଢ଼ୀ, ଚୁଡ଼ିର ଭରା ଭରା ବ୍ୟାଗ୍ ! ପୁଣି ଅପେକ୍ଷା ! ଥକିପଡୁଥିଲା ସେ। ଦେହ ଅପେକ୍ଷା ମନରେ କେମିତି ଗୋଟେ ଅଶ୍ୱସ୍ତିର ଯନ୍ତ୍ରଣା ! ଛାତଟା ଉପରେ ସେ ଆଉ କେତେ ସମୟ ଅପେକ୍ଷା କରିବ ? ବଡ଼ ଭୁଲ୍ ହୋଇଗଲା। ବରଂ ନ ଆସିଥିଲେ ଭଲ ହୋଇଥାନ୍ତା। ବୋଉଟା ତା'ର କେମିତିକା କେଜାଣି। ସବୁ ଜାଣି ଶୁଣି ତାକୁ ପଠାଉଥିଲା କାହିଁକି ଯେ ! ତେବେ କ'ଣ ସେ ଫେରିଯିବ ! କିନ୍ତୁ ମୀନା ଅପା ! ତା'ର ତ କିଛି ଦୋଷ ନାହିଁ। ସେ କାଲେ ଫୋନ୍ କରି ଆଗରୁ ବୋଉକୁ କହିଥିଲା। ସାବିତ୍ରୀ ବ୍ରତପାଇଁ କାହାକୁ ପଠେଇବୁନି, କିଛି ବି ପଠେଇବୁନି। ଆମ ଘରର ଲୋକଙ୍କ କଥା ଶୁଣି ତାଙ୍କ ନାହି ଡେଉଁଛି। କିନ୍ତୁ ବୋଉ। ମା'ମନ ତାଙ୍କର ବୁଝୁ ନଥିଲା। ଯେତେହେଲେ ଜନ୍ମଦାତ୍ରୀ ସେ। କହିଲେ "ପୁଅରେ ! ଜୋଇଁଟା ମୋର ଏକ୍‌ଜିଦିଆ। ଯାହା ବୁଝିଥିବେ ସେଇଆ। ଯେତେ ଦେଲେ ତାଙ୍କର ମନ ବୁଝେନି। ଏଇଟା ଦେଲେନି, ସେଇଟା ଦେଲେନି। ମୋର ଅମୁକ ସାଙ୍ଗ କାର୍ ପାଇଛି, ସମୁକ ସାଙ୍ଗର ଶ୍ୱଶୁର ତାକୁ ଟଙ୍କାର ପାହାଡ଼ ଉପରେ ଠିଆ କରେଇ ଦେଇଛି। ସବୁବେଳେ ଝିଅକୁ ମୋର ଖୁଣ୍ଟା ! ଏବେ ଯଦି ସାବିତ୍ରୀ ଭାର ନ ଦେଉଛି। ତେବେ କଥା ରହିଯିବ। ତା'ଶ୍ୱଶୁରଟା ତ' ମସ୍ତ ଗୋଟେ ଟିଙ୍ଗ୍ ଟିଙ୍ଗା। ଶାଶୁ ଗୋଟେ ଦାରୁଣୀ ହାଇକୋଟିଆଣୀ କହିଲେ ଚଳେ। ଆଗରେ ତୋ' ଭଣଜାର ଜନ୍ମଦିନ। ପ୍ରଥମରୁ ନ ଜଗିଲେ ପରେ ସେମାନେ ତାଙ୍କ ଘରେ ପାଦ ପକେଇ ଦେବେନି। ଯା ! ତୋ'ଭଣଜାକୁ ଟିକେ ଦେଖି ଆସିବୁ। ଟୋକାଟା କାଲେ କାନ୍ଥଧରି ଠିଆ ହେଲାଣି। ବାବା, ମାମୁଁ ଡ଼ାକିଲାଣି। ପାକୁଆ ପାଟିରେ ଖୁବ୍ ହସୁଛି। ବଡ଼ ଦୁଷ୍ଟଟାଏ ହୋଇଛି। ବ୍ରହ୍ମାଣ୍ଡ ଯାକଁର ଜିନିଷ ଗୋଟେଇ ପାଟିରେ ପୂରୋଉଛି। ଏଇଟା ଗୋଟେ ହିନ୍ଦୁ ପରିବାରର ପରମ୍ପରା। ଥିଲା ବାଲାଠୁଁ ନଥିଲା ବାଲାଯାଏଁ ଏ ଓଷା ପାଇଁ ଜାଗ୍ ତିଆର। ଭଙ୍ଗାଘର ଯୋଡ଼ିଦେବା ପାଇଁ ଦିନଟିଏ, ଉଚ୍ଛନ୍ନ ସଂସାରଟେ ସଜାଡ଼ି ଦେବା ପାଇଁ ଚେତାବନୀଟିଏ ଶୁଣେଇ ଦେଇଥାଏ ଏଇ ବ୍ରତ।

Source: Author, Digitized by PPRACHIN, SOA

ସୁଧୀର ମନେମନେ ବିରକ୍ତ ହେଉଥିଲେ। ଚେତାବନୀ ନା ଛେନାଗୁଡ଼। ଆଜିକାଲି କେଉଁ ସ୍ୱାମୀ କାହର। ଘରେ ସୁନ୍ଦରୀ ଘରଣୀ ଥାଉ ଥାଉ ଆଜିକାଲି ତ ଶଳାଏ ପରକୀୟା ପ୍ରୀତିରେ ମାତିଛନ୍ତି। ଯୌତୁକ ଲୋଭରେ ସ୍ତ୍ରୀକୁ କିରୋସିନୀ ଢ଼ାଳି ପୋଡ଼ି ମାରୁଛନ୍ତି। ଏଗୁଡ଼ାକ ପାଇଁ ଉପବାସ କରି ଦେହକୁ କଷ୍ଟ ଦେବା କ'ଣ ଦରକାର ଯେ।

କିନ୍ତୁ ମା' ପଦ୍ମାବତୀଙ୍କ ମନରେ ଅନେକ ଆଶା। ସୁଧୀରର ଫାଇନାଲ୍ ପରୀକ୍ଷା ସରିଛି। କୁଆଡ଼େ କେମିତି ଟିକେ ବୁଲି ଯିବାକୁ ତା'ର ମନ ଚାହିଁଥିବ, ଯାଉ! ଏଇ ମଉକାରେ ଭଉଣୀଘରେ ଟିକେ ବୁଲାବୁଲିକରି ଫେରି ଆସୁ। ଜ୍ୱାଇଁ ତାଙ୍କର କମ୍ପ୍ୟୁଟର ଇଞ୍ଜିନିୟର। ପୁଅ ସୁଧୀର ବି ସେଇ ଧାରାର। ଆଜିକାଲି ଚାକିରୀ ଅବସ୍ଥା ଯାହା। ଜ୍ୱାଇଁ ତାଙ୍କର ଇଚ୍ଛାକଲେ କେଉଁଠି କେମିତି ଭର୍ତ୍ତି କରି ଦେଇ ପାରନ୍ତି।

ଝିଅ ମୀନାର ବାରଣ ସତ୍ତ୍ୱେ ସାବିତ୍ରୀବ୍ରତର ପୂର୍ବଦିନହିଁ ପଦ୍ମାବତୀ ଶାଢ଼ୀ, ଶଙ୍ଖା, ସିନ୍ଦୁର ଆଉ କିଛି ଫଳ, ମୂଳ ଯୋଗାଡ଼ କରି ପଠେଇ ଦେଲେ ପୁଅକୁ ଝିଅ ଘରକୁ! ଦୂରଯାଗା। ପିଲାଲୋକ, ତାକୁ କି ଜଣା ବନ୍ଧୁ ବେଭାର। ସହଜେ ତ ପାଠ ପଢୁଆପିଲା। କାଳେ ଜ୍ୱାଇଁ ବାବୁଙ୍କ ପରିବାର ତରଫରୁ ଝଡ଼ ଉଠିବ। ସେ ନେଇ ସତର୍କ ହୋଇ ସେ ଫୋନ୍ କରି ଜଣେଇ ଦେଇଥିଲେ ଝିଅକୁ। ଝିଅ କହିଥିଲା ଆସୁଛି ତ ଆସୁ। ମୁଁ ଅଛି, ଚିନ୍ତା ନାହିଁ।

ମେ ମାସର ସକାଳ। ଖରା କାଟିଲାଣି। ଅଥଚ ଭିଣୋଇବାବୁ ଏଯାଏଁ ଫେରି ନାହାଁନ୍ତି। ଜାଣି ଶୁଣି ସେ ଆଉ କୁଆଡ଼େ ଚାଲି ଯାଇ ନାହାଁନ୍ତିତ। ମଣିଷ ପୁଣି ଏଡ଼ିକି ନିଷ୍ଠୁର ଆଉ ଅବିବେକି ହୋଇପାରେ! ତାଙ୍କର ତ ପୁଣି ଭଉଣୀ ଅଛି। ସେତ ଦିନେ ନାଁ ଦିନେ କାହାରତ ପୁଣି ଶଳା ହେବେ।

ଛାତ ଉପରେ ବିଷର୍ଣ୍ଣ ମନରେ ସୁଧୀର ଚଲା ଫେରା କରୁ କରୁ ଅପାର ନଣନ୍ଦ ଆସି ଡାକରା ଦେଲା, 'ଭାଇ ଆସିଲେଣି! ଆସ!

ସେ ତଳକୁ ଓହ୍ଲେଇ ଆସିଲା, ଏବଂ ଦୂରରୁ ଭିଣୋଇ ସାହେବଙ୍କୁ ଲମ୍ୱା ନମସ୍କାରଟେ ପକେଇଲା।

ତାକୁ ଦେଖୁ ଦେଖୁ ସେ ରୋଷଚକ୍ଷୁରେ ପାଟି କରି ଉଠିଲେ "କୁଆଡ଼େ? ଏଠି ତମର କିଏ ଅଛି? କାହିଁକି ଆସିଲ?"

ତାଙ୍କର ଏ ପ୍ରକାର ବ୍ୟବହାରରେ ସୁଧୀର ଏକ୍‌ଦମ୍ ହତ୍‌ବଡ଼େଇ ଅପ୍ରସ୍ତୁତ ହୋଇଗଲା। ଏଭଳି ପ୍ରଶ୍ନର କି ଉତ୍ତର ଦିଆଯାଇ ପାରେ! ହଠାତ୍ ସେ କିଛି ଚିନ୍ତା ବି

Source: Author, Digitized by PPRACHIN, SOA

କରି ପାରିଲାନି। ତେଣୁ ସେ ତରବରରେ କହି ପକେଇଲା "ବୁଲିବାକୁ ଆସିଥିଲି। ପରୀକ୍ଷା ସରିଛିତ।"

"ଏଇଟା କ'ଣ ଗୋଟେ ପିକ୍‌ନିକ୍ ସ୍ପଟ୍ ନାଁ ହଲି ଡ଼େ ହୋମ୍। ମୁଁ କିନ୍ତୁ ଅଫିସରୁ ଫେରିଲା ବେଳକୁ ତୁମେ ଫେରିଯାଇଥିବ। ନଚେତ୍ ତୁମ ଅପା ମୋତେ ଆଉ ଦେଖିବାକୁ ପାଇବନି। ତା' ସାବିତ୍ରୀବ୍ରତ ଅଧା ରହିଯିବ।"

ଏକ ପରାସ୍ତବୋଧରେ କିଛି ନକହି ସେ ଚୁପ୍ ରହିଲା।

ମୀନା ଅପା ଏଥର ମୁହଁ ଖୋଲିଲା। "ସୁଧୀର ଆସୁଛି ବୋଲି ତମେ କ'ଣ ଜାଣି ନ ଥିଲ? ବାହାରୁ ତାଲା ପକେଇ ଚାଲିଗଲ ଯେ?"

"ତମେମାନେ ଶୋଇଥିଲ। ଆଉ କ'ଣ ଦାଣ୍ଡ କବାଟଟା ଖୋଲା ରଖି ଦେଇ ଚାଲିଯାଇଥାନ୍ତି।"

"ହଁ ଶୁଣ ତୁମଘରୁ ଆସିଥିବା ଜିନିଷପତ୍ର ଯେମିତି ଠାକୁର ପୂଜାରେ ନ ଲାଗେ। ନହେଲେ...।"

"ନହେଲେ? ନହେଲେ କ'ଣ କରିବ ତୁମେ? ଯାହା କହୁଛ ଟିକେ ଚିନ୍ତା କରି କୁହ!। ତମର ଏ ପ୍ରକାର ବ୍ୟବହାର ସେ ଜୀବନରେ ଭୁଲିବନି।"

"ନ ଭୁଲିବା ପାଇଁ ତ କହୁଛି। ମୁଁ କ'ଣ ଭିକାରୀ!"

ଏହାପରେ ଆଉ କ'ଣ କୁହାଯାଇ ପାରେ କି କରାଯାଇ ପାରେ ଏସବୁ ମୀନା ଅପା ଭାବୁଥିଲା କି କ'ଣ ଏମିତି ବେଳେ ସୁଧୀର କହିଲା ଅପା! ମୁଁ ଆସୁଛି! ଏଠି ମୋର ଆଉ ଗୋଟେ ସେକେଣ୍ଡ ବି ରହିଲେ ବଡ଼ ଭୁଲ୍ ହେବ। ତା କଥାରେ ମୀନା ପ୍ରକୃତିସ୍ଥ ହୋଇ କହିଲା "ହଁ ତାହାହିଁତ ଠିକ୍। କିନ୍ତୁ ଏ ଅସମୟରେ ତୁ ଯିବୁ କେମିତି? ଏବେ କ'ଣ ଆଉ ବସ୍ ଅଛି? ଯା! ତୁ ବାଥ୍‌ରୁମ୍ ଯା! ଧୁଆ ଧୋଇ ହୋଇ ଟିକେ ଫ୍ରେସ୍ ହୁଅ। ଏମାନେ ମଣିଷ ନୁହଁନ୍ତି!

ତା'ସ୍ୱରରେ କିଞ୍ଚିତ କ୍ରୋଧ ଆଉ କିଛି ଉଦ୍‌ବେଗ ଭରି ରହିଥିଲା। ଅପାର ଅଧାପାଠୁଆ ଫୁଟାଣିଆ ଦିଅର ଏବଂ ତା ଗାଲେଇ ନଣନ୍ଦ ଅଯଥାଟାରେ ଏପଟସେପଟ ହୋଇ ମଜା ଦେଖୁଥିଲେ ଯାହା।

ଦାନ୍ତ ବ୍ରସ କଲାବେଳେ ତା' ହାତକୁ ମୀନାଅପାର ଦିଅର ମଣି ଗାମୁଛାଟାଏ ବଢାଇ ଦେଲା। ଆପଣାକୁ ସଙ୍କୋଚମୁକ୍ତ କରିବାକୁ ଯାଇଁ ସୁଧୀର ଧୀର ସ୍ୱରରେ କହିଲା "ଭାଇଙ୍କର କ'ଣ ହୋଇଛି। ସେ ଏମିତି ରାଗୁଛନ୍ତି କାହିଁକି ଯେ?"

Source: Author, Digitized by PPRACHIN, SOA

ଟୋକାଟା ମୁହଁଟାକୁ ଫଣଫଣେଇ କହିଲା " ସେ କଥା ତାଙ୍କୁ ପଚାରିଲେ ସେ କହିବେ, ମୋତେ କି ଜଣା ! ମୁଁ କ'ଣ ତାଙ୍କ ମନ ଭିତରେ ପଶିଛିକି ?"

ନିଜ ଗାଲରେ ନିଜହାତ ।

ସେତେବେଳେ ସୁଧୀର ଅନୁଭବ କଲା ଯେ, ଏ ଶଳାଟିକୁ ତା'ର ଏତେଟା ପ୍ରାଧାନ୍ୟ ଦେବା ଉଚିତ୍ ନଥିଲା । ଛୋଟ ଲୋକ ମୁହଁରେ ବଡ କଥା । ଏମିତିକା ଅମଣିଷମାନଙ୍କ ଭିଡ଼ରେ ଅପାଟା ବୋର୍ ହେଉଥିବ ଯାହା ।

ଅତୀତ ଆଜି ଅତୀତ ହୋଇ ଯାଇଛି ।

ତା' ଅପା ଭଳିଆ ସୁନ୍ଦରୀ ଶିକ୍ଷିତା ଝିଅକୁ ବୋହୂ କରି ଆଣିବାର ଆକୁଳ ଆଗ୍ରହ ଆଜି ନାହିଁ । ବରଂ ସେମାନେ ତା'କୁ କହିଦେବାକୁ ଚାହାନ୍ତି ଯେ, ଦେଖ୍ ତୋ ପାଠ ପଢୁଆ ଅପାଟା କେମିତି ଆମର ବୋଲକରା ସାଜିଛି । ବାହାଘର ପରେ ପରେ ଭିଣୋଇବାବୁ ଅପାର ଅଧ୍ୟାପିକା ଚାକିରୀଟା ଛଡ଼େଇ ଦେଇ ତାକୁ ଗୋଟେ ଚମତ୍କାର ଚାକରାଣୀରେ ପରିଣତ କରେଇ ଦେଇଛନ୍ତି ।

ମୀନା ଅପାର ସ୍ୱପ୍ନଭରା ଆଖି ଖୋଲି ଯାଇଛି ।

ତା'ବୟସ ତୁଳନାରେ ସେ ବେଶୀ ବୟସ୍କା ଜଣା ପଡୁଛି । ସୁନା ହରିଣୀର ମୋହ ମାୟାରେ ପଡ଼ି ଅପା ତା'ର ସବୁ କିଛି ହରେଇ ବସିଛି । ସୁଧୀର ଦେଖିଲା ଠାକୁରଙ୍କ ପୂଜାଘରେ ଫଳର ପାହାଡ଼ । ଆମ୍ବ, ଅମୃତଭଣ୍ଡା, ପଣସ, ସପୁରୀ, ନଡ଼ିଆ, କଦଳୀ ସ ଅ ବୁ । ମାତ୍ର ସେ କିଣି ଆଣିଛି ଫଳର କେତୋଟି ପ୍ୟାକେଟ୍ । ସେଓ, ଅଙ୍ଗୁର, ନାସ୍‌ପାତି ଲିଚୁ । ଭିଣୋଇ ସାହେବ ଅପାକୁ କିଣି ଦେଇଛନ୍ତି ତିନି ହଜାର ଟଙ୍କାର ଶାଢ଼ୀ । ଅଥଚ ସେ ଆଣିଛି ମାତ୍ର ତିନିଶ ଟଙ୍କାର ଶାଢ଼ୀ, ସାୟା, ବ୍ଲାଉଜ୍ ।

ସୁଧୀର ଟିକିଏ ଗ୍ଲାନିବୋଧରେ ସାଙ୍କୁଡ଼ି ଯାଇଁ କହିଲା । "ତୁ ଜମାରୁ ଚିନ୍ତା କରନା ଅପା ! ମୁଁ ଖାଲି ଚାକିରୀଟିଏ କରିଯାଏଁ । ଯେତେବେଳେ ଯାହା ଚାହିଁବୁ ଆଣିଦେବି ।

ତା'କଥା ଶୁଣି ଅପା ନରମ କଣ୍ଠରେ କହିଲା "ମୋର କିଛି ଦରକାର ନାହିଁ । ତୁ'ଆସିଛୁ ସେଇ ମୋର ଯଥେଷ୍ଟ ନ ଆସିଥିଲେ ସେମାନଙ୍କର ସାହାସ ଆହୁରି ବଢ଼ିଥାନ୍ତା । ଏ ପର୍ବତ ପ୍ରମାଣେ ଫଳରେ ଯେଉଁ ସ୍ୱାଦ ନାହିଁ । ତୋ'ଆଣିଥିବା ପ୍ୟାକେଟ୍ ଫଳରେ ତାହା ଅଛି । ତୋ ଆଣିଥିବା ଶାଢ଼ୀରେ ଯେଉଁ ଶ୍ରଦ୍ଧା ଅଛି, ଏ ଦାମୀ ଶାଢ଼ୀରେ ତାହା ନାହିଁ ।"

ଅପା ଭିତରେ ଯେ ଗୋଟେ ଭୀଷଣ ନୈରାଶ୍ୟ ଲୁଚି ରହିଛି, ସେ ବିଷୟରେ ସେ

Source: Author, Digitized by PPRACHIN, SOA

ଖୋଲାଖୋଲି ନ କହିଲେ ବି ସୁଧୀର ବେଶ୍ ଅନୁଭବ କରିପାରୁଥିଲା। ସେ କହିଲା - ଆଉ ଯଦି ଥରୁଟିଏ ପାଇଁ ଭାଇ ପାଟି ଖୋଲନ୍ତି ମୁଁ ମଧ୍ୟ ତାଙ୍କୁ କଡ଼ାମିଠା ଦି'ପଦ ଶୁଣେଇ ଦେବି ଜାଣିଥା ! ମଣିଷକୁ ସେ କ'ଣ ବୋଲି ଭାବିଛନ୍ତି କି ? କାହିଁ ତାଙ୍କ ଘରର କୌଣସି ସଦସ୍ୟଙ୍କ ସହିତ ତ ସେ ସଂପର୍କ କାଟି ଦେଇ ନାହାନ୍ତି, ବରଂ ବିବାହ ପୂର୍ବରୁ ତାଙ୍କର ତାଙ୍କ ଭାଇମାନଙ୍କ ସହିତ ଯେଉଁ ତିକ୍ତ ସଂପର୍କ ଥିଲା ତାହା ତୁଟି ଯାଇ ମଧୁର ସଂପର୍କରେ ପରିଣତ ହୋଇଛି। କିନ୍ତୁ ଆମଘର ସହିତ ସଂପର୍କ ତୁଟେଇ ଦେବାକୁ ସେ କାହିଁକି ଯେ ଏତେ ବ୍ୟଗ୍ର ତା'ତ ବୁଝି ପାରୁନି।

ମୀନା ଅପା ଧିର କଣ୍ଠରେ କହିଲା - "ଟିକେ ଧୈର୍ଯ୍ୟ ଧରି ରହିଯା ସବୁକଥା ସମୟ ଆସିଲେ ଆପେ ଆପେ ସମାଧାନ ହୋଇଯିବ।"

"ଦେଖ୍ ଅପା ! ନିଜକୁ ଭୀରୁ ଲାଜକୁଳା ବନେଇ, ଭଲ ଲୋକୀ ଦେଖେଇ ସବୁ ଅନ୍ୟାୟକୁ ମୁଣ୍ଡ ପାତି ସହିଯିବା ପିଲା ମୁଁ ନୁହେଁ। ଏ ଭଳି ହୃଦୟହୀନ ଲୋକକୁ ସାମ୍ନା କରିବାକୁ ହେବ। ତାଙ୍କୁ ଶଳା ଭିଣୋଇର ସଂପର୍କ ଜଣା ନାହିଁ। ଜଣା ନାହିଁ ଭାଇ ଭଉଣୀର ସଂପର୍କ। ତୁଉବି ଏମିତି ଚୁପ୍ ରହିଲେ ଚଳିବନି। ଆପଣାର ଅସ୍ତିତ୍ୱ ବଜାୟ ରଖିବାକୁ ହେବ। ଅଧିକାର ସାବ୍ୟସ୍ତ କରିବାକୁ ପଡ଼ିବ। ଯନ୍ତଣା ଜର୍ଜରିତ ଜୀବନରେ ଓଷା, ଉତ୍ସବ ବୋଲି କିଛି ନାହିଁ। ସମ୍ମାନର ସହିତ ବଞ୍ଚିବାକୁ ହେଲେ ପ୍ରତିବାଦ କରି ଶିଖ୍। ତାହାହିଁ ହେବ ତୋ'ଜୀବନର ଏକମାତ୍ର ମହୋତ୍ସବ।"

ମୀନା ଅପାର ଫୁଲପରି ମୁହଁଟା ପାଣ୍ଡୁରା ଦିଶିଲା। ଦୀର୍ଘଶ୍ୱାସଟେ ପକେଇ ମନେ ମନେ ସେ କହିଲା - "ନୀରବତାର ବି ଗୋଟେ ସ୍ୱର ଅଛିରେ ହୁଣ୍ଡା ! ତାହା ଲକ୍ଷେ କଣ୍ଠର ସ୍ୱରଠୁଁ ଆହୁରି ତୀବ୍ର ଆହୁରି ଶାଣିତ।"

ତେବେ ମା'ପଦ୍ମାବତୀଙ୍କର ଆଶଙ୍କା ବଢ଼ି ବଢ଼ି ଚାଲିଥିଲା। କ'ଣ ହେଲା ? ଫୋନ୍‌କଟ୍। ସେ ପଟୁ କିଛି ଖବର ନାହିଁ। ପୁଅ ପହଁଚିଲା କ୍ଷଣି ହିଁ ଫୋନ୍ କରିବାକଥା। ସେ ପହଁଚିଲା ନା ନାହିଁ। ପ୍ରଥମଥର ପାଇଁ ଯାଇଛି। ସହଜେ ତ ନୂଆ ଯାଗା, ପହଞ୍ଚିଥିଲେ ତ ସେ ପି.ସି.ଓରୁ ଫୋନ୍ କରିପାରିଥାନ୍ତା। କ'ଣ କିଛି ଅଘଟଣ ଘଟିଲା କି ଆଉ !

ସୁଧୀରଟା ତାଙ୍କର ଧୀର, ଶାନ୍ତ, ସୁଧାର, ସେଇଥିପାଇଁ ତ ତା'ନାଁ ସୁଧୀର ରଖିଥିଲି। ତାକୁ ଖୁବ୍ ବେଶୀ ନ ବାଧିଲେ ସେ ସହଜରେ ରାଗେନି। କିନ୍ତୁ ଯଦି ରାଗିଯାଏ ନାଁ, ତାକୁ ଶାନ୍ତ କରିବା କାଠିକର ପାଠ। ଗଲାବେଳେ ସେ କହୁଥିଲାତ "ବୋଉ ! ତୋ ଜୋଇଁ ଗୁଣମଣି ଯଦି ବେଶୀ ପାଟି ତୁଣ୍ଡ କରେ ତେବେ ତାକୁ କଡ଼ାମିଠା କରି ପାନେ ଚଖେଇ ଦେବି ଜାଣିଥା। ପଦ୍ମାବତୀ ପ୍ରମାଦ ଗଣୁଥିଲେ ମନ ତାଙ୍କର କୋଉଥିରେ ହେଲେ

Source: Author, Digitized by PPRACHIN, SOA

ଲାଗୁ ନଥିଲା। ପୁଅକୁ ପଠେଇ ବଡ଼ ଭୁଲ୍‌ଟାଏ ବୋଧହୁଏ ସେ କରି ପକେଇଛନ୍ତି। ପାଣିରୁ ଭୂଇଁ ଉପରକୁ ଛିଟିକି ପଡିଥିବା ମାଛଭଳି ସାରାରାତି ଛଟପଟ ହେଉଥିଲେ ସେ।

ବଡ଼ି ଭୋରୁ ଭୋରୁ କଲିଂବେଲ୍‌ର ଆୱାଜ। ନିଦ ମଳ ମଳ ଆଖିରେ ସେ ଉଠି ଯାଇଁ କବାଟ ଖୋଲି ଦେଲେ। ସାମ୍ନାରେ ସୁଧୀର। ହାତରେ ତା'ର ଭାରି ବ୍ୟାଗ୍ ଏବଂ ଆଟାଚି। ଆନନ୍ଦ ଓ ଆଶଙ୍କାର ଫେଣ୍ଟା ଫେଣ୍ଟି ଭାବଟିଏ ନେଇ ସେ ପଚାରି ଦେଲେ "ଏତେ ଜଲ୍‌ଦି ଚାଲି ଆସିଲୁ ଯେ ?"

- "ଆସିଲି !" ସୁଧୀରର ସଂକ୍ଷିପ୍ତ ଉତ୍ତର।

"ସେମାନେ କ'ଣ ଅଟକେଇଲେନି ?"

- "ହଁ, ଅଟକଉ ଥିଲେ ଯେ, ମୋର କଲେଜରେ କାମଅଛି। ଚାଲି ଆସିଲି।"

"ଫୋନ୍ କଲୁନି ଯେ !"

- "ଲାଇନ୍ ଖରାପଥିଲା !"

"ଅପା କେମିତି ଅଛି ? ଖୁସିଥିଲାତ ? ତୁ ଆସିଲାବେଳେ କୁନି ପୁଅ କ'ଣ କରୁଥିଲା ? ଜ୍ୱାଇଁ ବାବୁ କିଛି କହୁଥିଲେ କି ? ଅପାର ଶାଶୁ, ଶ୍ୱଶୁର, ନଣନ୍ଦ, ଦିଅର ! କିଏ କିଏ ସବୁ ଥିଲେ ?"

"ହଁ, ହଁ ପଚାରି ଯା ! ପଚାରି ଯା ! ଅଟକି ଗଲୁ କାହିଁକି ? ପଚାରୁନୁ ! ତା'କୁକୁର ! ତା'ବିଲେଇ !"

"ପାଗଳଟା କିରେ !"

- "ହଁ ଶୁଣ୍ ! ଅପାର ସବୁ ଭଲ। ଆସିଲା ବେଳେ କୁନି ପୁଅକୁ କାନ୍ଧରେ ପକେଇ ଥାପଡ଼େଇଲି, ଗୀତ ଗାଇଲି, ସେ ବି ମୋ କାନ୍ଧରେ ଶୋଇ ହୁଁ...ଉଁ...ଉଁ...ହୁଁ...ଉଁ ହୋଇ ଗୀତ ଗାଇଲା।"

ଏସବୁ ମୀନା ଅପାର ଦିଅର ଦେହରେ ଗଲାନି। କମେଟ୍ କଲା ଭଳି ସେ କହିଲା। - "କ'ଣ କୁନା ଆମର ଗୀତ ଗାଉଛି ! ଆମ ଘରର ପିଲାମାନେ ତ ଟିକିଏ ବଡ଼ ହୋଇଗଲେ ମାମୁଁ ଘରକୁ ଯିବା ପାଇଁ ମନ କରନ୍ତିନି।"

ଭାବିଥିଲି ଟୋକାଟାକୁ ଏମିତି ଦି'ପଦ ଶୁଣେଇ ଦେବି ଯେ, ଯେମିତି ତା' ଜୀବନରେ ସେ କାହାଠୁଁ କେବେ ସେମିତି କଥା ଶୁଣି ନଥିବ। ହେଲେ ଏତେଟା ଅଭଦ୍ର ମୁଁ ହୋଇ ପାରିଲିନି। ହଉ ! ପରେ ସେ ସବୁ। ମୁଁ ଟିକେ ଗାଧୁଆ ଘରୁ ଆସେ।

Source: Author, Digitized by PPRACHIN, SOA

ସୁଧୀର ଚାଲିଗଲାପରେ ବ୍ୟାଗଟା ପାଖକୁ ଟାଣିଆଣି ଖୋଲି ବସିଲେ ବୋଉ। ଝିଅ ତାଙ୍କର କ'ଣ ସବୁ ତା'ଭାଇକୁ ଦେଇଛି ଯେ, ବ୍ୟାଗଟା ଏତେ ଉଚ୍ଚା ଦିଶୁଛି। କିନ୍ତୁ ବ୍ୟାଗ୍ ଭିତରେ ସେଓ, ଅଙ୍ଗୁର୍, ଲିଚୁ। ଯେମିତି ପ୍ୟାକିଂ ହୋଇଥିଲା। ସେମିତି ଅଛି ଖୋଲା ହୋଇନି।

କେମିତି ଗୋଟେ ଅସହ୍ୟ ଅବବୋଧରେ ଭାଙ୍ଗି ପଡୁ ପଡୁ ସେ ଏଥର ଆଟାଚିଟାକୁ ଖୋଲିଦେଲେ, ସେଥିରେ ସେମିତି ସାଇଜ ହୋଇ ରଖାଯାଇଛି ସେ ପଠାଇଥିବା ଶାଢ଼ୀ, ଶଙ୍ଖା, ସିନ୍ଦୁର।

ଛାତିଟା ତାଙ୍କର କୋରି ହୋଇଗଲା ଯେମିତି।

ଗାଧୁଆଘରୁ ସୁଧୀର ଫେରିଆସି ମା'ମୁହଁକୁ ଚାହିଁଲେ।

ଏଇ ସଜ ସକାଳଟାରେ ବି ମା'ମୁହଁରେ ଝାଳ କଣ୍ଟି ଆସୁଛି, ତା ଆଖିପତା ଓଦାଳିଆ ଦିଶୁଛି।

■ ■

Source: Author, Digitized by PPRACHIN, SOA

ନଖୀ ଆଖିର ନିଆଁ

ନାଁଟି ତା'ର ନଖୀ। ନଖୀ ବାଉରାଣୀ। ଲୋକେ ଯାହାକୁ ତେଲ ଲୁଣର ସଂସାର କହନ୍ତି, ସେମିତି ସଂସାରଟିଏ ତା'ର ନଥିଲା। ଅଥଚ ସେ ତେଲ ଲୁଣ କିଣୁଥିଲା। ତିନିଖଣ୍ଡି ଇଟା ଚୁଲିରେ ଠେକରା ବସାଇ ସେ ଭାତ ରାନ୍ଧୁଥିଲା।

ସ୍ୱାମୀ ନ ଥାଇ ସଂସାରଟିଏ ତା'ର ଥିଲା।

ଝରକା କବାଟ ନଥିବା ଝାଟିମାଟିର ପଲାଟିଏ ଥିଲା।

ବୟସ ବେଶୀ ନୁହେଁ। ତିରିଶ୍ କି ବତିଶ। କାଳି ନୁହେଁ କି ଗୋରୀ ନୁହେଁ। ସଫା ଶ୍ୟାମଳୀ। ଗାଲର ଗୋଲେଇ ପୂରିଲା ପୂରିଲା। ଆଖିର ଚାହାଁଣୀ ଲୋଭିଲା - ଲୋଭିଲା, ତା' ଦେହର ସବୁତକ ସୌନ୍ଦର୍ଯ୍ୟକୁ ଡୁବେଇ ଦେଇଥିଲା ତା'ର ଦାରିଦ୍ର୍ୟ।

ବେହରଣ ବୋଇଲେ ମେଳିଛିଆ କସ୍ତା ଖଣ୍ଡେ। କାନ ପାଖରେ କେରାଏ ନୁଖୁରା ବାଳ। ତେଲ ବାଜିନି କୋଉକାଳୁ।

ହାଣ୍ଡିରେ ଚାଉଳନାହିଁ। ଡ଼ିବ୍କିରେ ଲୁଣ ନାହିଁ। ଘଡ଼ିରେ ଫୁଟଣ ନାହିଁ। ଡ଼ାଲି ତ ସାତସପନ। ପରିବା ବା ଆସିବ କୁଆଡୁ।

ହାତରେ ମାତ୍ର ସାତୋଟି ଟଙ୍କା। ଆପଣା କଥା ପଛକୁ ଥାଉ, ପିଲାର ପେଟ ତ ପୂରେଇବାକୁ ପଡ଼ିବ।

ପିଲାର ପେଟ ବଢୁଛି। ଦୁଇ ପୂରି ତିନି ଚାଲୁଛି। ବଡ଼ ଅଝଟିଆ। ଯାହା ଦେଖୁଛି ତାହା ଆଣି ଦେ ବୋଲି ଅଳି କରୁଛି। ସେ କି ଜାଣେ ବଜାର ଭାଉ। ପୁଅକୁ କାଖରେ ଜାକି ନଖୀ ଚାଲିଲା ଗଳିମୁଣ୍ଡ ମାଗୁଣିସାହୁ ଦୋକାନକୁ।

ଦୋକାନ ଦୁଆରେ ଭିଡ଼। ଗରାଖ ଆସୁଛନ୍ତି। କିଣା କିଣି କରି ଫେରୁଛନ୍ତି। ନଖୀ ବାଉରାଣୀ ଠିଆ ହୋଇଛି ଏକପାଖିଆ। ଦୋକାନୀର ତା' ଆଡ଼େ ନିଘା ନାହିଁ।

କେତେବେଳେକେ ସେ ପାଟି ଖୋଲିଲା - "ମୋତେ ଦିଅ। ଉଛୁର ହେଉଛି।"

- "କ'ଣ ନେବ ?"

- "ଚାଉଳ, ଆଳୁ, ଲୁଣ, ଲଙ୍କା, ପିଆଜ। ଏକା ନିଃଶ୍ୱାସକେ କହିଲା ନଖୀ।"

- "ଟିକେ ରୁହ ! ଆଜ୍ଞାକୁ ଦେଇସାରେ।" ଦୋକାନୀ ଅବଜ୍ଞାରେ କହିଲା ଏବଂ

Source: Author, Digitized by PPRACHIN, SOA

ଆଉ ଆଉ ଗରାଖଙ୍କୁ ସଉଦା ଓଜନ କରିଦେଇ ଚାଲିଲା।

ସମୟ ଗଡ଼ି ଚାଲିଥିଲା। କିଛି ସମୟ ପରେ କୋଳର ଶିଶୁଟି ଚୁଚୁଖାଇବି, ଚୁଚୁ ଖାଇବି ବୋଲି ଚିର୍ ଚିରେଇ ଉଠିବାରୁ ନଖୀ ଉଚ୍ଚା କଣ୍ଠରେ ଅଭିଯୋଗ କଲାପରି କହିଲା ସେତିକିବେଳୁ ଠିଆ ହୋଇଛି। ଗୋଡ଼ହାତ କଟ୍ କଟେଇ ଗଲାଣି। ମୋତେ ଟିକେ ମୋ ସଉଦା ପତ୍ର ଦେଇଦିଅ। ମୁଁ ଯାଏଁ। ପିଲାଟା ମୋର ଭୋକେଇଲାଣି ପରା!"

"ହଁ କ'ଣ ନେବ କହିଲ ଚାଉଳ? କୋଉ ଚାଉଳ? କେତେ କିଲୋ?"

"ନାଲି ଚାଉଳରୁ ଅଧକେଜି?" ଥିରିକିନା କହିଲା ନଖୀ।

ମୁହଁଟାକୁ ଆମ୍ବିଳାକରି ମାଗୁସାହୁ ଚାଉଳ ମାପିଲା ଏବଂ ପରେ ପରେ ଡ଼ାକ ଦେଲା "ଚାଉଳ ଅଧକେଜି! ତା'ପରେ।"

"ଆଳୁ ଟଙ୍କାକର। ପିଆଜ ଗୋଟାଏ। ଲଙ୍କା ପୁଳାଏ। ଲୁଣ ଆଠଣାର। ଚକୋଲେଟ୍ ଗୋଟାଏ। ସାତଟଙ୍କାର ଯାହା ହେଉଛି ଦିଅ।

ଦୋକାନୀ ନଖୀ ଅଣ୍ଟିରେ ଆଳୁ, ପିଆଜ, ଲଙ୍କା ଢ଼ାଳି ଦେଉ ଦେଉ ଚିଡ଼ି ଚିଡ଼ି ହୋଇ କହିଲା, ଆଉ ମାତ୍ର ଆଠଣା ବଳୁଛି। କ'ଣ ନେବ କହ। ଲୁଣ ନା ଚକୋଲେଟ୍। ଯାହା ନବ ଗୋଟାଏ।

ନଖୀ ହଠାତ୍ କିଛି କହିପାରିଲାନି। ସେ ଚୁପ୍ କିନି ଠିଆ ହେଲା। ଠିଆ ହେବାକୁ ବାଧ ହେଲା। ଦୋକାନୀ ଅନ୍ୟଆଡ଼େ ମୁହଁ ବୁଲେଇ ନେଲା। ନଖୀ ରହି ରହିକା କହିଲା ଚାରଣାର ଲୁଣ ଦିଅ, ବାକି ଚାରଣାର ଚକୋଲେଟ।

"କି ଆଚମିତ! ଚାରଣା, ଆଠେଣାର ଯୁଗ ଆଉ ଅଛି? ଆଗରେ ଦେଖ! ଏଠି ହୋଇପାରିବନି। ସାତ ଟଙ୍କାରେ ସାରା ଦୋକାନ କିଣିବକି? ତମ ଭଳିଆ ଗରାଖ ଥିଲେ ମୋର ନିହାଲ୍।" ଗୁଡ଼ାଏ ଶ୍ଳେଷଭରା ବାକ୍ୟରଣ ପ୍ରୟୋଗ କରି ଦୋକାନୀ ତା' ନିଜ କାମରେ ମନ ଦେଲା।

ସେତେବେଳକୁ ଆଉ କେତେ ଜଣ ଗରାଖ ଆସିଯାଇଥିଲେ। ଦୋକାନୀର କଥା ଶୁଣି ସେମାନେ ନଖୀମୁହଁକୁ ବାରମ୍ବାର ଚାହୁଁଥିଲେ।

କ'ଣ ଅଛି ସେ ମୁହଁରେ?

ଲଜ୍ଜା? ଅପମାନ? ଭୟ?

କାହାକୁ ସେ ଭୟ କରିବ? କାହିଁକିବା ଭୟ କରିବ? ଏଥର ସେ କହିଲା - "ମୁଁ ପଇସା ଦେଇ ସଉଦା କିଣୁଛି, ମାଗି କରି ନୁହେଁ। ମଣିଷକୁ ମଣିଷ ଦରରେ ଦେଖ।"

Source: Author, Digitized by PPRACHIN, SOA

ଅଥଚ ମାଗୁସାହୁ ନିଥର, ନିର୍ବିକାର।

ଚଷମା ପିନ୍ଧା ମଧ୍ୟ ବୟସ୍କା ସ୍ତ୍ରୀ ଲୋକଟି ରିକ୍ସାରୁ ଓହ୍ଲେଇଲା। ହାତରେ ବ୍ୟାଗ୍ ଓ ବାକି ଖାତା। ତାଙ୍କୁ ଦେଖୁ ଦେଖୁ ମାଗୁ ସାହୁ କୃତ୍ୟ କୃତ୍ୟ ହୋଇଉଠି ଲମ୍ବା ନମସ୍କାରଟେ ପକାଇଲା। ଅଗତ୍ୟା ମହିଳା ଜଣକ ମାଗୁସାହୁ ହାତକୁ ବାକି ଖାତାଟା ବଢ଼ାଇ ଦେଉଦେଉ କହିଲେ ବାସୁମତୀ ଚାଉଳ ଚାରିକେଜି, ଚିନି ଦୁଇକେଜି, ଘିଅ ଏକକେଜି, ଆଳୁ ତିନିକେଜି, ପିଆଜ ଦୁଇକେଜି, କାଜୁ କିସ୍‌ମିସ୍। ଜିନିଷ ତକ ପ୍ୟାକିଂ କରୁ କରୁ ଦୋକାନୀ କହୁଥିଲା "ଆପଣ ଆଜ୍ଞା କାହିଁକି କଷ୍ଟ କରି ଆସିଲେ। କାହା ହାତରେ ଖବରଟା ପଠେଇ ଦେଇଥିଲେ ମୁଁ ନିଜେ ଯାଇଁ ଦେଇ ଆସିଥାନ୍ତି। ସ୍ତ୍ରୀ ଲୋକଟି କହୁଥିଲେ ନାଇଁ ଯେ ତୁମର ବହୁତଗୁଡ଼ା ଟଙ୍କା ମୋ ଉପରେ ବାକି ପଡ଼ିଲାଣି। କିଛି ମନେ କରିବନି, ଆସନ୍ତା ମାସରେ ସବୁତକ ଦେଇଦେବି।

- ନାଇଁ, ନାଇଁ ଆଜ୍ଞା ! ହେଇ ଦେଖିଲେ ! କେଡ଼େ କଥା କହୁଛନ୍ତି ଆପଣ। ମୁଁ କ'ଣ ମାଗିଲି ? ଏମିତି କହି ମୋତେ ଯାହା ଲାଜ ଦେଉଛନ୍ତି। ମୋ ଦୋକାନରୁ ସଉଦା କିଣୁଛନ୍ତି ସେଇ ମୋର ଭାଗ୍ୟ।"

ମହିଳା ଜଣକ ଆତ୍ମ ପ୍ରସାଦରେ ଉବୁଟୁବୁ ହୋଇ ମୁରୁକି ହସିଲେ। ମାଗୁ ସାହୁ ନିଜେ ଉଠିଯାଇ ସଉଦା ତକ ରିକ୍ସାରେ ଉଠେଇ ଦେଇ ଆସିଲା।

"ହଁ, କ'ଣ ଠିକ୍ କଲ ? ଲୁଣ ନାଁ ଚକୋଲେଟ୍ !" ଗୋଡ଼ ଝାଡୁ ଝାଡୁ ଦୋକାନୀ ପଚାରିଲା।

- ଲୁଣ ଦିଅ। ତା' ସାଙ୍ଗରେ ଚକୋଲେଟ୍ ବି। ଆଠଣା ପଇସା ଆଉ କୋଉଦିନ ଦେଇ ଦେବି। ବାକି ରହିଲା।"

ଖିଙ୍କାରୀ ହେଲାପରି ମାଗୁ ସାହୁ ପାଟି କରି ଉଠିଲା। "ବାକି" କଥା ଜମାରୁ ଉଠାନା। ମୁଁ ମରିଯିବି। ଆଜି ନଗଦ କାଲିବାକି। ଆଠଣା ପଇସା ପାଇଁ ମୁଁ କ'ଣ ଖାତା ଖୋଲିବି।"

- ଖାତା ଖୋଲିବା କ'ଣ ଦରକାର ଯେ। ଯାଚିକରି ଦେଇଯିବି। କୋଉ ଘର ଭାଙ୍ଗି ପଳେଇ ଯାଉଛି ନାଁ କ'ଣ ! ଏମିତି ଖାଇ ଗୋଡ଼ଉଛ। ଆଠଣା ପଇସା ତ ! ଏଇ ସାଇରେ ମୋ ଘର !"

ହଁ ତୁମର ଗୋଟେ ଘର। ଛାଡ୍ ! ଛାଡ ! ଏଠିକି ଆଉ କେବେ ଆସିବନି। ଏତିକିବେଳେ ପିଲାଟିଏ ସାଥୀରେ ଧରି ପଶିଆସିଲେ ଜଣେ ଯୁବତୀ ସ୍ତ୍ରୀ ଲୋକ।

Source: Author, Digitized by PPRACHIN, SOA

"ସବୁଠୁ ଦାମୀ ଚକୋଲେଟ୍ ଦୁଇଟା ଦେବଟି।" ଅତି କଅଁଳ ମଧୁର ସ୍ୱର ସେ ସ୍ତ୍ରୀ ଲୋକଟିର। ତା' କଣ୍ଠରୁ କଥା ନ ସରୁଣୁ ଚକୋଲେଟ ଦୁଇଟା ବଢ଼ାଇଦେଲା ଦୋକାନୀ ଆଗନ୍ତୁକା ସାଥୀରେ ଆସିଥିବା ପିଲାଟିର ହାତକୁ।

ନଖୀକୋଳର ରୋଗିଣା ଶିଶୁଟି ଉହୁଙ୍କି ପଡ଼ି ଟାଣି ହେଲା ଓ ଚୁ ଚୁ ଖାଇବି ଚୁ ଚୁ ଖାଇବି ବୋଲି ପୁଣିଥରେ ଚିତ୍କାର କରି ଉଠିଲା। ନଖୀର ଅସହାୟ ମାତୃତ୍ୱ କୋଳର ଶିଶୁକୁ କାବୁ କରିବାରେ ଅସମର୍ଥ। ସେ ଆଉ ସମ୍ଭାଳି ପାରିଲାନି ନିଜକୁ। ରାଗରେ ମୁଥଟାଏ କଷିଦେଲା ଶିଶୁଟିର ଚିବୁକରେ...।

"ଇସ୍ କି ରକ୍ତ ! ପିଲାଟା ଜିଭ କାମୁଡ଼ି ପକେଇଲା ବୋଧେ। ତମେ ମା' ନା କ'ଣ ! ପିଲାକୁ ଏମିତି ମାରନ୍ତି !" ଯୁବତୀଟିର କଥା ତିକ୍ଷ୍ଣ ଶର ଭଳି ନଖୀର ଛାତିକୁ ଫାଡ଼ି ଦି'ଫାଳ କରିଦେଲା। ଅଥଚ ସେ ଉଁ କି ଚୁଁ କିଛି ନକହି ପିଲାର ପାଟିରୁ ରକ୍ତ ପୋଛୁଥିଲା। ପିଲାଟା ତା'ର ତୀବ୍ର ବ୍ୟଥାରେ କମ୍ପିଉଠୁଥିଲା। ଏଥର ଦୋକାନୀଟି ମୁଠାଏ ଚକୋଲେଟ୍ ଧରି ଦୋକାନରୁ ପଦାକୁ ଆସିଲା ଏବଂ ପିଲାଟିକୁ ନେହୁରା ହେଲାଭଳି ଯାଚିଲା।

ନଖୀ ଆଖିରେ ନିଆଁ। ଦୋକାନୀର ଆଖି ସହିତ ସେ ଆଖି ମିଳେଇ ଚାହିଁଲା ଓ ପରେ ପରେ ତା' ହାତରୁ ଚକୋଲେଟ୍‌ତକ ଏକ ପ୍ରକାର ଝିଙ୍କିନେଇ ଦୋକାନ ଭିତରକୁ ଫିଙ୍ଗିଦେଇ କହିଲା – "ରଖ ହୋ ତମ ଚକୋଲେଟ୍... ! ଆଉ କାହାକୁ ଦେବ। ମୋ ପିଲାର ଆଉ ଜିଭ ଅଛି ଯେ ସେ ତୁମ ଚୁଚୁମା ଚୁଚୁମିବ ?"

...ନଖୀ ପୁଅକୁ ନେଇ ତା' ବାଟରେ ସେ ଫେରିଗଲା...।

ଯୁବତୀଟି ଦୋକାନୀକୁ ଚାହିଁଲା, ଦୋକାନୀ ଚାହିଁଛି ନଖୀଆଡ଼େ ବୋକାଙ୍କ ଭଳି। ସତେକି ଜୀବନର ମହାସଂଗୀତଟିଏ ବୋଲି ଦେଇ ନଖୀ ଚାଲିଯାଉଛି...।

ଦୋକାନୀ ମାଗୁସାହୁ – ବୋଧହୁଏ ଭାବୁଥିଲା ତା'ର ସଞ୍ଚୟ ଖାତାରେ କୋଉଠି କିଛି ବାକି ରହିଗଲା ଯେମିତି।

■■

Source: Author, Digitized by PPRACHIN, SOA

ସେଦିନ ବର୍ଷା ରାତିରେ

କଳାହାଣ୍ଡିଆ ମେଘଖଣ୍ଡ ଘୋଟି ରହିଥିଲା ଆକାଶକୁ।

ବେଳ ବୁଡ଼ି ଆସିବା ବେଳକୁ ପୋଲିସ୍ ଗାଡ଼ିଟା ଘଡ ଘଡ ଶବ୍ଦ କରି ଦାଣ୍ଡ ଅଗଣାରେ ଅଟକି ଗଲା।

- ଆବେ ଓହ୍ଲାଉଛୁ ନା ପେଖନା କାଢୁଛୁ!

ଓହ୍ଲା !ଜଲ୍‌ଦି ଓହ୍ଲା! ଯା! ଡ଼ାକ୍ ତୋ ମାଇପକୁ। କୋଉଠି ଲୁଚେଇଛି କାଢ଼ିଆଣି ଦେଉ! ମାଇପକୁ ସୁନା ପିନ୍ଧେଇବୁ। ନାକଚଣା। କାନ ଝୁମୁକା। ଆଃ! ରସିକିଆ ମର୍ଦ୍ଦଟାଏ ତ!"

ପାଟି ଶୁଣି ଘର ଭିତରୁ ପଦାକୁ ବାହାରି ଆସିଲା ମାଳତୀ।

ତା'ଗେରସ୍ତ ଅନାମର ହାତରେ ହାତକଡ଼ି। ତାକୁ ଘୋଷାରି ଘୋଷାରି ଟାଣି ଆଣୁଛନ୍ତି ଦୁଇଟା ପୋଲିସ୍। ଦମ୍ଭିଲା ଚଉରସିଆ ମର୍ଦ୍ଦଟେ ଗୋଟାଏ ଦିନରେ ଅବିକର ଦିଶୁଛି। କୁଟା ନୁଣ୍ଡେ ପକେଇ ଦେଲେ ଜଳିଯିବ। ନୀରିହ ଆଖି ଦୁଇଟିରେ ଜୁଳୁଜୁଳୁ ଚାହିଁ ସେ କହିଲା "ମୁଁ ଚୋରୀ କରିନି ଆଜ୍ଞା! ମୋତେ ଛାଡ଼ି ଦିଅନ୍ତୁ।"

ଏଥର ପୋଲିସ୍ ଟା ତା' ବାଡ଼ି ଗୁବାରେ ଗୁବାଏ କେଞ୍ଚିଦେଲା ଅନାମର ତଳିପେଟକୁ। ମରିଗଲି, ମରିଗଲି, ମରିଗଲି ଲୋ ବୋଉ! ଅନାମ ଚିତ୍କାର କରୁଥିଲା ବେଳେ ପୋଲିସ୍‌ଟା ପାଟି କରି କହୁଥିଲା "ଶାଳା! ମାଇପ ଆଗରେ ସକେଇ ହେଉଛୁ। ସୁନ୍ଦରୀ ମୁହଁ ଦେଖି କଥା ବଦଳଉଛୁ! ଆଜି ଦେଖି ଦେବି ତୋ ମଜା!"

ମାଳତୀର ଛାତି ଫାଟି ଯାଉଥିଲା। ପୋଲିସ୍‌ର ଗୋଡ଼ ତଳେ ପଡ଼ି ଯାଇଁ ସେ କାକୁତି ହେଲା। ତାଙ୍କୁ ଛାଡ଼ିଦିଅ ଥାନାବାବୁ। ନିର୍ମାୟା ନିର୍ଦ୍ଦୋଷଟାକୁ କାହିଁକି ଦଣ୍ଡୁଛ। ହୀନିମାନିଆଟାକୁ ଦଣ୍ଡ ଦେଇ କି ସୁଖ ପାଉଛ ଆଜ୍ଞା!"

- ଆରେ ଇଏ ତ ବଡ଼ ଶକତ ସାକୁଲୀ ଅଛି।

ବଦମାସ୍ ମାଈକିନା! ଗେରସ୍ତକୁ ଉଷୁକେଇ ଚୋରୀ କରେଇଛୁ। ପରଦରବ ଆଣି ଘରେ ପୂରେଇଛୁ। ପୁଣି ଢ଼ଙ୍ଗ କାଢୁଛୁ। ସୁନା ନାଇବୁ! ସୁନା ଗହଣା। ସେଇଠିକି ଗଲୁନି, ଯେଉଁଠି ମିଳିଥାନ୍ତା! ଏତକ କହି ଦୁଇଟା ଯାକ ପୋଲିସ୍ ମାଳକୁ ଠେଲି ଦେଇ ଘରେ ପଶିଗଲେ ଓ ଅନାମକୁ ଭିତରକୁ ଟାଣି ନେଲେ।

Source: Author, Digitized by PPRACHIN, SOA

ସରପଞ୍ଚବାବୁ ସେତେବେଳଯାଏଁ ଗାଡ଼ିରୁ ଓହ୍ଲେଇ ନଥିଲେ। ହାତରେ ଜଳନ୍ତା ସିଗ୍ରେଟ୍‌ଟାଏ ଧରି ସେ ଏଥର ଏକ ରକମ ଡ଼େଇଁ ପଡ଼ି ଚାଲି ଆସିଲେ ଏବଂ ଆସୁ ଆସୁ କହିଲେ "ଚୋର ଘରେ ସବୁଦିନେ ଅନ୍ଧାର ନ ଥାଏ। ଯେତେ ଲୁଚିଲେ ବି ଯେତେ ଲୁଚାଇଲେ ଦିନେ ନାଁ ଦିନେ ଧରା ପଡ଼େ ସେ। ମୋ ଝାଳବୁହା ଧନ ଏତେ ସହଜରେ ଛାଡ଼ି ଦେବି !

କିବେ ପାଟି ଖୋଲୁନି। ଦେଖିବୁ ଏଇଲେ। କହ ! କହିପକା କୋଉଠି ରଖିଛୁ। ସୁନା ଗହଣା ଦେଖି ଲୋଭ ଛାଡୁନି। କହ ! କହିପକା ! କହି ଦୁଇ ତିନିଟା ଶକ୍ତ ପାହାର ପୋଲିସ୍‌ଟା ନାଦିଦେଲା ଅନାମ ପିଠିରେ।

ମୋ ବୋପାଲୋ, ବୋଉଲୋ ହେଇ ସେ ସାରି ହୋଇ ଗଲା ତା'ଘରର ମାଟି ଚଟାଣରେ। ମାଳତୀଟା ଏଥର ଭୋ ଭୋ ହୋଇ ରଡ଼ିଛାଡ଼ିଲା। ଅନାମକୁ ସାହାରା ଦେଉ ଦେଉ ସେ କହୁଥିଲା ତୁ କ'ଣ ପଥର ହେଲୁରେ ଠାକୁର ! ସତରେ ତୁ ଅଛୁ ! ତୋ କାନ କ'ଣ ବଧିରା !

"ମୋତେ ଏମାନେ ମାରି ପକେଇବେ ମାଳ ! ମାଡ଼ ଖାଇ ଖାଇ ମରିଯିବି ଲୋ ! କିଛି ଗୋଟେ ବ୍ୟବସ୍ଥା କର୍। କୋଉଠି କ'ଣ ଅଛି ଦେଇ ଦେ ! ନ ହେଲେ କୋଉଠୁ ଯାଇ ଘିନି ଆଣ ! ମୋତେ ଟିକେ ବିଷ ଦବୁ ତ ଦେଇ ଦେ। ଆଉ ସହି ପାରୁନି। ତୁ ଯଦି ଚାହିଁବୁ ମୁଁ ବଞ୍ଚିଯିବି।"

"ତମେ କ'ଣ ପାଗଳ ହୋଇଗଲ ? କ'ଣ ଆଣି ଦେଇଥିଲ ଯେ ଦେଇ ଦେବାକୁ କହୁଛ ! କାହିଁକି ତମେ ମିଛ କହୁଛ ? କ'ଣ ହେଇଛି ତମର ? ସତରେ କ'ଣ ତମେ ଚୋରୀ କରିଛ ! ମୋ ମୁଣ୍ଡ ଛୁଇଁଲ ! କାହିଁକି ତମେ ମରୁଛ ? ପୁଣି ମୋତେ ମାରୁଛ !"

ଏଥର ଅନାମ ଚିତ୍କାର କରି ଉଠିଲା – "ପାଣି... ପାଣି... ମୋ ତଣ୍ଟି ଶୁଖି ଯାଉଛି... ପାଣି ପା... ପି।"

"ଯିଏ ନେଇଛି ତା'ଉପରେ ରାଧା ଚଡ଼କ ପଡୁ। ବିନା ଦୋଷରେ ଯିଏ ଦଣ୍ଡୁଛି ତା'କୁଳ ବୁଡ଼ିଯାଉ। ମୁଁ ଆଉ ତୁମ କଷଣ ଦେଖି ପାରିବିନି। ମୋ ଜୀବ ଛାଡ଼ିଯାଉ... ରେ ଦଇବ।"

"ହଁ ଲୋ ! ଦଇବ ଏକା ତୋ'ରି ଡ଼ାକ ଶୁଣି ସ୍ୱର୍ଗରୁ ଓହ୍ଲେଇ ଆସିବେ। ଛୋକରୀ ! ଦଇବକୁ ସାକ୍ଷୀ କରୁଛୁ, ଦେଖୁଛନ୍ତି ଯା'କୁ ! କେମିତି ନାଟକ କରୁଛି।" କହୁଥିଲେ ସୁବଳ ସରପଞ୍ଚ। ପରେ ପରେ ସେମାନେ ଲୁଗା, ପଟା, ହେଂସଗୁରା, ଚାଳ ଚୂଲି, କଂସା, ଚାଉଳ କଣ୍ଟ, ଭାତହାଣ୍ଡି, ଘାଣ୍ଟି ଦରାଣ୍ଡି ପକେଇଲେ। ପାଣି ମାଠିଆଟାକୁ ଠୋ

Source: Author, Digitized by PPRACHIN, SOA

କରି ପିଟିଦେଲେ। ଘଣ୍ଟାଏକାଳ ସେମାନଙ୍କର ତାଣ୍ଡବ ଲୀଳା ଚାଲୁ ରହିଥିଲା ଅନାମର ଟିକି ଚାଳିଟିରେ। "ଭଲ ଦଶା ଅଛି ତ ମାନି ଯା! ନହେଲେ ତିନି ପାଞ୍ଚିରୁ ଯିବୁ" କହିଲେ ସରପଞ୍ଚ। ମାଳତୀ ଡ଼ିବିରି ଆଲୁଅରେ ଚିହ୍ନିଦେଲା ତାଙ୍କ ମୁହଁକୁ, ସରପଞ୍ଚଟା ତାକୁ ବାଘୁଆ ଆଖିରେ ଗିଳି ଦେଲା ଭଳି ଚାହିଁଛି। କଞ୍ଚା ଖାଇଯିବ ଯେମିତି। ଅନାମ ପାଟିରେ ପାଣି ଢ଼ୋକେ ଦେଉ ଦେଉ ମାଳ ମଟମଟ କରି ଚାହିଁଲା ସରପଞ୍ଚ ମୁହଁକୁ। ତା'ର ଭାରି ଇଚ୍ଛା ହେଲା ସେ ଜାନୁଆର୍‌ଟା ଉପରକୁ କୁଦି ପଡ଼ି ତା' ଜୀବୀନାଡ଼ିଟା ଓଟାରି ଆଣନ୍ତା। ଠିକ୍ ଏତିକି ବେଳେ ଦମ୍‌କାଏ କାଳୁଆ ପବନ ପଶିଆସି ଡ଼ିବିରିଟା ଲିଭାଇ ଦେଲା।

ସେଇ ଅନ୍ଧାରେ ଅନ୍ଧାରେ ସେମାନେ ଅନାମକୁ ଭିଡ଼ି ନେଇ ଗଲେ ଗାଡ଼ି ପାଖକୁ। ଗୁମ୍ ଗୁମ୍ ବର୍ଷା ଛେଚୁ ଥିଲା। ଚାଳିର କଣା ଦେଇ ପାଣି ପଡୁଥିଲା ଘର ସାରା ବିଛେଇ ହୋଇ ପଡ଼ିଥିବା ଘର କରଣା ଉପରେ। ମାଳତୀ ଦେହରେ ବଳ ନ ଥିଲା ସେସବୁ ସଜାଡ଼ି ରଖିବାରେ। ସେ ବୁଡ଼ିଗଲା ଅତୀତ ଚିନ୍ତାରେ।

ସେ ଦିନ ବି ଏମିତି ବର୍ଷା କାଟୁଥିଲା, ରାତିରେ ନୁହେଁ, ଦିନରେ। ଗହ୍ଲା ପୂନେଇରେ। ଗୁହାଳଘର କାନ୍ଥରେ ହଳ ଲଙ୍ଗଳର ଚିତା ଲେଖୁଛି ମାଳତୀ, ପାଣି ଛିଟିକାରେ ସୂତା ଲୁଗାଟା ଦେହରେ ଜଡ଼ି ଯାଇଛି ତା'ର। ଯୁବତୀ ନାରୀର ଦେହ। ଗୋଲ୍‌ଗାଲ୍ ଡଉଲ ଡାଉଲ। ସେଥିକି ତା'ର ଖାତିର୍ ନାହିଁ। ଅନାମ ବିଲରୁ ଧାନରୋଇ ଫେରିଲା ବେଳକୁ ପିନ୍ଧା ଲୁଗା ଶୁଖି ଯାଇଥିବ। ସର ପଞ୍ଚୁଆଣୀ ଦେଖାଯାଉ ନାହାଁନ୍ତି। ରନ୍ଧାବଢ଼ା ଘରେ ବ୍ୟସ୍ତ ଅଛନ୍ତି ବୋଧେ। ଆଜି କ୍ଷେତ ମୂଲିଆ ତା'ଙ୍କ ଦୁଆରେ ପତର ପକେଇବେ ପରା !

ବର୍ଷା ପାଗରେ କାହାର ଗରମ ନିଃଶ୍ୱାସ ତା'କାନକୁ ତତେଇ ଦଉଛି। ଭାରି ଗୁମ୍ ସୁମ୍ ଲାଗୁଛି। କିଏ ଗୋଟେ ତା'ପାଖରେ ଠିଆ ହୋଇ ତାକୁ ସଲସଲ କରୁଛି। କିଏ ଅନାମ କି ? ମାଳତୀ ବୁଲି ପଡ଼ିଲା ବେଳକୁ ତା'ହାତରୁ ପିଠଉ ତାଟିଆଟା ଖସି ପଡ଼ିଲା। ସରପଞ୍ଚବାବୁ ତା'ଦେହର ଥାନ ଅଥାନକୁ ଲୁଗା ମିଶା ପେଷି ପକଉଥିଲେ। ଏକ ରକମ ମାଡ଼ିବସି ତା' ମୁହଁ ଗାଲକୁ ଚୋଷି ପକାଉଥିବା ବେଳେ ସେ ପଥର ପାଲଟି ଯାଉଥିଲା। ପଥର ପଥରରୁ କୁଆପଥର। ହଠାତ୍ କ'ଣ ହେଲା କେଜାଣି ମାଳତୀ ଚେଙ୍ଗା ହୋଇ ଉଠି ଗୋଇଠାଏ ମାଇଲା ସରପଞ୍ଚକୁ। ତା'ପରେ ସେ ସେଠୁ ଖସି ଆସିଲା।

ସେଇଦିନୁ ଗେରସ୍ତ ଭାରିଯା ଦି'ଟା ସରପଞ୍ଚର ଦୁଆର ମାଡ଼ି ନାହାନ୍ତି। ସୁଢ଼ଳ ସରପଞ୍ଚ ଆଜି ତା' ଗେରସ୍ତ ନାଁରେ ମିଛ ଅପବାଦ ଦେଉଛି। ତା'ପାଟିରେ ଅବାଜକପତୁ।

Source: Author, Digitized by PPRACHIN, SOA

ତାକୁ କୁଷ୍ଠ ହୋଇଯାଉ, ହେଲେ ଅନାମ କାହିଁକି ଏମିତି କହିଲା ? ସେତ ଚୋରୀ କରିନାହିଁ । ମାଡ଼ ଭୟରେ ସେ ଏମିତି ବାଉଳି, ଚାଉଳି ହେଉଥିଲା କି ? କୋଉଠୁ କ'ଣ ଆଣିଦେଇ ଥାନ୍ତା ସେ ? ଡ଼େକ୍‌ଚିହାଣ୍ଡି, କଡ଼େଇ, ଶିଳଚକି, ତା' ଦେହରେ ରୂପା ବିଛୁ, ରୂପା ଚଉଁରୀ ସବୁ ବିକିଦେଲେ କେତେ ହେବ ? କିଏ ନେବ ? ଏମିତିରେ ତ ସରପଞ୍ଚ ଭୟରେ କେହି ତା'ଦୁଆର ମାଡୁ ନାହାଁନ୍ତି । ଆଉ କ'ଣ ଢ଼ିଅ ଅରାକ ବିକି ଦେବ । ବିକି ଦେବକି ତା' ମାଟି ଚାଳିଆ ? କିନ୍ତୁ ସେମାନେ ମୁଣ୍ଡ ଗୁଞ୍ଜିବେ କୋଉଠି ? ନଖାଇ ପାଣି ପିଇ ପାଞ୍ଚଦିନ ରହିଯିବେ ସିନା, ହେଲେ ଗୋଟେ ଦିନପାଇଁ କି କାହା ଦୁଆରେ ଠିଆ ହେବେ ? ଖରା, ବର୍ଷା, ଶୀତକାକରରେ କିଏ ତାଙ୍କୁ ସାହାରା ଦେବ ? କେତେହେବ ସରପଞ୍ଚିଆଣୀର ସୁନା ଗହଣା ? ମାଳ ଚାହିଁଲେ ଅନାମ ବଞ୍ଚିବ । କି କଥା ! ଅନାମ ତେବେ କ'ଣ ଚାହୁଁଛି ? କ'ଣ ? ସରପଞ୍ଚର ଭୋକ ମେଣ୍ଟେଇବାକୁ ସେ ତାକୁ ଇଶାରା ଦେଇ ଗଲାକି ଆଉ ? ହଁ ଜୀବନ ବିକଳରେ ହୁଏତ ସେ ଏଇୟା ଚାହୁଁଥିବ ! ପ୍ରାଣଭୟରେ ମଣିଷ କ'ଣ ନାହିଁ କ'ଣ କହିପାରେ । ଜୀବନକୁ କାହାର ଲୋଭନାହିଁ ! ଅନାମ ! ଆଃ ! କି କଷ୍ଟରେ ସେ ମଶା ଡାଆଁଶରେ ପଡ଼ିଥିବ । ମାଡ଼ ଗାଳି ଖାଉଥିବ ! କି କଳବଲ ହେଉଥିବ ! ମାଳତୀ ସକ ସକ ହୋଇ କାନ୍ଦି ପକେଇଲା ।

ସେ ମନ ଟାଣ କରି ବାହାରି ପଡ଼ିଲା । ଯାହା ବି ହେଉ ସେ ଆଜି ସରପଞ୍ଚ ପାଖକୁ ଯିବ ।

କବାଟ ଖୋଲି ବାହାର ଅଗଣାରେ ପାଦ ଦେଲା ମାଳତୀ, ଠିକ୍ ଏଇ ସମୟରେ ଚକାଚକ୍ ବିଜୁଳିଟାଏ ମାରି ଘଡ଼ଘଡ଼ିଟା ପାଖରେ କୋଉଠି ଖସି ପଡ଼ିଲା କି, କ'ଣ ଖଣ୍ଡ ମଣ୍ଡଳ କମ୍ପିଗଲା । ମାଡ଼ି ଆସିଲା ବର୍ଷା ବତାସ । ଚାଳର ବତା ଗଣ୍ଡି କଟ୍ କଟ୍ ଡ଼ାକିଲା । କିଟି କିଟି ଅନ୍ଧାରରେ ସେ ଯିବ କେମିତି ?

ସୁବଳ ସରପଞ୍ଚର ଜମି କୋଠିଆ ଥିଲା ଅନାମ । କୋଉ ପିଲାଦିନୁ ତାଙ୍କର ଗାଈ ରଖୁଆଳ । ଗାଈ ଜଗୁଜଗୁ ଜମି ହଳିଆ । ହଳିଆଟେ ହେଲେ କ'ଣ ହେଲା ତା' ଭାଗ୍ୟରେ ଥିଲା ଅପୂର୍ବ ସୁନ୍ଦରୀ ମାଳ....ମାଳତୀ । ସୁନ୍ଦରୀ ସ୍ତ୍ରୀକୁ ଘରେ ଏକୁଟିଆ ଛାଡ଼ି କୁଆଡ଼େ ଯାଆନ୍ତା ଅନାମ । ସାଥୀରେ ସରପଞ୍ଚଙ୍କ ଘରକୁ ତାକୁ ନେଇ ଯାଉଥିଲା । ସରପଞ୍ଚିଆଣୀଙ୍କୁ ଘର ଧନ୍ଦାରେ ସହଯୋଗ କରିବାକୁ । କିନ୍ତୁ ଯେଉଁ ଦିନଠୁଁ ମାଳ ସରପଞ୍ଚ ଘରେ ପାଦ ଦେଲା ସେଇ ଦିନଠୁଁ ସେ ଦୁହିଁଙ୍କ ଉପରେ ପ୍ରମାଦ ପଡ଼ିଛି ।

ଛାର ଗୋଟେ ଅପଗଣ୍ଡ ହୁଣ୍ଡା ମୂଲିଆର ଏମିତି ସୁନ୍ଦରୀ ନାରୀ ! ସତେକି ମାଟିଘରେ ଗୋଟା ଜହ୍ନ ! ପୂନେଇ ଜହ୍ନ ! ଦେଖିଲେ ଆଖି ଲାଖି ଯିବ । ମନ ମୋହି ନେବ ।

Source: Author, Digitized by PPRACHIN, SOA

ସରପଞ୍ଚ ବାବୁ ତାକୁ ଯାଉଣୁ ଆଶୁଣୁ ଏକ ଲୟରେ ଚାହିଁ ରହୁଥିଲେ। କାରଣ ଅକାରଣରେ ବେଳ ଅବେଳରେ ଅନାମ ପାଖରେ ନ ଥିବା ବେଳେ ସେ ମାଳ ସହିତ ଅଯଥାଟାରେ ଗପୁ ଥିଲେ। ମାଳତୀ ସବୁ ଜାଣୁଥିଲା ବୁଝୁଥିଲା। ଯଥା ସମ୍ଭବ ସତର୍କ ରହି ସେ ଚଳ ପ୍ରଚଳ ହେଉଥିଲା। କିନ୍ତୁ ଗହ୍ମା ପୂନେଇ ଭଳି ଦିନଟାରେ ଏମିତି ଗୋଟେ ଅଘଟଣ ଘଟିଯିବ ବୋଲି ସେ ଜମାରୁ ଭାବି ନ ଥିଲା।

ଠକ୍ ଠକ୍ ଠକ୍ ଠକ୍। ମାଳତୀ କାନ ପାତିଲା। ଏ ଅନ୍ଧାର ରାତିରେ କିଏ ଗୋଟେ କବାଟ ବାଡେ଼ାଉଛି ନାଁ କଣ ? କିଏ ?କିଏ ? ଏଥର କବାଟ ବାଡ଼େଇବା ବନ୍ଦ ହୋଇଗଲା ଫୁସ୍ ଫୁସ୍ ହୋଇ କିଏ କିଛି ଗୋଟେ କହୁଥିବାର ସେ ଶୁଣି ପାରୁଥିଲା।

"କବାଟ ଖୋଲ ! କବାଟ ଖୋଲ ଲୋ ମାଳ !"

କିଏ ? ତା' ଗେରସ୍ତ ଅନାମ ଥାନାରୁ ଲୁଚି ପଳେଇ ଆସିଲାକି ? ପୁଣି ସେଇ ଅନୁଚ୍ଚସ୍ୱର

"ମୋତେ ଭାରି ଭୋକ ଲୋ ମାଳ ! ଭାରି ଭୋକ !"

ହଁ ତ ଅନାମ ଡ଼ାକୁଛି। ତା' ଜୀବନ ଧନ ! ତା' ଜୀବ ଜୀବନ ! ତା' ରାଇଜ ରଜା, ଦୁଇଦିନ ହେବ ଦାନା ଗଣ୍ଡା ତା'ପେଟରେ ପଡ଼ିନି। ଭାତ ବଦଳରେ ପିଟା ଗୋଇଠା ଖାଇ ଖାଇ ଧଇଁ ପେଲୁଛି। ଠିକ୍ ସେ କଥା କହିପାରୁନି। କେମିତି ସେ କୋଢ ଖଞ୍ଜାରେ ସେଠୁ ମୁକୁଳି ଆସିଲା ? ସେଇ ହେଡ଼ାଖିଆ ଗୁଡ଼ା କି ହିନସ୍ତା ନ କଲେ !

ମାଳ ଚଞ୍ଚଳ ମନରେ ଉଠିଯାଇଁ କବାଟ ଖୋଲି ଦେଲା। ଦଲ୍‌କାଏ ତତଲା ପବନ ଘର ଭିତରକୁ ଧସେଇ ପଶିଗଲା। ସେ ଦିନ ଗହ୍ମା ପୂନେଇରେ ସୁବଳ ସରପଞ୍ଚର ତାତିଲା ନିଃଶ୍ୱାସ ପରି ଅନାମ ଆସିନି। ସରପଞ୍ଚ ଆସିଛି। ମାଳତୀ ତରବର ହୋଇ ପଦାକୁ ବାହାରି କବାଟ କିଳିଦେଲା। ଘର ଭିତରେ ରହିଗଲା ସୁବଳ।

ଧାଇଁ ପଡ଼ ହୋ ଧାଇଁ ପଡ଼ ! ଗାଁ ବାଲାଏ ଧାଇଁପଡ଼। ଚୋର ପଶିଛି ଚୋର। ସିନ୍ଧି ଚୋର ! ଧାଇଁ ପଡ଼ ହୋ ଧାଇଁ ପଡ଼।

ଧାଇଁ ଆସିଲେ ଗାଁ ବାଲା। ହାତରେ ଠେଙ୍ଗାବାଡ଼ି। କାହିଁ ?କୋଉଠି ସେ ଚୋର ?

ମାଳତୀ କବାଟ ଖୋଲିଦେଲା। ହେଲେ ଚୋର କାହିଁ ? ଏଇଟା ତ ସୁବଳ ସରପଞ୍ଚ !

x x x x x x x x x x

ଠକ୍ ଠକ୍। ଠକ୍ ଠକ୍ ! ପୁଣି କିଏ ଡ଼ାକୁଛି ?

Source: Author, Digitized by PPRACHIN, SOA

ମାଳତୀ ତା' ନିଦୁଆ ଆଖିକୁ ନିଠେଇ ନିଠେଇ ମଳିଲା। ତେବେ କ'ଣ ସେ ସ୍ୱପ୍ନ ଦେଖୁଛି। ନାଁ ସତରେ କିଏ ତା'କବାଟରେ ଟିପା ମାରୁଛି।

ଅନାମକୁ ସେମାନେ ନେଇ ଗଲା ବେଳଠୁଁ ତ ତା'ପେଟରେ ଭୋକ ନ ଥିଲା କି ଆଖିରେ ନିଦ ନ ଥିଲା। କିନ୍ତୁ ସେ ଏମିତି ନିଘୋଡ଼ ନିଦରେ ଶୋଇ ପଡ଼ିଲା କେମିତି ?

ଦପ୍ ଦପ୍ ବିଜୁଳି ଆଲୁଅ କେରାଏ ଜଳକବାଟି ଦେଇ ଘର ଭିତରକୁ ପଶିଆସିଲା। ବର୍ଷାଛାଡ଼ିଗଲାଣି, ବିଜୁଳି ମାରୁଛି ପୁଣି ସେଇ କବାଟ ବାଡ଼ିଆ ଶବ୍ଦ। ଠକ୍ ଠକ୍। ଠକ୍ ଠକ୍! ତା' ଛାତିଟା ଧାଉଁ ଧାଉଁ ହେଲା। ଭଲ କରି ସେ ଆଖି ମେଲି ଚାହିଁଲା। ନାଁ ସ୍ୱପ୍ନ ନୁହେଁ ସତ। ତା ଘରକୁ ରାତିଅଧରେ ସରପଞ୍ଚ ଆସିବାଟା ସ୍ୱପ୍ନ ଥିଲା। ଗାଁ ବାଲା ବି ସ୍ୱପ୍ନରେ ଆସିଥିଲେ। ସପନ କାଳେ ବେଳେ ବେଳେ ସତ ହୁଏ। କିଛି ଗୋଟେ ଅଘଟଣ ଘଟିବା ଆଗରୁ ନିଦମାଉସୀ ସପନରେ ତାହା ଦେଖେଇ ଦିଏ। ଦାଢୁଆ କଟୁରୀଟିଏ କବାଟ କୋଣରୁ ସେ ଭିଡି ଆଣି ତା' ହାତ ମୁଠାରେ ମୁଠେଇ ଧରିଲା। ଦାନ୍ତ ଚାପି ଛାତି ଦମ୍ଭ କରି ସେ ଉଠି ପଡ଼ିଲା ଓ ଖୁବ୍ ସନ୍ତର୍ପଣରେ ଦରଜା ପାଖକୁ ଲାଗିଆସି କବାଟ ଖୋଲି ଦେଲା ବେଳକୁ ଚକ୍ କିନା ଚେନାଏ ବିଜୁଳି ଆଲୁଅ ପବନରେ ଖେଳିଗଲା।

ନା - ଲୋକଟା ସରପଞ୍ଚ ନୁହେଁ, ଅନ୍ୟ କେହି। ସୁବଳ ସରପଞ୍ଚଟା ଲମ୍ବା ଚଉଡ଼ା ପାଞ୍ଚହାତିଆ ମର୍ଦ୍ଦ! ଏଇଟା ଗୋଟେ ଠୁଣୁକା ଠୁକୁରା। ମୁଣ୍ଡରେ ଠେକା, ହାତରେ ଠେଙ୍ଗା।

- କିଏ ? କିଏ ସେ ? ଏ ମେଘ ଅନ୍ଧାର ରାତିଟାରେ କ'ଣ ପାଇଁ କବାଟ ପିଟୁଛୁ ?"

- ରାତି କ'ଣ ପାହିନି କି ? ମେଘ ଅନ୍ଧାର ଘୋଟିଛି ବୋଲି ଜଣା ପଡୁନି ସିନା। ମୁଁ ଥାନା ଚଉକିଆ ମକରା ଜେନା! ଥାନା ବାବୁ ପଠେଇ ଥିଲେ ବୋଲି ଖବର ଦବାକୁ ଆଇଚି।"

"କି ଖବର ?"

ଲୋକଟା ଟିକିଏ ଗୁମ୍ ଖାଇଯାଇଁ ନିମ୍ନ କଣ୍ଠରେ କହିଲା କାଲି ରାତିରେ ପୋଲିସ୍ ବାବୁଟା ଅନାମକୁ ଜେରା କଲାବେଳେ ତା' ଚେତା ବୁଡ଼ିଗଲା। ଯେତେ ପାଣି ପୁଣା ଛାଟିଲେବି ସେ ଉଁ କି ଚୁଁ କିଛି ହେଲାନି। ରାତା ରାତି ତାକୁ କଟକ ମେଡ଼ିକାଲ୍‌କୁ ଚାଲାଣ କରି ଦିଆ ଯାଇଛି।

ଚଉକିଆର କଥା ଶେଷ ହେଲା ବେଳକୁ ମାଳତୀ ହାତରୁ କଟୁରୀଟା ଖସି ଯାଇଁ ତଳେ ପଡ଼ିସାରିଥିଲା।

■■

Source: Author, Digitized by PPRACHIN, SOA

ତୁମ ବିନା

ଅଫିସରେ ପହଞ୍ଚିଯିବାମାତ୍ରେ ସେହି ଦୁଃସମ୍ବାଦଟା ଶୁଣିଲି। ଗତ ରାତିରେ ଶାନ୍ତା ଦିଦିଙ୍କର ସ୍ୱାମୀ ଜୟନ୍ତବାବୁଙ୍କର ଦେହାନ୍ତ ହୋଇଯାଇଛି। ଦାରୁଣ ଦୀର୍ଘ ଶ୍ୱାସଟେ ବୁକୁ ଫଟାଇ ବାହାରି ଆସିଲା। ବିଚରା ଶାନ୍ତା ! କେମିତି ସହ୍ୟ କରିବ ଏ ଅକାଳ ବଜ୍ରପାତ। ସହକର୍ମୀ ବନ୍ଧୁମାନଙ୍କ ମଧ୍ୟରୁ ଅନେକ ଅଧାଛୁଟି ନେଇ ଶାନ୍ତାଙ୍କୁ ଏ ଦୁଃସମୟରେ ସମବେଦନା ଜଣାଇବାକୁ ଧାଇଁଲେ। ମୁଁ କିନ୍ତୁ ଯାଇ ପାରିଲିନି। ଇଚ୍ଛା କରି ଗଲିନି, ହଁ ଯାଇବା ଲାଭ କ'ଣ ? ଗଲା ଲୋକ ତ ଗଲାଣି। କେବଳ ସେଇ ଗତାନୁଗତିକତା। ସହଜ ସାନ୍ତ୍ୱନା। ସେ ଗଲେ। ଆମେ ବି ଯିବା। ମୋର ମୋର ହୋଇ ମୁଣ୍ଡ ପିଟିଲେ କେହି ଫେରିଆସେନି। ଅତି ଆପଣାର ବୋଲାଉଥିବା ବ୍ୟକ୍ତିଟି ସାଙ୍ଗରେ ଯାଏନି। ବଡ଼ ବିଚିତ୍ର ଏଇ ସଂସାର। ଦି'ଦିନିଆ ଦୁନିଆଁ। ଆସିବାର ଦିନ ଦିନେ। ଫେରିବାର ଦିନ ଦିନେ। ଦୁନିଆଁ ଶବ୍ଦଟି ବୋଧହୁଏ ଦୁଇଟି ନିଆଁରୁ ଜାତ। ଏନ୍ତୁଡ଼ିଶାଳର ନିଆଁ। ଶ୍ମଶାନ ଭୂଇଁର ନିଆଁ।

ଶାନ୍ତା କାନ୍ଦିବ, ମୁଣ୍ଡ କୋଡ଼ିବ। ବୈଧବ୍ୟର ନିଷ୍ଠାପାଳନ କରି ରୁକ୍ଷ କଠୋର ଜୀବନ ଯାପିବ। କିଛି ସମୟ ପାଇଁ। କିଛି ଦିନ ପାଇଁ। ସେ କ'ଣ ଆଉ ସଂସାରର ମୋହ ତ୍ୟାଗ କରି ସ୍ୱାମୀର ପଦାଙ୍କ ଅନୁସରଣ କରିବକି ? ଟୀକା ଗୋବିନ୍ଦ ଚନ୍ଦ୍ରର ସେ ଚିରନ୍ତନ ବାଣୀ "ଘର ଘରଣୀ ଦେହ କିଳାଉଥିବ। ଘେନି ବନ୍ଧୁକୁଟୁମ୍ବ ଶୁଦ୍ଧି ହୋଇବ। ତେଣିକି ସମୟ ଚାଲିବ ତା'ବାଟରେ। ସହଜରେ ତ ଶାନ୍ତା ଜଣେ କର୍ମଜୀବୀ ମହିଳା।

ସେମାନେ କୁହାକୁହି ହେଉଥିଲେ, "ଧନ୍ୟକହିବ ତାଙ୍କୁ। ଏତେ ବଡ଼ ବିପର୍ଯ୍ୟୟ ଘଟିଗଲା। ଅଥଚ ଆଖିରୁ ଟୋପେ ହେଲେ ଲୁହ ଝରିଲାନି। କାଠଠୁଁ ଶୁଷ୍କ ସେ। ପଥରଠୁଁ ପାଷାଣ ସେ। ଶବ ସଂସ୍କାରର ସବୁ ଦାୟିତ୍ୱ ସଠିକ୍ ଭାବେ ତୁଲାଉଥିଲେ। କେମିତି ଶବ ଉଠିବ। ମଡ଼ାସାଙ୍ଗିଆ କ'ଣ ଖାଇବେ, ସବୁଠୁଁ ବଡ଼କଥା ହେଲା ହାତରୁ ଶଙ୍ଖା, ମଥାରୁ ସିନ୍ଦୂର ଖସିବା ବେଳେ ସେ ଯେମିତି ମନେ ହେଉଥିଲେ ମାଟି କଣ୍ଢେଇଟିଏ। ତାଙ୍କଠାରେ ତିଳେ ହେଲେ ବି କ୍ରୀୟା ପ୍ରତିକ୍ରୀୟାର ସଙ୍କେତ ନ ଥିଲା।

ତାଙ୍କର କାନ୍ଦିବାଉଚିତ୍ ଥିଲା। କଣ୍ଠ ଫଟେଇ। ଗୁଣବାହୁନି, ନହେଲେ ଛାତି ଫାଟିଯିବ ଯେ। "ସ୍ତ୍ରୀ ହୋଇ ସ୍ୱାମୀର ମୃତ୍ୟୁବେଳେ ଏମିତି ପାଷାଣୀ ହୋଇଯିବାଟା କ'ଣ ଠିକ୍" କେହି ଜଣେ କହୁଥିବାର ଶୁଭୁଥିଲା ଏବଂ ତା'ସହିତ ପାଳିଧରି ଅନ୍ୟଜଣେ

Source: Author, Digitized by PPRACHIN, SOA

କହୁଥିଲା” ଆରେ ବାବା ! ସେ କାନ୍ଦିବେ କାହିଁକି ? କୋଠାଅଛି । ଗାଡ଼ି ଅଛି । ମଉଜ କରିବାକୁ ପ୍ରଚୁର ବ୍ୟାଙ୍କ ବାଲାନସ୍ ଅଛି । ପିଲାମାନେ ତ ଭଲପଢୁଛନ୍ତି । ଦିନ କେଇଟାରେ ପାରିଯିବେ । ଅବଶ୍ୟ ପୁରନ୍ତା ପରିବାରଟିପାଇଁ ବାପା,ମା ଉଭୟଙ୍କର ଆବଶ୍ୟକତା ଅଛି ।” ହଠାତ୍ ଅନ୍ୟ ଜଣେ କହିଉଠିଲା “ଛାଡ଼ ! ଛାଡ଼ ! ଯାଉନା ଶାନ୍ତା ସାହୁର ପୂରନ୍ତା ପରିବାର !

ଯେଉଁଠି ପୁରଷର ଛାଇ ପଡ଼ିଲେ ସ୍ତ୍ରୀର ନାହି ଡ଼ିଏଁ ।

କଥା କଥାକେ ଯେ ପୁରୁଷ ଜାତିଟାର ସତଚାଳିଶ ପୁରୁଷ ଉଦ୍ଧାର କରେ, ଦିନକୁ ସତୁରୀ ଥର ପିଣ୍ଡ ପକାଏ ସେ ପୁଣି । ଆପଣ ମାନେ କ’ଣ ଜାଣନ୍ତିନି କି ଗୋଟିଏ ଘରେ ଗୋଟିଏ ଛାତ ତଳେ ସ୍ୱାମୀ ସ୍ତ୍ରୀ ଦୁଇଟା ଦୁଇ ଅପରିଚିତ ବ୍ୟକ୍ତି ଭଳି ଚଳୁଥିଲେ । ଏମିତି କି ଜୟନ୍ତ ମରିବାର ପୂର୍ବରାତିରେ ଶାନ୍ତା ମ୍ୟାଡ଼ାମ୍ କାଲେ ଘରେ ନ ଥିଲେ ।

ପୁରୁଷ ଆଉ ନାରୀ । ନାରୀ ଆଉ ପୁରୁଷ ।

ଏ ବସ୍ତୁବାଦୀ ଦୁନିଆଁରେ କ’ଣ ବା ଅସମ୍ଭବ । ମଣିଷ ତେବେ ବାହାହୁଏ କାହିଁକି ? କାହିଁକି ଚାହେଁ ବନ୍ଧନ ? ବିବାହ କ’ଣ ଏକ ସାମୟିକ ବନ୍ଧନ ? ଟିକିଏ କମ୍ ବେଶୀ ହେଲେ ଟିକିଏ ଏପାଖ ସେପାଖ ହେଲେ ତାସ୍ ଘର ପରି ତୁଟିଯିବ । କାଚଘର ପରି ଟୁକୁରା ଟୁକୁରା ହୋଇଯିବ । ନାରୀର ରୁଚି ଅନୁସାରେ ପୁରୁଷଟିଏ ବା ପୁରୁଷର ରୁଚି ଅନୁସାରେ ନାରୀଟିଏ କେଉଁଠି ଅବା ମିଳେ ?

ସେମାନଙ୍କର ଏତେସବୁ ଟିପ୍‌ପଣୀ ମୋତେ ଭଲ ଲାଗୁ ନ ଥିଲା । ଶାନ୍ତାକୁ ମୁଁ ଜାଣେ । ଚିହ୍ନେ ତାର ସରଳତାକୁ । ଅନ୍ୟମାନଙ୍କ ଆଖିରେ ସେ ଗୋଟେ ନଷ୍ଟନାରୀ ହେଲେ ବି ମୋ ପାଇଁ ଚଞ୍ଚଳା ଚପଳାମୟୀଟିଏ । ତା’ର ସାରଲ୍ୟ ତା’ପ୍ରତି ମୋତେ ଆକୃଷ୍ଟ କରାଏ । ବୋଧ ହୁଏ ସେଇଥିପାଇଁ ସେ ମୋତେ ଭଲଲାଗେ ଏବଂ ମୁଁ ତା’କୁ ସାନଭଉଣୀ ଭଳିଦେଖେ ।

କଥା କଥାକେ ସେ ତା’ର ସ୍ୱାମୀ ଜୟନ୍ତ କଥା ହିଁ ଗପି ବସେ । କହେ “ଜାଣିଲ ଅପା ! ଜୟନ୍ତ ଗୋଟେ ବନ୍ୟଜନ୍ତୁ । କେବଳ ଜନ୍ତୁ ନୁହେଁ ତ ଯମଠୁଁ ବି ବଳି । ସେମିତି ଗୋଟେ ଲୋକ ସାଥୀରେ ଜୀବନ ଜୀଇଁବା ମୁସ୍କିଲ । କେତେବେଳେ ମୁଣ୍ଡରେ ବସାନ୍ତି ତ କେତେ ବେଳେ କଚାଡ଼ନ୍ତି । ସବୁ ପୁରୁଷ ସେମିତି । ନାରୀ ସେମାନଙ୍କ ପାଇଁ ଚମତ୍କାର ଜୀବଟିଏ । ଯେତେ ମାଡ଼ ଖାଇଥାଉ ପଛେ ଡ଼ାକିଦେଲେ ଓ ! କରିବ । ହସିପାଖେ ଠିଆ ହେବ । ଉଠ୍ ! କହିଲେ ଉଠିବ । ବସ୍ କହିଲେ ବସିବ । ମନ ଚାହିଁଲା ମାତ୍ରେ ତା’କୁ ସାଥୀଦେବ । ପଞ୍ଜୁରୀର ପକ୍ଷୀପରି ନାରୀର ଜୀବନ । ତା’ପାଇଁ ଖୋଲା ଆକାଶ, ଖୋଲା ଛାତ, ଖୋଲା କ୍ଷେତ ସବୁମନା । ପୁଣି ବେଳେ ବେଳେ ତା’ର କ’ଣ ହୁଏ କେଜାଣି ।

Source: Author, Digitized by PPRACHIN, SOA

ପାଖକୁ ଲାଗି ଆସି ଗେହ୍ଲେଇ ହୋଇ ପଚାରେ, "ଅଚ୍ଛା କହିଲ ଅପା! ମୋ ଭିଣୋଇ ସାହେବଟି କେଉଁ ଧାତୁର? ଖାଣ୍ଟି ସୁନା ନାଁ ଟିକିଏ ଭେଜାଲ୍। ଅତୀତରେ, କେଉଁ ପ୍ରେମିକା ପାଲରେ ପଡ଼ିଥିଲେ ନାଁ ନାହିଁ।" ତା'ପ୍ରଶ୍ନର ଉତ୍ତରରେ ମୁଁ କହିଥାଏ, "ନାଇଁରେ ସେ ସେମିତି ନୁହନ୍ତି। ଗୋଟାପଣେ ତୁଳସୀ। ସେ ବଡ଼ ଲାଜକୁଳା ଥିଲେ ତ।"

ଶାନ୍ତା କହେ - "ଭାଇନା! ଆମର ସିନା ଲାଜକୁଳା! ହେଲେ ତାଙ୍କର ଯେଉଁ ଚେହେରା! ଝିଅମାନେ ତ ଉପରେ ପଡୁଥିବେ?"

"ନାଇଁରେ ଶାନ୍ତା! ବାଳେ ଝିଅଙ୍କୁ ତାଙ୍କର ଭୀଷଣ ଘୃଣା!"

ସେଠୁ ସେ କହେ - "ଭାଇନାଙ୍କ ସଂପର୍କରେ ତମେ ଯେତେ ସଫେଇ ଦେଲେ ମୁଁ ମାନିବି? ପୁରୁଷ ବେଶ୍ୟାକୁ ଖରାପ କହେ ସତ, ହେଲେ ବେଶ୍ୟା ବିନା ସେମାନଙ୍କର ବାଟ ନାହିଁ।" କହୁ କହୁ ସେ ହସି ପକାଏ। ହସକୁରୀ ଟେ। ଜୀବନକୁ ସହଜରେ ମାନିନେଲା ଭଳି ମଣିଷଟିଏ। ରାଗ ନାହିଁ, ଅଭିମାନ ନାହିଁ, ପାହାଡ଼ ଦେହରେ ଝରଣାଟିଏ ଭଳି ସେ ଛଳ ଛଳ, କଳ କଳ।

ମାତ୍ର ଏଇ କିଛିଦିନ ହେବ ସେ କେମିତି ହଠାତ୍ ଚୁପ୍ ହୋଇଗଲା। ଉଦାସ ଦିଶିଲା। ଜୟନ୍ତ କଥା ସେ ଆଉ କୁହେନି। ପଚାରି ଦେଲେ ଖୁବ୍ ସତର୍କତାର ସହିତ ସେ ଏଡ଼ାଇ ଦିଏ। ମନେହୁଏ ସତେଯେମିତି କେଉଁ ଏକ ଅଚିହ୍ନା ନିଆଁରେ ସେ ଜଳୁଛି। ଜୟନ୍ତ କାଳେ ମଦ ପିଅନ୍ତି, ପରନାରୀ ସହିତ ସଂପର୍କ ରଖନ୍ତି। ଏ ବୟସରେ ବି ସେ ନୂଆ ନୂଆ ସଉକରେ ମସ୍‌ଗୁଲ ରୁହନ୍ତି। ଉତ୍ତର ବୟସରେ ସ୍ୱାମୀଙ୍କର ଅଧୋଗତି ଶାନ୍ତାକୁ ବିଚଳିତ କରିଥିଲା। ଉଚ୍ଛୁଳା ଦାମ୍ପତ୍ୟ ପ୍ରେମରେ କିଏ ଯେମିତି ଭଙ୍ଗା ପକେଇ ଦେଇଥିଲା।

ଜୟନ୍ତଙ୍କ ମୃତ୍ୟୁର ଦୁଇଦିନ ପରେ। କେଉଁ ଗୋଟେ ଜରୁରୀ କାମରେ ବଡ଼ବଜାର ଯାଉଯାଉ ମୁଁ ପହଞ୍ଚି ଯାଇଥିଲି ଶାନ୍ତାର ଗେଟ୍ ପାଖରେ, ମୋ ଅଜାଣତରେ। ସମୟ ସକାଳ ସାଢ଼େ ସାତ। ମୋତେ ଦେଖୁ ଦେଖୁ ତା'ର ଚାକର ଟୋକାଟା ଗେଟ୍ ଖୋଲି ଦେଲା।

ପଚାରିଲି, "ମା?"

ସେ କହିଲା, "ଉପର ମହଲାରେ!"

"ପିଲାମାନେ? କାହିଁ କେଉଁଠି କୁଆଡ଼େ ଦିଶୁ ନାହାନ୍ତି?"

"କାଲି ସଞ୍ଜରୁ ଗାଁକୁ ଚାଲିଯାଇଛନ୍ତି ଆଜ୍ଞା!"

ଆଶ୍ଚର୍ଯ୍ୟ! ଜୟନ୍ତ ଯିବାର ମାତ୍ର ଦୁଇଟା ଦିନ କଟିନି ଅଥଚ ପିଲାମାନେ ମା'କୁ

Source: Author, Digitized by PPRACHIN, SOA

ଛାଡ଼ି ଗାଁ ରେ। ମନଟା କେମିତି ଖଟ୍‌କା ଲାଗିଲା। ମନର କଥା ମନରେ ଚାପି ଡ୍ରଇଁ ରୁମ୍‌ର ସୋଫାରେ ବସି ପଡୁ ପଡୁ କହିଲି ମା'ଙ୍କୁ ଡ଼ାକିଦେ! କହିବୁ ସୁରଭି ମ୍ୟାଡ଼ମ୍ ଆସିଛନ୍ତି।"

ସେ କିନ୍ତୁ ତା'ସ୍ଥାନରୁ ନ ଘୁଞ୍ଚି ଡ଼ରିଲା ଆଖିରେ ମୋ ଆଡ଼େ ଚାହିଁ ଠିଆ ହେଲା। ଡାକିଦେ ବୋଲି ତାଗିଦ୍ ଭରା କଣ୍ଠରେ ବାଧକଲାରୁ ସେ କହିଲା "ମନା କରିଛନ୍ତି ଆଜ୍ଞା, କହିଛନ୍ତି ଯାହା ଘଟିଗଲେବି ମୋତେ ଜମାରୁ ଡାକିବୁନି। ମୁଁ ଆପଣା ଛାଏଁ ଉଠିବି। ଅନେକ ଦିନ ହେଲା ଶୋଇନି। ଆଜି ଟିକେ ଶାନ୍ତିରେ ଶୋଇବି।

ତା'କଥା ଶୁଣି ମୁଁ ଚୁପ୍ ହୋଇଗଲି।

ସେ ଠିଆ ହୋଇଥିଲା କାକୁସ୍ଥ ହୋଇ। ବୋଧହୁଏ ମୋ ଭଳି କିଛି ଭାବୁଥିଲା କି କ'ଣ? ମୋ ବ୍ୟସ୍ତତା ଦେଖି ସେ କହିଲା "ଆପଣ ଉପରକୁ ଯାଉନାହାନ୍ତି ଆଜ୍ଞା। ମୋତେ ସିନା ମନା।"

ତା'କଥାରେ ହସିଦେଲି ଟିକେ, ଏଡ଼ିକି ଟିକେ ପିଲା ଜୀବନକୁ କେତେ ବା ବୁଝେ। ମନ କଥା ମନରେ ରଖି କହିଲି "ନାଁ ଥାଉ! ମୁଁ ଏବେ ଯାଉଛି। ମା' ତୋ'ର ଉଠିଲେ କହିଦେବୁ, ମୁଁ ଆସିଥିଲି ବୋଲି।"

"ଟିକେ ବସନ୍ତୁ ନାଁ ଆଜ୍ଞା! ମତେ ଭାରି ଡ଼ର ଲାଗୁଛି?"

ମୁଁ ଚାହିଁଲି ତା ମୁହଁକୁ - "କଣ ହୋଇଛି? ଡ଼ରୁଛୁ କାହିଁକି?"

ସେ ଥରି ଥରି କହିଲା, "ମା'ଙ୍କୁ କହିବେନି ଯଦି କହିବି!"

ମୁଁ ତାକୁ ନିର୍ଭୟ ଦେବାରୁ ସେ କହିଲା, "କାଲି ରାତିରେ।"

"ହଁ! କାଲି ରାତିରେ କ'ଣ ହେଲା?"

ସାନ ବାବୁ ଓ ଦେଇଙ୍କୁ ମା' ଗାଁକୁ ତ ପଠାଇଦେଇ ଥିଲେ ସନ୍ଧ୍ୟା ପୂର୍ବରୁ

ତା ପରେ ସେ ରାତିରେ କିଛି ଖାଇଲେନି। ବହୁତ ରାତିଯାଏଁ ଉପର ଘରେ ଲାଇଟ୍ ଜଳୁଥିଲା। ମା'ବୋଧହୁଏ କାହା ସାଙ୍ଗରେ କଥା ହେଉଥିଲେ। ସମୟେ ସମୟେ କଇଁ କଇଁ ହୋଇ କାନ୍ଦୁଥିଲେ ପୁଣି ହେଁ, ହେଁ, ହୋଇ ହସୁଥିଲେ। ଉପର ମହଲାରେ ତ ଆଉ କେହି ନ ଥିଲେ!"

ଏଥର ତାକୁ କହିଲି, "କେଡ଼େ ବୋକାଟା ତୁ! ମା' ହୁଏତ କାହା ସାଙ୍ଗରେ ଫୋନ୍‌ରେ କଥା ହେଉଥିବେ।"

ସେ କହିଲା, "ନାହିଁ ଆଜ୍ଞା! ଉପର ମହଲାରେ ଫୋନ୍ ନାହିଁ। ଟୋକାଟାର

Source: Author, Digitized by PPRACHIN, SOA

କଥା ମୋତେ କେମିତି, କେମିତି ଲାଗିଲା । ଭାବିଲି ଆସିଛି ଯେତେବେଳେ ତା'କୁ ନିଶ୍ଚେ ଭେଟିବି ।

ଖାଁ ଖାଁ ପଡ଼ିଥିବା ଅଗଣାର ଶେଷମୁଣ୍ଡ କୋଠରୀ । କାଳି ବିଲେଇଟିଏ ବାହାରି ଆସୁଛି, ଦର ଆଉଜା କବାଟ ଫାଙ୍କରୁ । ଶୂନଶାନ୍ ନୀରବତା ଛାଇ ଯାଇଛି ସବୁଆଡ଼େ ।

ଆଗେ ଆଗେ ମୁଁ । ମୋ ପଛରେ ସେ ପିଲାଟା ।

କବାଟଟା ମୁକୁଳେଇ ଦେବାରୁ ଭିତରଟା ଫର୍ଚ୍ଚା ଦିଶିଲା । ଯାହା ଦେଖିଲି ଆପଣାର ଆଖିକୁ ବିଶ୍ୱାସ କରି ପାରିଲିନି ।

"ଏ କ'ଣ ? ଏଠି କିଏ ଶୋଇଛି ? ଶାନ୍ତି ନାଁ ଆଉ କିଏ ?"

ଦେହରେ ଲାଲ୍ ବନାରସୀ ପାଟ । ମଥାରେ ଝୀନ ଜରିର ଚକ୍‌ଚକ୍ ଓଢ଼ଣା, ଅଳତା ବୋଳା ପାଦରେ ପାଉଁଜି, ଝୁଣ୍ଟିଆ । ବାହୁ ଭର୍ତ୍ତି ଲାଲ୍, ହଳଦୀର ଚୂଡ଼ି, ସୁନା କଙ୍କଣ । ମୁହଁ ଲୁଚିଛି ଓଢ଼ଣୀ ତଳେ ।

ଖଟ ପାଖକୁ ଲାଗି ଆସି ଓଢ଼ଣୀଟା ଟେକି ଦେଲି । ଅପଷ୍ଟ ସ୍ୱରରେ ଆପଣାଛାଏଁ ମୋ ପାଟିରୁ ବାହାରି ଆସିଲା -

"ଶାନ୍ତା !"

ସେ ଉଠି ପଡ଼ିଲା । ଚମ୍‌କି ପଡିଲା ପରି । କେଉଁ ଏକ ମିଠା ସ୍ୱପ୍ନରେ ହଜିଯାଇଥିବା ନବବଧୂଟିଏ ପରି ବୋଧ ହୁଏ ସେ ହଜି ଯାଇଥିଲା । ନିଜକୁ ସମ୍ଭାଳି ନେଇ ପ୍ରକୃସ୍ଥିତ ହେଲା । ମୋତେ ଦେଖି ସେ ଟିକିଏ ଲାଜେଇ ଗଲାକି କ'ଣ ଦି'ହାତର ପାପୁଲିରେ ମୁହଁ ଢ଼ାଙ୍କି ଉଠି ପଡ଼ିଲା ବେଳକୁ ତା' ଛାତିତଳ ଓଢ଼ଣୀରେ ଲୁଚିଥିବା ଜୟନ୍ତଙ୍କର ଟିକି ଫଟୋଟି ଖସି ତଳେ ପଡ଼ି ପଡ଼ିଗଲା ବେଡ୍ ଉପରେ । ସେଇଟିକୁ ସେ ସଙ୍ଗେ ସଙ୍ଗେ ଉଠେଇ ନେଇ ତକିଆ ତଳେ ରଖିଦେଲା ।

ନିଜକୁ କେମିତି ଗୋଟେ ଅପରାଧୀ ମନେକଲି ମୁଁ । ସେତେବେଳକୁ ସେ ଚାକର ପିଲାଟି ସେଠି ନ ଥିଲା । ଶାନ୍ତା ବସିଥିଲା ଚୁପ୍ ଚାପ୍ । କୁଣ୍ଠିତ ଗଳାରେ ମୁଁ ଆରମ୍ଭ କଲି, ଶାନ୍ତା ମୁଁ ଆସିଥିଲି ।"

ସେ ମୋ ମୁହଁକୁ ଟିକିଏ ଚାହିଁଲା ଏବଂ ପରେ ପରେ ଆଖି ତଳକୁ କଲା । ଏଥର ବାଧ୍ୟ ହୋଇ କହିଲି, "ମୁଁ ତେବେ ଆସୁଛି ଶାନ୍ତା । ତୁମେ ବିଶ୍ରାମ ନିଅ । ଆଉ କେବେ ଆସିବି ।"

ସେ ହଠାତ୍ ଉଠି ପଡ଼ିଲା ଏବଂ ମୋ ହାତଧରି ପିଲାଙ୍କ ଭଳି କଇଁ କଇଁ ହୋଇ

Source: Author, Digitized by PPRACHIN, SOA

କାନ୍ଦି ଉଠି କହିଲା, "ସେ କ'ଣ ଆଉ ଫେରିବେନି ଅପା ! କିଏ ଫେରେଇ ଦେଇପାରିବ ତାଙ୍କୁ ? କିଏ ଫେରେଇ ଦେଇ ପାରିବ ଆମର ସେଇ ପିଛିଲା ଦିନକୁ ?

ମୁଁ ବଡ଼ ପାପିନୀ ଅପା ! ତାଙ୍କୁ ହତାଦର କରି, ତାଙ୍କର ପ୍ରେମକୁ ପଦାଘାତ କରି ଜୀବନରେ ଖୁବ୍ ବେଶୀ ପାପ କରିଛି। ଖୁବ୍ ! ସେ ପାପର, ସେ ଅପରାଧର କ୍ଷମା ନାହିଁ ଇଚ୍ଛା କରିଥିଲେ ତାଙ୍କୁ ଠିକ୍ ବାଟକୁ ଆଣି ପାରିଥାନ୍ତି। ତାଙ୍କର ସବୁ ପାପକୁ ପଣତକାନିରେ ପୋଛି ସଫା କରିଦେଇ ଥାନ୍ତି। କିନ୍ତୁ ତା' କଲିନି। ବରଂ ସ୍ୱୀର ଅହଙ୍କାର ନେଇ ମୁଁ ତାଙ୍କୁ ନର୍କରୁ ନର୍କକୁ ଠେଲି ଦେଲି। ତାଙ୍କୁ ତିରସ୍କାର କଲି। ଅପମାନିତ କଲି। ଶେଷରେ ରୋଗଶଯ୍ୟାରେ ମଧ୍ୟ ମୁଁ ତାଙ୍କୁ ଅପଚରା କଲି। କେତେ ଅସହାୟ ହୋଇ ପଡ଼ିଥିଲେ ସେ ! କେତେ ରୁଗ୍‌ଣ ଦିଶୁଥିଲା ତାଙ୍କର ସେଇ ପେଜୁଆ ଆଖି ଦୁଇଟା। ଆଃ ! ଅପା ! କୁଆଡ଼େ ଗଲେ ସେ ! କେଉଁଠି ରହିଲେ ସେ ! କ'ଣ କରୁଥିବେ ସେ। ତାଙ୍କ ସାଙ୍ଗରେ ଆଉ କ'ଣ ଥରୁଟିଏ ଦେଖା ହେବନି ମୋର ?

ଶାନ୍ତାକୁ କ'ଣ କହି ସାନ୍ତ୍ୱନା ଦେବି। ମୋ ପାଟିରେ ଭାଷା ନ ଥିଲା। କେବଳ ଆଖିରୁ ଝରି ପଡୁଥିଲା ଲୁହର ଅସରା। ତା' ପ୍ରେମ ପାଖରେ, ତା'ଆକୁଳତା ପାଖରେ, ତା'ଆକାଂକ୍ଷା ପାଖରେ ମୁଁ ନଇଁ ଯାଉଥିଲି ଯେମିତି। ଜୟନ୍ତ ଭିତରେ ଶାନ୍ତା, ଶାନ୍ତା ଭିତରେ ଜୟନ୍ତ ଏବେ ବି ଜୀବନ୍ତ। ଉଭୟଙ୍କ ଭିତରେ ବନ୍ଧନର ଏକ ନିବିଡ଼ ସଂପର୍କ। ଯାହା ଯୁଗଯୁଗର ଜନ୍ମ ଜନ୍ମର। ଜୟନ୍ତ ବିନା ଶାନ୍ତା କେବଳ ନାମକୁ ମାତ୍ର ବଞ୍ଚି ରହିଛି। ନିଜ ଶବକୁ ନିଜ ଭିତରେ ବହନ କରି ଦିନ ବଞ୍ଚୁଛି।

■ ■

Source: Author, Digitized by PPRACHIN, SOA

ପାଠୋଇ ବୋହୂ

ସୀତା ପରି ପତିପ୍ରାଣା ନାରୀମାନେ ବନବାସରେ ଯାଆନ୍ତି। ରାମଭଳି ପୁରୁଷମାନେ ସଦାବେଳେ ପୁରୁଷୋତ୍ତମ ବୋଲାଉଥାନ୍ତି। ଦୌପଦୀ ଭଳି ବଧୂମାନେ ପାଞ୍ଚଭାଇଙ୍କର ଶଯ୍ୟାସଂଗିନୀ ହୁଅନ୍ତି...।

କିନ୍ତୁ ଆଜିର ଯୁଗରେ ପାପୀମାନଙ୍କ ହାବୁଡ଼ରେ ପଡ଼ିଥିବା ଝିଅଟି ବଞ୍ଚାଅ, ବଞ୍ଚାଅ ବୋଲି ଯେତେ ଚିତ୍କାର କଲେବି କେଉଁ କୃଷ୍ଣ ସ୍ୱର୍ଗରୁ ଓହ୍ଲେଇ ଆସନ୍ତି ନାହିଁ...

ତଥାପି ତା' ପ୍ରତି ହେଉଥିବା ଅବିଚାରକୁ ତାକୁ ପ୍ରତିରୋଧ କରିବାକୁ ହେବ। ପୁରୁଷର ଦର୍ପକୁ ଚୂର୍ଣ୍ଣ କରିବାକୁ ପଡ଼ିବ। ଅବଶ୍ୟ ଏଥିପାଇଁ ସାହସ ଥିବା ଦରକାର... ହଁ! ସେ ସାହସ ତା'ର ଥିଲା। ସେଇଥିପାଇଁ ତ ସେ ସେଦିନ ଚିତ୍କାର କରି କହିଥିଲା - ନା! ନା! ନା! ଏ ବାହାଘର ହୋଇପାରିବନି। ଆପଣ ଫେରି ଯା'ନ୍ତୁ...

- ମୁଁ ତମ ସହିତ କଥା ହେବାକୁ ଚାହୁଁନି। ବାପାଙ୍କୁ ଟିକିଏ ଡ଼ାକିଦିଅ। ଯାହା ସବୁ କଥାବାର୍ତ୍ତା କେବଳ ତାଙ୍କ ସାଥୀରେ!"

- ସବୁ ତ ସରିଥିଲା। ଆଉ ପୁଣି କି କଥା? ତାଙ୍କର ଦେହ ଭଲନାହିଁ। ସେ ଏଠିକୁ ଆସିପାରିବେନି।"

- ନ' ହେଲେ ମା'ଙ୍କୁ ଟିକେ ଡ଼ାକିଦିଅ। କହିବ ମୁଁ ଆସିଛି।"

- ନା! ମା'ଙ୍କର ଏଥିରେ କିଛି କହିବାର ନାହିଁ।

- ତଥାପି!"

- ତଥାପି ଆଉ କ'ଣ? ଆପଣଙ୍କର ଭାଇ ତ ଝିଅକୁ ନୁହେଁ, ଟଙ୍କାକୁ ବାହା ହେବାକୁ ଚାହାଁନ୍ତି, ଯା'ନ୍ତୁ ତାଙ୍କୁ ଯେଉଁଠି ବଡ଼ ଅଙ୍କର ଯୌତୁକ ମିଳିବ, ସେଇଠି ବାହା କରେଇ ଦେବେ।"

- ଯୌତୁକ ସଂପର୍କରେ ସେ କିଛି କହିଛି। ଯଦି ସେ ସେମିତି କିଛି ଚାହୁଁଥାଏ, ତେବେ ମୁଁ ତା' କାନ ଧରି ଏଠିକି ଟାଣି ଟାଣି ନେଇ ଆସିବି।"

- ନା! ଦରକାର ନାହିଁ! ଅଯଥାରେ ଆପଣ ଆସି କାହିଁକି ଡ଼ିଷ୍ଟର୍ବ କରୁଛନ୍ତି କହିଲେ? ଆପଣ ଯା'ନ୍ତୁ, ମୋର ପଢ଼ାପଢ଼ି ଅଛି।"

Source: Author, Digitized by PPRACHIN, SOA

- କହିଲି ପରା ମୁଁ ତମପାଖକୁ ଆସିନି। ଆସିଛି ତମ ବାପା, ବୋଉଙ୍କ ପାଖକୁ...।"

ଆପଣ କେମିତିକା ଲୋକ ମୁଁ ଜାଣିପାରୁନି ? ଆମର କଥାବାର୍ତ୍ତା ନିଶ୍ଚେ ସେମାନଙ୍କ କାନରେ ପଡୁଛି। ଏ ବିବାହରେ ମୋ ବାପା ମାଙ୍କ ସମ୍ମତି ଥିଲେ ସେମାନେ ମୋତେ ଏତେଟା ସ୍ୱାଧୀନତା ଦେଇ ନ ଥାନ୍ତେ।"

- ଏଇ ତେବେ ଶେଷ କଥା!"

ହଁ!"

- ତାହେଲେ ମୁଁ ଆସୁଛି କହି ଅଶୋକ ଦାସର ବଡ଼ଭାଇ ଅଭିଷେକବାବୁ ଫେରି ଯାଇଥିଲେ..। କିନ୍ତୁ ସେ ହାରିଗଲା। ପାଠୋଇ ଝିଅ ତନୁଜା ରାୟ ହାରିଗଲା। ଅଭିଷେକ ବାବୁଙ୍କର ସାନଭାଇ ଅଶୋକଦାସକୁ ସେ ଠିକଣା ସମୟରେ ବିବାହ କରିଗଲା...

ଝିଅ ପାଠ ପଢ଼ିଥିଲା ଜୀବନକୁ ଜିତିବାପାଇଁ!

ହେଲେ ସେ ଜିତିଥାନ୍ତା କେମିତି ଯେ?

ଶାଶୁଘରେ କେମିତି ଚଳିବାକୁ ହୁଏ। ଶାଶୁ, ଶ୍ୱଶୁର, ସ୍ୱାମୀ, ଯା' ଦେଢ଼ଶୁରଙ୍କୁ କେମିତି ବ୍ୟବହାର କରିବାକୁ ହୁଏ। ଏସବୁତ ତା' ପାଠ୍ୟ ଖସଡ଼ାରେ ନଥିଲା?

ଜୀବନକୁ ସେ କେମିତି ପଢ଼ିଥାନ୍ତା?

କେତେବେଳେ ପଢ଼ିଥାନ୍ତା?

ପରୀକ୍ଷା ହଲରୁ ଉଠି ତ ସେ ସିଧା ବାହାବେଦୀକୁ ଉଠିଛି।

ଓ.ଏ.ଏସ୍ ର ଲିଖିତ ପରୀକ୍ଷା। ସରୁ ସରୁ ଘଣ୍ଟାରେ ପାଞ୍ଚ। ଘରେ ପହଞ୍ଚିଲାବେଳକୁ ମୁହଁ ସଞ୍ଜ।

ମଙ୍ଗୁଳା ପାଣି, ପିଢ଼ା, ଶିଳପୁଆ, ହଳଦୀ, ଅଳତା ସଜାଡ଼ି ସାତ ସଧବା ଅପେକ୍ଷା କରିଥିଲେ। ଟିକିଏ ବି ଫୁର୍ସତ୍ ନାହିଁ। ପହଞ୍ଚିଗଲାକ୍ଷଣି ଶଙ୍ଖ ମହୁରୀର ମଧୁର ଧ୍ୱନିରେ ସେ ହଜିଗଲା। ହଜି ପୁଣି ହଜେଇ ଦେଲା ତା' କୁଆଁରୀ ଜୀବନ। ଯିଦ୍ ଖୋରିଆ ଟାଣୁଆମନ।

ବାହା ବେଦୀରେ ପରୀକ୍ଷା!

ଚତୁର୍ଥୀ ତିଥିରେ ପରୀକ୍ଷା!

ଅଷ୍ଟ ମଙ୍ଗୁଳାରେ ପରୀକ୍ଷା!

ପୂନେଇ ତିଥିରେ ପରୀକ୍ଷା!

Source: Author, Digitized by PPRACHIN, SOA

କେବଳ ପରୀକ୍ଷା ଆଉ ପରୀକ୍ଷା। କେହି ତା'କୁ ବୁଝିଲେନି। ତା'ର ମତାମତକୁ ଗୁରୁତ୍ୱ ବି ଦେଲେନି। ତା' ପାଇଁ ସେଇ ଗୋଟିଏ ଦୁଃଖ। ଗୋଟିଏ ଖୁଣ୍ଟା, ପାଠୋଇ ଝିଅ! ପାଠୋଇ ବୋହୂ। ଦି'ଅକ୍ଷର ପଢ଼ିଛି ବୋଲି ଜବାବ୍ ଦେଉଛି। ସେଇ ଯବାବ୍‌ର ପ୍ରତିଶୋଧ ସେମାନେ ନେବେ! ନେବେ! ନେବେ!

ବଡ଼ଭାଇ ଅଭିଷେକ ସେଦିନ ଅପମାନିତ ହୋଇ ଫେରି ଆସିଲା ପରେ ତାଙ୍କ ଘରେ କାଲେ ଭାଇମାନଙ୍କ ସାମ୍ନାରେ କାନ୍ଦି ପକେଇଲେ। ଭାଇଙ୍କର କାନ୍ଦୁରା ମୁହଁ ସବା ସାନଭାଇ କୌଶିକର ଦେହରେ ଗଲାନି। ସେ ପ୍ରତିଜ୍ଞା କଲା ଭଳି କହି ପକାଇଲା, "ଯେମିତି ହେଉ, ଯେପରି ହେଉ କଳେ ବଳେ କୌଶଳେ ସେ ଝିଅକୁ ଏ ଘରକୁ ବୋହୂ କରି ଆଣିବାକୁ ହେବ। ଏଥିରେ ଯଦି ସେ ଅମଙ୍ଗ ହୁଏ ମୁଁ ତା' ଦାନ୍ତ ଭାଙ୍ଗିଦେବି।

ଅଶୋକର ମା' କହିଲେ, "ଦରକାର ନାହିଁ ସେ ଝିଅ। ମୋ ଚାକିରିଆ ପୁଅକୁ ଢ଼େର ଯୋଗ୍ୟ ଝିଅ ମିଳିବେ। ରୂପର। ଗୁଣର। ଏମିତି ରଣଚଣ୍ଡୀ ଝିଅକୁ ବୋହୂ କରି ଆଣିଲେ ସେ କାନ୍ଧରେ ଚଢ଼ି ମୁଣ୍ଡରେ ବସିବ।"

ମଝିଆଭାଇ, ତନୁଜାର ଭାବୀସ୍ୱାମୀ...!

ସେ କହିଲେ, "ନା! ବାହାଘର ଯଦି ହେବ ସେଇ ଝିଅ ସାଥୀରେ ହିଁ ହେବ। କୌଶିକ ଯାହା କହୁଛି, ଠିକ୍ କହୁଛି। ତା' ନହେଲେ ବାହାଘର ବନ୍ଦ୍।"

ଅଭିଷେକ ଅଭିମାନ ଭରା କଣ୍ଠରେ କହିଲେ, "ସେ ମୋତେ ଏଭଳି ଅପମାନ ଦେଇ ସାରିଲା ପରେ ବି...? ଜାଣୁ! ତା' ପାଖରେ ମୋ'ର ପୋଜିସନ୍ କେଉଁଠି? ଏବଂ ସାମାଜିକ ସଂପର୍କ ନେଇ ହିସାବରେ ମୁଁ ତା'ର କ'ଣ ହେବି?"

ଚଟାପଟ୍ ମା' କହି ପକେଇଲେ, "ତୁ ତା'ର ଦେଢ଼ଶୁର! ସେ ତୋ'ର ଭାଇବୋହୂ। ଶଶୁରଙ୍କୁ ଆଡ଼ ଆଡ଼ ଦେଢ଼ଶୁରଙ୍କୁ ରାଇଜ ଛାଡ...। ସେ ଗୁଡ଼ାଙ୍କର ବୁନିଆଦି ଠିକ୍ ନାହିଁ।... ନ ହେଲେ ମୋ' ବଡପୁଅକୁ...।

– ଥାଉ! ଏବେ ତ ସେ ଏ ଘରର ବୋହୂ ନୁହେଁ। ବାହାଘର ପରେ। ସେତେବେଳେ ସେ ଯଦି ତୁମକୁ ଅସମ୍ମାନ କରେ। ତେବେ ମୁଁ ନୁହେଁ ତୁମେମାନେ ହିଁ ତା'କୁ ଏଘରୁ ତଡ଼ିଦେବ। କଥା ଦେଉଛି।

– ଏ ଭଳିଆ ଝିଅଗୁଡ଼ା ସହଜରେ ସାବାଡ ହୋଇଯା'ନ୍ତି। ସେ ଆଗ ଆମଘରକୁ ଆସି ଯାଉ...! ଦେଖିବା...! ଯିବକୁଆଡେ...? "ମୁରବୀଭଳି ମନ୍ତବ୍ୟ ଦେଉଥିଲା କୌଶିକ।

Source: Author, Digitized by PPRACHIN, SOA

ଏସବୁ କଥା ବାହାଘରର କିଛିଦିନ ପରେ ତନୁଜା କାନରେ ପଡ଼ିଥିଲା...। କହିଥିଲା ପଡ଼ିଶା ଘରର ଜଣେ ବୋହୂ।

କଥାଟା ଶୁଣିଦେଲା ମାତ୍ରେ ତନୁଜା ଦେହରେ ନିଆଁ ଲାଗିଯାଇଥିଲା।

ସେ ଅନୁଭବ କଲା ତନୁଜା ପ୍ରତି ତା' ଶାଶୁଘର ଲୋକଙ୍କର ଯେତେ ସବୁ ବ୍ୟବହାର ତା'ହେଲେ ଅଭିସନ୍ଧିମୂଳକ, ଉଦ୍ଦେଶ୍ୟମୂଳକ।

ସେଇ ପ୍ରଥମ ଦିନର କଥା। ବରବାହୁଡ଼ା।

ଫୁଲରେ ସଜା ହୋଇଥିବା ଗାଡ଼ିରେ ବାହୁଡ଼ି ଆସିଥିଲେ ବରବଧୂ। ଲୋକ ଗହଳିରେ ଫାଟି ପଡୁଥିଲା ଗାଁ ଦାଣ୍ଡ। ବୈଶାଖୀ ଖରାର ତାତି। ଶାଢ଼ୀ ଗହଣାର ଓଜନିଆ ଆଭୂଷଣ ତାକୁ ଆକ୍‌ତାମାକ୍‌ତା କରି ପକାଉଛି। ଭାରି ଇଛା ହେଉଥିଲା ଓଢ଼ଣୀଟା ଫିଙ୍ଗିଦେଇ ଖୋଲାମେଲାକୁ ଧାଇଁଯିବାକୁ, ନଚେତ୍ ଗଛତଳ ଛାଇକୁ...। ଫାଙ୍କା ସ୍ଥାନରେ ନିରୋଳାରେ ବସି ଥଣ୍ଡା ଥଣ୍ଡା ପବନକୁ ଢ଼ୋକ କରି ପିଇଯିବାକୁ...।

ବନ୍ଦାଣ ଥାଳି ସଜାଡ଼ିବାରେ ଡ଼େରି ହେଉଛି। ବୋଧହୁଏ ଜାଣିଶୁଣି ଡ଼େରି କରାଯାଉଛି। ପାଖାପାଖି ହୋଇ ନବଦମ୍ପତି ଠିଆ ହୋଇଛନ୍ତି। କିଏ ଗୋଟେ ଗହଳି ଭିତରୁ ବାହାରି ଆସି ତନୁଜାର ଗଳାଧରି ତଳକୁ ମାଡ଼ିଦେଲା ଏବଂ କହିଲା "ଏଇଟା ମଫସଲ ଗାଁ। ଏମିତି ଷଣ୍ଢାଟେକି ଠିଆ ହୋଇଛ କାହିଁକି ? ଅଣ୍ଟାଭାଙ୍ଗ। ବେକ ନୁଆଁଅ ! ଓଢ଼ଣା ଯେମିତି ଆଣ୍ଠୁଆଣି ହେବ, ଇଏ ପାଠଘର କଥା ନୁହେଁ। ଶାଠ; ସଣ୍ଢଣା। ଉହୁଁ ଏମିତି ନୁହେଁ। ଏଇମିତି !"

ଅସହଣି କ୍ରୋଧରେ ସେ ନିମିଷକ ପାଇଁ ଥରିଗଲା ଏବଂ ଓଠ କାମୁଡ଼ି, ଦାନ୍ତ ଚିପି ନିଜକୁ ନିଜ ଭିତରେ ଶାନ୍ତ କରେଇ ନେଲା।

ପ୍ରବେଶ ଦ୍ୱାରରେ ପୁଣି ଝାମେଲା।

ବାଟ ଓଗାଳି ଗେହ୍ଲୀ ନଣନ୍ଦ ଠିଆ ହୋଇଥିଲା।

ପାଟଦିଅ। ନହେଲେ ଘର ଭିତରକୁ ବାଟବନ୍ଦ।

ନଣନ୍ଦ ପୁଟୁଳି ଆଟାଚିଟା ପର୍ଣ୍ଣିଚର ଭିଡ଼ ଭିତରେ କୋଉଠି ରହିଯାଇଥିଲା ଯେ, ସାଥୀରେ ଆସିଥିବା ସାନଭାଇଟା ଖୋଜି ପାଇଲାନି। ଅଧଘଣ୍ଟା କାଳ ସେ ନୟାଁନ୍ତ ହୋଇ ଖୋଜୁଥିଲା। ଅଗତ୍ୟା ବାଧ ହୋଇ ସେ ତା' ଅଙ୍ଗୁଳିରୁ ସୁନା ମୁଦି ବାହାର କରି ନଣନ୍ଦରାଣୀକୁ କିଳାପୋତି ଦେଲା।

ଯାହାହେଉ ବିରିଚାଉଳ ଖେଳ ପରେ ତା'କୁ ଟିକିଏ ନିସ୍ତାର ମିଳିଲା।

Source: Author, Digitized by PPRACHIN, SOA

"ଭାରିଶୋଷ ! ପାଣି ଗ୍ଲାସେ ଆଣତ !"

ତା' ପାଖକୁ ଲାଗି ଠିଆ ହୋଇଥିବା ଝିଅଟାକୁ ସେ କହିଥିଲା ।

ଏକା ସାଙ୍ଗରେ ଦୁଇ ତିନିଟା ଝିଅ ସେଠୁ ମୁହଁରେ ହାତଦେଇ ହସି ହସିକା ଚାଲିଗଲେ ।

"ଖୁଡ଼ୀ ଲୋ ଖୁଡ଼ୀ ! ତୋ' ବୋଉ ଶୋଷେଇଲାଣି । ପାଣି ମାଗୁଛି ।"

- ଯାଉନୁ ତୁ ନେଇ ଦେଇ ଆସିବୁ । ମୋତେ କହୁଛୁ କିଆଁ ! ମୁଁ ଏଠି କାହାର ଭୋକଶୋଷ ମେଣ୍ଟେଇବାକୁ ଠିକା ନେଇଛି ନା କ'ଣ ବା ! ବୋଧହୁଏ ତନୁଜାର ଶାଶୁ ଏକଥା ତା'କୁ ଶୁଣେଇ ଶୁଣେଇ କହୁଥିଲେ ।

କିଛି ସମୟ ପରେ ତନୁଜାର ଯା' ଗ୍ଲାସେ ସରବତ୍ ଆଣି ତା' ପାଖରେ ରଖିଦେଲେ ।

"ଚାମଚ ଟିକେ ଦରକାର ।" ଅନୁଚ୍ଚ ଗଳାରେ କହିଲା ସେ ।

ମୁହଁଟାକୁ ମୋଡ଼ିଦେଇ ତା'ର ଯା' ସେଠୁ ଫେରିଗଲେ ଏବଂ ପୁରୁଣା ରଙ୍ଗଛଡା ଚାମଚଟା କେଉଁଠୁ ଆଣି ତାକୁ ଧରେଇ ଦେଇ କହିଲେ, "କିଏ କୁଆଡ଼େ ଅଇଁଠା ଉଣ୍ଡଳ କରିଯାଡେ ସିଆଡ଼େ ପକାଉଛନ୍ତି, ଏଇଟା ଥିଲା ଚଳିବ ?

ତନୁଜା ଯା'ର ମୁହଁକୁ ଚାହିଁ ଟିକିଏ ହସିଦେଲା ।

ସେଇ ହସ ଟିକକ ହିଁ ତା'ର ଦୋଷ । କାହିଁକି ହସିଲା ? କ'ଣ ପାଇଁ ହସିଲା ? କ'ଣ ଥଟ୍ଟା କରୁଛି ? ଏ ଘର ! ଏ ଘରର ଲୋକବାକ୍ । ଏ ଘରର ଜିନିଷ ପତ୍ର କ'ଣ ତା' ମନକୁ ପାଉନି ? ପାଉନି ଯଦି ବୋପାଘରୁ ନେଇ ଆସିଲାନି ।

ଆଉ କିଏ କହିଲା ହଁ ! ହସିବନି କିଆଁ । ଆମବେଳେ ତ କାନ୍ଦି କାନ୍ଦି ଦିନ ସରୁ ନଥିଲା । ଘର ପାଇଲା ଡ଼େଙ୍ଗା । ବର ପାଇଲା ଚେଙ୍ଗା । ଆଙ୍ଗୁଳି ସନ୍ଧିରେ ମଳି, ନା ଭିତରେ ଭିତରେ ସଲାସୁତର ଉପରେ ଲାଗିଛି କଳି ।

ବର ତ କନିଆଁକୁ ରସି ବାହା ହୋଇଛି । ତମେ ଆମେ ମୁଣ୍ଡ କୋଡ଼ିଲେ କ'ଣ ହେବ !

ତହିଁ ଆରଦିନ ସକାଳକୁ ତନୁଜା ଖୋଜିଲା, ପାଇଖାନା । ଗାଧୁଆଘର...

ହଁ ପାଇଖାନା ଅଛି ହେଲେ ଅଧା ତିଆରୀ । ବ୍ୟବହାର ଉପଯୋଗୀ ନୁହେଁ । ଯିବ ଯଦି ତଳବାରିକି ଯାଉ । ତଳ ବାରିରେ ବାଉଁଶ ବଣ । ବଣ ଉଢ଼ାଳରେ ନିତ୍ୟକର୍ମ ସାରୁ ।

ବଡ଼ ଯା' କହିଲା, "ମାଲୋ ! କି ଅଭିଲା କଥା ।"

Source: Author, Digitized by PPRACHIN, SOA

ମୁଁ ବି ଦିନେ ଏ ଘରକୁ ନୂଆ ବୋହୂ ହୋଇ ଆସିଥିଲି। ଚାରିଦିନ ଚାରିରାତି ଖାଇବା ପିଇବା ବନ୍ଦ୍। ପୋଖରୀପାଣି ଯିବା ବନ୍ଦ୍। କିନ୍ତୁ ନିତ୍ୟକର୍ମ ତ ସାରିବାକୁ ହେବ।

ଝିଅ ଦୁଇଟାଙ୍କୁ ସାଥୀରେ ନେଇ ତନୁଜା ଚାଲିଲା ତଳବାରିକୁ। ଖୋଲା ମେଲାରେ ଅଭ୍ୟାସ ନାହିଁ। ସେ ବସିପାରିଲାନି...। ସେଠି ସେ ଚଲା ଫେରା କଲା। ଝିଅଙ୍କ ସାଥୀରେ ଗପିଲା। ଗପିବନି କିଆଁ। ବର ଅଶୋକ ତ ସାଙ୍ଗମାନଙ୍କ ସାଥୀରେ ବେଶ୍ ଗପୁଛି। ବେଶ୍ ବୁଲୁଛି।

ନୂଆବୋହୂର ଏମିତି ମନଫୁଲାଣିଆ ଢ଼ଙ୍ଗ କାହା ଦେହରେ ଭଲା ଯାଆନ୍ତା ?

ବୁଢ଼ୀ ମା' ଲେଖା ବୁଢ଼ୀ ଦୁଇଟା ଅଶୋକକୁ ଶୁଣେଇ ଶୁଣେଇ ଝାଡ଼ିଦେଲେ ଦି'ପଦ।

- ଆରେ ଅଶୋକ ! କିରେ ! ବାହାହେଲୁ ଦେଖି ନବନାଗରୀ

ନା - ନବରଙ୍ଗେ ଦେଲା ମହତସାରି...।

ଆରେ ! ତଳବାରିରେ ତୋ' ଭାରିଯା କେମିତି ନାଟ କରୁଛି ଦେଖିବୁ ଯା ! ମାଲୋ ! କି ନାଟେଇଟାକୁ ତୁ ପସନ୍ଦ କରି ବାହାହେଲୁରେ ! ବାଉଁଶ ବଣରେ କେମିତି ବାଳମୁକୁଳା କରି ବୁଲୁଛି, ଦେଖିବୁ ଯା ! ଏ ଘରର ଇଜ୍ଜତ୍‌କୁ ସେ ବେଇଜ୍ଜତ୍ କଲା, ମାଟିରେ ମିଶେଇ ଦେଲା ଜାଣ ! ତା'କୁ ଆଉ ଆକଟ କରି ହେବନି। ତେଣିକି ତୋ' ଭାଗ୍ୟ !

ଅଶୋକ ବଡ଼ ବିବ୍ରତ ଦିଶିଲା। ତା'କୁ ଲାଗିଲା ତା' ଲୋକଙ୍କଠାରୁ ସେ ଦୂରେଇ ଦୂରେଇ ଯାଉଛି। ଠିକ୍ ସେ କହିବାକୁ ଗଲେ ତାକୁ ସେମାନେ ଦୂରେଇ ଦେଉଛନ୍ତି। ବାହାହୋଇ ଯେମିତି ସେ ଖୁବ ଗୋଟାଏ ବଡ଼ଭୁଲ କରି ପକେଇଛି। କେଉଁଟା ଠିକ୍, କେଉଁଟା ଭୁଲ ହଠାତ୍ ସେ ନିର୍ଣ୍ଣୟ କରିପାରୁ ନଥିଲା କି ତନୁଜାର କେଉଁ କାମକୁ ସେ ସପୋଟ୍ କି ବିରୋଧ କରିବ କିଛି ଠିକ୍ କରିପାରୁ ନଥିଲା। ଯେଉଁମାନେ ତା' ସାମ୍ନାରେ ଠିଆ ହେବାକୁ ସାହସ କରିପାରୁ ନଥିଲେ ସେମାନେ ମୁହେଁ ମୁହେଁ କହିବା ଆରମ୍ଭ କରିଦେଲେଣି। ଏସବୁ କେବଳ ତନୁଜା ପାଇଁ ସିନା...। ସେ ଏଥର କୌଣସି କାରଣ ନଥାଇ ତନୁଜା ଉପରେ ବିରକ୍ତ ହେଲା... ତା'କୁ ପ୍ରେମପୂର୍ଣ୍ଣ ଚାହାଁଣୀ ବଦଳରେ ରୋଷ ଚକ୍ଷୁରେ ଚାହିଁଲା।

ତନୁଜାକୁ ରବିବାର, ଗୁରୁବାର, ଶନିବାର ଉଚ୍ଚାରଣ କରିବାକୁ ମନା।

ମନା ପୁଣି ପାଣିକୁ ପାଣି, ଜଳକୁ ଜଳ କହିବା, ନଈକୂଳ, ଜହ୍ନରାତି, ଜଗନ୍ନାଥ

Source: Author, Digitized by PPRACHIN, SOA

ମନ୍ଦିର, ଦେଉଳ ଆଦି ଶବ୍ଦ ମନା...

ସେଦିନ ରେଭେନ୍‌ସା କଲେଜରୁ ପରୀକ୍ଷା ଦେଇସାରି ଘରେ ପହଁଞ୍ଚିଲାବେଳକୁ ରାତି ହୋଇଯାଇଥିଲା।

ଗାଡ଼ିଯାତ୍ରା ଜନିତ କ୍ଲାନ୍ତି ମେଣ୍ଟାଇବା ପାଇଁ ଗଡ଼ପଡ଼ ହେଉଥିଲାବେଳେ ଶାଶୁ ଏବଂ ବଡ଼ ନଣନ୍ଦ ଆସି ପାଖରେ ବସି ପଡ଼ିଲେ। ତନୁଜା ଉଠି ବସିଲା।

ନଣନ୍ଦରାଣୀ ଗଳାଝାଡ଼ି ଆରମ୍ଭ କଲେ ତୁମକୁ ଗୋଟେ କଥା କହିବି ସାନଭାଉଜ ! ରଖିବ ? ଆମର ଭାଇ ଆଳିଆଘର। ବନ୍ଧୁବାନ୍ଧବ ତ କମ୍ ନାହାଁନ୍ତି, ଗୋଡ଼େ ଗୋଡ଼େ ଖୁଣ୍ଟୁଛନ୍ତି। ତାଙ୍କ ଘରର ବୋହୂମାନେ ଏଥିପାଇଁ ଖୁବ୍ ସତର୍କ।" "କ'ଣ କହିବ ସିଧା ସିଧା କୁହ ? ମୋତେ ବଡ଼ ବ୍ୟସ୍ତ ଲାଗୁଛି।"

"ହଁ ବ୍ୟସ୍ତ ତ ଲାଗିବ। ତଥାପି ଯାହା ବିଧାନ ଅଛି ତାହା ତମକୁ ମାନିବାକୁ ପଡ଼ିବ, ଆମେ ତ ମାନିଛୁ। ତମେ କ'ଣ ଆମଠୁଁ ଅଲଗା। ଯେତେ ଶିକ୍ଷିତା ହେଲେବି, ଯେତେ ପାଠ ପଢ଼ିଲେ ବି ତମେ ଆମଭାଇଙ୍କ ଗୋଡ଼ ତଳକୁ।"

"ପାଠ ! ପାଠ ! ପାଠ ! ପାଠ ପଢ଼ି କ'ଣ ମୁଁ ପାପ କରିଛି ?"

– "ତମେ ଏମିତି କାହିଁକି ରାଗିଯାଉଛ ଯେ, ମୁଁ କ'ଣ କହୁଥିଲି କି, ଆଉ ଏଣିକି ରବିବାରକୁ ରବିବାର ନ କହି କହିବି ସୂର୍ଯ୍ୟବାର, ଗୁରୁବାରକୁ ନୁରୁବାର, ଶନିବାରକୁ ଖରବାର, ଏସବୁ ଆରସାଇ ବଡ ବାପା ବଡ଼ ବୋଉଙ୍କ ନାଁ।"

– "ମନ୍ଦିର, ଦେଉଳ କହିବନି। ମାଉସୀଙ୍କ ନାଁ ମନ୍ଦିରୀ, ମଉସାଙ୍କ ନାଁ ଦୋଳ, ଖୁଡ଼ୀଙ୍କ ନାଁ ପିତେଇ, ଦାଦାଙ୍କ ନାଁ ଜଗନ୍ନାଥ, ମାଇଁଙ୍କ ନାଁ ଜହ୍ନ, ମାମୁଁଙ୍କ ନାଁ କୁଳମଣି... ।"

– "ଥାଉ ! ଥାଉ ! ମୋ'ର ଏତେସବୁ ମନେ ରହୁନି। ତମେ ଗୋଟେ କାମକର। କାଗଜ ଖଣ୍ଡକରେ ଯାହାସବୁ କହୁଛ ଲେଖିଦିଅ। ମୁଁ ଆଜି ରାତିସାରା ବସି ସବୁତକ ମୁଖସ୍ତ କରିଦେବି।"

ନଣନ୍ଦ ଚୁପ୍‌ପଡ଼ିଯାଇ ଶାଶୁଙ୍କ ମୁହଁକୁ ଚାହିଁଲା।

ଶାଶୁ କହିଲେ, "ଦେଖିଲୁତ, ତୋ'ତେ କେମିତି ସେ ପାଠ ପଢ଼େଇ ଦେଲା। ମୋ ମୁହଁକୁ ଆଉ ଚାହିଁଛୁ କ'ଣ ?" ମା' ଝିଅ ଦିହେଁ ଯେମିତି ଆସିଥିଲେ, ସେମିତି ଫେରିଗଲେ...

ଏତେ ବ୍ୟସ୍ତତା ମଧ୍ୟରେ ବି ତନୁଜା ଟିକିଏ ହସିଦେଲା।

ଯାହାହେଉ ଟୋକୀକୁ ପାନେ ହେଇଛି... ।

Source: Author, Digitized by PPRACHIN, SOA

ବଡ଼ ଯା' ବରାଦ ଦେଲେ, "ଅନ୍ଧାର ଥିବ ବିଛଣା ଛାଡ଼ିବୁ। କେହି ନ ଉଠିବା ଆଗରୁ କୂଅ ମୂଳେ ଗାଧୋଇ ପଡ଼ିବୁ। ଆମର ପାଞ୍ଚଟା ପିତଳ ନୋଟା। ମାଜି ମୁଜି ପାଣି ଭରି ସେଥିରେ ମଲ୍ଲି ଫୁଲ ପକେଇ ପାଞ୍ଚ ଦୁଆରେ ଥୋଇ ଦେବୁ। ଶ୍ୱଶୁର, ଦେଢ଼ଶୁର, ଦିଅର ହୋଇ ତିନିଟା... ଦିଅଁଙ୍କ ଘରେ ଗୋଟାଏ। ଦାଣ୍ଡ ଦୁଆରେ ଗୋଟାଏ। ତା' ପରେ ଚା' କରିବୁ। ଶାଶୂ ଉଠିଲେ ତାଙ୍କ ପାଦ ଧୋଇ ପାଦୁକା ପାଇବୁ। ମୁଁ କରିଥିଲି। ଏଣିକି ତୁ ଆସିଲୁ। ହଁ! କାଲି ସକାଳୁ ସହଳ ଉଠିପଡ଼ିବୁ ଲୋ! ତୋ ଦେଢ଼ଶୁର ଭୁବନେଶ୍ୱର ଯିବେ।"

ତନୁଜା ନିରୁତ୍ତର। ଯେହେତୁ ସବୁ କଥାର ଉତ୍ତର ନଥାଏ।

ତା' ଛଡ଼ା ସିଏତ ଏମିତି ସେମିତି ଶସ୍ତା ଝିଅ ନୁହେଁ।

ପାଞ୍ଚଦୁଆରେ ପାଞ୍ଚଟା ମଜା ହୋଇଥିବା ପାଣିଭରା ନୋଟା ନାହିଁ। କିନ୍ତୁ ମଝି ଦୁଆରେ ଗୋଟେ ବଡ଼ ବାଲିଟିରେ ବାଲ୍‌ଟିଏ ପାଣି ଆଉ ପାଞ୍ଚଟା ପ୍ଲାଷ୍ଟିକ୍ ମଗ୍ ସଯତ୍ନେ ସାଇତା ହୋଇ ରଖାଯାଇଛି।...

ସବୁଠୁଁ ବଡ଼ କଥା ହେଲା ଘଣ୍ଟାରେ ସାତଟା ବାଜିଯାଇଥିଲେ ବି ମହାରାଣୀଙ୍କ ପହଡ଼ ଭାଙ୍ଗିନି। ଶାଶୂ ରକ୍ତ ଚାଉଳ ଚୋବଉଥିଲେ। ଶ୍ୱଶୁର ଖଣ୍ଡି କାଶ ମାରୁଥିଲେ। ଦେଢ଼ଶୁରଙ୍କ ହାତ ପାଆନ୍ତାରେ ଯାହା ପଡ଼ିଲା ଫୋପଡ଼ା କଚଡ଼ା କଲେ। ଯା' ସାଆନ୍ତାଣୀ ମଜା ଦେଖୁଥିଲେ। ସମସ୍ତଙ୍କୁ ତତେଇ ସାରିଲା ପରେ ଯାଇଁ ସେ କବାଟ 'ଖଟ୍ ଖଟ୍ କଲେ।

ନିଦ ମଳ ମଳ ଆଖିରେ ବାହାରି ଆସିଲା ତନୁଜା। ଅଶୋକ କଡ଼ ଲେଉଟାଇ ପୁଣି ଶୋଇ ଗଲେ।

ହଠାତ୍ ଗାଢ଼ ନିଦରୁ ଉଠି ପଡ଼ିଥିଲା ସେ। ମୁଣ୍ଡ ବୁଲାଉଛି... ନା ଆଉ ନୁହେଁ। ମଝି ଦୁଆରେ ବସି ପଡ଼ିଲା ତନୁଜା। ମୁଣ୍ଡରେ ଓଢ଼ଣୀ ନାହିଁ। କେଶବାସ ଅସଜଡ଼ା।

- ବାଃ !ରେ ନୂଆବୋହୂ..। ଶାଶୂ ଛଳେଇ ହେଲେ।

- ତମେ ଚୁପ୍ ହୁଅ। ତମ ପୁଅ ବାହାରକୁ ଯାଉଛନ୍ତି ପରା। ଏଇ ତୁ' ପୁଣି ଆଉ ବସିଲୁ କାହିଁକି ଯେ...? ତୋ' ଦେଢ଼ଶୁରଙ୍କୁ ତୁ' ଏକା ଜବତ୍ କଲାବାଲା। ସେ କ'ଣ ତୋ' ମୁକୁଳାକେଶ, ଅଧୁଆ ମୁହଁ ଦେଖି ଅନୁକୂଳରେ ଘରୁ ଗୋଡ଼ କାଢ଼ିବେ?"

ତନୁଜା ସେଠୁ ଉଠିଗଲା...

ଦେଢ଼ଶୁର ଘରୁ ବାହାରିଯିବା ପରେ ପରେ ହିଁ ଗୋଟେ ପ୍ରଚଣ୍ଡ ଝଡ଼ ତନୁଜା

Source: Author, Digitized by PPRACHIN, SOA

ଉପର ଦେଇ ବହିଗଲା "ହଁ ଲୋ! ଦିନ ଦଶୁଟାଯାଏଁ ଛାତିରେ ଛେପ ପକେଇ ଦେଇ ଶୋଇଗଲୁ। ବାସି ବିଛଣା ପଡ଼ିଥିଲେ କେହି କ'ଣ କେବେ ବିଦେଶ ଯାଏ। ତୋ' ମା' ଭାଉଜ ତୋତେ କ'ଣ ଏଇଆ ଶିଖେଇ ଥିଲେ? ତୁ କ'ଣ ଏସବୁ ଡମ ସାଇ ପଡ଼ିଶାରୁ ବି ଶିଖି ନ ଥିଲୁ? ଏତେ ନିଧଡକ। ଏତେ ବେଖିଆଲ୍। ତୁ' ପାଠକୁ ପଢ଼ିଛୁ ନା ପାଠ ତୋତେ ପଢ଼ିଛି ବା!" ଶାଶୁ ଯା' ଉଭୟଙ୍କର ଏପ୍ରକାର ରଣଚଣ୍ଡୀ ମୂର୍ତ୍ତି ଦେଖି ତନୁଜା ଭୟ ପାଇଯାଇଥିଲା। ନିଜକୁ ସଫେଇ ଦେବାକୁ ଯାଇ ସେ କହି ପକେଇଲା "ସେତ ଶୋଇଛନ୍ତି। ହେଇ ଏତେବେଳଯାଏଁ ବିଛଣା ଛାଡ଼ି ନାହାଁନ୍ତି। ତାଙ୍କୁ ତ କେହି କିଛି କହୁନା? କ'ଣ ସେ ଏଘରର ପୁଅ ବୋଲି, ତାଙ୍କ ମା'ର ପୁଅବୋଲି। ମୁଁ କ'ଣ ମୋ ମା'ର ଝିଅ ନୁହେଁ କି। ଏତେ ପକ୍ଷପାତ କାହିଁକି ଯେ? ତାଙ୍କରିଯୋଗୁଁ ହିଁ ତ ମୁଁ ଢ଼େର ରାତିଯାଏଁ ଶୋଇ ପାରି ନଥିଲି।" କହୁ କହୁ ଟିକିଏ ଅଟକି ଗଲା ସେ।

ଶାଶୁ କହିଲେ, "ବୁଝାଲୋ ବଡ଼ବୋହୂ! ତା'କୁ ବୁଝା!" ଏତକ କହି ଶାଶୁ, ସେଠୁ ଚାଲିଯାଇଥିଲେ। ଅଶୋକ ଉଠି ପଡ଼ିଥିବାରୁ ବଡ଼ବୋହୂ ଲାଜେଇ ଯାଇ ଆପଣା କାମରେ ମନଦେଲା।

ତନୁଜା କିନ୍ତୁ ଦୁଇହାତରେ ମୁଣ୍ଡଟାକୁ ଚିପିଧରି ବସିଥିଲା ସେଇଠି।

ଅଶୋକ ତା'ପାଖକୁ ଲାଗିଆସି ପ୍ରେମଗଦ୍‌ଗଦ୍ ହୋଇ କହୁଥିଲେ, "ଏଇ! ବୋଉ ଆଉ ଭାଉଜଙ୍କ ସାମ୍ନାରେ ମୋ ନାଁରେ କ'ଣ ସବୁ ନାଲିସ୍ କରୁଥିଲ ଏଁ...! ମୁଁ ତୁମକୁ ରାତିସାରା...!

ତନୁଜା ଏଥର ନିଜକୁ ସମ୍ଭାଳି ପାରିଲାନି। କାନ୍ଦି ପକେଇଲା...। ପିଲାଟି ଦିନୁ ତ ସେ ବାହାରେ ହଷ୍ଟେଲ ଜୀବନ ବିତାଇଥିଲା। ଆଉ ସଣ୍ଢଣା ଶିଖିଥାନ୍ତା କେତେବେଳେ ଯେ; ଖୁବ୍ ସକାଳୁ ତ ସେ ତା' ପଢ଼ାବେଳେ ଉଠିବା ଶିଖିଛି। ରେଗୁଲାର ଅନର୍ସ କ୍ଲାସ, ପ୍ରାକ୍‌ଟିକାଲ କ୍ଲାସ ଆଟେଣ୍ଡ କରିଛି। କିନ୍ତୁ ଗତକାଲି ତା' ଡ଼େରିରେ ଉଠିବା ପାଇଁ ତ ସେ ଦାୟୀ ନୁହେଁ.., ଦାୟୀ ଅଶୋକ... ସେ ଅଶୋକକୁ କିଛି ନକହି ଖାଲି କାନ୍ଦିଲା... ଆଉ କାନ୍ଦିଲା...।

ଦିନକୁ ଦିନ ଗଞ୍ଜଣା ବଢୁଥିଲା। ତନୁଜାର କଅଁଳ ମନଟା ଫିକା ପଡ଼ିଆସୁଥିଲା... ବେଳେବେଳେ ତା' ଚିନ୍ତାରାଜ୍ୟକୁ ପଶି ଆସୁଥିଲେ ବାପା, ବୋଉ, ସାନଭାଇ... ଆଉ ପଡ଼ିଶା ଘରର ଲକ୍ଷ୍ମୀଭାଉଜ! ଆଃ! କାହିଁ ସେ ଆଦର! କାହିଁ ସେ ଆପଣାର ଭାବ...! ବୋଉ କୌଣସିଟା କାମ କରିବାକୁ ଦିଏନି...। ବାପା ଟିଫିନ୍ ଯାଚନ୍ତି...। ବେଳେ ବେଳେ ବି ଚାମଚ ଧରି ଖୋଇଦିଅନ୍ତି। ସେ ଖାଉଥାଏ ଏବଂ ପଢୁଥାଏ। ଖାଇବା

Source: Author, Digitized by PPRACHIN, SOA

ଭିତରେ ବହି ଭିତରେ ହିଁ ବୁଡ଼ି ରହିଥାଏ ।

କିନ୍ତୁ ଶାଶୁଘରେ ସେସବୁ ଆଜି ତା' ପାଇଁ ସ୍ୱପ୍ନ ହୋଇଯାଉଛି..., ପୂର୍ବରୁ ଯାହା ଯେମିତି ଚାଲୁଥିଲା, ଚାଲୁଥିଲା । କିନ୍ତୁ ସେଦିନ କୁଆଁର ପୂନେଇ ତିଥିରେ ଯାହା ସବୁ ଘଟିଗଲା ତାହାଥିଲା ଅବର୍ଣ୍ଣାତୀତ ।

ସେଦିନ ଅଶୋକ ଘରେ ନଥିଲେ । ଗାଁ ଝିଅଙ୍କର ଦିନସାରା ତାଙ୍କରି ଘରେ ଅର୍ଦ୍ଧଳି । ଅଳତା, ଚନ୍ଦନଟିପା, ଶାଢ଼ୀ, ଚୂଡ଼ିର ହୋ ହଲ୍ଲାରେ ତନୁଜା ହଜିଯାଇଥିଲା ସେମାନଙ୍କ ସାଥୀରେ । ଭାଣିଜୀ ଆସିଥିଲେ ଚାନ୍ଦପୂଜିବା ପାଇଁ... ।

ଏମିତିରେ ତ ତା' ବାପଘରୁ କେହି ଆସନ୍ତି ନାହିଁ ।

ଆସନ୍ତିନାହିଁ କହିଲେ ଭୁଲ୍ ହେବ । ଆସିବାକୁ ମନା ଅଛି । ଯେଉଁ ଦିନ ଟି.ଭି.; ଫ୍ରିଜ୍ ଆସିବ, ସେହି ଦିନ ହିଁ ସେମାନେ ଏଠି ପାଦ ପକେଇବେ ।

କୁଆଁର ପୂନେଇ ଆସିଲେ ଘର ମନେପଡ଼େ । ଯେଉଁଠି ଥାଉ, ଯେମିତି ଥାଉ ସେ ଘରକୁ ଧାଇଁଆସେ । ମନେ ଅଛି ମାଟ୍ରିକ୍ ପରୀକ୍ଷା ବର୍ଷକଥା । ଗାଁର ସାଙ୍ଗମାନେ ଠିକ୍ କଲେ ସାରା ରାତିଟା କେବଳ ହସିଖେଳି ଗୀତ ଗାଇ କଟେଇ ଦେବେ । ଉଜାଗର ରହି ଚାନ୍ଦ ପୂଜିଲେ ଚନ୍ଦ୍ରଉଦିଆ ବର ପାଇବେ । ଚାନ୍ଦ ଘରେ ଚାନ୍ଦ ଚକଟା ଖାଇ ଛାତ ଉପରକୁ ଉଠିଯାଇଥିଲେ ପନ୍ଦର କି କୋଡ଼ିଏ ସରିକି ସାଙ୍ଗଝିଅ । ରାତି ଅଧକୁ ବାପା ଆସି ପହଞ୍ଚିଗଲେ ଏବଂ ସାଙ୍ଗରେ ଘରକୁ ଡାକି ନେଇଗଲେ । ପାଠପଢୁଆ ଝିଅ । ଗାଁର ମୂର୍ଖଝିଅଙ୍କ ସାଥୀରେ ସାଥୀ ହେଲେ ମୂର୍ଖ ହୋଇଯିବ... ।

ସେ ଗୋଡ଼ କଚାଡ଼ିଲା । ବୋଉ ଉପରେ ରାଗିଲା । ଗୋଟିଏ ଦିନରେ ପାଠପଢ଼ା କ'ଣ ମାରା ହେଇଯାଉଥିଲା ଯେ ? ବାପା ଦାଣ୍ଡ ଘରେ ସାନଭାଇକୁ କିଛି କହୁଥିବାର ସେ ଶୁଣି ପାରୁଥିଲା ।

- ତୁମେ ଏମିତି କିଛି ଗୋଟେ କର । ଯାହା ଆଗରୁ କେହି କରି ନଥିବେ, ଅଦୃଷ୍ଟପୂର୍ବ, ଅଶ୍ରୁତପୂର୍ବ । ନୂଆ, ନୂଆ ଆବିଷ୍କାର । ନୂଆ ନୂଆ ଉଦ୍ଭାବନ । ନୂଆ କଥା । ନୂଆ ତଥ୍ୟ । ଅବଶ୍ୟ ସେଥିପାଇଁ ସାହାସ ଥିବା ଦରକାର । ସାହସୀ ହୁଅ ! ନିଜେ କିଛି ରୋଜଗାର କରିବାକୁ ଚେଷ୍ଟା କର । ସେଇ ପଇସାରେ କିଛି ଶିକ୍ଷଣୀୟ ମାଗାଜିନ୍ କିଣ । ନିର୍ଭୟ ହୁଅ । ସମାଜଠୁଁ ନେଇଛ । ସମାଜକୁ କିଛି ଦିଅ ।"

ବାପା ଯାହାସବୁ ଉପଦେଶ ଦିଅନ୍ତି କେବଳ ସେଇ ସାନଭାଇ ତନ୍ମୟକୁ । ବରଂ ବୋଉ ଯଦି ତା ବିରୁଦ୍ଧରେ ବାପାଙ୍କ ନିକଟରେ କିଛି ଫେରାଦି ହୁଏ ବାପା କହନ୍ତି, "ମୋ' ଝିଅ ସବୁ ଝିଅଙ୍କ ପରି ନୁହେଁ । ତା'ଠି ଗୋଟେ ଚମତ୍କାରିତା ଲୁଚି ରହିଛି । ସେ

Source: Author, Digitized by PPRACHIN, SOA

ନିଶ୍ଚେ ତା' ଜୀବନରେ କିଛି ଗୋଟେ ହେବ ଏବଂ ସେଥିରେ ସେ ନାଁ କରିବ।"

ବାପାଙ୍କ କଥା ତନୁଜାର ମୁଣ୍ଡରେ ପଶେନି।

କିନ୍ତୁ ସେ ଜାଣିଥିଲା, କେବଳ ଘରସଂସାରରେ ସେ ଜୀବନକୁ ଶେଷ କରି ଦେବାକୁ ଜନ୍ମ ନେଇନି। ଜୀବନର ଶେଷକଥା ସ୍ୱାମୀ କି ଶାଶୁଘର ନୁହେଁ କି ଜୀବନର ଅନ୍ୟନାମ ଯନ୍ତ୍ରଣା ନୁହେଁ।

ହଁ ଶାଶୁଘରେ ପ୍ରଥମ କରି ତା' ଜୀବନର ଶେଷପୂଜା...।

ଘର ସାମ୍ନାରେ ତୁଳସୀ ଚଉରା। ଚଉରା ସାମ୍ନାରେ ଖଇ, କାକୁଡ଼ିର ପୂଜାଡାଲା ପଚିଶରୁ କମ୍ ହେବନି। ସଂଜଗଡ଼ି ପଡୁଛି। କେବଳ ପୂଜକକୁ ଅପେକ୍ଷା।

ଶାଶୁ ତନୁଜାକୁ ବରାଦ ଦେଲେ ଚଉରାମୂଳେ ସଞ୍ଜବତୀ ଜାଳି ଦେବାକୁ

ଦାଣ୍ଡ ଘରୁ ଅଗଣାକୁ ବ୍ୟାପିଯାଇଛି ଲୋକ ଗହଳି।

ସମସ୍ତେ ଗୁରୁଜନ। ଦେଢ଼ଶୁର, ମଳାଶୁର ଇତ୍ୟାଦି। ସେମାନଙ୍କ ସାମ୍ନାକୁ ଯିବା ମନା। ହେଲେ ସେ ଯିବ କେମିତି? ଅଗତ୍ୟା ବାଧ ହୋଇ ସେ ରୋଷେଇ ଘର ଗଳି ବାଟଦେଇ ସଞ୍ଜବତୀ ଧରି ଚଉରା ମୂଳକୁ ଗଲା...।

- ଆଇ ଲୋ, ଆଇ! ସବୁ ସରିଗଲା ଆଇ! ସାନମାଇଁ ସବୁ ସାରିଦେଲା!"

- କାହିଁକି ଏମିତି ଚିଲା ଛାଡୁଛୁ କିଲୋ? କ'ଣ ହୋଇଛି?"

ଭାଣିଜୀ ସୁକୁଟୀ ଧାଇଁ ଆସି କହିଦେଲା "ସାନମାଇଁ ଚପଲ ପିନ୍ଧି ଚଉରାମୂଳେ ସଞ୍ଜ ଦେଉଛି, ଦେଖିବୁ ଆ!

ଆଉ କି ଶାଶୁ ସମ୍ଭାଳାପଡ଼ନ୍ତି। ରଣଚଣ୍ଡୀ ମୂର୍ତ୍ତି ଧରି ସେ ଧାଇଁ ଆସିଲେ ଏବଂ ତନୁଜାର ଗାଲରେ ଠାଏ, ଠାଏ କରି ଦୁଇଟା ଚଟକଣି ବସେଇ ଦେଲେ...। ସାରା ଗାଁଟା ଚହଳ ପଡ଼ିଗଲା - ବୋହୂଟା ସତରେ ବଡ଼ବେ - ଫାଇଦା, ପାଠ ଦି' ଅକ୍ଷର ପଢ଼ିଛି ସିନା ହେଲେ କୋଉ ଗୁଣକୁ ନୁହେଁ...।

ଘଟଣା ହୁଏତ ଆହୁରି ଭୟାନଙ୍କ ରୂପ ନେଇ ଥାନ୍ତା। କିନ୍ତୁ କୌଶିକର ହସ୍ତକ୍ଷେପ ଫଳରେ ଅବସ୍ଥା ଶାନ୍ତ ପଡ଼ିଲା।

ସବୁରି ଘରେ ନିତିଦିନ କିଛିନା କିଛି ଘଟୁଛି, ହେଲେ କଥା ପଦାକୁ ଆସୁନି। ଅଥଚ ତନୁଜା କଥା ଦାଣ୍ଡରେ ପଡ଼ି ହାଟରେ ଗଡ଼ ଗଡ଼ଉଛି...।

ରାତି ଏଗାରଟା ସୁଦ୍ଧା ଅଶୋକ ଆସି ପହଞ୍ଚି ଗଲେ। ତନୁଜା ଶୋଇଥିଲା

Source: Author, Digitized by PPRACHIN, SOA

ମାତ୍ର ଆଖିରେ ତା'ର ନିଦ ନଥିଲା। ଶାଶୁ ଯା ରୋଷେଇ ଘରେ ରୋଷେଇରେ ବ୍ୟସ୍ତ ଥିଲେ।

ରାତି ଏତେ ହେଲାଣି। ରୋଷେଇ ସରିନି। କ'ଣ ହେଉଥିଲା କି? ବୋଉ ରାନ୍ଧୁଛି। କିନ୍ତୁ ତମେ ଏଠି?

ତନୁଜା କିଛି କହିଲାନି

ଆଜି ଓଷା ଉପବାସ। ବୋଧହୁଏ ସେଇଥିପାଇଁ। ଅଶୋକ ଆଉ କିଛି ନପଚାରି ଖାଇ ବସିଲା। ସାଥୀରେ ଥିଲା ସୁକୁଟୀ...।

ମା' କହିଲେ, "ସାନ କଥା ଶୁଣିଛୁ?"

- କାଇଁ ନା ତ! କଣ ହୋଇଛି?"

- ଆଜି ସେ ଚପଲ ପିନ୍ଧି ଚଉରାମୂଳେ ସଞ୍ଜବତୀ ଦେଲା"

- ତା ପିଠିରେ ଦେଲୁନି ଦି'ବିଧା କଷି।"

- ସେ କଥା କ'ଣ ମୁଁ ବାକିରଖିଛି। ଛିଃ! ଛିଃ! ରାଇଜ ଉଠିଗଲା କଥା, ଏ ସୁକୁଟୀ ମୁଣ୍ଡରେ ଯାହା ଅଛି ତା'ଠି ନାଇଁ, କି ଯୋଗରେ ମଣିଷ ସେ ଘରେ ବନ୍ଧୁ ସମ୍ବନ୍ଧ କଲା ଯେ, ଆମେ ଯାହା ଭୋଗୁଛେ ତା'ମା ଗଙ୍ଗେଇ ଜାଣେ। ନା'ଧନ! ନା' ମାନ। ପାଠକୁ କ'ଣ ଚାଟିବି। ମାଆଲୋ! ମୋ ପାଠୋଇ ବୋହୂ!"

ବାରବର୍ଷର ଝିଅ ସୁକୁଟୀ ମନକୁ ଆଈ ମା'ର କଥା ବେଶ୍ ପାଇଗଲା। ସାଙ୍ଗେ ସାଙ୍ଗେ ସେ ଆଉପଦେ ଯୋଡ଼ି ଦେଇ କହିଲା।

ମା ଆ ଲୋ! ପାଠ ପଢୁଆ ବୋହୂ...।

ହାତୀ ଆଣିଛି ମାହୁନ୍ତ ନାହିଁ...। ଘୋଡ଼ା ଆଣିଛି...।"

ତା'ସହିତ ଅଶୋକ ସ୍ୱରଧରି ଆଉ ପଦେ ଯୋଡ଼ି ଦେଲା। "ପାଠ ପଢ଼ିଛି ଅକଲ ନାହିଁ...। ନାଁ କ'ଣ ସୁକୁଟୀ! ତୁ'ଆଜିଠୁଁ ତୋ'ମାଇଁକୁ ଦି'ବେଳା ଘଣ୍ଟେ ଲେଖା ଟ୍ୟୁସନ୍ କର! ତାକୁ ଅକଲ ଶିକ୍ଷା...!"

- ଆରେ ସେ ତୋ'ଭାଣିଜୀ ପରା! ତା'ସାଙ୍ଗରେ ଅଟା!" ମା କହିଲେ।

- ନାଇଁମ ବୋଉ ମୁଁ କ'ଣ କହୁଥିଲି କି କୌଶିକକୁ ତୁ ଏମିତି ଗୋଟେ ଝିଅ ସାଥୀରେ ବାହା ଦେବୁ ଯେ ସେ ଯେମିତି ଜମାରୁ ପଢ଼ି ନଥିବ। ଯଦିବା ପଢ଼ିଥିବ ଯାଇ ତାଇ, ମାଇନର କି ମାଟ୍ରିକ୍ ମାନେ ଭାଉଜଙ୍କ ପରିକା।"

Source: Author, Digitized by PPRACHIN, SOA

ଏ କଥା ଶୁଣିବା ମାତ୍ରେ ଭାଉଜ ସେଠା ଛାଡ଼ି ତା'ଙ୍କ ଶୋଇଲା ଘରକୁ ଚାଲିଗଲେ।

– ହଇରେ ହେ! ମୋତେ ଛଳେଇ କହୁଛୁ ନା କ'ଣବା? ତୋ' ଭାଉଜର କେଉଁ ଗୁଣକୁ ସେ ସରିକିରେ? ତା'ପରି ବୋହୂ ନ ଥିଲେ ତ ଏଘର କୋଉ ଦିନୁ ଉଛନ୍ନ ହୋଇ ସାରନ୍ତାଣି। ଖାଲି ବୋହୂତ ପାଇନି। ବନ୍ଧୁ ଭଳିଆ ବନ୍ଧୁଟେ ପାଇଛି। ତା'ବାପ ପରା ରାତାରାତି ଲକ୍ଷେ ଟଙ୍କା ତୋ'ବାପ ଗାମୁଛାରେ ବାନ୍ଧିଦେଲା। ତୁ କ'ଣ ସେ କଥା ଜାଣିନୁଁ? ହଁ ଜାଣିଛି ସବୁ ଜାଣିଛି ଛାଡ଼ ସେ ସବୁ...। ମୋତେ ବଡ଼ ବ୍ୟସ୍ତ ଲାଗିଲାଣି। ଦିନଟା ସାରା ଆଜି ଖଟଣି।"

...ସମସ୍ତେ ଶୋଇ ଗଲେଣି, କିନ୍ତୁ ଶୋଇ ନଥିଲେ ସେ ଦୁଇଜଣ। ତନୁଜା ଆଉ ଅଶୋକ। ତନୁଜା ଭାବୁଥିଲା ତା'ର ଦୋଷ କ'ଣ? ରୋଷେଇ ଘର ଗଳିଟା ଅଇଁଠା ଭାତ, ପରିବା ଚୋପା ପଡ଼ି ବଡ଼ ଅପରିଷ୍କାର। ସେଥିରେ ସେ ଖାଲି ପାଦରେ ଯାଇ ଥାନ୍ତା କେମିତି?

ଅଶୋକ ତନୁଜାକୁ ନେହୁରା ହେଲା। "ବାହାରେ ବଢ଼ିଆ ଜହ୍ନ! ଚାଲ ଛାତ ଉପରକୁ ଯିବା ସେଠି ବସି ଗପ କରିବା। ତନୁଜା କିନ୍ତୁ ତା'କଥା ମାନିଲାନି। ଏଥର ଅଶୋକ ତା' ଗାଲରେ ଉଷ୍ଣ ଚୁମ୍ବନଟେ ଦେଇ ପାଖକୁ ଭିଡ଼ି ଆଣିଲା। ତନୁଜା ଖୁବ୍ ଯୋର୍‌ରେ ତା'ହାତ ଛାଟିଦେଲା।

ଏମିତି ଟଣା ଓଟରାରେ ତନୁଜାର କାଣି ଆଙ୍ଗୁଠିଟା ଅଶୋକର ବାଁ ଆଖିରେ ବାଜିଗଲା। ଅଶୋକର ରାଗ ପଞ୍ଚମକୁ ଉଠିଗଲା। ବିଧା, ଗୋଇଠା, ଥାପଡ଼ରେ ସେ ତନୁଜାର ସମଗ୍ର ଶରୀରଟାକୁ ଅସ୍ତବ୍ୟସ୍ତ କରି ପକେଇଲା।

– ବୋଉ ଲୋ, ବାପ ଲୋ! ମରିଗଲି ଚିତ୍କାରରେ ଘରର ସମସ୍ତ ସଦସ୍ୟ ଉଠି ପଡ଼ିଲେ, ମାତ୍ର ଅଶୋକର ସମ୍ନାକୁ ଆସିବାକୁ କେହି ସାହାସ କରିପାରୁ ନଥିଲେ।

ତନୁଜା ମାଡ଼ ଖାଇ ତଳେ ପଡ଼ିଯାଇଥିଲା। ହଠାତ୍ ସେ ଉଠିପଡ଼ିଲା ଏବଂ ତା'ସାମ୍ନାରେ ଥିବା ରେଡ଼ିଓ, ଘଡ଼ି, ଗ୍ଲାସ, ଚେୟାରକୁ ଦୁଲ ଦାଲ କଚାଡ଼ିବା ଆରମ୍ଭ କରିଦେଲା। ତନୁଜା ରାଗରେ ସଁ ସଁ ହୋଇ କମ୍ପୁଥିଲା। ଅନ୍ୟମାନେ ଭୟପାଇ ଯାଇଥିଲେ। ଏପରିକି ନିଜେ ଅଶୋକ।

ଶେଷକୁ ସେ ଡ୍ରେସିଂ ଟେବୁଲଟା ଝିଙ୍କି ଆଣୁଥିଲା ବେଳକୁ ଅଶୋକ ପାଟି କଲା – "ଏଇ! ସେଥିରେ ହାତ ଲଗାନା। ଆଉ ଯଦି କିଛି ଭଙ୍ଗା ଭଙ୍ଗି କରୁ ତୋ' ହାତ ଦି'ଟାକୁ ଭାଙ୍ଗିଦେବି କହୁଛି। ନିଜକୁ ସମ୍ଭାଳେ।"

Source: Author, Digitized by PPRACHIN, SOA

ଅଶୋକ ପାଟିରୁ କଥା ନ ସରୁଣୁ ତନୁଜା ତା'ର ଦୁଇ ହାତକୁ ଖୁବ୍ ଯୋର୍‌ରେ କାନ୍ଥରେ ପିଟିବାକୁ ଆରମ୍ଭ କଲା। ସବୁତକ ଚୂଡ଼ି ରଣଝଣ ହୋଇ ଭାଙ୍ଗିଗଲା। କିନ୍ତୁ ରକ୍ଷା ! ଦୁଇ ହାତରେ ଦୁଇ ପଟ ସୁନା ଚୂଡ଼ି ରହିଯାଇଥିଲା। "ଭାଙ୍ଗିଦେ ! ଭାଙ୍ଗିଦେ !" ଆଉ ସେ ଦି'ପଟ ରଖିଲୁ କାହିଁକି ଯେ ? ନ ପାରୁଛୁ ଯଦି ହାତ ଦେଖା ମୁଁ ଭାଙ୍ଗିଦେବି।

– ହୁସିଆର୍ ମୋ ପାଖକୁ ଆସନା। ମୋତେ ଛୁଅଁନା କହୁଛି, ନଚେତ୍

– କ'ଣ କରିବୁ ଏଁ ? କ'ଣ କରିବୁ ?" କହି ତା' ଆଡ଼କୁ ଅଶୋକ ପୁନର୍ବାର ଝାମ୍ପି ପଡ଼ିଲା ବେଳକୁ ଅନ୍ୟମାନେ ତା'କୁ କାବୁ କରିନେଲେ।

ଏଥର ଶାଶୁ କହିଲେ, "ତୁ ଯଦି ଠିକ୍ ତୋ ବାପର ପୁଅ ହୋଇଥିବୁ ତା'ହେଲେ ତା'କୁ କାଲି ସକାଳୁ ନେଇ ତା'ବାପଘରେ ଛାଡ଼ିଦେଇ ଆସିବୁ। ସେ ତା'ହାତରୁ ଚୂଡ଼ିଭାଙ୍ଗି ଦେଇ ସାରିଲାଣି ଆଉ ତା'ଠି କି ସଂପର୍କ !"

– ହଁ ଠିକ୍ କଥା। ଅପଣା ହାତରେ ହିଁ ତ ସେ ସବୁ ଶେଷ କରି ଦେଇଛି ?" ଅଶୋକ କ୍ଷୋଭର ସହ କହୁଥିଲା।

– "ଏ ଚୂଡ଼ି ପିନ୍ଧିବା ଆଗରୁ ମୋ ଜୀବନରେ କେହି ଆସି ନଥିଲେ କି ନ ପିନ୍ଧିଲା ପରେ ବି ତମ ଛଡ଼ା ଆଉ କେହି ଆସିବେନି।" ତନୁଜା କହିଲା।

"କ'ଣ ମିଳିବ ମୋତେ ଆଉ ସେ ଅଲଣାକଥାରୁ।"

ତହିଁ ଆରଦିନ ତନୁଜାକୁ ସାଥୀରେ ଧରି ଅଶୋକ ତା'ବାପଘରେ ପହଞ୍ଚିଲା। ପହଞ୍ଚି ଗଲାକ୍ଷଣି ହଠାତ୍ ସେ ଆପଣାର କାନଧରି ତନୁଜାର ବାପା, ବୋଉଙ୍କ ସାମ୍ନାରେ ଦଶଥର ଉଠ୍‌ବସ୍ ହୋଇଗଲା। 'ଜ୍ୱାଇଁବାବୁଙ୍କର ଏପ୍ରକାର ବ୍ୟବହାରରେ ସେମାନେ ହତବମ୍ଭ ହୋଇ ପଡୁଥିଲେ। କଥା କ'ଣ ?

ଅଶୋକର ଏ ଅବସ୍ଥାଦେଖି ତନୁଜାକୁ ଯେତିକି ହସ ଲାଗୁଥିଲା ତା'ଠାରୁ ଦୟା ହେଉଥିଲା ବେଶୀ।

ଅଶୋକ ସେଇ ଦିନହିଁ ସେଠୁ ଫେରିଗଲା ଏବଂ ଗଲାବେଳେ କହିଦେଇଗଲା, "ତମ ଝିଅ ଯଦି ସୁଧୁରିବ ତା'ହେଲେ ତା'କୁ ନେଇ ଆମଘରେ ଛାଡ଼ିଦେଇ ଆସିବ, ନହେଲେ ନାଇଁ।"

ତନୁଜାର ଏପ୍ରକାର ପାଗଳାମୀରେ ବୋଉ ବିରକ୍ତ ହେଲା। କହିଲା 'ବାହାଘର ପରେ ଝିଅର ଶାଶୁଘର ତା'ପାଇଁ ସବୁକିଛି, ମଲେ ସେଇଠି, ଗଲେ ସେଇଠି',

ବାପା କିଛି କହିଲେନି।

Source: Author, Digitized by PPRACHIN, SOA

ତନୁଜାକୁ ବଡ଼ ହାଲୁକା ଲାଗୁଥିଲା। ସତେକି ମଥା ଉପରେ ଲଦା ହୋଇଥିବା ଭାରି ବୋଝଟାକୁ କିଏ ଓହ୍ଲେଇ ଦେଇଛି ତା'ଠୁଁ। ସେ ଏବେ ମୁକ୍ତ। ସଂପୂର୍ଣ୍ଣ ମୁକ୍ତ! ତା'ସାମ୍ନାରେ ଖୋଲାପଡ଼ିଆ। 'ମୁଣ୍ଡ ଉପରେ ନୀଳନିର୍ମଳ ଆକାଶ, ଦୂରରେ ପାହାଡ଼ର ସବୁଜିମା। ଆଃ! କି ଚମ୍‌କାର। ଏତେକାଳ ସେ କେମିତି ଗୋଟେ ଅନ୍ଧକୂପ ମଧ୍ୟରେ ଥାଇ କାଳ କାଟୁଥିଲା ? ବାପା ବୋଉ ଜନ୍ମ ଦେଇଛନ୍ତି, ବଢେଇଛନ୍ତି, ପାଠ ପଢେଇଛନ୍ତି। ଏମିତିକି ବାହା କରେଇଛନ୍ତି, ହେଲେ କର୍ମ ତ ଦେଇ ନାହାଁନ୍ତି ? ଏଣିକି ତା'ଭାଗ୍ୟ ତା ଆପଣାର ହାତମୁଠାରେ। ନାରୀ ହେଲେ ବି ତ ସେ ମଣିଷ। ମଣିଷଟି ଭଳି ସେ ବଞ୍ଚି ଶିଖିବ।

କୋଉ ସୀତା, କି କେଉଁ ଦ୍ରୌପଦୀ ତା'ପାଇଁ ଆଦର୍ଶ ନୁହଁନ୍ତି।

■ ■

Source: Author, Digitized by PPRACHIN, SOA

ମାଟି କଣ୍ଢେଇ

ତୋ’ ସଂସାର ଏବେ ଭାସିଯିବା ଉପରେ। ନେଡ଼ିଗୁଡ଼ କହୁଣୀକୁ ବୋହି ଗଲାଣି। ଏକଥା ବହୁ ପୂର୍ବରୁ ମୁଁ ତୋତେ ସୂଚେଇ ଦେଇଛି। ତୁ କିନ୍ତୁ ମୋ କଥା ଶୁଣିଲୁନି।

- ମା ! ମୋର ଭୁଲ୍ ହୋଇଛି ମା !

- ହଁ ତୁ ଭୁଲ୍ କରିବୁ। ଆହୁରି ଭୁଲ୍ କରିବୁ।

ନା ମା’ନା ! ଅନ୍ଧ ଥରେ ବାଡ଼ିହଜାଏ। ଏଥିପାଇଁ ଯଦି କିଛି ପ୍ରତିକାର ଥାଏ ମାନେ ବାଆକୁ ବତା ! ଖରାକୁ ଛତା। ବର୍ଷା ପାଇଁ ବି ତ ଛତା ଅଛି ମା !

- କିନ୍ତୁ ମହାବାତ୍ୟାକୁ ? ଝଡ଼ ତୋଫାନକୁ ? ସେ ଛତା ଆପେ ଓଲଟି ପଡ଼ିବ ସିନା।

- ତଥାପି... ।

- ଅଛି ! କିନ୍ତୁ ସେଥିପାଇଁ ତୋତେ କିଛି ମୂଲ୍ୟ ଦେବାକୁ ପଡ଼ିବ। ତୋ’ ସହିତ ମୋତେ ବି ସେଥିପାଇଁ ସାଧନା କରିବାକୁ ହେବ। କାଳିସାଧନା। ତୋ ସ୍ୱାମୀ ପୁଣି ଫେରିବ। ବଳେ ବଳେ ବାଟକୁ ଆସିଯିବ। ତା’ଯଦି ନହୁଏ ମୁଁ ଏ ପୂଜାପାଠ ଛାଡ଼ି ଦେବି। ସତ୍ୟ, ସତ୍ୟ, ସତ୍ୟ, ତ୍ରୀବାର ସତ୍ୟ ! କ’ଣ ରାଜି ?

- ହଁ ମା ! ମୁଁ ରାଜି ! ମୋତେ କ’ଣ କରିବାକୁ ହେବ କୁହନ୍ତୁ ମା ! କହୁ କହୁ ସ୍ତ୍ରୀ ଲୋକଟି କାନ୍ଦି ପକେଇଲା।

- ଏଇ ଶୁଣ ! ତୁ’ସେ ସକେଇବା ବନ୍ଦକର। ତମ ବାଡ଼ିରେ ଗୋଟେ ନିମ୍ବଗଛ ଅଛି ?

- ହଁ ମା ! ଅଛି !

- ତା ତଳେ ଗୋଟେ ଉଇହୁଙ୍କା ?

- ହଁ ମା !

- ସ୍ୱୟଂ ମହାଦେବ ସେ। ତାଙ୍କୁ ଅବହେଳା କରିବୁନି। ନେ ଏ ତାବିଜଟା ନେ, ନାଲି ସୂତାରେ ବାମ ହାତରେ ଧାରଣ କରିବୁ। ପ୍ରତି ସୋମବାର ନଡ଼ିଆ, କଦଳୀ, ଅରୁଆ ଚାଉଳ, ମୁଗଜାଇ ଏଠି ଆଣି ପହଞ୍ଚେଇ ଦେବୁ। ତୁ ନିଜେ ଆସ୍। ନଚେତ୍ କାହା

Source: Author, Digitized by PPRACHIN, SOA

ହାତରେ ପଠା। ତୋ' ମନସ୍କାମନା ପୂର୍ଣ୍ଣହେଲେ ପଞ୍ଚପରମେଶ୍ୱରଙ୍କୁ ଭୋଜନ କରାଇବୁ। ଭୂରି ଭୋଜନ। ଯଦି ଏଥିରେ କିଛି ଫଳ ନ ପାଇଲୁ। ତେବେ ତୁମ ଦୁଇପ୍ରାଣୀଙ୍କୁ ଜଗନ୍ନାଥ ଧାମ ଯିବାକୁ ହେବ। ସେଠି ବାଇଶ ପାହାଚରେ ତୁମ ଦୁଇଜଣଙ୍କର ପୁନର୍ବିବାହ ହେବ। ତା'ହେଲେ ଯାଇଁ ସର୍ବସିଦ୍ଧି ସର୍ବ କୁଶଳ। ଅବଶ୍ୟ ଏଥିପାଇଁ ଟଙ୍କା ଦୁଇ ତିନିହଜାର ଲାଗିଯିବ। ଟଙ୍କା ପାଇଁ କଥା ନାହିଁ ମା! ଯାହା ଲାଗିବ, ଦେବି। କିନ୍ତୁ ସେ ସେଠିକୁ ଯିବାକୁ ରାଜି ହେଲେତ?

- ସେ ଦାୟିତ୍ୱ ମୋର। ତୋର କିଛି କରିବା ଦରକାର ନାହିଁ। ତୁ' ଯା। ଯାହା କହିଲି ଅକ୍ଷରେ ଅକ୍ଷରେ ପାଳନ କର। ଅଯଥା ଆଉ ବାକ୍ୟାଳାପ କରନାହିଁ। ଅନ୍ୟ ଭକ୍ତ ମାନେ ଅଛନ୍ତି।

- ହଁ ତମେ ଆସ! ତୁମ କାମ କେତେ ଦୂରଗଲା? ମୋ କହିବା ମୁତାବକ ପ୍ରତିଦିନ ମନ୍ତ୍ର ପାଠ କରୁଛତ?

ହଁ ମା! କିନ୍ତୁ ସେ ଲୋକ ମୋତେ ଆଜି ଆସ କାଲି ଆସ କହି ପ୍ରତିଦିନ ଠକୁଛି, ଆଉ କେତେଦିନ ଡ଼େରି ହେବ ମା!

ଜୀବନ ସାରା ସେ ମନ୍ତ୍ର ତମେ ଜପୁଥିଲେ ବି ତମ କାମ ପୂରା ହେବନି। ତଳକୁ ମଥା ପୋତି ଗମ୍ଭୀର ସ୍ୱରରେ କହିଲେ ମା!

- ମା! ଯୁବକଟି କାତର କଣ୍ଠରେ ଉଚ୍ଚାରଣ କଲା।

- ତମର ଚତୁର୍ଥ ଶ୍ଳୋକଟା ଭୁଲ ଅଛି। ମନ୍ତ୍ର ଜପିବାରେ ମଧ୍ୟ ତୁମେ ଭୁଲ କରୁଛ। ଚବିଶ୍‌ହଜାର ଟଙ୍କା! ଚାରିବର୍ଷ ହେଇଗଲାଣି। ଭାବିଛ ଏତେ ସହଜରେ ସେ ତୁମକୁ ଦେଇ ଦେବ? ସେଥିପାଇଁ ତୁମକୁ କଷ୍ଟ କରିବାକୁ ହେବ। କଷ୍ଟ କଲେ କୃଷ୍ଣ ମିଳେ। ମଙ୍ଗଳ ବାର ଦିନ ଦିବା ଦଶ ଘଟିକା ସମୟରେ ଆସ। ବାକି କଥା ସେଦିନ ଧ୍ୟାନରେ ବସିଲେ ଜଣାଇବି।

- ହଉ ମା!

ତା'ପରେ ସେ ଗୋଟେ ସୁନ୍ଦରୀ ଝିଅ ଆଡ଼େ କିଛି ସମୟ ଚାହିଁଲେ। ଝିଅଟା ପାଖରେ ତା'ର ମା ଏବଂ ଭଉଣୀ ବସିଥିଲେ।

ଏଇ ଝିଅଟିର ବାହାଘର ଖୁବ୍ ଶୀଘ୍ର ହୋଇଯିବ। କିନ୍ତୁ ସେ ଝିଅଟିର ଡ଼େରିହେବ।

- କ'ଣ କହୁଛନ୍ତି ମା! ଏହା କ'ଣ ସମ୍ଭବ? ବଡ଼ ଭଉଣୀ ଥାଉ ଥାଉ ସାନ

Source: Author, Digitized by PPRACHIN, SOA

ଭଉଣୀର ବାହାଘର ? ଝିଅଟିର ମା' ବ୍ୟସ୍ତ ହେଲା ।

- ହଁ ତ ! ତାହାହିଁ ତ ହେବ । ଯିଏ ଯେଉଁ ଭାଗ୍ୟ ନେଇ ଜନ୍ମ ହୋଇଛି ।

- ମା ! କି ପରୀକ୍ଷାରେ ପକାଉଛ ମା !

- ଏହା ତ କାହାହାତର କଥା ନୁହେଁ । ଓସ୍ତପତ୍ର ବରପତ୍ର ଉପରବାଲା ଯୋଡୁଛି, ତେବେ ତୁମକୁ ଗୋଟେ କାମ କରିବାକୁ ହେବ । ଏ ଫୁଲ ନିଅ । ଗାଧୁଆକୁଣ୍ଡରେ ପକେଇ ଦେବ । ସେ ପାଣିରେ ଏ ଝିଅ ଗୋଧୋଇବ । ହୁସିଆର୍, ଟୋପେ ପାଣି ଯେମିତି ପାଦରେ ନ ପଡ଼େ, ଆସନ୍ତା ରବିବାରେ ଗୋଟେ ରେଡ଼୍ କୋରାଲ୍ ଷ୍ଟୋନ୍ ରୂପା ମୁଦିରେ ଝିଅକୁ ପିନ୍ଧିବାକୁ ହେବ । ଦେଖାଯାଉ କ'ଣ ହେଉଛି ! ଅବଶ୍ୟ ଷ୍ଟୋନଟା ପାଖାପାଖି ପନ୍ଦରଶ ଟଙ୍କା ଲାଗିଯିବ । ଏଇ ଭଳି ଗୋଟିକ ପରେ ଗୋଟିଏ ଭକ୍ତ ଆସି ଆପଣାର ଅଭିଷ୍ଟ କାମନା କରି ମା'ଙ୍କ ଠାରୁ ବିଦାୟ ନେଇ ଯାଉଥିଲେ । ମୁଁ ଆରମ୍ଭରୁ ହିଁ ସେଠି ଉପସ୍ଥିତ ଥିଲି । ଆଉ କେବଳ ଦୁଇ ତିନି ଜଣ ଲୋକ ସେଠି ଅପେକ୍ଷା କରିଥିଲେ । ମଝିରେ ସେଇ ଦେବୀ ସାଧିକା ସ୍ତ୍ରୀ ଲୋକଟି ମୋ ଆଡ଼କୁ ଚାହିଁ କହିଲା । "ମୁଣ୍ଡିଆ ମାରନ୍ତୁ ମ୍ୟାଡାମ୍ । ଆପଣଙ୍କୁ ମୋର କିଛି କହିବାର ଅଛି ।"

ମୁଁ ତତ୍‌କ୍ଷଣାତ୍ କହିପକେଇଲି - "ନା, ନା, ମୋର ସେମିତି କିଛି ମନସ୍କାମନା ନାହିଁ, ଲୋକ ଗହଳି ଆଉ ଘଣ୍ଟି ଘଣ୍ଟାର ଶବ୍ଦରେ ମୁଁ ଏଠିକୁ ଚାଲି ଆସିଥିଲି ।"

'ମା'ଏଥର ଟିକେ ହସିଦେଲେ । ରହସ୍ୟମୟ ହସଟାଏ ।

ଏଇ ସମୟରେ ହାତରେ ହେଲ୍‌ମେଟ ଧରି ବିବାହିତା ଯୁବତୀଟିଏ ପଶିଆସି ମା'ଙ୍କୁ ମୁଣ୍ଡିଆ ମାରିଲା ଏବଂ ବସି ପଡୁ ପଡୁ କହିଲା, "ମା ! ମୋ ମନସ୍କାମନା ପୂର୍ଣ୍ଣ ହୋଇଗଲା । ସେ ଗତକାଲି ତାଙ୍କ ମା'ପାଖରୁ ଫେରି ଆସିଛନ୍ତି ।"

- ମୁଁ ଜାଣିଥିଲି ସେ ଆସିବେ ବୋଲି । ଏମିତି କେଶ୍ ମୁଁ ଶହଶହ ସମାଧାନ କରିଛି । ଗୀତା, ମୋ ସାଙ୍ଗର ଭଉଣୀ, ତା ସ୍ୱାମୀ ତା'କୁ ଚାହୁଁନଥିଲେ । ସେ ମୋ ପାଖକୁ ଆସି ମୁଣ୍ଡ କୋଡ଼ି କନ୍ଦାକଟା କଲା । ବିଡାଏ କୁଟାରେ ମନ୍ତପାଣି ସିଞ୍ଚିଦେଲି । ସେଥିରୁ ଖଣ୍ଡିଏ କୁଟା ଡ଼େଇଁ ଡ଼େଇଁକା ଚାଲିଲା ମାତ୍ରେ ତା'ସ୍ୱାମୀ ପାଗଳ ପ୍ରାୟ ତା' ପାଖକୁ ଛୁଟି ଆସିଲା । ସେଇ ଆସିଛି ଯେ ଆସିଛି । ମୋ ସାଧନା ଶହେରୁ ଶହେ ସିଦ୍ଧି ଲାଭକରେ । ଆସୁ ! ଏ ସାଧନାରେ ଏମିତି କିଏ ସାଧିକା କି ସାଧକ ଅଛି ମୋ ସହିତ ଟକ୍‌କର୍ ଦେଉ । ହଁ ! ତମ ସ୍ୱାମୀକୁ ନେଇ ଆସନ୍ତା କାଲି ଆସ ! ଡାକ୍ତର ଲୋକ ତ ! ମନଟିକେ ଚଗଲା ହୋଇ ଯାଇଛି । ସଜାଡ଼ି ଦେବା ।

Source: Author, Digitized by PPRACHIN, SOA

ତା'ପରେ ସେ ଅନ୍ୟଜଣେ ସ୍ତ୍ରୀଲୋକକୁ ହାତଠାରି ପାଖକୁ ଡ଼ାକିଲେ। କହିଲେ ମୁଁ ଧ୍ୟାନବଳରେ ସବୁ କିଛି ଜାଣି ପାରିଛି। ରାତିରେ ତମକୁ ନିଦ ହେଉନି। ସ୍ୱାମୀ ତମର ଭୋଳା ମହେଶ। ପିଲାମାନେ ତମ କଥାରେ ନାହାନ୍ତି। ତମେ ମୋ ପାଖକୁ ସବୁଦିନେ ଆସୁଛ। କିନ୍ତୁ ଭେଟିବ ଭେଟିବ ବୋଲି ଭେଟି ପାରୁନା। ତୁମ ଉପରେ ବିପଦ ପଡ଼ିବ। ଘୋର୍ ବିପଦ। ତମ ସ୍ୱାମୀଙ୍କୁ ହୁଏତ ତୁମେ ହରେଇ ଦେଇପାର। ତାଙ୍କର ଆୟୁଷ ଘର ଶୂନ। ସେଇ ସ୍ତ୍ରୀ ଲୋକଟା ଏ କଥା ଶୁଣି ମା'ଙ୍କ ପାଦତଳେ ଲମ୍ବ ହୋଇ ପଡ଼ିଗଲା ଏବଂ କାନ୍ଦି କାନ୍ଦି କହିଲା ମୋ ସଂସାରକୁ ସାହା ହୁଅଲୋ ମା ! ତୁ ତ ମୋର ଏକ ମାତ୍ର ଭରସା। ଏ ଗରିବକୁ ଉଦ୍ଧାର କର ମା !

- ଉଠିଯା ! ଉଠିଯା ! ମୋତେ ନୁହେଁ। ପବନପୁତ୍ର ରାମଭକ୍ତ ହନୁମାନକୁ ସ୍ମରଣ କର। ପ୍ରତି ମଙ୍ଗଳବାର ଏବଂ ଶନିବାର ଏଇ ଦୁଇଦିନ ହନୁମାନ ଚାଳିଶା ପଢ଼। ମୁକ୍ତିପାଇ ଯିବୁ। ରାତି ଅଧ ବେଳକୁ ନିତାନି ସେ ଏଠି ଆତଯାତ ହୁଅନ୍ତି। ତା'ଙ୍କ ପାଦର ଘୁଂଗୁର ଶବ୍ଦରେ ମୋ ନିଦ ଭାଙ୍ଗେ। ସ୍ୱପରେ ତୋ' କଥା ମୋତେ ସେ କହିଛନ୍ତି, ହଁ ଆଉ ଗୋଟିଏ କଥା। ସକାଳୁ ସକାଳୁ ବାସି ମୁହଁରେ ପାଣି ନ ଦେଇ ଏଠିକୁ ଝାଡୁଟାଏ ଧରି ଚାଲି ଆସିବୁ। ଇଏତ ମୋ ଘର ନୁହେଁ। ଦେବ ମନ୍ଦିର। କିଛି ଦିନ ଝାଡୁମାର୍। ଦେଖିବା କ'ଣ ହେଉଛି।"

ସେ ଦିନ ସେଠୁ ମୁଁ ଫେରି ଆସିଥିଲି।

ଆମ କଲୋନୀରେ ସେଇ ସାଧିକା ନାମ୍ନୀ ସ୍ତ୍ରୀ ଲୋକଟା ମାସ କେଇଟା ହେବ ଆସିଛି। ଆସିଲା ବେଳେ ଆଟାଚିଟାଏ ଧରି ସେ ଆସିଥିଲା। କନ୍ଥା ପକେଇ ତଳେ ଶୋଉଥିଲା। ମାତ୍ର ଏବେ ପୂରାଘର। ଖଟ, ସୋଫାସେଟ୍, ଟି.ଭି. ଗଡ଼୍‌ରେଜ୍ କାହିଁରେ କ'ଣ ? ଦାମୀ ଦାମୀ ଶାଢ଼ୀ ପିନ୍ଧୁଛି। ଦେହରେ ମୁଣ୍ଡରେ ବୋଝେ ଗହଣା। ମଥାରେ ଆଠେଣୀ ପରି ସିନ୍ଦୁର ଠୋପା। ସତେକି ମଙ୍ଗଳା ଠାକୁରାଣୀ।

ନୂଆ ନୂଆ ଆସିଲା ବେଳେ ସାଦାସିଧା ସ୍ତ୍ରୀ ଲୋକଟି ଭଳି ସେ ମନେହେଉ ଥିଲା। ପାଟିରେ କଥା ପଇଟୁ ନଥିଲା। ଦେଖିଲା ମାତ୍ରେ ବାଟ ଭାଙ୍ଗି ଆଡ଼ହୋଇ ଠିଆ ହେଉଥିଲା। ଅଥଚ ଆଜି। ଲକ୍ଷେ ମୁଣ୍ଡିଆ ପାଉଛି।

ତା ସ୍ୱାମୀକାଳେ ଆକାଶବାଣୀ ରେଡିଓରେ କାମକରେ। ବାହାରେ ବାହାରେ ପଇସା ଉଡ଼ାଏ। ବାହାଘର ଦଶବର୍ଷ ବିତି ଯାଇଥିଲେ ବି କୋଳରେ ସନ୍ତାନଟିଏ ନାହିଁ। ଏ ସ୍ତ୍ରୀ ଲୋକଟା କାଳେ ଗୋଟେ ରେଡିଓ ଆର୍ଟିଷ୍ଟଥିଲା। ଭଲ ପାଇ ବାହା ହୋଇଛି। ଉଭୟଙ୍କର ବାପଘର କି ଶାଶୁଘର ସହିତ ସଂପର୍କ ନାହିଁ, ଇତ୍ୟାଦି ଇତ୍ୟାଦି ଖବର

Source: Author, Digitized by PPRACHIN, SOA

ସେମାନଙ୍କ ସଂପର୍କରେ ଶୁଣିବାକୁ ମିଳେ।

କିନ୍ତୁ ଆଜି ସେ ସବୁରି ମା ! ଦେବୀ ସାଧୀକା। ସମ୍ମାନନୀୟା କଲ୍ୟାଣମୟୀ। ମନେ ମନେ ହସିଲି ମୁଁ। ଏ ଲୋକ ଗୁଡ଼ା ସତରେ କେଡ଼େ ବୋକା। ସହରୀ ସଭ୍ୟତାରେ ଚଳିବି ଏମାନେ ମନ୍ତ୍ର, ଯନ୍ତ୍ର, ପୂଜାପାଠରୁ ମୁକ୍ତ ନୁହଁନ୍ତି।

କିନ୍ତୁ ସେ ଡ଼ାକ୍ତର ସ୍ୱୀଟା ! ସେ କ'ଣ ଏଡ଼େ ବୋକୀ। ସେ ସ୍ତ୍ରୀ ଲୋକଟାର କଥା ବିଶ୍ୱାସ କରୁଛି କେମିତି ଯେ, ତା'ର ମନସ୍କାମନା ପୂର୍ଣ୍ଣ ହୋଇଛି ବୋଲି ସେ ଯାହା କହିଲା ! ସତରେ କ'ଣ ତା ସ୍ୱାମୀ ସହିତ ତା'ର ସେମିତି କିଛି ଘଟିଥିଲା। ଏ ସବୁ ମୂଳରେ ଅନ୍ୟ କିଛି ରହସ୍ୟ ନାହିଁତ ଆଉ ! ମୋତେ ସେ ଦେବୀ ସାଧିକାଟି କ'ଣ କହିଥାନ୍ତା ! ସେ କାଳେ କର କପାଳ ଦେଖି ସବୁ ସତ କଥା କହି ପକାଉଛି। କହୁ କହୁ ଯଦି ସେ କ'ଣ ନାହିଁ କ'ଣ କହି ଦେଇ ଥାନ୍ତା ? ଏତେ ଲୋକଙ୍କ ସାମ୍ନାରେ ମୋର ସମ୍ମାନ ରହିଥାନ୍ତାତ ! ହଁ କ'ଣଟା ସେ କହିଥାନ୍ତା ଯେ ? ମୁଁ ତାକୁ ଏତେ ଡ଼ରିଗଲି କାହିଁକି ଯେ ? ଏକୁଟିଆ ଦେଖି ତା'କୁ ସବୁ କଥା ପଚାରିଲେ କେମିତି ହୁଅନ୍ତା ? ଏ ଭଳି ଅନେକ ପ୍ରଶ୍ନ ମୋ ଭିତରେ ଉଠି ପୁଣି ମିଳାଇ ଯାଉଥିଲା। ମୁଁ ଆଉ ତା'ସାମ୍ନାକୁ ଯିବାକୁ ସାହସ କଲିନି।

ତା'ପରେ ହଠାତ୍ ଦିନେ ଗୋଟେ ମେଳାରେ ତା' ସହିତ ମୋର ଭେଟହୋଇଗଲା। ସେ ମୋତେ ଦେଖିଲା ମାତ୍ରେ ନିରୋଳା ସ୍ଥାନକୁ ଏକରକମ ଭିଡ଼ିନେଲା ଏବଂ କହିଲା, "ଆଜି କ'ଣ ଏତେ ଶୁଖିଲା ଦିଶୁଛ ଯେ ? କଥା କ'ଣ ? କେଡ଼େସୁନ୍ଦର ଚେହେରା ! ଏଇ ଦିନ କେଇଟାରେ କ'ଣ ହେଲାଣି ? କ'ଣ ଦେହ ପା ଭଲ ନାହିଁକି ?

ଉତ୍ତରରେ ମୁଁ କେବଳ ହସି ଦେଲି ଏବଂ ତା'ର ପ୍ରଶ୍ନକୁ ଏଡ଼େଇ ଦେବାକୁ ଯାଇଁ କହିଲି

- କ'ଣ ଏକୁଟିଆ ? ନା ବାବୁ ଆସିଛନ୍ତି ?

- ନା, ତାଙ୍କୁ ସମୟ କାହିଁ ?

- ଆଜି କ'ଣ ରାନ୍ଧି ଥିଲମ ?

- ନାଇଁ ! ଆଜିଘରେ ରୋଷେଇ ବନ୍ଦ। ହୋଟେଲକୁ ଯାଇଥିଲୁ। ସେ ଖାଇଦେଇ ସେଠୁ ଅଫିସ୍ ଗଲେ।

- ହୋଟେଲକୁ ! କାହିଁକି ?

Source: Author, Digitized by PPRACHIN, SOA

- କାଲି ରାତିରେ ତାଙ୍କ ଅଫିସରେ ଭୋଜିଥିଲା। ତାଙ୍କର କେଉଁ ଗୋଟେ ଅଫିସରଙ୍କ ସ୍ତ୍ରୀର ବର୍ଷକିଆ ଥିଲା ତ ! ସେ ଅଫିସରଟି ତାଙ୍କ 'ମୁଢ' ସ୍ତ୍ରୀଙ୍କୁ ମନେ ପକାଇ ଢେ଼ର ଲୁହଢ଼ାଳିଲେ। ସେଇଠୁ ତ ଆମ ବାବୁଙ୍କର ସ୍ତ୍ରୀ ପ୍ରେମ ଉଚ୍ଛୁଳିଲା। ଆଜି ଲଞ୍ଚ ଖାଇବାକୁ ଭିଡ଼ି ଭିଡ଼ି ହୋଟେଲକୁ ନେଇ ଯାଇଥିଲେ। କହିଲେ କ'ଣନାଁ କେତେବେଳେ କୋଉ କଥା। ତମର ଯଦି ସତରେ କ'ଣ ହୋଇଯାଏନା ମୁଁ ହାର୍ଟଫେଲ୍ କରିଯିବି।"

- ବଡ଼ଭାଗ୍ୟବତୀ ତୁମେ।

ନାଁ ମ ! ଭାଗ୍ୟବତୀ ନାଁ ଆଉ କିଛି। ଏ ପୁରୁଷଗୁଡ଼ାଙ୍କୁ ମୋର ଜମାରୁ ପରତେନାହିଁ।

- ହଁ। ସେ ଦିନ ପୂଜାବେଳେ ମୋତେ କିଛି କହିବ ବୋଲି କହୁଥିଲ। ମୁଁ କିନ୍ତୁ ତୁମ କଥା ଆଭଏଡ୍ କରିଗଲି। କଥା କ'ଣ କି ଅନ୍ୟମାନେ ଥିଲେ ତ !

- ମୁଁ ବୁଝିପାରିଥିଲି ଯେ !

ତା'ପରେ ସେ ସ୍ତ୍ରୀ ଲୋକଟା ଯାହା ସବୁ କହିଗଲା। ସେଥିରେ ମୋ ମୁଣ୍ଡ ଗରମ।

ମୋ ସ୍ୱାମୀ କୁଆଡ଼େ ଅନ୍ୟ ପଥର ପଥିକ। ତାଙ୍କ ଅଫିସରେ କୋଉ ଗୋଟେ ଲେଡ଼ି କ୍ଲର୍କ ସାଥୀରେ ସେ ଲଟର ପଟର୍ ହେଉଛନ୍ତି। ଆଗ ଭଳିଆ ମୋ ଠିଁ ତାଙ୍କର ଆଉ ମନ ନାହିଁ। ସେ ଲେଡ଼ିଟାକୁ ଗୁଣି ଗାରେଡ଼ି ଜଣା, ଇତ୍ୟାଦି ଇତ୍ୟାଦି। ମୁଁ କିନ୍ତୁ ମାନିଲିନି। କହିଲି ତୁମେ ଭୁଲ କହୁଛ। ମୋ ଲୋକଟି ଗୋଟାପଣେ ସତ୍ୟବାନ୍। ତାଙ୍କର ଏପରି ଅଧୋଗତି କେବେ ବି ହୋଇ ନପାରେ। ସୂର୍ଯ୍ୟ ପଶ୍ଚିମରେ ଉଦୟ ହେଲେବି... । ତା'ପରେ ତାକୁ ଗୋଟେ କଡ଼ା ନଜର ହାଣି ମୁଁ ସେଠୁ ଚାଲିଆସିଲି। କିନ୍ତୁ ପରେ ପରେ ମୁଁ ମାନସିକ ଭାବେ ଖୁବ୍ ଦୁର୍ବଳ ହୋଇପଡ଼ିଲି। କ୍ରମଶଃ ମୋ ସ୍ୱାମୀଙ୍କୁ ସନ୍ଦେହ କରିବାରେ ଲାଗିଲି। ତାଙ୍କର ଚାଲିଚଳନ କଥାବାର୍ତ୍ତା ମୋତେ କେମିତି ବେଖାପ ଲାଗିଲା। ପ୍ରାୟ ଅଧିକାଂଶ ସମୟ ସେ ଅନ୍ୟମନସ୍କ ରହୁଥିଲେ। ମୋଠୁଁ ଦୂରେଇ ରହିବାକୁ ଛାଟିପିଟି ହେଉଥିଲେ।

ତା'ପରେ ମୋର ଅନୁସନ୍ଧାନ ଆରମ୍ଭ ହୋଇ ଯାଇଥିଲା। ମୁଁ ତାଙ୍କ ଡାଇରୀ ପଢ଼ିଲି ପକେଟ୍ ଅଣ୍ଡାଳିଲି। ଆଟାଚି ଘାଣ୍ଟିଲି। କିନ୍ତୁ ତାଙ୍କ ପ୍ରେମିକା ସମ୍ବନ୍ଧରେ କୌଣସିଟା ସୁରାକ୍ ପାଇଲିନି।

ସମସ୍ତଙ୍କ ମୁଣ୍ଡରେ 'ସେଇ ଗୋଟିଏ କଥା ସାଧିକା ମା ! ଯାହା କହୁଛନ୍ତି ଶହେରୁ ଶହେ ସତ କହୁଛନ୍ତି। ସେଥିରେ କାଣିଚାଏ ବି ମିଛ ନାହିଁ।

Source: Author, Digitized by PPRACHIN, SOA

ଆମ ପତିପତ୍ନୀଙ୍କ ମଧ୍ୟରେ ସାଂଘାତିକ ଭାବେ ମନୋ ମାଳିନ୍ୟ ଆସିଯାଇ ଥିଲା। ତାଙ୍କର ପ୍ରତ୍ୟେକଟି ବାକ୍ୟ ମୋ ପାଇଁ ଗୋଟେ ଗୋଟେ ଜ୍ୱଳନ୍ତ ଦିଆସିଲ୍ କାଠିପରି ମନେହେଲା। ଅକାରଣେ ସକାରଣେ ଆମ ଦୁହିଁଙ୍କ ମଧ୍ୟରେ ପ୍ରତ୍ୟେକ ଦିନ କଳିଗୋଳ ହେଉଥିଲା। ଶେଷକୁ ଅସଲ କଥାଟା ଖୋଲି ଦେଲି। ତେଣିକି ଆଉ ତାଙ୍କୁ ସମ୍ଭାଳେ କିଏ ? ସେ ସିଧା ଚାଲିଲେ ସେଇ ସ୍ତ୍ରୀ ଲୋକଟା ପାଖକୁ।

କିଛି କୋଉଁଏ ଅଘଟଣ ଘଟିପାରେ ? ମନରେ ପ୍ରମାଦ ଗଣି ମୁଁ ମଧ୍ୟ ତାଙ୍କ ପଛେ ପଛେ ଗଲି। ଭାଗ୍ୟକୁ ସେ ତା'ଘରେ ଏକୁଟିଆଥିଲା।

ପ୍ରଥମେ ସେ କହିଲା ! "ମୁଁ କାହାକୁ ଚିହ୍ନେନା କି ଜାଣେନା। ତୁମ ସହିତ ମୋର କେବେ ବି ଦେଖା ହୋଇନି।"

ମୋ ସ୍ୱାମୀ କିନ୍ତୁ ତାଙ୍କୁ ଧମକେଇ ଚାଲିଥିଲେ। ଶେଷରେ ସେ ଯେତେବେଳେ ତାଙ୍କୁ ପୋଲିସ୍‌ରେ ଦେବେ ବୋଲି କହିଲେ ସେତେବେଳେ ସେ ହାର୍ ମାନି ଆମ ଗୋଡ଼ ତଳେ ସିଧା ଶୋଇ ଗଲା। ତା'ପରେ ଗୋଟି ଗୋଟି କରି ସବୁଦୋଷ ସ୍ୱୀକାର କଲା।

ଆମଠୁଁ ସାନ୍ତ୍ୱନା ଏବଂ ସାହସ ପାଇ ସେ ଆରମ୍ଭ କଲା ତା' ଜୀବନରେ ଅଲିଖିତ ଅକୁହା ଇତିହାସ।

ତା'ସ୍ୱାମୀ ମଣିଷ ନୁହନ୍ତି। ନାରୀ ମାଂସ ଲୋଭୀ ଗୋଟେ ରାକ୍ଷାସ। ଜୀବନରେ ଅନେକ ଝିଅଙ୍କ ଜୀବନ ନଷ୍ଟକରି ଶେଷକୁ ତା'ହାତ ଧରିଥିଲେ। ବିବାହପରେ ସେ ବାରମ୍ୱାର ଗର୍ଭବତୀ ହୋଇଥିଲେବି ଜୀବନକୁ ଉପଭୋଗ କରିବାର ନିଶା ନେଇ ସେ ତା'ର ଗର୍ଭନଷ୍ଟ କରାଇ ଦେଉଥିଲେ। ଶେଷକୁ ମା'ହେବାର ସ୍ୱପ୍ନ ତା'ର ଧୂଳିସାତ୍ ହୋଇଗଲା। ସେ ଆଉ ପୂର୍ବଭଳି ତା'ସ୍ୱାମୀଙ୍କୁ ଏତେଟା ଗୁରୁତ୍ୱ ଦେଲାନି। ଫଳରେ ସ୍ୱାମୀ ତା'ର ତା'ଠୁଁ ଦୂରେଇ ଯାଇଁ ଅନ୍ୟ ଗୋଟେ ବିବାହିତା ନାରୀର ପ୍ରେମରେ ଫସି ଗଲେ। ପଇସା ପତ୍ର ସବୁ ତା'ରି ହାତରେ ଟେକି ଦିଅନ୍ତି ସେ। ପାଟି ଖୋଲିଲେ ପିଠିରେ ନାଚେ ପାଞ୍ଚଣ ପାହାର। ଅବଶ୍ୟ ଏଇ କିଛିଦିନ ହେବ ସେ ସବୁ କମିଯାଇଛି। ତା'ର କାରଣ ହେଲା ଯେ ଦିନେ ଗୋଟେ ସାଧୁ ପୁରୁଷ ତାଙ୍କୁ ଭେଟି କହିଲେ, "ତୁମ ସ୍ତ୍ରୀ ସାଧ୍ୱୀ ! ସାଧ୍ୱିକା ! ତାଙ୍କୁ ହତାଦର କଲେ ସେ ତୁମକୁ ଛାଡ଼ି ଚାଲିଯିବେ। ତୁମର ମଣି ଖସି ପଡ଼ିବ। କାଙ୍ଗାଳ ହୋଇଯିବ !" ସେଇ ଦିନଠୁଁ ତାଙ୍କର କିଛି ପରିବର୍ତ୍ତନ ଆସିଛି। କିନ୍ତୁ ପାଖରେ ଆଉ ପଇସା ନାହିଁ। କାଇଦା କରି ସେଇ ପ୍ରେମିକାଟି ତାଙ୍କର ସବୁକିଛି ଡ଼ିପୋଜିଟ୍ ଉଠେଇ ନେଇଛି।

Source: Author, Digitized by PPRACHIN, SOA

- ଏବେବି କ'ଣ ତା'ସହିତ ତୁମ ସ୍ୱାମୀର ସଂପର୍କ ଅଛି ?

- ହଁ ! ଏତେ ସତ୍ତ୍ୱେ ବି ଏ ତାକୁ ଭୁଲି ପାରୁ ନାହାଁନ୍ତି। ସେ କାଳେ ଖୁବ୍ ଭଲ ଗୀତ ଗାଏ। ତା'ରି କଣ୍ଠସ୍ୱର କାଳେ ତାଙ୍କୁ ବାନ୍ଧି ପକେଇଛି। ସୁସ୍ଥ ସୁନ୍ଦର ଲୋକଟା ଖାଇ ପିଇ ନଅଟା ବେଳକୁ ବାହାରି ଯା'ନ୍ତି। ଫେରନ୍ତି ମାତାଲ୍ ହୋଇ ରାତି ବାରଟାରେ। ପ୍ରାୟ ସବୁଦିନେ ଏଇମିତି। ବେଳେବେଳେ ମନ ଭଲଥିଲେ, ମନସ୍ତାପ କରନ୍ତି। ଅନେକ ବୁଝାନ୍ତି। ଆଉ ତା'ପାଖ ମାଡ଼ିବେନି ବୋଲି ମୁଣ୍ଡ ଛୁଇଁ ଶପଥ କରନ୍ତି। ହେଲେ ପୁଣି ଯୋଉ କଥାକୁ ସେଇ କଥା। ବର୍ତ୍ତମାନ ସେ ଜଣେ ଦୁଃସାଧ୍ୟ ରୋଗୀ। ଯହିଁରୁ ବଞ୍ଚିବାର ଆଶାନାହିଁ। ମାସ କର ଦରମା ମଦପାଣିରେ ହିଁ ଶେଷ ହୋଇଯାଏ। ଶେଷକୁ ମୋ ମାତାଲ୍ ସ୍ୱାମୀକୁ ବଞ୍ଚେଇବା ପାଇଁ ଏବଂ ଆପେ ବଞ୍ଚିବା ପାଇଁ ଏଇ ବାଟ ଧରି ନେଲି। କ'ଣ ଆଉ କରିଥାନ୍ତି ? ପିଲାଦିନେ ସାଙ୍ଗ ସାଥୀରେ କଣ୍ଢେଇ ଖେଳ ଖେଳୁଥିଲି। ମାଟିରେ ଭାତ, ତରକାରୀ ରାନ୍ଧୁଥିଲି। ଧୂଳିଖେଳ। ମିଛିମିଛିକା ଧୂଳିଖେଳ। ମିଛିମିଛିକା ଭାତ ତୁଉଣ। ସେଦିନର ସେଇ ମିଛି ମିଛିକା କଣ୍ଢେଇ ବାହାଘର ମୋ ଜୀବନରେ ମିଛ ସ୍ୱପ୍ନ ହୋଇ ରହିଗଲା।

କହୁ କହୁ ସେ ଦୁଇଟୋପା ଲୁହ ଝରେଇ ଦେଲା।

...କାହାର କଲିଂ ବେଲ୍‌ରେ ମୁଁ କବାଟ ଖୋଲି ଦେଲି।

ସାମ୍ନାରେ ଦୁଇ ଜଣ ମହିଳା ଭକ୍ତ। ଫୁଲ ଓ ଧୂପକାଠି ଧରି ଠିଆ ହୋଇଥିଲେ। ଆମେ ଆଉ ଅପେକ୍ଷା ନ କରି ସେଠୁ ଫେରି ଆସିଥିଲୁ।

■■

Source: Author, Digitized by PPRACHIN, SOA



Source: Author, Digitized by PPRACHIN, SOA

ଶ୍ରୀମତୀ ସରସ୍ୱତୀ ବେହେରା ସାମ୍ପ୍ରତିକ ସମୟର ଜଣେ ଯଶସ୍ୱୀ କଥାକାର । 'କଳା ପତାକା', 'କାଗଜ ଡଙ୍ଗାରେ ଜାମୁଚାକୀ', 'ପ୍ରଥମ ପାପ' ପରେ 'ମାଟିଘରେ ବର୍ଷାଋତୁ' ତାଙ୍କର ଚତୁର୍ଥ ଗଳ୍ପ ସଂକଳନ ।

ସଂକଳନଟିରେ ସନ୍ନିବେଶିତ ପ୍ରତ୍ୟେକଟି ଗଳ୍ପ ଓଡିଶାର ପ୍ରତିଷ୍ଠିତ ସାହିତ୍ୟ ପତ୍ରିକା ଗୁଡିକରେ ପ୍ରକାଶିତ ହୋଇ ପାଠକମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଛି ।

ଶିଳ୍ପୋନ୍ନତ ବିଶ୍ୱ ସାମାଜିକ ବ୍ୟବସ୍ଥାରେ ଜଗତିକରଣ, ଉଦାରୀକରଣ ସହିତ ଘରୋଇକରଣକୁ ଅନୁସରଣ କରୁଥିବା ଉପଭୋକ୍ତାବାଦର ଉପସର୍ଗ ଓ ଦାସତ୍ୱ ବିରୁଦ୍ଧରେ ଲେଖନୀ ତାଙ୍କର ସୃଷ୍ଟି କରିଛି ଅସ୍ମୁମାରୀ ଅଗ୍ନେୟ ଝଙ୍କାର....।

ସ୍ୱଚ୍ଛ ଅଭିବ୍ୟକ୍ତି,ମୂଲ୍ୟବୋଧଭିତ୍ତିକ ଜୀବନଦର୍ଶନ,ଗଭୀର ଆନ୍ତରିକତାର ଆତ୍ମୀୟତାରେ ପରିପୂର୍ଣ୍ଣ ତାଙ୍କର କଥାଶିଳ୍ପ । 'ମାଟିଘରେ ବର୍ଷାଋତୁ' ଗଳ୍ପ ସଂକଳନଟି ତାଙ୍କ ଅଙ୍ଗୀକାରମୟ ସମ୍ଭାବନାର ଏକ ଉଜ୍ଜ୍ୱଳ ଦସ୍ତାବେଜ୍ ।

Source: Author, Digitized by PPRACHIN, SOA